# ମହାନାୟକ

(ଗଳ୍ପ ସଙ୍କଳନ)

oriya

କାନନ ମିଶ୍ର

# ମହାନାୟକ

(ଗଳ୍ପ ସଙ୍କଳନ)

କାନନ ମିଶ୍ର

ପ୍ରକାଶିକା
ଶ୍ରୀମତୀ ରାଧାରାଣୀ ପଣ୍ଡା
ଭୁବନେଶ୍ୱର - ୧୪

# ମହାନାୟକ

(ଗଳ୍ପ ସଙ୍କଳନ)

# MAHANAYAK

(A collection of stories)

ଲେଖିକା :
କାନନ ମିଶ୍ର

Author :
**Kanan Mishra**

ପ୍ରଥମ ପ୍ରକାଶ :
ରଥଯାତ୍ରା, ୨୦୧୦

First Edition :
Ratha Jatra, 2010

ପ୍ରଚ୍ଛଦ :
ପୁଣ୍ୟଶ୍ଲୋକ

Cover Design :
**Punyashloke**

ପ୍ରକାଶିକା :
**ଶ୍ରୀମତୀ ରାଧାରାଣୀ ପଣ୍ଡା**
୨୦, ଲୁଇସ୍ ରୋଡ୍, ଫାଷ୍ଟ୍ ଲେନ୍
ରବି ଟକିଜ୍ ସ୍କୋୟାର,
ଭୁବନେଶ୍ୱର - ୧୪
ଫୋନ୍ : ୨୪୩୧୮୧୯

Published by :
**SMT. RADHARANI PANDA**
20, Lewis Road, First Lane
Ravi Talkies Square,
Bhubaneswar - 14
Ph. : 2431819

ଶବ୍ଦ ବିନ୍ୟାସ ଓ ମୁଦ୍ରଣ :
**ଶ୍ରଦ୍ଧାଞ୍ଜଳି**
ନାଗେଶ୍ୱରଟାଙ୍ଗି, ଭୁବନେଶ୍ୱର

Page Layout & Printed at
**Shradhanjali**
Nageswartangi
Bhubaneswar

ମୂଲ୍ୟ : ଟ ୬୫.୦୦ଙ୍କା ମାତ୍ର

Price : Rs. 65/- only



## ଉତ୍ସର୍ଗ

ସାହିତ୍ୟିକ ଶ୍ରୀ ଶଙ୍କର୍ଷଣ ପଣ୍ଡାଙ୍କୁ
ଶ୍ରଦ୍ଧା ସହ ।

## ସୂଚୀପତ୍ର


| | | |
|---|---|---|
| ବୁଦ୍ଧଂ ଶରଣଂ ଗଚ୍ଛାମି | ........................... | ୫ |
| ବାତ୍ସଲ୍ୟ | ........................... | ୧୩ |
| ମଣିଷ | ........................... | ୨୩ |
| ପ୍ରତିଦ୍ୱନ୍ଦୀ | ........................... | ୩୩ |
| ଆବରଣ | ........................... | ୪୧ |
| କ୍ଷୁଧା | ........................... | ୫୧ |
| ବୟସ ବନାମ୍ ମନ | ........................... | ୫୯ |
| ଭରସା | ........................... | ୬୫ |
| ସ୍ମୃତି | ........................... | ୭୪ |
| ସୈନିକ | ........................... | ୭୯ |
| ବସୁଧୈବ କୁଟୁମ୍ବକମ୍ | ........................... | ୮୭ |
| ମହାନାୟକ | ........................... | ୯୬ |




# ବୁଦ୍ଧଂ ଶରଣଂ ଗଚ୍ଛାମି

ମୁଁ ଟାକ୍ସିପାଖରେ ପହଞ୍ଚିଲା ବେଳକୁ, ମୋର ଅନ୍ୟ ସହଯାତ୍ରୀଗଣ ଗାଡି ଭିତରେ ସ୍ୱ ସ୍ୱ ଆସନ ଗ୍ରହଣ କରି ସାରିଥିଲେ । ପଛସିଟ୍‌ରେ ବାମପଟ ଦର୍‌ଜାକୁ ଲାଗି ଜଣେ କୃଷ୍ଣକାୟ ଯୁବକ । ତାଙ୍କ ପାଖରେ ତାଙ୍କରି ସମବୟସ୍କ ପିଲାଟିଏ । ଏବଂ ତୃତୀୟ ସଦସ୍ୟ ଜଣକ ଥିଲେ ଜଣେ ପଚାଶୋର୍ଦ୍ଧ ଚଶମା ପରିହିତ ପ୍ରୌଢ଼ । ସାମ୍‌ନାରେ ଡ୍ରାଇଭର ପାଖ ସିଟ୍‌ରେ, ଖୁନ୍ଦାଖୁନ୍ଦି ହୋଇ ଦୁଇଜଣ ବୃଦ୍ଧବ୍ୟକ୍ତି ।

ମୁଁ ଡ୍ରାଇଭରଙ୍କୁ କହିଲି - ଏଠି ଯେ ଦୟନୀୟ ଭାବରେ ସ୍ଥାନାଭାବ । ମୁଁ ବସିବି କେଉଁଠି ?

ପ୍ରୌଢ଼ ଭଦ୍ରବ୍ୟକ୍ତି ଜଣକ ଡାହାଣପଟ କାଚଲଗା କବାଟଟି ଖୋଲୁ ଖୋଲୁ କହିଲେ - ଆସନ୍ତୁ ନା ! ଏଇଠି କୌଣସି ପ୍ରକାର ଆଡ୍‌ଜଷ୍ଟ କରି ବସିଯିବା । ମାତ୍ର ବାର, ତେର କିଲୋମିଟର ରାସ୍ତା । ଚାହୁଁ ଚାହୁଁ କଟିଯିବ ।

ଟାକ୍ସିଡ୍ରାଇଭର ବଲ୍‌ଦେଓ ସକାଳୁ ସକାଳୁ ଗୟାରେ ମୁଁ ରହୁଥିବା ପାନ୍ଥନିବାସଟିରେ ପହଞ୍ଚି ମୋ' ସହିତ ବୁଦ୍ଧଗୟା ଯାତ୍ରା ସଂପର୍କରେ ବାର୍ତ୍ତାଳାପ କରିଆସିଥିଲେ । ଏଠାରୁ ପର୍ଯ୍ୟଟକମାନଙ୍କୁ ନେଇ ବୁଦ୍ଧଗୟା ବୁଲାଇ ଆଣିବା ଥିଲା ତାଙ୍କର ଦୈନନ୍ଦିନ କାର୍ଯ୍ୟ । ଦେୟ ଜଣପିଛା ଶହେଟଙ୍କା । ମତେ ଆଗ୍ରହୀ ଥିବାର ଦେଖି କହିଥିଲେ - ଆପଣ ମଧ୍ୟାହ୍ନ ଭୋଜନପରେ ତିଆର୍ ହୋଇ ରହିଥିବେ, ମୁଁ ଆଉ ଚିତାରିଜଣ ଯାତ୍ରୀ ଖୋଜୁଛି । ମିଳିଗଲେ ଗୋଟାଏ ବେଳେ ଆସି ଆପଣଙ୍କୁ ଡାକି ନେବି ।

ବଳଦେଓ ତାଙ୍କ କଥା ମୁତାବକ ଠିକ୍ ଦିନ ଗୋଟାଏରେ ଆସି ଡାକି ନେଇଥିଲେ ମତେ । ଜଣାଇଥିଲେ ଯେ ଅନ୍ୟ କେତୋଟି ସହଯାତ୍ରୀଙ୍କ ସହିତ, ତାଙ୍କ ଟାକ୍ସିଟି ବାହାରେ ଅପେକ୍ଷମାଣ ।

ଟାକ୍ସିଟି ଥିଲା ଆମ୍ବାସାଡର ଏବଂ ପଛପଟର ସିଟ୍‌ଟି ଥିଲା ଅପେକ୍ଷାକୃତ ପ୍ରଶସ୍ତ ଓ ଆରାମପ୍ରଦ । ତିନିଜଣଯାକ ସହଯାତ୍ରୀ ଜକାଜକି ହେଇ ବସି ତତ୍ପରତାର ସହିତ ସ୍ଥାନ କରିଦେଲେ ମୋ' ପାଇଁ । ଗୟା ସହର ଛାଡି ଗାଡି ଛୁଟି ଚାଲିଲା ସାନ ସାନ ଜନପଦ ଓ ବିପଣୀ ଅତିକ୍ରମ କରି । କାଚଝର୍କାରେ ବାହାରକୁ ଚାହିଁ ନିରୀକ୍ଷଣ କରି ଲାଗିଲି ପ୍ରକୃତିର ରୁକ୍ଷ ଓ ଧୂଳିଧୂସରିତ ରୂପ । ରାସ୍ତାଟି କିନ୍ତୁ ଥିଲା ଚମତ୍କାର - ବିସ୍ତୀର୍ଣ୍ଣ ତଥା ମସୃଣ । ହୁଏତ ନିୟମିତ ଆତଯାତ ହେଉଥିବା ପର୍ଯ୍ୟଟକମାନଙ୍କୁ ଦୃଷ୍ଟିରେ ରଖି ଏହାର ସୁଚାରୁ ସଂରକ୍ଷଣ କରାଯାଉଥିଲା ।

ମଝିରେ ମଝିରେ ଟୁକ୍‌ଟାକ୍ କଥାବାର୍ତ୍ତା ହେଲା ସହଯାତ୍ରୀମାନଙ୍କ ସହିତ । ମୋ' ପାଖରେ ବସିଥିବା ତିନିଜଣଯାକ ଭଦ୍ରବ୍ୟକ୍ତି ଆସିଥିଲେ ସିଲିଗୁଡିରୁ । ଝର୍କା ପାଖରେ ବାପି, ତା' ପାଖରେ ଶୈବାଳ ଏବଂ ଶୈବାଳକୁ ଲାଗି ବୟସ୍କ ମଣିଷଟି - ଅନୁପମ । ସାମ୍ନାରେ ବସିଥିବା ବୃଦ୍ଧ ଦୁଇଜଣ ଥିଲେ ଆନ୍ଧ୍ରପ୍ରଦେଶ ନିବାସୀ ।

ଆଶ୍ଚର୍ଯ୍ୟ କଥା - ଅଧଘଣ୍ଟାରୁ ବେଶୀ ଗାଡିରେ ଏତେ ପାଖରେ ବସି ରହିଲେ ସୁଦ୍ଧା ବାପିର ଶାରୀରିକ ଅକ୍ଷମତା ସଂପର୍କରେ ମୁଁ ବିନ୍ଦୁବିସର୍ଗ ବି ଜାଣି ପାରିନଥିଲି । ପ୍ରଥମତଃ ଖୁନ୍ଦାଖୁନ୍ଦି ହେଇ ବସିଥିବା ହେତୁ, ବାପି ବସିଥିଲା ପଛପଟ ସିଟ୍‌କୁ ଆଉଜି । ବାକି ଦୁଇଜଣ ଭଦ୍ରବ୍ୟକ୍ତି ବସିଥିଲେ ସାମ୍ନାକୁ ଉହୁଙ୍କି - ସେମାନଙ୍କର ଦ୍ୱୈତ ଶରୀରର ପର୍ଦ୍ଦାରେ ବାପିକୁ ଅନେକାଂଶରେ ଆଢୁଆଳ କରି । ପୁନଶ୍ଚ, ବାପିର ହାଫ୍‌ପ୍ୟାଣ୍ଟଟି ଥିଲା ସମୁଚିତ ମାପଠାରୁ ଯଥେଷ୍ଟ ଲମ୍ବା ଏବଂ ଝୁଲି ରହିଥିଲା ଆଣ୍ଠୁତଳ ପର୍ଯ୍ୟନ୍ତ । ଆଣ୍ଠୁ ଦୁଇଟି ପୂରାପୂରି ଢାଙ୍କି ହୋଇ ରହିଥିଲା ସେ ପ୍ୟାଣ୍ଟ୍ ତଳେ ।

ବାପିର ଅକଥନୀୟ ଦୁର୍ଦ୍ଦଶା ସଂପର୍କରେ ଅବଗତ ହୋଇଥିଲି ମହାବୋଧି ମନ୍ଦିର ସାମ୍ନାରେ ଟାକ୍ସିଟି ଅଟକିସାରିଲା ପରେ ।

ଗାଡି ପାର୍କ ହେଲାପରେ ଦରଜା ଖୋଲି ବାହାରକୁ ଆସିଲି । ଶୈବାଳ ଏବଂ ଅନୁପମ ମଧ୍ୟ ଓହ୍ଲାଇଗଲେ ମୋ' ପରେ ପରେ । ଏବଂ ଠିକ୍ ଏତିକିବେଳେ ବାପିର ଗୋଡ ଦୁଇଟି ଉପରେ ମୋ ନଜର ପଡିଥିଲା ।

ଦୁଇଟିଯାକ ଗୋଡ ଆଣ୍ଠୁପାଖରୁ କଟା । ଚମଡା ଶୁଖି ଦିଶୁଛି ଦୁଇଟି କାଠ ଗୋବ ପରି । ଏଭଳି ଅବସ୍ଥାରେ କେମିତି ଯେ ସିଏ ସାହସଜୁଟାଇ ଏତେ ଦୂରବାଟ ଆସିଛି ଭାବି





ବିସ୍ମିତ ହେଲାବେଳକୁ ଦେଖିଲି ଉଭୟ ଶୈବାଳ ଓ ଅନୁପମ ଯାଇ ବାପି ପାଖରେ ଠିଆ ହୋଇପଡିଲେ । ଦୁହିଙ୍କ କାନ୍ଧରେ ଦୁଇ ହାତରେ ଭରାଦେଇ, ଚେମେଣି ଚଢେଇ ପରି ଓହଳି ପଡିଲା ବାପି ଏବଂ ଝୁଲନ୍ତ ବାପିର ଭାର ବହନ କରି ସାମାନ୍ୟ ଶ୍ଳଥ ଗତିରେ ଏବଂ ଧୀରପଦକ୍ଷେପରେ ମନ୍ଦିର ଆଡକୁ ଅଗ୍ରସର ହେବାକୁ ଲାଗିଲେ ଶୈବାଳ ଓ ଅନୁପମ ।

ଦୃଶ୍ୟଟିର ଚମତ୍କାରିତାରେ ହତବାକ୍ ହୋଇ, କିଞ୍ଚିତ୍ ମୁଖବ୍ୟାଦାନ କରି ତିନିଜଣ ଯାକଙ୍କୁ ଚାହିଁରହିଲେ ଚତୁର୍ଦ୍ଦିଗର ଜନତା । ଶୈବାଳ ଏବଂ ଅନୁପମ କିନ୍ତୁ ଜନତାର ପ୍ରତିକ୍ରିୟା ପ୍ରତି ଥିଲେ ସଂପୂର୍ଣ୍ଣରୂପେ ଉଦାସୀନ । ଭୂଇଁ ଉପରୁ ତିନି, ଚାରି ଫୁଟ୍ ଉଚ୍ଚତାରେ ଝୁଲି ରହିଥିଲା ବାପିଶରୀରର ଭଗ୍ନାଂଶ । ତାକୁ ଇ ବିନା ପ୍ରତିବାଦରେ ବହନ କରି ଏବଂ ଖୁସିମନରେ ଗପ କରି କରି ମନ୍ଦିରର ପାହାଚ କେତୋଟି ଚଢିବାକୁ ଆରମ୍ଭ କଲେ ଶୈବାଳ ଓ ଅନୁପମ । ଜଣାପଡୁଥିଲା, ବାପିକୁ ନିୟମିତ ରୂପେ ଏଭଳି ବହନ କରିବାରେ ସେମାନେ ଥିଲେ ଅଭ୍ୟସ୍ତ ।

ମହାବୋଧି ମନ୍ଦିରଟି ଥିଲା ବେଶ୍ ପ୍ରଶସ୍ତ ଓ ଖୋଲାମେଲା । ଏଇ ମନ୍ଦିର ବେଢାରେ ଥିବା ପିପ୍ପଳ ଗଛତଳର ପଥରବେଦୀରେ ବସି ତାଙ୍କ ଜୀବନର ଶେଷ ତପସ୍ୟା କରିଥିଲେ ରାଜପୁତ୍ର ସିଦ୍ଧାର୍ଥ । ଜ୍ଞାନଲାଭ କରି ବୁଦ୍ଧତ୍ୱ ପ୍ରାପ୍ତି କରିଥିଲେ ଏହିଠାରେ ।

ମନ୍ଦିରର ଗଠନଟି ଥିଲା ଟିକିଏ ଭିନ୍ନ ଧରଣର । ଶହେ ସତୁରି ଫୁଟ ଉଚ୍ଚତା ବିଶିଷ୍ଟ ମନ୍ଦିରଟି ତିଆରି ହେଇଥିଲା ଏକ ପିରାମିଡ୍ ଆକାରରେ । ଭିତରେ ବେଦୀ ଉପରେ ଆସୀନ ବୁଦ୍ଧଙ୍କର ବିରାଟକାୟ ପ୍ରତିମୂର୍ତ୍ତି । ସୁନାପାତ ମୋଡା ପଥରରେ ତିଆରି ବୁଦ୍ଧଦେବ ଚକାପକେଇ ବସି ଦକ୍ଷିଣହସ୍ତରେ ଭୂଇଁକୁ ଛୁଇଁଛନ୍ତି । ଜ୍ୟୋତିନିର୍ଗତ ସେ ଶାନ୍ତ, ସମାହିତ ମୁଖମଣ୍ଡଳର ଐଶ୍ୱର୍ଯ୍ୟରେ ଅଭିଭୂତ ହେଲି ।

ମନ୍ଦିରଟି ଅତିମାତ୍ରାରେ ପରିଚ୍ଛନ୍ନ । ବାତାବରଣ ଶାନ୍ତ, ପବିତ୍ର ଓ ଧୂପ ବାସ୍ନାରେ ମହମହ । ମନ୍ଦିର ପରିସର ଭିତରେ ଅନେକ ସାନବଡ କାରୁକାର୍ଯ୍ୟମୟ ସ୍ତୂପ ଓ ମନ୍ଦିର । ବୁଦ୍ଧଦେବଙ୍କର ସାନ୍ନିଧ୍ୟ ପାଇଥିବା ପଦ୍ମପୁଷ୍କରିଣୀ ଏବଂ ତାଙ୍କ ତପସ୍ୟା ସହିତ ଜଡିତ ନିଘଞ୍ଚ ପିପ୍ପଳ ବୃକ୍ଷ ତଥା ତାହାର ପାଦଦେଶରେ ଥିବା ପ୍ରସ୍ତରବେଦୀ ବା ବଜ୍ରାସନ । କିଞ୍ଚିତ୍ ଦୂରରେ ନିରଞ୍ଜନା ନଦୀ ପ୍ରବାହିତ । ନଦୀଟିର ଆଧୁନିକ ନାମ ଫଲ୍‌ଗୁ । ସାରା ମନ୍ଦିରରେ ବିଭିନ୍ନ ଦେଶର ବୌଦ୍ଧଧର୍ମାବଲମ୍ବୀମାନଙ୍କର ଭିଡ । ବୌଦ୍ଧମାନଙ୍କର ସର୍ବଶ୍ରେଷ୍ଠ ତୀର୍ଥସ୍ଥାନ ରୂପେ ମନ୍ଦିରଟି ଜଗତ୍ ବିଖ୍ୟାତ । ଲକ୍ଷ୍ୟ କଲି, ମନ୍ଦିର ଚାରିପଟର ପ୍ରାଙ୍ଗଣରେ ଅନେକ ବୌଦ୍ଧଭିକ୍ଷୁ ଏକାଗ୍ରଚିତ୍ତରେ ଧ୍ୟାନରତ ।

ବୁଦ୍ଧଙ୍କର ବିଭିନ୍ନ ସ୍ମୃତିଚିହ୍ନକୁ ଦେଖି ଦେଖି ମନ୍ଥରଗତିରେ ମନ୍ଦିର ବେଢାରେ ଘୂରି ବୁଲୁଥିଲି । ଏବଂ ଏକ ସଜୀବ ମାଂସପିଣ୍ଡ ସଦୃଶ ପ୍ରତୀୟମାନ ହେଉଥିବା ବାପିର ଶରୀରକୁ

ଅବନତ କାନ୍ଧରେ ବହନ କରି ମୋ' ସହିତ ଘୂରି ବୁଲୁଥିଲେ ଶୈବାଳ ଓ ଅନୁପମ । ଲକ୍ଷ୍ୟ କଲି ଆବଡାଖାବଡା ଜମିରେ ଚାଲିବା ଏବଂ ପାହାଚ ଚଢ଼ିବା କାମ ଦୁଇଟି ବାପି ପାଇଁ ଥିଲା କଷ୍ଟସାଧ୍ୟ । କିନ୍ତୁ ସମତଳ ଭୂଇଁରେ ଛାଡିଦେଲେ, ଦୁଇ ହାତ ଏବଂ ଖଟର ଖୁରା ପରି ଦିଶୁଥିବା ଦୁଇଟି ଇଷତ୍‌ଶୁଷ୍କ ଜାନୁରେ ଭରାଦେଇ ଏକ ଚତୁଷ୍ପଦ ପ୍ରାଣୀ ପରି ବେଶ୍ ନିର୍ବିଘ୍ନରେ ଚଳ ପ୍ରଚଳ କରିପାରୁଥିଲା ବାପି । ମନ୍ଦିର ଭିତରର ସମତଳ ରାସ୍ତାମାନଙ୍କରେ ତେଣୁ ତଳକୁ ଓହ୍ଲାଇ ପଡୁଥିଲା ସିଏ ।

ମନ୍ଦିର ଦର୍ଶନ କରିସାରି ସାମ୍ନା ପାହାଚରେ କିଛି ସମୟ ପାଇଁ ବସିଲୁ ଆମେ । ବାପି କିଞ୍ଚିତ୍ ଦୂରରେ ବସି ନବାଗତ କେତୋଟି ବଙ୍ଗଭାଷାଭାଷୀ ଭ୍ରମଣାର୍ଥୀଙ୍କ ସହିତ ଗପ ଯୋଡିଦେଲା ।

ସୁଯୋଗ ଦେଖି ମୁଁ ଅନୁପମଙ୍କୁ ପଚାରିଲି – ଏଭଳି ସପ୍ରତିଭ, ପ୍ରାଣବନ୍ତ ଯୁବକଟିର ଏ ଭଳି ଦୁର୍ଯୋଗ ହେଲା କେମିତି ?

ମୋ' ପ୍ରଶ୍ନର ଉତ୍ତରରେ ଅନୁପମ ମତେ ବତାଇଥିଲେ ବାପି ଜୀବନର ଅଶ୍ରୁଳ ଓ ମର୍ମାନ୍ତିକ କାହାଣୀ ।

କେଇବର୍ଷ ପୂର୍ବରୁ କୌଣସି ଏକ ଟ୍ରେନ୍‌ଯାତ୍ରା ସମୟରେ କଂପାର୍ଟମେଣ୍ଟର ଖୋଲା ଦରଜା ପାଖରେ ଠିଆ ହେଇଥିଲା ବାପି । ଥିଲା ଅନ୍ୟମନସ୍କ । ପବନର ଦାପଟ୍‌ରେ ଅଚାନକ୍ ଓଜନ୍‌ଦାର କବାଟଟି ପିଟି ହେଇ ଯାଇଥିଲା ତା ଦେହରେ । ଏବଂ ସିଏ ଖସିପଡିଲା ତଳକୁ । ଚଳନ୍ତା ଟ୍ରେନ୍‌ରେ କଟିଗଲା ଗୋଡ ଦୁଇଟି । ବଞ୍ଚିବାର ଆଶା ନଥିଲା । କିନ୍ତୁ ଡାକ୍ତରମାନଙ୍କର ସମସ୍ତ କଳନାକୁ ଭୁଲ୍ ପ୍ରତିପାଦିତ କରି ଶେଷପର୍ଯ୍ୟନ୍ତ ବଞ୍ଚିଉଠିଲା ସିଏ । ବଞ୍ଚିଉଠିଲା ଶରୀରର ଅର୍ଦ୍ଧାଂଶକୁ ବାଦ୍ ଦେଇ, ଏକ ଖଣ୍ଡିତ ମଣିଷ ହେଇ ।

ଆହା ! କାହାଣୀଟି ଭାରି କରୁଣ । ମୁଁ କହିଲି ।

ଅନୁପମ କହିଲେ – ଲକ୍ଷ୍ୟ କରିଛନ୍ତି ? ନିଜର ଏତାଦୃଶ ଅବସ୍ଥା ପାଇଁ କିନ୍ତୁ ସାମାନ୍ୟତମ ଅବସାଦ ବା ଅନୁଶୋଚନା ନାହିଁ ବାପି ମନରେ ? କେବେ ବି ଈଶ୍ୱରଙ୍କୁ ଦାୟୀ କରେନି ସିଏ ଏଥିପାଇଁ । ଏଥିଲାଗି କୌଣସି ହୀନମନ୍ୟତା ମଧ୍ୟ ନାହିଁ ତା' ମନରେ । ଲଜ୍ଜା ବା ଅପମାନ ଭୟରେ ଘର ଭିତରେ ଲୁଚିକି ବସେନି ସିଏ । ଏକ ସାଧାରଣ ମଣିଷର ଜୀବନଯାପନ କରେ । ସଭିଙ୍କ ସହିତ ସମ ଭାବରେ ମିଶେ । ଜୀବନକୁ କେମିତି ନିଡର ହେଇ ମୁକାବିଲା କରିବାକୁ ହୁଏ, ତାହା କେବଳ ବାପି ହିଁ ଶିଖାଇଦିଏ ତା'ର ଚାରିପଟର ଲୋକମାନଙ୍କୁ ।





ଗୁଜୁରାଣ ହୁଏ କେମିତି ?

ତା'ର ଗୋଟିଏ ଦୋକାନ ଅଛି ସିଲିଗୁଡ଼ିରେ । ମନୋହାରୀ ଦୋକାନ । ବେଶ୍ ଭଲ ଚାଲେ । ସେଠାର ଲୋକମାନେ ଭାରି ସ୍ନେହ କରନ୍ତି ବାପିକୁ । ସଭିଏଁ ଯାଆନ୍ତି ତା ଦୋକାନକୁ । ତା'ର ଗୋଟିଏ ହୁଇଲ୍ ଚେୟାର ଅଛି ସେଠି । ସେ ଚେୟାରଟି ତା' ଗୋଡ଼ ଭଳିଆ । ସେଥିରେ ବସି ସବୁ କାମ କରିପାରେ ସିଏ । ଦୋକାନକୁ ଯାଏ ଆସେ ସେଇଥିରେ । ଏଠିକିତ ଚେୟାରଟି ଆଣିପାରିବନି । ସେଇଲାଗି ଆମେ ଆସିଚୁ ତା' ସାଥିରେ ।

ଆପଣ କଅଣ ବାପିର ପରିବାରର ଲୋକ ? ପଚାରିଲି ।

ଆରେ ନା ନା, ଆମେ ଦିହେଁ ତା'ର ପଡୋଶୀ । ଶୈବାଳର ଲୁଗା ବ୍ୟବସାୟ ଅଛି । ମୁଁ ଜଣେ ସାଧାରଣ ସରକାରୀ କର୍ମଚାରୀ । ସାତଦିନ ଅଫିସ୍‌ରୁ ଛୁଟି ନେଇ ଆସିଛି ବାପି ସାଥିରେ । ବାପିର ଏକାଜିଦ୍ – ତା' ବାପାମା'ଙ୍କର ପିଣ୍ଡଦାନ କରିବ ସିଏ ଗୟାରେ । ଆମେ ସାଥିରେ ନ ଆସିଥିଲେ ସିଏ ଏ କାମ କରିଥାଆନ୍ତା କେମିତି ? ଟ୍ରେନ୍‌ରେ ଚଢ଼ିପାରିବନି କି ଓହ୍ଲାଇ ପାରିବନି । ଫାଲ୍‌ଗୁନଦୀ ତୀରରେ ଶ୍ରାଦ୍ଧକର୍ମ ହେଉଥିବା ସ୍ଥାନଟି ମଧ୍ୟ କିଛି କମ୍ ଦୁର୍ଗମ ନୁହେଁ । ଅନେକ ଗଳି କନ୍ଦି ଓ ବନ୍ଧୁର ପଥ ଦେଇ ଯିବାକୁ ପଡେ । ଫଲ୍‌ଗୁଘାଟରେ, ଶ୍ରୀ ବିଷ୍ଣୁପାଦ ମନ୍ଦିରରେ ଏବଂ ଅକ୍ଷୟ ବଟ ପାଖରେ – ତିନୋଟି ଯାକ ସ୍ଥାନରେ ପିଣ୍ଡଦାନ ଓ ତର୍ପଣ ଇତ୍ୟାଦି କରିବାକୁ ପଡେ । ବାପି ପାଇଁ ଏକା ଏକା ଆସି ଏ ସବୁ କାମ କରିବା ଦୁରୂହ ନିଶ୍ଚୟ ।

ଅନୁପମଙ୍କର କଥାଶୁଣି ମୁଁ ଅବାକ୍ ହେଇ ଚାହିଁ ରହିଲି ତାଙ୍କର ଓ ଶୈବାଳଙ୍କର ମୁହଁକୁ । ଏକ ଦୁର୍ଦ୍ଦଶାଗ୍ରସ୍ତ ପଡୋଶୀର ସ୍ୱପ୍ନକୁ ସାକାର କରିବା ପାଇଁ ନିଜ ନିଜର ସମୟ, ଶକ୍ତି ତଥା ଅର୍ଥ ଖର୍ଚ୍ଚ କରି ସିଲିଗୁଡିରୁ ଗୟା ପର୍ଯ୍ୟନ୍ତ ଦିହେଁ ଆସିଛନ୍ତି ସ୍ୱତଃପ୍ରବୃତ୍ତ ହେଇ । ଆସିଛନ୍ତି ନିରାଶ୍ରୟ ବାପିର ଟଳମଳ କରୁଥିବା ଜୀବନନୌକାର ମଙ୍ଗଟି ସଳଖି ଧରି ତା' ପାଖରେ ଦୁଇଟି ନିର୍ଭରଯୋଗ୍ୟ ମଣିଷ ରୂପରେ ଠିଆ ହେବା ପାଇଁ ।

ଏଭଳି ନିଃସ୍ୱାର୍ଥପର ଓ ନିଷ୍କାମ କର୍ମନିଷ୍ଠାରେ ବିଶ୍ୱାସ ରଖୁଥିବା ଦୁଇଟି ଚରିତ୍ର ରୂପ କଥାରେ ଇ ଦେଖିବାକୁ ମିଳିଥାଆନ୍ତି ।

– ଘରେ ଆଉ କିଏ କିଏ ଅଛନ୍ତି ବାପିର ?

– ଘରେ ତା'ର ପତ୍ନୀ ଆଉ ଦୁଇଟି ଯମଜ ପୁତ୍ର ସନ୍ତାନ । ବାପିର ଦୁର୍ଘଟଣାର ଅଳ୍ପ କେଇମାସ ଆଗରୁ ପୁତ୍ର ଦୁଇଟିଙ୍କର ଜନ୍ମ । ଏବେ ଅବଶ୍ୟ ସ୍କୁଲ୍ ଗଲେଣି ଦିହେଁ ।

ମନ୍ଦିର ଦର୍ଶନ ସରିଲା । ବୁଦ୍ଧଙ୍କୁ ପ୍ରଣିପାତ କରି ଲେଉଟି ଆସିଲୁ ଟାକ୍ସି ପାଖକୁ । ମୁଁ କହିଲି - ବାପି, ତୁମ ପତ୍ନୀଙ୍କୁ ନେଇ ଆସିଲନି ସାଥିରେ ? ବୁଦ୍ଧଗୟା ଦେଖି ଯାଇଥାଆନ୍ତେ ।

ମୃଦୁ ହସି ଶୈବାଳ କହିଲେ - ପୁଅମାନେ ବଡ ହେଲେ ନେଇ ଆସିବେନି ମାଆକୁ ?

ଟାକ୍ସି ଭିତରେ ବସିଲୁ । ବାପି ସହିତ କଥାବାର୍ତ୍ତା କରିବା କେଜାଣି କାହିଁକି ଯା' ପରେ ଭାରି ସହଜ ମନେହେଲା ମତେ ।

ମୁଁ କହିଲି - ବାପି, ତୁମ କାହାଣୀ ଏବେ ଶୁଣୁଥିଲି ଅନୁପମ ଓ ଶୈବାଳଙ୍କଠାରୁ । ଅଚାନକ୍ ତୁମ ଜୀବନରେ ଏଭଳି ଏକ ବଜ୍ରପାତ । ଏ ବିପଦ ସହିତ ଲଢେଇ କରି ତିଷ୍ଠି ରହିଚ କେମିତି ?

ବାପି ହସର ଫୁତ୍କାରରେ ମୋ କଥାକୁ ଉଡାଇ ଦେଇ କହିଲା - କାହିଁକି ? କଅଣ ହେଇଚି କି ମୋ'ର ? ଗୋଟିଏ ମଣିଷ କହିଲେ, ତା'ର ଗୋଟିଏ ନିର୍ଦ୍ଦିଷ୍ଟ ଅଙ୍ଗକୁ ତ ବୁଝାଏନି । ମୋର ମସ୍ତିଷ୍କ ଅଛି, ବୁଦ୍ଧି ଅଛି, ମୁଁ ପଛଘୁଞ୍ଚା ଦେବି କାହିଁକି ? ସଂସାରରେ କରିବା ପାଇଁ ଯେ ଅନେକ କାମ ! ଆପଣ ଅନୁପମଦା'କୁ ପଚାରନ୍ତୁ । ହୁଇଲ୍ ଚେୟାର୍‌ରେ ବସି ସାରାଦିନ ମୁଁ ଯେତେ କାମ କରେ, କୌଣସି ସକ୍ଷମ ମଣିଷ ତାହା କରିପାରିବନି ।

କିଛି ସମୟ ନୀରବ ରହି ବାପି କହିଲା - ଜାଣନ୍ତି ? ହୁଇଲ୍ ଚେୟାର ଚଲାଇ ଚଲାଇ ଥରଟେ ମୁଁ ଦାର୍ଜିଲିଂ ଯାଇଥିଲି । ମୋ'ର ସ୍ୱପ୍ନ - ହୁଇଲ୍ ଚେୟାରରେ ବସି ମୁଁ ଥରଟେ ଦିଲ୍ଲୀ ଯିବି ଏବଂ ମୁଁ ଜାଣେ ମୁଁ ଯିବି ନିଶ୍ଚୟ ।

ଏଇ ଦୁର୍ଘଟଣା ହେତୁ ମନରେ କେବେ ବିଷନ୍ନତା ଅନୁଭବ କରିନ ? ମୁଁ ତ ଦେଖୁଛି ତୁମେ ଭାରି ଖୁସ୍ ମିଜାଜିଆ ମଣିଷଟିଏ ।

ମୋ' ପ୍ରଶ୍ନର ଉତ୍ତରରେ ବାପି କହିଲା - ଗୋଟିଏ କଥା ପାଇଁ ମନରେ ବେଳେ ବେଳେ ଦୁଃଖ ହୁଏ ଅବଶ୍ୟ । ମୁଁ ଖୁବ୍ ଭଲ ଫୁଟ୍‌ବଲ୍ ଖେଳୁଥିଲି । ଏବେ ଆଉ ଫୁଟ୍‌ବଲ୍ ଖେଳିପାରୁନି ।

ବାପିର କଥାକୁ ଅଧାରେ କାଟି ଶୈବାଳ କହିଲେ - ଆପଣ ବୋଧେ ଜାଣନ୍ତିନି । ନିଜେ ନଖେଳିଲେ ବି କଲୋନୀର କେତୋଟି କିଶୋରଙ୍କୁ ନେଇ ଗୋଟିଏ ଫୁଟ୍‌ବଲ୍ ଦଳ ଗଢିଛି ବାପି । ସେମାନଙ୍କୁ ଦିଗ୍‌ଦର୍ଶନ ଦିଏ, ବେଳେ ବେଳେ ଆର୍ଥିକ ସାହାଯ୍ୟ ବି । କେତୋଟି ଟୁର୍ଣ୍ଣାମେଣ୍ଟ୍‌ରେ ଖେଳି ଜିତିଲାଣି ସେ ଟିମ୍ । ଯେତେବେଳେ ସେମାନଙ୍କର ମ୍ୟାଚ୍ ହବ, ବାପି ଯାଇ ଆଗଧାଡିରେ ବସିଥିବ ।





ସାରା ରାସ୍ତା ମୋ ସହିତ ଗପ କରି ଲାଗିଲା ବାପି । ଅଫୁରନ୍ତ ପ୍ରାଣଶକ୍ତି, ସୁଦୃଢ ମନୋବଳ, ଦିଲ୍‌ଖୋଲା ହସ ଓ ଛଳନାବିହୀନ ଅନ୍ତରଂଗ ଆଳାପର - ଏଭଳି ମଣିଷଟିଏ ଯେ ପୃଥିବୀରେ ସମ୍ଭବ, ତାହା ବାପିକୁ ନଦେଖିଥିଲେ ହୁଏତ ମୁଁ ବିଶ୍ୱାସ କରି ନଥାନ୍ତି ।

କଥୋପକଥନ ଭିତରେ ଗାଡି ପଶିଲା ଗୟା ସହରରେ । ଗାଡିରେ ଯାଉ ଯାଉ ଅଚାନକ୍ ଆଖିରେ ପଡିଲା ପର୍ଯ୍ୟଟନ ବିଭାଗର ଦପ୍ତରଟି ଉପରେ । ବଲ୍‌ଦେଓଙ୍କୁ ଅନୁରୋଧ କଲି ଗାଡି ଅଟକାଇବା ପାଇଁ ।

ସାଧାରଣତଃ ପର୍ଯ୍ୟଟନ ବିଭାଗର ଅଫିସ୍‌ମାନଙ୍କରେ, ପ୍ରଦେଶର ବିଭିନ୍ନ ଦର୍ଶନୀୟ ସ୍ଥାନର ତାଲିକା ସହ ସେଠାକୁ ଯିବାର ତଥା ରହିବାର ସୂଚନା ବହନ କରୁଥିବା ସଚିତ୍ର ବୁକ୍‌ଲେଟ୍ ମାନ ଉପଲବ୍ଧ ହୋଇଥାଏ । ସେଇଭଳି କେତୋଟି ବୁକ୍‌ଲେଟ୍ ଆଣିବା ଅଭିପ୍ରାୟରେ ଅଟକିଥିଲି ସେଠି । ଶୈବାଳ, ଅନୁପମ ଓ ବାପି ଅଫିସ୍ ସାମ୍ନା ସାନ ଉପବନଟିରେ ବସି ଆରାମ କଲେ । ମୁଁ ପଶିଲି ଅଫିସ୍ ଭିତରକୁ ।

ସୁଦୃଶ୍ୟ ଅଫିସ୍‌ଟି ଥିଲା ସଂପୂର୍ଣ୍ଣରୂପେ ଜନଶୂନ୍ୟ । କେବଳ ଟେଲିଫୋନ୍ କାଉଣ୍ଟର ପାଖରେ ବସି ରହିଥିଲେ ଜଣେ କର୍ମଚାରୀ ।

ମୋ'ର ଅନୁରୋଧ କ୍ରମେ କିଛି ସମୟ ଖୋଜାଖୋଜି କରି ଅନେକଗୁଡିଏ ଫୋଲ୍‌ଡର୍ ଆଣି ମୋ ହାତକୁ ବଢେଇଦେଲେ ଅଫିସର୍ ଜଣକ । କାଗଜତକ ନେଇ ମୋ ବ୍ୟାଗ୍‌ରେ ରଖିବାକୁ ଯାଉଛି, ଶୁଣିଲି ତାଙ୍କର ଜଳଦ୍‌ଗମ୍ଭୀର କଣ୍ଠସ୍ୱର - ଦୁଇଶହ ଟଙ୍କା ଦିଅନ୍ତୁ ।

- ଦୁଇଶହ ଟଙ୍କା ? କଅଣ ପାଇଁ ? ଆଶ୍ଚର୍ଯ୍ୟ ହେଇ ମୁଁ ପଚାରିଲି ।

- ଏଇ ସବୁ ଫୋଲ୍‌ଡର ଗୁଡିକର ଦାମ୍ । କର୍ମଚାରୀଜଣକ ଜବାବ୍ ଦେଲେ ।

- ଫୋଲ୍‌ଡରର ଦାମ ? ମୋ ପ୍ରଦେଶର ଯେ କୌଣସି ପାନ୍ଥନିବାସ ବା ପର୍ଯ୍ୟଟନ ବିଭାଗର ଅଫିସ୍‌କୁ ଗଲେ ଟାରିଫ୍‌କାର୍ଡ ସମେତ ଏଇଭଳି ଥାକେ କାଗଜ ଧରେଇ ଦିଅନ୍ତି ସେମାନେ । ମାଗଣା, କିଣିବା ଦରକାର ପଡେନି ।

କର୍ମଚାରୀଜଣକ ପୁନର୍ବାର ଦୋହରାଇଲେ - ମୁଁ ସେ ସବୁ କଥା କିଛି ଜାଣେନି । ଆପଣଙ୍କୁ ଦୁଇଶହ ଟଙ୍କା ଦେବାକୁ ପଡିବ ।

-ଦୁଶ ଶ' ଟଙ୍କା ଦେଇ ମୁଁ ତାହେଲେ ତୁଚ୍ଛାରେ ଯାକୁ ନେବି କାହିଁକି ? ବାକି ସବୁ କାଗଜ ଫେରାଇ ଦେଇ କେବଳ ବୁଦ୍ଧଗୟା ସଂପର୍କିତ ଫୋଲ୍‌ଡରଟି ନେବା ପାଇଁ ଇଚ୍ଛା ପ୍ରକାଶ କଲି ମୁଁ ।

- ସେଥିପାଇଁ କିନ୍ତୁ ଆପଣଙ୍କୁ ଚାଳିଶଟଙ୍କା ଦେବାକୁ ପଡିବ ।

ମୁଁ ପଚାରିଲି - ଦୟାକରି ଆପଣଙ୍କ ନାଆଁଟି ମତେ ଜଣାଇବେ କି ?

ଭଦ୍ରବ୍ୟକ୍ତି କହିଲେ - ହେମନ୍ତ ।

ମୁଁ କହିଲି - ହେମନ୍ତଜୀ । ମୁଁ କିନ୍ତୁ ଆପଣଙ୍କ ନାଁରେ ଅଭିଯୋଗ କରିବି । ଲେଖିବି ପର୍ଯ୍ୟଟକମାନଙ୍କୁ ଆପଣ ଠକାଉଛନ୍ତି ବୋଲି ।

ମୋ' କଥା ଶୁଣି ହେମନ୍ତଜୀ ଏକ ରହସ୍ୟମୟ ସ୍ମିତରେ ମୁଖ ଉଜ୍ଜ୍ୱଳ କରି ତଥା ଦୃପ୍ତଭଙ୍ଗିରେ ଛିଡା ହେଇ ଦୟା ଏବଂ କରୁଣାର ଏକ ଅନ୍ତର୍ଭେଦୀ ଦୃଷ୍ଟି ନିକ୍ଷେପ କଲେ ମୋ' ଆଡେ । ତାଙ୍କର ସେ ସବାକ୍ ଚାହାଣୀ ସତେ ଅବା ମତେ କହିଗଲା - ତୁମ ପରି କେତେ ଦେଖିଲିଣି ଏ ଜୀବନରେ । ତୁମେ ବା କେଉଁ କ୍ଷେତର ମୂଳା ?

ଚାଳିଶ ଟଙ୍କା ଦେଇ ଫୋଲ୍ଡରଟି ହାତରେ ଧରି ବାହାରକୁ ଆସିଲି । ମନ ଭିତରେ କିନ୍ତୁ ତୀବ୍ର ପ୍ରତିବାଦର ସ୍ୱର ଧ୍ୱନିତ ହେବାକୁ ଲାଗିଲା । ଚାଳିଶଟି ଟଙ୍କା ପାଇଁ ନୁହେଁ, ସିଦ୍ଧାର୍ଥଙ୍କର ବୁଦ୍ଧତ୍ୱପ୍ରାପ୍ତି ହେଇଥିବା ପବିତ୍ର ସ୍ଥାନରେ ଏତାଦୃଶ କଳୁଷିତ ବାତାବରଣ ତଥା ଭ୍ରଷ୍ଟାଚାରର ନମୁନା ଦେଖି । ବୁଦ୍ଧଦେବଙ୍କର ମୁଖନିଃସୃତ ସତ୍ୟ, ଧର୍ମ ତଥା କରୁଣାର ବାଣୀ ଯେ ସର୍ବପ୍ରଥମେ ଗୁଞ୍ଜରି ଉଠିଥିଲା ଏଇ ମାଟିରେ ।

ବିଚଳିତ ମନ ନେଇ ସାମ୍ନାକୁ ଚାହିଁଲି । ବାପି ଗାଡି ଭିତରକୁ ଫେରି ଯାଇଥିଲା । ଲନ୍‌ର ଘାସ ଶେଯରେ ଏକ ତପସ୍ୟାରତ ଯୋଗୀର ଭଙ୍ଗୀ ନେଇ ନିଶ୍ଚଳ ଭାବରେ ବସି ରହିଥିଲେ ଶୈବାଳ ଓ ଅନୁପମ । ବସିଥିଲେ ଚକାମାଡି ଓ ଦକ୍ଷିଣ ହସ୍ତ ଦୁଇଟିରେ ମାଟି ଉପରେ ଭରାଦେଇ । ଅପରାହ୍ନର ନରମ ସୁନେଲୀ ସୂର୍ଯ୍ୟକିରଣ ଅକୃପଣ ଭାବରେ ଧୋଇ ଦେଉଥିଲା ସେମାନଙ୍କର ଋଜୁ, ସୁସ୍ଥିର ଶରୀରକୁ । ଲାଗୁଥିଲା ସତେ ଅବା ସୁନାପାତ ମୋଡା ମୂର୍ତ୍ତି ଦୁଇଟି ।

ମନେ ମନେ ଶାକ୍ୟସିଂହଙ୍କୁ ନମନ କଲି । କହିଲି - ବୁଦ୍ଧଦେବ, ମୁଁ ଆସିଥିଲି ତୁମକୁ ଦେଖିବା ପାଇଁ । ତୁମକୁ ଦେଖିଲିକି ନାଇଁ ଜାଣେନି । କିନ୍ତୁ ତୁମରି ତପସ୍ୟାପୂତ ଇଲାକାରେ ଦେଖିଗଲି ନିହାତି ସାଧାରଣ ଦୁଇଟି ମଣିଷ ଭିତରେ ବୁଦ୍ଧତ୍ୱର ସ୍ଫୁରଣ ।

ଇଏ ବି କିଛି କମ୍ ପ୍ରାପ୍ତି ନୁହେଁ ଜୀବନରେ ।

ОଠО





# ବାତ୍ସଲ୍ୟ

ପକ୍ଷୀଶାବକଟି ମିଳିଥିଲା ଦେବଦାରୁ ଗଛ କାଟିଲା ବେଳେ ।

ଘର ସାମ୍ନାରେ ଲନ୍ କଡେ କଡେ ବାରଟି ଋଜୁ ଓ ଦୀର୍ଘାଙ୍ଗୀ ଦେବଦାରୁ । ବେଶ୍ ଉଚ୍ଚ ଏବଂ ଘନ ହେଇ ଯାଇଥିଲା ଗଛଗୁଡିକ । ବାରିପଟେ ଆଉ୍‌ବେଷ୍ଟସ୍ ଘରେ ରହିଥିବା ମାଳି ମହେଶ୍ୱରକୁ କହିଥିଲି ଗଛଗୁଡିକ ଉପରୁ ଅଧାଅଧି କାଟି ତ୍ରିକୋଣର ଆକାର ଦେବାଲାଗି । ଶେଷ ବୃକ୍ଷଟି କାଟିଲାବେଳେ ମିଳିଥିଲା ପକ୍ଷୀଶାବକଟି ।

ପତ୍ର ଉହାଡ଼ରୁ ନୀଡଟି ଖସି ପଡିଥିଲା ତଳେ । ମିହି କାଠିକୁଟା ଦେଇ ସାନ୍ଦ୍ରଭାବରେ ବୁଣା ବେଲ ଆକାରର କୁଳାୟଟିଏ । ଉପର ଖୋଲା । ଭିତରେ କିଞ୍ଚିତ୍ ପର ଓ ଲୋମ ଗଜୁରି ଆସିଥିବା କୁନି ବିହଙ୍ଗମଟିଏ । ସନ୍ତାନଟିକୁ ଏକୁଟିଆ ରଖି ହୁଏତ ତା ମା' ଯାଇଥିଲା ଆହାର ଅନ୍ୱେଷଣରେ ।

ବସାଟି ସ୍ଥାନଚ୍ୟୁତ ହେବା ଫଳରେ ନବଜାତ ଚଢେଇଛୁଆଟି ବେଶ୍ ହତଚକିତ ଓ ଭୟଭୀତ ହୋଇପଡିଥିଲା ନିଶ୍ଚୟ । କ୍ଷୀଣସ୍ୱରରେ ଚିଁ ଚିଁ ଶବ୍ଦ କରିବାକୁ ଲାଗିଲା । ମୁଁ ମହେଶ୍ୱରକୁ କହିଲି - ଆହା ! ତା ମା' ଆସି କେତେ ଖୋଜିବ ତାକୁ । ଡାଳ ଭିତରେ ପୁଣି ତା ବସାଟି ନେଇ ରଖିଦେ ।

ମହେଶ୍ୱର ଜବାବ ଦେଲା - ଆଉ କଅଣ ରଖିହେବ ମା ? ଗଛ ସବୁ ନଣ୍ଡା ହେଇଗଲାଣି । ଏବେ ନେଇ ରଖିଲେ ପବନରେ ଦୋହଲି ଖସିପଡିବ ତଳକୁ ।

ମୁଁ କହିଲି - କେତେ କଷ୍ଟରେ ଏ ଜୀବନଟି ପୃଥିବୀକୁ ଆସିଛି । ଏମିତିରେ ମରିଯିବ ?

ମହେଶ୍ୱର ମତେ ସାନ୍ତ୍ୱନାର ବାଣୀ ଶୁଣାଇଲା - ମରିବ କାହିଁକି ମା ? ଛୁଆଟି ବେଶ୍ ବଡ ହେଇଗଲାଣି । ଦେଖୁନ ! ପର ଗଜୁରିଗଲାଣି । ମୁଁ ୟାକୁ ନେଇ ଯାଉଛି ଘରକୁ । ଶାନ୍ତିକୁ କହିଲେ କ୍ଷୀର ପିଆଇଦବ । ଏଇଟା ଗୋବରା ଚଢେଇ । ଭାତ, ଗହମ, ଚାଉଳ, ସବୁ ଖାଇବ ।

ମହେଶ୍ୱରର ମନ୍ତବ୍ୟରେ ମୁଁ କିନ୍ତୁ ବିବ୍ରତବୋଧ କଲି । ଯେଉଁ ଶାନ୍ତି ମଣିଷଛୁଆ ପ୍ରତି ଥିଲା ଅସହିଷ୍ଣୁ, ସିଏ ପୁଣି ନବ ଚଢେଇଛୁଆର ଯତ୍ନ ? କଥାଟି ମୋ'ପାଇଁ ଥିଲା ଏକାନ୍ତ ଭାବରେ ଅବିଶ୍ୱସନୀୟ । କାରଣ ବିଗତ କେତୋଟି ମାସ ଭିତରେ, ଶାନ୍ତିରେ ମାନସିକତା ସହିତ ମୋ'ର ଘନିଷ୍ଠ ପରିଚିତି ହୋଇସାରିଥିଲା ।

ସ୍ୱାମୀ ମହେଶ୍ୱର ସହିତ ମୋ ବଗିଚାରେ ଖାଲି ପଡିଥିବା ଦି'ବଖରା ଆଜ୍‌ବେଷ୍ଟସ୍ ଘରେ ଆଶ୍ରୟ ନେଇଥିଲା ଶାନ୍ତି । ଚେହେରା ଏବଂ ବ୍ୟବହାର - ଉଭୟରେ ଥିଲା ରୁକ୍ଷ ଓ କର୍କଶ । ଥିଲା ନିଃସନ୍ତାନ । ମାତୃତ୍ୱ ପ୍ରାପ୍ତିପରେ ସାଧାରଣତଃ ଗୋଟିଏ ସ୍ତ୍ରୀ ଲୋକର ମନ କିଛି ମାତ୍ରାରେ କୋମଳ ଓ ସ୍ନେହାର୍ଦ୍ର ହୋଇଉଠେ । ଶାନ୍ତିର ହୃଦୟରେ ଅଭାବ ଥିଲାସେଇ କୋମଳତା ଓ ଆର୍ଦ୍ରତା । ସ୍ୱଭାବରେ ଚିଡ୍‌ଚିଡା । ସାନପିଲାମାନଙ୍କୁ ମଣୁଥିଲା ଜଂଜାଳ ସଦୃଶ ।

ଆମ ଘରର ତଳମହଲାରେ ଭଡାଥିବା ଶ୍ରୀଯୁକ୍ତ ମେନନ୍‌ଙ୍କର ପୁତ୍ର କିଟୁ ଥରେ ଆମ ବାରିପଟେ ତା'ର କେତୋଟି ସାଙ୍ଗଙ୍କ ସହିତ କ୍ରିକେଟ୍ ଖେଳୁଥିବା ସମୟରେ, କ୍ରିକେଟ୍ ବଲ୍‌ଟି ଯାଇ ଶାନ୍ତିର ଝର୍କାରେ ପିଟି ହୋଇଯାଇଥିଲା । କ୍ରୋଧିତା ଶାନ୍ତି କିଟୁଠାରୁ ବ୍ୟାଟ୍‌ଟି ଛଡାଇ ନେଇ ତା' ଘରବାହାରେ ଜଳୁଥିବା ମାଟି ଚୁଲିରେ ଦେଇଥିଲା ମୁହାଇ ମେନନ୍ ପରିବାର ଏଥିଲାଗି ଅସନ୍ତୁଷ୍ଟ ହେଇ ତାକୁ ରୁଷ୍ଟଭାବରେ କିଛି କଥା ଶୁଣାଇଥିବାରୁ, କିଟୁର ତଥାକଥିତ ଦୌରାତ୍ମ୍ୟର ଏକ ଲମ୍ବା ତାଲିକା ସେମାନଙ୍କ ସାମ୍ନାରେ ପେଶ୍ କରି ତାର ସ୍ୱରରେ କଳହ କରିଥିଲା । କିଟୁ ୟା'ପରେ ନୂଆ ବ୍ୟାଟ୍‌ଟିଏ କିଣିଥିଲା ଅବଶ୍ୟ । କିନ୍ତୁ ଶାନ୍ତି ଭୟରେ ଆଉ ଆମ ବାରିରେ ନଖେଳି ଖେଳୁଥିଲା ଆମ ଘର କଡରେ ଥିବା ଗଳି ରାସ୍ତାରେ । ବିଗତବର୍ଷ ମୋ'ର ଆମେରିକାବାସୀ ପୌତ୍ର ପୌତ୍ରୀ ଯୋଡିକ କ୍ରିସ୍‌ମସ୍ ଛୁଟିରେ ଓଡ଼ିଶା ଆସିଥିବା ସମୟରେ, ଅନେକଥର ଉତ୍ସୁକତାବଶତଃ ଶାନ୍ତିଘରେ ପଶିଯାଉଥିଲେ ଓ ତା' ଜିନିଷପତ୍ର ଘାଣ୍ଟି ଦେଉଥିଲେ । ପ୍ରତ୍ୟହ ସେମାନଙ୍କ ନାଆଁରେ ଆସି ଫରିୟାଦ୍ କରି





ଯାଉଥିଲା ଶାନ୍ତି । ବସ୍ତୁତଃ ତା'ର ରୁକ୍ଷ ମିଜାଜ୍ ଯୋଗୁ ପାଖପଡିଶାର ସମସ୍ତ ଶିଶୁ ଭୟ କରୁଥିଲେ ତାକୁ । ଏହା ସତ୍ତ୍ୱେ ତାକୁ ଘର ଦୁଇବଖରା ମାଗଣାରେ ଦେଇଥିଲି । ତାହା ଥିଲା ସଂପୂର୍ଣ୍ଣ ଭାବରେ ସ୍ୱାର୍ଥ ଜନିତ । ମହେଶ୍ୱର ବାରିବଗିଚାରେ ଯତ୍ନ ନେଉଥିଲା ଏବଂ ଶାନ୍ତି ମତେ ସାହାଯ୍ୟ କରୁଥିଲା ରୋଷେଇ ତଥା ଅନ୍ୟାନ୍ୟ ଘର କାମରେ । ଲୋକ ଦୁଇଟି ମୋ' ପାଇଁ ହେଇ ଉଠିଥିଲେ ଅପରିହାର୍ଯ୍ୟ ।

- କଅଣ ଏତେ ଭାବୁଚ ମା ? ଚଢେଇଛୁଆଟିକି ତମେ ପୋଷିବ ବୋଲି ମନ କରୁଚ କି ? ରଖିବ ଯଦି କହ, ମୁଁ ପଞ୍ଜୁରିଟିଏ ଯାଇ କିଣିଆଣିଦେବି ହାଟରୁ - ମୋ' ଭାବନାକୁ ପ୍ରତିହତ କରି ମହେଶ୍ୱର ପଚାରିଲା ।

- ଆରେ ନା, ନା, ମୋ ନିଜ ସଂସାର ଚଳାଇବା ମୋ ପକ୍ଷରେ ମୁସ୍‌କିଲ୍ । ଏ ଛୁଆକୁ ରଖି କଅଣ ମୁଁ ଚଳେଇ ପାରିବି ? ଜବାବ୍ ଦେଲି ।

- ତାହେଲେ ମୁଁ ତାକୁ ନେଇଯାଉଚି ଆମ ଘରକୁ । ଶାନ୍ତିକି କହିବି ଟିକିଏ କ୍ଷୀର ପିଆଇଦବ । ମହେଶ୍ୱର ଚଢେଇଛୁଆଟିକୁ ଧରି ଶାନ୍ତିକୁ ଡାକି ଡାକି ତା' ଘର ଭିତରେ ପ୍ରବେଶ କଲା । ଏବଂ ପକ୍ଷୀଶାବକଟି ଯେ ଅଚିରେ ଶାନ୍ତିଦ୍ୱାରା ପରିତ୍ୟକ୍ତ ହୋଇ ବାରିର ଆବର୍ଜନା ସ୍ତୂପ ମଧ୍ୟରେ ଆଶ୍ରୟ ନେବ, ସେ ସଂପର୍କରେ ମୁଁ ନିଃସନ୍ଦେହ ହେଇ ଉଠିଲି ।

ପରଦିନ କିନ୍ତୁ ଅମୃତଭଣ୍ଡା ତୋଳିବା ପାଇଁ ବାରିକୁ ଯାଇ ଦେଖେ ଚଟାଣରେ ବସି ପକ୍ଷୀଶାବକଟିକୁ କେତୋଟି ଅନ୍ନର କଣିକା ଖୁଆଇ ଲାଗିଛି ଶାନ୍ତି । ହାତଗଣତି ଭାତ କେତୋଟି ପରଶା ହେଇଛି ଗୋଟିଏ ଆଲୁମିନିୟମ୍ ଥାଳିଆରେ । ଚଢେଇଛୁଆଟି ଖୁଣ୍ଟି ଖୁଣ୍ଟି ସେ ଭାତ ଖାଇଲାଗିଛି ।

ଘଟଣାପ୍ରବାହର ଆକସ୍ମିକତାରେ ଆଶ୍ଚର୍ଯ୍ୟ ହେଇ କିଛି ସମୟ ଠିଆ ହେଇ ଦେଖିଲି ସେ ଦୃଶ୍ୟ । ଶାନ୍ତିର ଏତାଦୃଶ ବିହଙ୍ଗମପ୍ରୀତି ତଥା ତା' ମୁହଁରେ ଖେଳିବୁଲୁଥିବା ସ୍ନିଗ୍ଧ ଆଭା - ଉଭୟ ମୋ' ପାଇଁ ଥିଲେ ନୂତନ । କହିଲି - ଆରେ ! ଇଏତ କଅଣ ନିଜେ ନିଜେ ଭାତ ଖାଇ ଦେଉଛି !

ଶାନ୍ତି କହିଲା - ଖାଲି କଅଣ ଭାତ ମା ? ତୁଳାକୁ କ୍ଷୀରରେ ବୁଡାଇ ତା ପାଟିରେ ଚୁପୁଡି ଦେଲେ କି ସୁନ୍ଦର ଚୁଁ ଚୁଁ କରି ପିଇଦେଉଛି । ତମେ ଦେଖିଲେ ହସି ହସି ଗଡିବ । ଖାଇବାରେ କିଛି ଝାମେଲା ନାଇଁ ତା'ର । ଟିକିଏ ବଡ ହେଇ ଗଲାଣି ତ ?

- ମୁଁ ତ ଭାବିଥିଲି ତୁ ତାକୁ ରଖିବାକୁ ମନା କରିଦେବୁ ।

- ପ୍ରଥମେ ସେଇଆ ଭାବି ୟାଙ୍କ ଉପରେ ରାଗିଥିଲି ମା । ନେଇଥିଲି ବସାସହିତ ପାଚିରୀ ସେପଟେ ଫିଙ୍ଗିଦେବି ବୋଲି । କିନ୍ତୁ କି ବିକଳ ଆଖିରେ ଜୁଳୁଜୁଳୁ କରି ଚାହିଁଲା ମତେ ! ଟିଁ ଟିଁ କରି କାନ୍ଦିଲାଗିଲା । ସତେ ଯେମିତି ଆକୁତି କରି କହିଲା - ମା ! ମତେ ଫିଙ୍ଗିଦିଅନା । ମତେ ଯେ ଈଶ୍ୱର ତମପାଖକୁ ପଠେଇଛନ୍ତି । ମତେ ମାରନା, ମତେ ବଞ୍ଚାଅ । ମନଟା କେମିତି ହେଇଗଲା ମା । ଆଉ ଫିଙ୍ଗି ପାରିଲିନି ।

ଶାନ୍ତିର ଏତାଦୃଶ ପରିବର୍ତ୍ତନ ତଥା ଟିକି ଚଢେଇଛୁଆଟି ପ୍ରତି ତା ସ୍ୱରରେ ଗୁଞ୍ଜରି ଉଠୁଥିବା ସ୍ନେହର ବ୍ୟଞ୍ଜନା ବେଶ୍ ଅବାକ୍ କଲା ମତେ ।

ମହେଶ୍ୱର କହୁଥିଲା ୟା ନାଁ କୁଆଡେ ଗୋବରା ଚଢେଇ ।

ସେଇ ଯେଉଁ କୁନି କୁନି ମାଟିଆ ଚଢେଇ ବେଳେ ବେଳେ ଆସି ଆମ ଲନ୍‌ରେ ବସନ୍ତି ଇଏ ସେଇତ ! ଆମେ କିନ୍ତୁ ପିଲାଦିନେ ୟାକୁ ଚଟି ଚଢ଼େଇ କହୁଥିଲୁ ।

- ହଁ ମା' । ଇଏ ସେଇ ଚଢେଇ । ତମେ ୟାକୁ ପିଲାବେଳେ ଚଟି ଚଢେଇ କହୁଥିଲ ତ ! ଆଜିଠୁ ତାହେଲେ ୟା ନାଁ ରହିଲା ଚଟି । ପକ୍ଷୀଟିର ନାମକରଣ କରି ଏକ ମୁଗ୍ଧ ଉଲ୍ଲାସରେ ତାକୁ ମମତାମୟ ଆଖିରେ ଚାହିଁ ରହିଲା ଶାନ୍ତି ।

ଶାନ୍ତିର ପରିଚର୍ଯ୍ୟା ପାଇ ଦିନ କେଇଟାରେ ଚଟି ବେଶ୍ ସୁସ୍ଥସବଳ ହେଇ ଉଠିଲା । ମଥାରେ ନାଲି ଟୁକ୍‌ଟୁକ୍ ପାଟକନା ପରି ଚୂଳ । ଥଣ୍ଟଟି ବି ସେଇ ରଂଗ । ଦେହର ବର୍ଣ୍ଣ ମାଟିମିଶା ଗୋମୟ ସଦୃଶ । ଗୋଡ ଓ ତଳିପେଟର ବର୍ଣ୍ଣ ଫିକା । ହଳଦିଆ ମିଶା ଧଳା । ହାତମୁଠା ଆକାରର ଅତି କ୍ଷୁଦ୍ର ଜୀବଟିଏ । ଭାରି ଜୀବନ୍ତ, ଭାରି ସପ୍ରତିଭ ।

ଜୀବନରସରେ ଟଗ୍‌ମଗ୍ ହେଇ ଫୁଟୁଥିଲେ ସୁଦ୍ଧା ଚଟି ଡେଣା ମେଲାଇ ଉଡିଲାନି କେବେ ବି । ବେଳେ ବେଳେ ଖଣ୍ଡିଉଡା ଦେଇ ପାଏ ବାଟ ଯାଏ, ତା'ପରେ ବସିପଡେ ତଳେ, ଠୁକ୍ ଠୁକ୍ ଚାଲି ଘୂରିବୁଲୁଥାଏ ଶାନ୍ତିର ଘରସାରା ।

ଦିନେ ପଚାରିଲି - ଶାନ୍ତି, ଇଏତ ବଡ ହେଇଗଲାଣି । ଉଡୁନି କାହିଁକି ?

ଶାନ୍ତି ହସି ହସି କହିଲା - ଉଡିବାକୁ ଚେଷ୍ଟା କଲେ ସିନା ଉଡିବ ମା ! ଡେଣାରେ ଜୋର ଆସିବ । ତା'ର ତ କେବଳ ଗୋଟିଏ କାମ । ଦିନସାରା ଠୁକ୍ ଠୁକ୍ ଚାଲି ମୋ ପଛରେ ଗୋଡେଇବା । ନଉଡି ନଉଡି ଉଡାଣ ଭୁଲିଗଲାଣି ସିଏ । ମୁହୂର୍ତ୍ତଟିଏ ବି ମତେ ଛାଡିକି ରହିବାକୁ ନାରାଜ । ଆକାଶରେ ଉଡିଲେ ମୁଁ ଯେ ନଥିବି ପାଖରେ ।





ଶାନ୍ତି କଥାରେ ମୁଁ ବି ହସିପକାଇଲି । କହିଲି - ବାପା ମା' ଏତେକଷ୍ଟ କରି ଲାଳନ ପାଳନ କରୁଥିଲେ ସୁଦ୍ଧା ପିଲେ ବଡ ହେଇ ତାଙ୍କୁ ଅବହେଳା କରୁଛନ୍ତି । ଅଥଚ ଏତିକି ବକଟେ ଚଢେଇଛୁଆ ଇଏ ! ତୁ ପାଳିଚୁ ବୋଲି କିଭଳି ତୋର ଅନୁଗତ ହେଇ ପଡିଛି ଦେଖ୍ ।

'ମୋ କଥା ଶୁଣି ତା' ପାଦପାଖେ ଠିଆହେଇ କିଚିର୍ ମିଚିର୍ କରୁଥିବା ଚଟିକୁ ନରମ ହାତରେ ଛାତି ପାଖକୁ ଆଣି ଆଉଁଷିଦେବାକୁ ଲାଗିଲା ଶାନ୍ତି ।

ମତେ ଚାହିଁ ପୁନର୍ବାର ଶାନ୍ତି କହିଲା - କେତେ କଷ୍ଟରେ ଯେ ତାକୁ ବଞ୍ଚେଇଛି ତମେ ବିଶ୍ୱାସ କରିବନି ମା । ଜଗି ଜଗି ନୟାନ୍ତ । ଚାରିପଟେ ଅଜସ୍ର ଜନ୍ତୁ । ସେ ପାଚିରୀ ପାଖରେ ନେଉଳଟିଏ ବସାବାନ୍ଧିଛି । ପଡିଶାଘର ବିଲେଇଟି କେତେଥର ଆସି ତାକୁ କଟ୍‌ମଟ୍ କରି ଚାହିଁକି ଗଲାଣି । ମାଟିରେ ଚାଲିଚାଲି ବୁଲୁଛି । କେତେବେଳେ କିଏ ଆସି ମାଡିବସିବ । ଉଡି ଜାଣିଥିଲେ ସିନା ଯାଇ ଗଛଡାଳରେ ଆଶ୍ରୟ ନିଅନ୍ତା । କଅଁଳା ଛୁଆ ମା'କୁ ଖୋଜିଲା ପରି ଚବିଶଘଣ୍ଟା ମତେ ଇ ଲାଗିଥିବ ଦଣ୍ଡେ ନଦେଖିଲେ ବାଉଳା । ତମ ଘରକୁ କାମ କରିବାକୁ ଗଲାବେଳେ ତାକୁ ଘର ଭିତରେ ପୂରାଇ ବାହାରୁ ଚାବି ପକେଇ ଦେଇ ଯାଏ । ସିଏ କିନ୍ତୁ ଠିକ୍ ବୁଝିପାରେ ମୁଁ ତାକୁ ଛାଡିକି ଯାଉଚି ବୋଲି । ଟିଁ ଟିଁ ଶବ୍ଦ କରି ସେ କି କାନ୍ଦ ।

ଗୋଲ୍‌ଗାଲ୍ ପ୍ରାଣବନ୍ତ ଚଢେଇଟିକୁ ଚାହିଁ ପଚାରିଲି - କଅଣ ଖାଇବାକୁ ଦେଉଚୁ ତାକୁ ? କି ସୁନ୍ଦର ଫୁଲ୍‌କା ତୁଳା କଣ୍ଢେଇ ପରି ହେଇଛି ।

ଶାନ୍ତି କହିଲା - ତା' ଖାଇବା କଥା କହନା ମା । ଏଭଳି ଜିନିଷ ନାହିଁ ଯାହା ସିଏ ନ ଖାଉଛି । ଯେତେବେଳେ ଯାହା ମୁଁ ଖାଇବି ସେଥିରେ ତା'ର ଭାଗ ବସେଇବ । ଭାତ, ଡାଲି, ତରକାରୀଠୁ ଆରମ୍ଭ କରି ରୁଟି ପରଟା ପର୍ଯ୍ୟନ୍ତ ।

ବାଃ ! ଭାରି ମଜେଦାର ଛୁଆଟିଏ ହେଇଚି ତାହେଲେ ତୋ'ର । ତା' ବଣୁଆପଣ ହଟେଇ ପୂରାପୂରି ପୋଷ ମନେଇ ସାରିଲୁଣି ତାକୁ । କଅଣ ତାକୁ କିମିଆ କରିଚୁ କେଜାଣି ?

ଶାନ୍ତି କହିଲା - ସିଏ ମତେ ଯେତେ ଭଲପାଏ, କେଉଁ ମଣିଷପିଲା ତା ମା'କୁ ଏତିକି ଭଲ ପାଉନଥିବ ।

ଚଟି ଚଢ଼େଇଟି ଯେ ଅତ୍ୟନ୍ତ ନିବିଡଭାବରେ ଶାନ୍ତି ସହିତ ସ୍ନେହଡୋରରେ ବନ୍ଧା, ତା'ର ପ୍ରମାଣ ପାଇଥିଲି କେଇ ଦିନପରେ । ସକାଳେ ବାରିକୁ ଠାକୁର ପୂଜା ପାଇଁ ଫୁଲ

ତୋଳିବାକୁ ଗଲାବେଳେ ଦେଖିଲି ଶାନ୍ତି ତା' ଘରେ ବସି ପରିବା କାଟୁଛି ଓ ପରିବା ଝୁଡ଼ିର ଧାରରେ ବସି ଚଟି କିଚିର୍ ମିଚିର୍ ହେଇ କଥା କହି ଲାଗି ତା' ସହିତ । ଶାନ୍ତି ପରିବା କାଟିସାରି ଧୋଇବା ପାଇଁ କଳମୂଳକୁ ଗଲାବେଳକୁ ମଧ୍ୟ କୁନି କୁନି ପାହୁଣ୍ଡ ପକାଇ ଚଟି ଗଲା ତା' ସହିତ । କଳମୂଳେ ତଳେ ଜମା ହେଇଥିବା ପାଣି କିଛି ପିଇ ଅପେକ୍ଷା କରି ରହିଲା ଶାନ୍ତିର କାମ ସରିବା ଯାଏ । ହଲିଦୋହଲି ଲେଉଟି ଆସିଲା ତା' ସହିତ ।

ଶାନ୍ତି କହିଲା – ଦେଖୁଚ ତ ମା' ।

ମୁଁ କହିଲି – ତାକୁ ବୋଧେ ଶୋଷ ଲାଗୁଚି । ଦେଖିଲୁନି, କେମିତି ଥଣ୍ଡ ବୁଡ଼ାଇ ପାଣି ପିଇଲା ସେଠି ।

ଶାନ୍ତି ହସି ହସି କହିଲା – ଏଇ ଶୋଷ କଥାରୁ ମନେ ପଡ଼ିଲା ମା । ତମକୁ କହିନି ସେକଥା ଏଯାଏ । ଚଟି ସବୁବେଳେ ତଳେ ଜମା ହେଇଥିବା ପାଣି ପିଇଲା ବୋଲି ଦିନେ ତାକୁ ନେଇ ପାଣି କୁଣ୍ଡର ଇଟାଧାରରେ ବସେଇଦେଲି । ଥଣ୍ଡବୁଡେଇ ସଫା ପାଣି ପିଇବ ବୋଲି । ପାଣି କଅଣ ପିଇବ ? ଡରିକି ପୂରାପୂରି ଛାନିଆ । ତା' କୁନିକୁନି ଆଖିରେ ବିରାଟକାୟ ପାଣିକୁଣ୍ଡଟି ବୋଧହୁଏ ସମୁଦ୍ର ପରି ମନେହେଲା ତାକୁ । ଏଭଳି ଚିତ୍କାର କଲା ଯେ ସାଙ୍ଗେ ସାଙ୍ଗେ ଉଠାଇ କୋଳକୁ ନେଇଆସିଲି ।

କହତ ମା ! ଏତିକି ଟିକିଏ ଜୀବ । ମଗଜଟି ବା କେତିକିଟିଏ ହେଇଥିବ ? ସେଇଥିରେ ଏତିକି ବୁଦ୍ଧି ତା'ର ।

ଚଟିର ବୁଦ୍ଧିମତ୍ତା ସଂପର୍କରେ ବିଭିନ୍ନ ଘଟଣାବଳୀ ମୋ ସାମ୍ନାରେ ବର୍ଣ୍ଣନା କରିବାଟା ଶାନ୍ତିର ଏକ ଅଭ୍ୟାସରେ ପଡ଼ିଯାଇଥିଲା । ଯା' ଭିତରେ, ଯେତେବେଳେ ବି ଘରକୁ ଆସୁଥିଲା, ଚଟିର ସଜାଗ ମସ୍ତିଷ୍କ ତଥା ବିଚକ୍ଷଣ ଧୀଶକ୍ତିର ଏକ ଧାରା ବିବରଣୀ ତା'ଠାରୁ ପାଉଥିଲି । କିପରି ସିଏ ଆଜି କାମକୁ ଆସିଲାବେଳକୁ ତା କୁଞ୍ଚକାନିକୁ ଥଣ୍ଡରେ ଦାବିଧରି ତାକୁ ଚଟି ଆସିବାକୁ ଦେଉନଥିଲା, କିପରି ଚଟି ପୁରୀଷ ତ୍ୟାଗ ସମୟରେ ଦୌଡ଼ି ଦୌଡ଼ି ଘରୁ ପଦାକୁ ପଳାଇ ଆସେ, କିପରି ଶାନ୍ତି ସହିତ ଏକା ଥାଳିରୁ ଭାତ ଖାଇବା ପାଇଁ ସିଏ ଆଜିକାଲି ଜିଦ୍ ଧରୁଛି ଇତ୍ୟାଦି । କଥା ଗୁଡ଼ିକ ଶାନ୍ତି ଏଭଳି ଭାବରେ କହୁଥିଲା ସତେ ଅବା ଚଟି ବିହଙ୍ଗମ ନୁହେଁ, ଏକ ମାନବ ସନ୍ତାନ ।

ଲକ୍ଷ୍ୟ କରୁଥିଲି, ଚଟିକଥା କହିଲାବେଳେ ଶାନ୍ତିର ଚେହେରା ଛାଇଯାଇଥିଲା ଏକ ଅଦ୍ଭୁତ ପ୍ରସନ୍ନତାରେ । ବୁଝିପାରିଲି, ଶାନ୍ତି ହୃଦୟରେ ଏଯାବତ୍ ନିଷ୍କ୍ରିୟ ହେଇ ପଡ଼ି





ରହିଥିବା ମାତୃତ୍ୱର ତୃଷ୍ଣାକୁ ତା'ର ସେଇ ବିଶ୍ୱସ୍ତ ଓ ଅନୁରାଗୀ ପକ୍ଷୀଶାବକଟି ସ୍ୱ ଆନୁଗତ୍ୟ ତଥା ଆନ୍ତରିକତାର କୁହୁକରେ ଜାଗରୂକ କରିଦେଇଛି ଶେଷପର୍ଯ୍ୟନ୍ତ । ପାଷାଣ ଚାପା ପଡ଼ି ରହିଥିବା କୁଳୁକୁଳୁ ସ୍ରୋତସ୍ୱିନୀର ଧାରା ପଥର ଚଟାଣ ଫଟାଇ ତୀବ୍ର ବେଗରେ ବାହାରକୁ ନିର୍ଗତ ହେଇଛି ଏବେ ଏବଂ ସେ ଧାରା ଦିଗ୍‌ବିଦିଗ ଶୂନ୍ୟ ହେଇ ପାଗଳ ପରି ଛୁଟିଚାଲିଛି ଏକ ମଧୁମୟ ଛନ୍ଦରେ ।

ପ୍ରମାଣ ଦୁଇ ତିନିଦିନ ପରେ ଆହୁରି ସ୍ପଷ୍ଟ ହୋଇ ଉଠିଲା ମୋ ପାଖରେ । ସେଦିନ କାମ କରିବାକୁ ଆସିଲାବେଳେ ଲକ୍ଷ୍ୟ କଲି ଶାନ୍ତିର ଆଖି ଦୁଇଟି ଲାଲ୍ । ସାରା ମୁହଁରେ ଅନିଦ୍ରାର ଛାପ । ଶରୀର ମଧ୍ୟ ଅବସନ୍ନ ।

କଅଣ ଦେହ ଖରାପ ହେଲା କି ? ପଚାରିଲି ।

ନାଇଁ ମା, ଦେହ କାହିଁକି ଖଅଣ ହେବ ? ଚଟି ଯୋଗୁ ସାରା ରାତି ଶୋଇପାରିନି । ଭାରି ଚଗଲା ହେଇଗଲାଣି ସିଏ ଆଜିକାଲି ।

-କାହିଁକି ? କଅଣ କଲା ଚଟି ? ମୁଁ ପଚାରିଲି ।

ବୁଝିଲ ମା ! ମୁଁ ରାତିରେ ନିଘୋଡ ନିଦରେ ଶୋଇଛି, ହଠାତ୍ କୋଳ ପାଖରେ ନରମ ତୂଳା ପିଣ୍ଡୁଳା ପରି କଅଣ ଗୋଟେ ହାତକୁ ଲାଗିଲା । ଦେଖିଲାବେଳକୁ ଚଟି । ରାତିରେ କେତେବେଳେ ଖଟରେ ଚଢ଼ି ଆସି ଶୋଇଛି ମୋ କୋଳରେ ।

ମୁଁ ଜାଣିଥିଲି ଗୋଟିଏ ବେତ ଟୋକେଇରେ ଗହ୍ଣାଟିଏ ପକାଇ ତା ଖଟତଳେ ଶାନ୍ତି ଶୁଆଏ ଚଟିକୁ ।

ପଚାରିଲି – ଖଟ ତ ବେଶ୍ ଉଚ୍ଚ । ସିଏ ତା ଉପରକୁ ଚଢ଼ିଲା କେମିତି ?

– ଡେଇଁ ଡେଇଁକି ମା । ଖଟପାଖରେ ଥାକ ମରା ହେଇ ଆମର ଦୁଇ ତିନୋଟି ଟ୍ରଙ୍କ, ସୁଟ୍‌କେଶ୍ ଅଛି । ଚଟି ଆଗ ତା' ଉପରକୁ ଉଠିଯାଇଛି । ଆଉ ସେଠୁ ଡେଇଁକି ଖଟକୁ । ମୁଁ ଆଉ ରାତିସାରା ଶୋଇବି କଅଣ ? କାଳେ ନିଦବାଉଳାରେ ମୋ ହାତ କି ଗୋଡ ପଡ଼ି ସିଏ ଚିପି ହେଇଯିବ ବୋଲି ଡରରେ ଆଖିରେ ପଲକ ପକାଇପାରିନି । ଲୋକେ କହନ୍ତି ମଣିଷ ସବୁଠାରୁ ବୁଦ୍ଧିଆ । ହେଲେ ମୁଁ ଭାବୁଛି ଚଟି ବୁଦ୍ଧି ସାମନାରେ ମଣିଷ ବି ହାର୍ ମାନିବ । ଆଖି ଡୋଳା ବିସ୍ଫାରିତ କରି ଶାନ୍ତି ବୁଝେଇଦେଲା ମତେ । ହାତମୁଠା ଆକାରରୁ ସାନ ନିରୀହ ବିହଙ୍ଗମଟିର ଏତାଦୃଶ ବୋଧଶକ୍ତିର ନମୁନା ପାଇ ମୁଁ ମଧ୍ୟ ଯଥେଷ୍ଟ ପରିମାଣରେ ବିସ୍ମିତ ହେଲି ।

ଅଟା ଚକଟୁ ଚକଟୁ ପୁନର୍ବାର ଶାନ୍ତି କହିଲା – ଆଉ କଅଣ ସିଏ ଟୋକେଇରେ ଶୋଇବ ? ମା' କୋଳରେ ଉଷୁମ୍ ମିଳିଗଲାଣି ତାକୁ । ନିଇତି ପଳେଇଆସିବ ଏଣିକି ମୋ' ପାଖକୁ । ତା' ଯୋଗୁ ମୋ ରାତି ଶୋଇବା ବି ଗଲା ।

ମୁଁ କହିଲି – ଉପରକୁ ଆସିଲେ ପୁଣି ନେଇ ତଳେ ଥୋଇ ଦେବୁ ତାକୁ । ଜିଭ କାମୁଡ଼ି ଶାନ୍ତି କହିଲା – କି କଥା କହୁଚ ମା ? ଛୁଆଟା ଆସିକି ଆଶ୍ରା ଖୋଜୁଛି ମୋ ପାଖରେ । ରାଗିକି ଦୂରେଇଦେବି ତାକୁ ? ପୃଥିବୀରେ କେଉଁ ମାଆଟା ଭଲା ଏ କାମ କଲାଣି ?

ଅବାକ୍ ହେଇ ଚାହିଁଲି ଶାନ୍ତିକୁ ।

ଏକଦା କଠୋର ହୃଦୟା ବୋଲି ବଦ୍‌ନାମ ଅର୍ଜନ କରିଥିବା ଶାନ୍ତି ଏକ ସାମାନ୍ୟ ଚଢ଼େଇ ଛୁଆଟିଏ ପାଇଁ ସର୍ବପ୍ରକାର କଷ୍ଟ ସହିବାକୁ ତିଆର୍ । କି ବିଡମ୍ବନା ସତରେ ଈଶ୍ୱରଙ୍କର ।

ଚଟି ପାଇଁ ଶାନ୍ତି ଯେ କେତେପରିମାଣରେ ସ୍ୱାର୍ଥ ତ୍ୟାଗ କରିପାରେ, ତା'ର ଅନ୍ୟ ଏକ ନିଦର୍ଶନ ମଧ ପାଇଲି ଅତିଶୀଘ୍ର ।

ଦିନେ ଶାନ୍ତି କାମ କରିବାକୁ ଆସିଲାବେଳେ ଦେଖିଲି ତା' ଶାଢ଼ିର ପଣତ ପାଖରେ ଅନେକାଂଶରେ ଚିରା । ମୂଷା କାଟିଲା ଭଳିଆ ।

ପଚାରିଲି – ଶାନ୍ତି, ତୋ ଲୁଗା ମୂଷା କାଟିଲା କେମିତି ? ଏ ଶାଢ଼ିଟା ତ ବେଶ୍ ନୂଆ । ଏବେ କିଣିଥିଲୁ । ଶାନ୍ତି କହିଲା ଘରେ ବହୁତ ମୂଷା ହେଲେଣି ଏବେ । ରୋଷେଇ ଘର ପାଣିଯିବା ନଳା ଦେଇ ପଶି ଆସୁଛନ୍ତି । ବହୁତ ଲୁଗାପଟା କାଟିଲେଣି । ଆଳୁ ପିଆଜ ଆଦି ବୋହି ନେଇଯାଉଛନ୍ତି । ଭାଗ୍ୟକୁ ଚଟି ମୋ' ଖଟରେ ଶୋଉଛି । ନହେଲେ ତାକୁ ବି କାମୁଡ଼ି ଦିଅନ୍ତେ ।

ମୋ' ପାଖେ ମୂଷାମରା ଔଷଧ ଅଛି । ରୁଟି କି ପାଉଁରୁଟିର ଟୁକୁଡ଼ାରେ ଗୋଳେଇକି ରଖିଦେବୁ । ଖାଇବା ସାଙ୍ଗେ ସାଙ୍ଗେ ମୂଷା ମରିଯିବ ।

ଶାନ୍ତି ଉତ୍ତର ଦେଲା ନାଇଁ ମା, ଚଟି ଘରଯାକ ବୁଲି ଖାଇବା ଜିନିଷ ଖୁଣ୍ଟୁଛି । କାଳେ କେଉଁଠି ପଡ଼ିଥିବା ଟୁକୁଡ଼ାଟେ ତା' ପେଟକୁ ଚାଲିଯିବ । ମୁଁ ସେ ଔଷଧ ଦେବିନି । କାଟିଲେ କାଟୁ ପଛେ ମୂଷା ମୋ ଲୁଗା ।





ଶାନ୍ତିର ଜବାବ ମତେ ନିରୁତ୍ତର କଲା । ବୁଝିପାରିଲି ଯେ ଶାନ୍ତି ଅପତ୍ୟ ସ୍ନେହରେ ଏବେ ଅନ୍ଧପ୍ରାୟ । ତା'ର ଜୀବନଚର୍ଯ୍ୟା ଏବେ ବୃତ୍ତାକାରରେ ଘୂରିଲାଗିଛି ଚଢ଼େଇଛୁଆଟିକୁ କେନ୍ଦ୍ର କରି । ସଂସାରର ବାକି ସବୁ କିଛି ତା' ପାଇଁ ହୋଇପଡ଼ିଛି ମୂଲ୍ୟହୀନ ।

ପୋଷ୍ୟ ବିହଙ୍ଗମଟିର କଳରବର ନିନାଦରେ ଯେତେବେଳେ ଶାନ୍ତି ମସ୍‌ଗୁଲ୍ ହେଇ ଏଇଭଳି ଭାବରେ ସାରା ସଂସାର ଭୁଲିବାକୁ ବସିଛି, ଠିକ୍ ସେତିକିବେଳେ ଘଟିଲା ଅଘଟଣଟି, ଅଚାନକ୍ ।

ସେଦିନ ସକାଳୁ ଉଠି ଚା' ପିଉଛି, ହଠାତ୍ ଶାନ୍ତିଘର ଭିତର ତା'ର ତୀବ୍ର କ୍ରନ୍ଦନର ସ୍ୱର ଶୁଣିବାକୁ ପାଇଲି । ଯାଇ ଦେଖେ ଶାନ୍ତିର କୋଳରେ ପଡ଼ିରହିଛି ନିର୍ଜୀବ ବିହଙ୍ଗ ଶାବକଟି ଏବଂ କୋମଳ ହାତରେ ତାକୁ ଆଉଁଷି ଦେଉ ଦେଉ ଆଖିରୁ ଅବିରତ ଲୁହ ଢାଳିଲାଗିଛି ଶାନ୍ତି । କ୍ରନ୍ଦସୀ ମୁହଁଟି ତା'ର ଦିଶୁଛି ଭାରି କରୁଣ, ଭାରି ବ୍ୟଥାତୁର ତା' ରୋଦନର ସ୍ୱର ଲହରୀରେ ସତେ ଅବା ଶୁଣିବାକୁ ପାଇଲି ଏକ ମୃତବତ୍ସା ଜନନୀ ହୃଦୟର ହାହାକାର ।

ପଚାରି ବୁଝିଲି – ଏବେ ଶାନ୍ତି ଘର ଭିତରେ ତା' ଲୁଗାପଟା ଚରତି ରଖିବା ସମୟରେ ଚଟି ଖେଳି ଖେଳି ଘର ସାମନା ପିଣ୍ଡାକୁ ଚାଲିଯାଇଥିଲା । ବାରିରେ ବୁଲୁଥିବା ପଡ଼ିଶା ଘରର ବିଲେଇଟି ତାକୁ ଆକ୍ରମଣ କରିଥିଲା ସେତିକିବେଳେ । ଚଟିର ଗୋଡଟିକୁ କାମୁଡ଼ି ତାକୁ ଭିଡ଼ି ଭିଡ଼ି ନେଇଯାଇଥିଲା ସାଥିରେ । ଚଟିର ଚିଁ ଚିଁ ଆବାଜ୍ ଶୁଣି ଶାନ୍ତି ଛୁଟିଯାଇ ବିଲେଇଟିକୁ ଘଉଡେଇ ଦେଇଥିଲା ଅବଶ୍ୟ । କିନ୍ତୁ ଦଂଶନର ତୀବ୍ରତା ତଥା ଅଚାନକ ପାଇଥିବା ମାନସିକ ଧକ୍‌କା ହେତୁ ଚଢ଼େଇଟି ଅଚିରେ ହୋଇଯାଇଥିଲା ନିଷ୍ପ୍ରାଣ । ବନ୍ଦ ହୋଇଯାଇଥିଲା ତା' କୁନିଛାତିଟିର ଦୁକ୍‌ଦୁକ୍ । ମୃତ ଶାବକଟିକୁ କୋଳରେ ଧରି ଓ ଚଟାଣରେ ଲୋଟି ଶାନ୍ତି ଗୁମୁରି ଗୁମୁରି କାନ୍ଦୁଥିଲା – କେଇଟା ଦିନରେ କି ଭଳି ମାୟା ଲଗେଇ ଦେଇଗଲା ସିଏ । ତା' ବିନା ମୋ ଦିନ କେମିତି କଟିବ ମାଆ ?

ମୁଁ ଚୁପ୍‌ଚାପ୍ ଲେଉଟି ଆସିଲ ଘରକୁ । ଶାନ୍ତିକୁ କୌଣସି ପ୍ରକାରେ ସାନ୍ତ୍ୱନାବାଣୀ ନ ଶୁଣାଇ । କାରଣ ଶାନ୍ତିର ଶୋକ ସାମ୍‌ନାରେ, ସର୍ବପ୍ରକାର ଆଶ୍ୱାସନା ଥିଲା ନିରର୍ଥକ ଓ ମୂଲ୍ୟହୀନ । ବୁଝିପାରିଲି – ଏ ଶୋକର ପାରାବାରରୁ ମୁକ୍ତ ହେବା ପାଇଁ, ଅନେକ ଦିନ ଲାଗିଯିବ ଶାନ୍ତିକୁ ।

ସେଦିନ ଆମ ଘରକୁ କାମ କରିବା ପାଇଁ ଆସିଲାନି ଶାନ୍ତି । ସାରାଦିନ ଶବ୍ଦହୀନ ଭାବରେ ବସି ରହିଲା ତା ବଖରାଟିରେ । ବାରିପଟଟା ହେଇଗଲା ନୀରବ ଓ ନିସ୍ତବ୍ଧ ।

କୁନି କୁନି ପାହୁଣ୍ଡ ପକାଇ ଓ କିଚିର୍ ମିଚିର୍ ଶବ୍ଦ କରି କୁନି ଚଢେଇଟି ଆଉ ଘୁରି ବୁଲୁନଥିଲା ସେଠି ।

ଅପରାହ୍ନରେ ଦିବାନିଦ୍ରାରୁ ଉଠି ଚା' ପିଉଛି, କଲିଂ ବେଲ୍ ବାଜିଲା । ଦରଜା ଖୋଲି ଦେଖେ ଶାନ୍ତି । କ୍ରମାଗତ କ୍ରନ୍ଦନ ଫଳରେ ଆଖି ଦୁଇଟି ଲାଲ୍ । ଶରୀର ଅବସନ୍ନ । ଦେଖିଲେ ମନେ ହେଉଛି ସାରାଦିନ ଅଭୁକ୍ତ ।

ମୁଁ କହିଲି – ଆଜି ତୋ'ର କାମ କରିବା ଦରକାର ନାହିଁ । ଯା', ଖାଇପିଇ ଟିକିଏ ଆରାମ୍ କର । କାଲି ବରଂ ରୋଷେଇ ସମୟରେ ଆସି ଟିକିଏ ସାହାଯ୍ୟ କରିଦେବୁ ମତେ ।

ଶାନ୍ତି ଧୀରସ୍ୱରରେ କହିଲା – ମୁଁ କାମପାଇଁ ଆସିନେଇ ମା ।

– ତାହେଲେ ?

– ମୁଁ ଆସିଛି ତମପାଖରେ କ୍ଷମା ମାଗିବାକୁ । ମୁଁ କରିଥିବା ଭୁଲ୍ କାମଟି ପାଇଁ ।

– ଭୁଲ୍‌କାମ ? କି ଭୁଲ୍‌କାମ ? ଅଧୋବଦନା ଶାନ୍ତିକୁ ଚାହିଁ ମୁଁ ପଚାରିଲି ।

ଶାନ୍ତି କିଛି ସମୟ ନୀରବ ରହିଲା । ତା'ପରେ କହିଲା – କିଟୁ ଓ ତା ସାଙ୍ଗପିଲାମାନେ ବାରିରେ କ୍ରିକେଟ୍ ଖେଳୁଥିଲେ ବୋଲି ତା' ବ୍ୟାଟ୍‌ଟି ତା'ଠୁ ଛଡେଇ ଆଣି ଜାଳି ଦେଇଥିଲି । ମୁଁ ଜାଣେ, ତମେ ସେଇଦିନଠୁ ମନେ ମନେ ରାଗିକି ରହିଚ ମୋ' ଉପରେ । ପିଲେ ଭୟରେ ସେଇଦିନଠୁ ସେମାନେ ହଇରାଣ ହେଇ ଗଳିରେ ଖେଳୁଛନ୍ତି ପଛେ ଆମ ବାରିକି ଆଉ ଆସୁନାହାନ୍ତି । ମୁଁ ହାତଯୋଡି କ୍ଷମା ମାଗୁଛି ମା' । ତମେ ଟିକିଏ ପିଲାମାନଙ୍କୁ ଡାକିଦିଅ । ବାରିରେ ଆମର ଏତେ ଖୋଲାଜାଗା । ଏଇଠି ଖେଳନ୍ତୁ ସେମାନେ । ମୁଁ ଆଉ କେବେ କିଛି କହିବିନି ସେମାନଙ୍କୁ ।

କଥାର ଶେଷଆଡକୁ ଶାନ୍ତିର ବାକ୍‌ରୁଦ୍ଧ ହେଲା । ଆଖିରୁ ନିଗିଡି ଆସିଲା ଟୋପା ଟୋପା ଅଶ୍ରୁକଣା । ଏବଂ ସେ ଲବଣାକ୍ତ ଲୁହଟୋପା ଭିତରେ ମୁଁ ଦେଖିବାକୁ ପାଇଲି ଏକ ମମତାଭିଜା ଜନନୀ ହୃଦୟରୁ ଉପୁଚି ପଡୁଥିବା ବାତ୍ସଲ୍ୟର ସୁଧାବିନ୍ଦୁକୁ ।

ମୁଁ କହିଲି – ପିଲାଙ୍କର ଏଇଟା ଖେଳିବା ବେଳ । ବାହାର ଗଳିରେ ଏବେ ଖେଳୁଥିବେ ନିଶ୍ଚୟ । ତୁ ନିଜେ ଯାଇ ଡାକିଆଣ ସେମାନଙ୍କୁ ।

□□□





# ମଣିଷ

ଶରଦିନ୍ଦୁ ଯେ ପୁତ୍ରଗର୍ବରେ ଗର୍ବିତ ଏକ ପରିତୃପ୍ତ ପିତା, ତାହା ମୁଁ ତାଙ୍କୁ ଭେଟିବାର ପ୍ରଥମ ଦିନରୁ ହିଁ ବୁଝିପାରିଥିଲି । ତାଙ୍କର ବାର୍ତ୍ତାଳାପ, ମୁଖ୍ୟତଃ ଗୋଟିଏ ପ୍ରସଙ୍ଗ ଉପରେ ଆଧାରିତ ଥିଲା– ପୁତ୍ରମାନଙ୍କର ସାଫଲ୍ୟ ଓ ସମୃଦ୍ଧି । କଥାଗୁଡ଼ିକ କହୁଥିଲେ ବେଶ୍ ଉତ୍‌ଫୁଲ୍ଲତାର ସହିତ ଏବଂ ସେ କଥନଭଙ୍ଗୀରୁ ଛପି ଛପି କିଛି ଅହମିକା ମଧ୍ୟ ଉଙ୍କିମାରୁଥିଲା କେବେ କେମିତି । ଅନ୍ୟଥା, ଥିଲେ ସ୍ନେହୀ ଓ ବନ୍ଧୁବତ୍ସଳ ମଣିଷଟିଏ ।

ଦିଲ୍ଲୀରୁ ଭୁବନେଶ୍ୱର ଫେରିବାପରେ ଏଠାରେ ମୋର ପ୍ରଥମ ଆଳାପ ଓ ପରିଚୟ ଘଟିଥିବା ମଣିଷଜଣକ ହେଉଛନ୍ତି ଶରଦିନ୍ଦୁ ।

ପହଞ୍ଚିବା ପରଦିନ, ଘରବାହାରେ, ଫାଟକ ପାଖରେ ଠିଆ ହେଇଛି, ଦେଖିଲି ଜଣେ ବୟୋବୃଦ୍ଧ ବ୍ୟକ୍ତି ଫାଟକ ଖୋଲି ହତା ଭିତରେ ପ୍ରବେଶ କଲେ । ଶୀର୍ଣ୍ଣ, ଗୌରବର୍ଣ୍ଣ ଚେହେରା । ମଥାର କେଶତକ କାଶଶୁଭ୍ର । ନମସ୍କାର କରି କହିଲେ – ମୁଁ ଶରଦିନ୍ଦୁ ପଟ୍ଟନାୟକ । ଘର ମୋର ଏଇ ପାଖରେ, ଗୌତମ ନଗରରେ । ଡ଼ାଇବେଟିସ୍ ରୋଗୀ ତ ! ପ୍ରତିଦିନ ପ୍ରାତଃଭ୍ରମଣ ପାଇଁ ଆପଣଙ୍କ ଏଇ ଘର ସାମ୍ନା ରାସ୍ତା ଦେଇ ମନ୍ଦିର ପର୍ଯ୍ୟନ୍ତ ଯାଏ ।

ତାଙ୍କର ସଙ୍ଗତିବିହୀନ ବାକ୍ୟ ତକ ମୋ ମୁହଁରେ ବିସ୍ମୟର କେତୋଟି ସୂକ୍ଷ୍ମ ରେଖା ଆଙ୍କିଲା ନିଶ୍ଚୟ । କାରଣ ତା' ପରେ ପରେ ଭଦ୍ରଲୋକ କହିଲେ – ଆପଣଙ୍କ ଘର ଜଗି ରହିଥିବା ନନ୍ଦମିସ୍ତ୍ରୀ ଆମ ଗାଁ'ର ଲୋକ । ମଝିରେ ମଝିରେ ଆସେ ଆମ ଘରକୁ ।

ଆପଣମାନଙ୍କର ଖବରାଖବର ତାହାରିଠାରୁ ପାଏ । କାଲି ତା'ଠୁ ଶୁଣିଲି ଆପଣମାନେ ଆସି ପହଞ୍ଚିଯାଇଛନ୍ତି ବୋଲି । ଭାବିଲି ଯାଇ ପରିଚୟ କରିଆସେ । ମୁଁ ବହୁବର୍ଷ ଧରି ଭୁବନେଶ୍ୱରର ବାସିନ୍ଦା । ଆପଣଙ୍କ ପାଇଁ ତ ଏ ଜାଗା ନୂଆ । କିଛି ଦରକାର ହେଲେ କହିବେ ନିଶ୍ଚୟ ।

ଶରଦିନ୍ଦୁଙ୍କୁ ତାଙ୍କ ସୌଜନ୍ୟପାଇଁ ଧନ୍ୟବାଦ୍ ଦେଇ ଘର ଭିତରକୁ ଡ଼ାକି ଆଣିଲି । ବିନୟଙ୍କ ସହିତ ପରିଚୟ କରାଇଦେଲି ମଧ୍ୟ । ଭଦ୍ରବ୍ୟକ୍ତି ବିନା ଚିନିର ଚା' ପିଇ କିଛି ସମୟପରେ ଯିବାକୁ ଉଦ୍ୟତ ହେଲେ ଓ ତାଙ୍କୁ ବାଟେଇଦେବା ପାଇଁ ମୁଁ ଫାଟକ ପର୍ଯ୍ୟନ୍ତ ଆସିଲି ।

ଶରଦିନ୍ଦୁ ପଚାରିଲେ - ଆପଣଙ୍କର ସନ୍ତାନସନ୍ତତି କେତୋଟି ?

ମୁଁ କହିଲି - ମୋର ଏକମାତ୍ର ପୁତ୍ର ଆମେରିକାର ଏକ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ।

ଏକ ସୁମଧୁର ଏବଂ ଆପ୍ୟାୟିତ ହସରେ ମୁହଁକୁ ଝଲ୍‌ଝଲ୍ କରି ଶରଦିନ୍ଦୁ ମତେ ଜଣାଇଦେଲେ ଯେ ତାଙ୍କର ଦ୍ୱିତୀୟ ପୁତ୍ରଟି ମଧ୍ୟ ଆମେରିକାରେ ବସବାସ କରେ । ଅଧୁନା, ଏକ କଂପ୍ୟୁଟର କମ୍ପାନୀରେ ଉଚ୍ଚପଦବୀରେ ଅଧିଷ୍ଠିତ । ରହେ ଆନ୍ ଆର୍‌ବର୍‌ରେ ।

- ଭାରି ମେଧାବୀ ଛାତ୍ର ଆଜ୍ଞା । ଖଡ଼ଗପୁର ଆଇ.ଆଇ.ଟିରୁ ଇଲେକ୍‌ଟ୍ରୋନିକ୍‌ସରେ ଇଞ୍ଜିନିୟରିଂ କରିଛି । ଏଇ କେଇଟା ବର୍ଷରେ ଦୁଇଦୁଇଟା ପ୍ରମୋସନ ମଧ୍ୟ ପାଇ ସାରିଲାଣି । ଭାରି ଯୋଗ୍ୟ ସନ୍ତାନଟିଏ ମୋ'ର । ଡ଼ଲାର୍ କମାଇଛି ପ୍ରଚୁର । ଆଖିଡ଼ୋଳା ବିସ୍ତାରିତ କରି ପୁତ୍ରର ଅସାମାନ୍ୟ ଦକ୍ଷତା ସଂପର୍କରେ ମତେ ଅବଗତ କରାଇ ଦେଲେ ଶରଦିନ୍ଦୁ ।

ଶରଦିନ୍ଦୁଙ୍କର ସନ୍ତାନ ସଂପର୍କୀୟ ସ୍ୱାଭିମାନକୁ ଲକ୍ଷ୍ୟ କରି ତାଙ୍କୁ ଖୁସି କରିବା ଉଦ୍ଦେଶ୍ୟରେ କହିଲି - ଏଭଳି ପୁତ୍ରଟିଏ ଲାଭ କରିଛନ୍ତି, ଆପଣ ଭାଗ୍ୟବାନ ନିଶ୍ଚୟ ।

ଶରଦିନ୍ଦୁ କହିଲେ - ତା' ଅବଶ୍ୟ ଠିକ୍ । ଦୁଇଟିଯାକ ପୁତ୍ର ମୋ'ର କୁଳଉଜ୍ଜ୍ୱଳ କଲାପରି ସନ୍ତାନ । ମୋ'ର ଜ୍ୟେଷ୍ଠପୁତ୍ରଟି ମଧ୍ୟ ବିଦେଶରେ । ସ୍କଟ୍‌ଲାଣ୍ଡରେ ଡ଼ାକ୍ତର । ଅଲ୍‌ଇଣ୍ଡିଆ ଇନଷ୍ଟିଚ୍ୟୁଟ୍‌ରୁ ଅର୍ଥୋପେଡ଼ିକ୍‌ସରେ ପି.ଜି. କରିଛି । ଜୀବନରେ କେବେ ଦ୍ୱିତୀୟ ହେଇନି । ଈଶ୍ୱରଙ୍କର ଅପାର କରୁଣା - ଏଭଳି ସନ୍ତାନ ଦୁଇଟି ଆଶୀର୍ବାଦ ସ୍ୱରୂପ ମତେ ଦେଇଛନ୍ତି ।

ଶରଦିନ୍ଦୁ ସେଇ ଫାଟକ ପାଖରେ ଠିଆହୋଇ ଦୁଇପୁତ୍ରଙ୍କର ଧୀଶକ୍ତି ତଥା ଅସାମାନ୍ୟ ଦକ୍ଷତା ସଂପର୍କରେ ଏକ ଧାରା ବିବରଣୀ ମତେ ପ୍ରଦାନ କରିଲାଗିଲେ । ରନ୍ଧାବଢ଼ାର ଦ୍ୱାହି ଦେଇ ଶେଷପର୍ଯ୍ୟନ୍ତ ତ୍ରାହି ପାଇଥିଲି ତାଙ୍କଠାରୁ ।





କାଳକ୍ରମେ ଶରଦିନ୍ଦୁଙ୍କ ସହିତ ସଖ୍ୟ ନିବିଡ଼ ହେଲା । ହେଇଗଲେ ଆମ ପରିବାରର ଏକ ଅନ୍ତରଙ୍ଗ ସଦସ୍ୟ ସଦୃଶ । ମର୍ଣ୍ଣିଂ ୱାକ୍ ସାରି ଫେରିବା ବାଟରେ ପ୍ରାୟ ଚାଲି ଆସୁଥିଲେ ଆମ ଘରକୁ । ଚା' ଓ ଥିନ୍ ଆରାରୁଟ୍ ବିସ୍କୁଟ୍ ଖାଇ ଗପ କରୁଥିଲେ ଆମ ସହିତ । ଅବଶ୍ୟ ସେ ଗପର ମୁଖ୍ୟ ଆଧାର ଥିଲେ ପୁତ୍ରମାନେ । ସନ୍ତାନସାଫଲ୍ୟଜନିତ ତାଙ୍କର ଏଇ ସ୍ପର୍ଦ୍ଧାର ଆତିଶଯ୍ୟ ବେଳେବେଳେ କ୍ଲାନ୍ତିକର ମନେ ହେଉଥିଲା । କିନ୍ତୁ ବୃଦ୍ଧ ମଣିଷଟିର ଉତ୍‌ଫୁଲ୍ଲତା ପ୍ରତିହତ ହେବା ଭୟରେ, ମୁଁ କିଛି ନ କହି ଚୁପ୍‌ଚାପ୍ ବସି ତାଙ୍କ କଥା ଶୁଣୁଥିଲି ।

ଶରଦିନ୍ଦୁଙ୍କ ସହିତ ପରିଚୟ ହେବାର ପ୍ରାୟ ମାସକ ପରେ । ଦିନେ ଅପରାହ୍ଣରେ ଆଷାଢ଼ର ଟିପିଟିପି ବର୍ଷଣ ଭିତରେ ଛତାଟିଏ ଧରି ଓ ଅଧା ଓଦା ହେଇ ଘରେ ଆସି ପହଞ୍ଚିଲେ ଶରଦିନ୍ଦୁ । ପୋଛାପୋଛି ହେବାପାଇଁ ତାଙ୍କୁ ତଉଲିଆଟିଏ ଦେଇ କହିଲି - ଆପଣ କଠିନ ଶ୍ୱାସରୋଗୀ ବୋଲି କହୁଥିଲେ ପରା ସେଦିନ । ଏଇ ବର୍ଷାରେ ଓଦା ହୋଇ କାହିଁକି ଆସିଲେ ? କଅଣ ଦରକାର ଥିଲେ ଫୋନ କରିଦେଇଥିଲେ ତ ଚଳିଥାଆନ୍ତା ।

- ଫୋନ୍ ଲାଇନ ତ କାଲିଠାରୁ ଡ଼େଡ୍ । ଦେଖୁଛନ୍ତି ତ ଗତ ଦୁଇଦିନ ଧରି କି ବର୍ଷାର ତାଣ୍ଡବ ଗଲା । ଘରଛାତରୁ ଠପ୍ ଠପ୍ ପାଣି ବୋହି ଘର ଓଦା । ଆସିଥିଲି ନନ୍ଦମିସ୍ତ୍ରୀକୁ ଖବର ଦେବାପାଇଁ । ବର୍ଷା କମିଲେ ଆସି ଟିକିଏ ଦେଖିଯାଆନ୍ତା ।

- ନନ୍ଦମିସ୍ତ୍ରୀତ କଟକ ଯାଇଛି । କଅଣ କାମ ଅଛି ତା'ର । ମୁଁ କହିଲି । ଠିକ୍ ଅଛି । ଫେରିଲେ କହିଦେବେ ମୁଁ ଆସିଥିଲି ବୋଲି । ନନ୍ଦ ଭାରି ଭଲ ରାଜମିସ୍ତ୍ରୀ । କଅଣ କେମିତି ମରାମତି ହେବ, ସିଏ ଦେଖିଲେ କହିଦବ ।

ଶରଦିନ୍ଦୁଙ୍କୁ ଚା' ଦେଇ ପଚାରିଲି - ଛାତ ଏତେ ବେଶୀ ଲିକ୍ କଲା କହିଁକି ? କେତେବର୍ଷର ଘରକି ?

ଶରଦିନ୍ଦୁ ଆରାମରେ ସୋଫାରେ ବସି କହିଲେ - ବହୁତ ପୁରଣା ଘର । ସେକ୍ରେଟେରିଏଟ୍‌ରେ ମୁଁ ନୂଆ ନୂଆ ଚାକିରି କଲାବେଳେ । ସେତେବେଳେ ଭୁବନେଶ୍ୱର ସାରା ଜଙ୍ଗଲ । ଜମିର ଦାମ୍ ଶସ୍ତା ଥିଲା । ଦୁଇଗୁଣ୍ଠ ଜମି କିଣି ସରକାରୀ ଲୋନ୍ ଆଣି କୌଣସି ମତେ ଘର ତିନିବଖରା କରିଥିଲି । ବହୁତ ବଡ଼ ଚାକିରିଆ ନ ଥିଲି । ପରେ ପରେ ପିଲାମାନଙ୍କ ପାଠପଢ଼ାରେ ପଇସାତକ ଗଲା । ଏବେ ତ ପେନ୍‌ସନ ହିଁ ଭରସା । ଯାହା ଦରଦାମ୍ ଇଟା ସିମେଣ୍ଟର ! ଘରଟି ଠିକ୍‌ରୂପେ ମରାମତି କରିବା ମୁସ୍‌କିଲ୍ ହେଇ ପଡ଼ିଲାଣି ।

ବୁଝିପାରିଲି - ପ୍ରଚୁର ଡ଼ଲାର ଓ ପାଉଣ୍ଡ ରୋଜଗାର କରୁଥିବା ଶରଦିନ୍ଦୁଙ୍କର ପ୍ରତିଷ୍ଠିତ ପୁତ୍ରଦ୍ୱୟ ପୈତୃକ ଗୃହଟିର ପରିମାର୍ଜନା ସଂପର୍କରେ ଥିଲେ ଉଦାସୀନ ।

ହୁଏତ ମୋ' ମୁହଁର ଅଭିବ୍ୟକ୍ତିରେ ମୋ ମନକଥାର କିଛିଟା ଇଙ୍ଗିତ ପାଇଲେ ଶରଦିନ୍ଦୁ । ହସି ହସି ମତେ କହିଲେ – ମୋର କଅଣ ଘର ଅଭାବ ଅଛି ? ମୋର ଦୁଇପୁଅଙ୍କର ପରା ଦୁଇଟା ବିରାଟ ବିରାଟ ଘର ଇଂଲଣ୍ଡରେ ଓ ଆମେରିକାରେ । ସାନପୁଅ ଆସିଥିଲା ଦୁଇବର୍ଷ ତଳେ । ତା' ଲାପ୍‌ଟପ୍‌ରେ ତା' ଘର ଓ ବିଭିନ୍ନ ବଖରାର ଫଟ ସବୁ ଭର୍ତ୍ତି କରି ଆଣିଥିଲା । ତଳେ ବେସ୍‌ମେଣ୍ଟ । ଉପରେ ଦୁଇମହଲାର ଘର । କି ସେ ଘରର ସାଜସଜ୍ଜା ! ବାଥ୍‌ରୁମ୍‌ରେ ମଧ୍ୟ କାର୍ପେଟ୍ । ଘର ତ ନୁହେଁ । ଯେମିତି ସ୍ୱର୍ଗପୁରୀ ।

ବୃଦ୍ଧ ଶରଦିନ୍ଦୁଙ୍କ ମନ ରଖିବା ପାଇଁ ମୁଁ କହିଲି – ସତରେ ! ପୁଅ ଦୁଇଜଣଯାକ ଘର କିଣିସାରିଲେଣି ? ଭାରି ଖୁସି ଲାଗିଲା ଶୁଣି । ଶରଦିନ୍ଦୁ ଉତ୍ସୁକତାର ସହିତ ଫିସ୍‌ଫିସ୍ କରି କହିଲେ –ଦେଖନ୍ତୁ ତ ! ଆପଣ କେତେ ଆନନ୍ଦିତ ଏକଥା ଶୁଣିକି । ଅଥଚ ଆମ କଲୋନୀର ସାଇପଡ଼ିଶାମାନଙ୍କର ଭାରି ଈର୍ଷା ମୋ ଉପରେ ମୋର ପୁତ୍ରଭାଗ୍ୟ ଯୋଗୁ । ପୁଅମାନଙ୍କ କଥା କେବେ କେମିତି କହେ ବୋଲି ମନ୍ତବ୍ୟ କରନ୍ତି ସନ୍ତାନମାନଙ୍କୁ ନେଇ ମୋର କୁଆଡ଼େ ଭାରି ଫୁଟାଣି । ଆମ କାମବାଲୀ ଜଣେ ଦୁଇଜଣଙ୍କଠାରୁ ଶୁଣିକି ଆସି ମତେ କହୁଥିଲା ।

ବର୍ଷା କମି ଆସିଥିଲା । ନନ୍ଦମିସ୍ତ୍ରୀକୁ ତାଙ୍କ ପାଖକୁ ପଠାଇବା ଲାଗି ଆଉ ଥରେ ବିନମ୍ର ଅନୁରୋଧ କରି ଶରଦିନ୍ଦୁ ବିଦାୟ ନେଲେ ।

କେଇ ଦିନପରେ, ସନ୍ଧ୍ୟାରେ ଆସି ପହଞ୍ଚିଗଲେ ଘରେ । ମୁଁ କହିଲି – ନନ୍ଦମିସ୍ତ୍ରୀକୁ କହିଥିଲି ଆପଣଙ୍କ କଥା । ଯାଇଥିଲା ତ ?

ଶରଦିନ୍ଦୁ କହିଲେ – ଯାଇଥିଲା ଯେ, ହେଲେ ସେ କାମ ହେଇପାରିଲା ଭଳିଆ ମତେ ଲାଗୁନି । ନନ୍ଦ କହୁଛି ଛାତକୁ ଚିଜେଲିଂ କରି ସିମେଣ୍ଟ କଂକ୍ରିଟ୍ ଦେଇ ପୂରାଟା ଆଉଥରେ ଗ୍ରେଡ଼ିଂ କରିବା ଲାଗି । ଅନେକ ଖର୍ଚ୍ଚର ବ୍ୟାପାର ।

ଆପଣ ତ ସକାଳେ ଆସିବା ଲୋକ, ହଠାତ୍ ଆଜି ଅସମୟରେ ଯେ ! ମୁଁ ହସି ହସି ମନ୍ତବ୍ୟ କଲି ।

ଶରଦିନ୍ଦୁ ପକେଟରୁ କାଗଜଖଣ୍ଡିଏ କାଢ଼ି ବିନୟଙ୍କୁ ଦେଇ କହିଲେ – କାଲି ମୋ ଦ୍ୱିତୀୟ ପୁତ୍ରର ବିବାହ ବାର୍ଷିକୀ । ତାକୁ ଗୋଟିଏ ଇ ମେଲ୍ ପଠାଇବାକୁ ଆସିଲି । ଆପଣଙ୍କ କଂପ୍ୟୁଟରରେ ଇଣ୍ଟରନେଟ୍ ଅଛି ପରା ।

– ଦିଅନ୍ତୁ, ମୁଁ ଏଇ ସାଙ୍ଗେ ସାଙ୍ଗେ ପଠେଇ ଦେଉଛି । ବିନୟ ଏତିକି କହି ଶରଦିନ୍ଦୁଙ୍କ ହାତରୁ କାଗଜଟି ନେଇ ଭିତରକୁ ଗଲେ । ଶରଦିନ୍ଦୁ ଡ଼ାଇନିଂ ଚେୟାରରେ ବସି ଗପ ଯୋଡ଼ିଦେଲେ ମୋ' ସହିତ ।





ମୁଁ କହିଲି – ବୋହୂମାନେ ଭାରତୀୟ ନା ବିଦେଶୀ ?

ଶରଦିନ୍ଦୁ ଜବାବ୍ ଦେଲେ – ବଡ଼ଟି ଓଡ଼ିଶାର । ଏଇଠି ବାହା କରେଇଥିଲି ପୁଅକୁ । ସାନପୁଅ ସେଠି ତା'ର ଜଣେ ସହକର୍ମୀଙ୍କୁ ବାହାହେଇଛି । ଝିଅଟି କେରଳୀ, କିନ୍ତୁ ତା'ର ଜନ୍ମ ଓ ପ୍ରତିପାଳନ ଆମେରିକାରେ । ବାହାଘର ହେଲା ଆମେରିକାରେ । ଗତ ଡ଼ିସେମ୍ବର ମାସରେ । ମୁଁ ଯାଇଥିଲି ବାହା କରେଇବା ପାଇଁ ।

– ଆନ୍ ଆର୍‌ବର୍‌ରେ ଡ଼ିସେମ୍ବର ମାସରେ ପ୍ରଚୁର ବରଫପାତ ହୁଏ । ଭୁବନେଶ୍ୱର ଜଳବାୟୁଠାରୁ ସଂପୂର୍ଣ୍ଣ ଭିନ୍ନ । ଆପଣ ଶ୍ୱାସରୋଗୀ । ତିନି ତିନିଟା ପ୍ଲେନ୍ ବଦଳାଇ ଏତେ କଷ୍ଟ କରି ଆପଣ ଗଲେ କାହିଁକି ? ପୁଅତ ସହଜରେ ଆସିପାରିଥାନ୍ତା ।

ପୁଅ କହିଲା ସେମାନଙ୍କର ଦୁଇଜଣଙ୍କର ଯିବା ଆସିବା ଖର୍ଚ୍ଚ ଅପେକ୍ଷା, ମୋର ଏକୁଟିଆ ଗସ୍ତର ଖର୍ଚ୍ଚ କମ୍ ହେବ । ପୁଅର ବାହାଘର । ନ ଯାଇଥିଲେ କଅଣ ଚଳିଥାଆନ୍ତା ? ତେବେ ଯାହା କହନ୍ତୁ, ବାହାଘର ହେଲା କିନ୍ତୁ ଭାରି ଜାକ୍‌ଜମକରେ । ଆନ୍ ଆର୍‌ବର ପାଖ ସହର ଲାନ୍‌ସିଂରେ ଭାରତୀୟମାନଙ୍କର ଗୋଟିଏ ମନ୍ଦିର ଅଛି । ୟୁ.ପି.ର ଜଣେ ପୁରୋହିତ ମଧ୍ୟ ଅଛନ୍ତି ସେଠି । ଭାରତୀୟମାନଙ୍କର ବାହାଘର ତଥା ସମସ୍ତ ପୂଜାପାର୍ବଣ ସେଇଠି ହୁଏ । ପୁଅ ସବୁ ବନ୍ଦୋବସ୍ତ କରି ରଖିଥିଲା । ଅସୁବିଧା କିଛି ହେଇନି । ପାଁଶ ଲୋକଙ୍କର ବିରାଟ ରିସେପ୍‌ସନ୍ । ଦୁଇ ଦୁଇଟା ପାର୍ଟି ।

କିଛି ସମୟ ଅଟକି ଶରଦିନ୍ଦୁ କହିଲେ – କିନ୍ତୁ ସେ ଶୀତ ମୋ ଦେହରେ ଗଲାନି । ଶ୍ୱାସକଷ୍ଟ ବଢ଼ିଗଲା । ଫେରିଆସିଲି ମାସକ ପରେ । ସେଇ ଯେ କଷ୍ଟ ବଢ଼ିଗଲା, ତା'ର ଆଉ ଉପଶମ ହେଉନି ପୂରାପୂରି ।

ଶରଦିନ୍ଦୁଙ୍କର ବକ୍ତବ୍ୟରୁ, ଖର୍ଚ୍ଚ ବଞ୍ଚାଇବା ଲାଗି, ଡ଼ିସେମ୍ବରର ପ୍ରବଳ ଶୈତ୍ୟଭିତରେ ରୁଗ୍‌ଣ ଓ ବୃଦ୍ଧପିତାଙ୍କୁ ବାହାଘର ନିମନ୍ତେ ଆନ୍‌ଆର୍‌ବର ନେଇ ଯିବାଲାଗି ତାଙ୍କ ପୁତ୍ର କରିଥିବା ସିଦ୍ଧାନ୍ତଟିରେ କିଛି ମାତ୍ରାରେ ବିବେଚନାର ଅଭାବ ପରିଲକ୍ଷିତ କଲି ମୁଁ ।

ଶରଦିନ୍ଦୁଙ୍କୁ ଚାହିଁଲି । ତାଙ୍କ ମୁହଁରେ କିନ୍ତୁ ଏଥିପାଇଁ ତିଳେ ମାତ୍ର ଅସନ୍ତୋଷର ବା ରୁଷ୍ଟତାର ଛାୟା ନ ଥିଲା ।

ପ୍ରସଙ୍ଗ ବଦଳାଇ ମୁଁ କହିଲି – ଆପଣ ଏକାଗଲେ କାହିଁକି ? ପତ୍ନୀଙ୍କୁ ନେଇଗଲେନି ସାଥିରେ ?

ବିଷନ୍ନ ସ୍ୱରରେ ଶରଦିନ୍ଦୁ କହିଲେ – ମୋ' ସ୍ତ୍ରୀର ଯେ ସ୍ୱର୍ଗବାସ ହେଇଯାଇଛି ଅନେକ ଆଗରୁ । ପିଲାମାନେ ସେତେବେଳେ ସାନସାନ । ସଂସାର ଏକରକମ ଅଚଳ । ବନ୍ଧୁ ବାନ୍ଧବ ସଭିଏଁ ଜୋର୍ କରିଥିଲେ ପୁନର୍ବିବାହ ପାଇଁ । ମୁଁ କିନ୍ତୁ ରାଜି ହେଲିନି । ଭୟ

ଥିଲା, ମୋର ଦ୍ୱିତୀୟାପତ୍ନୀ ମୋ' ପୁତ୍ରମାନଙ୍କ ପ୍ରତି ହୁଏତ ସ୍ନେହଶୀଳା ହେଇନପାରନ୍ତି ବୋଲି । କି ଯେ କଷ୍ଟରେ ତିନୋଟି ସନ୍ତାନ ମଣିଷ କରିଛି ମୁଁ ଜାଣେ ।

ଶରଦିନ୍ଦୁଙ୍କ ଶେଷ ବାକ୍ୟଟିରେ ଅବାକ୍ ହେଇ ମୁଁ କହିଲି - ତିନୋଟି ସନ୍ତାନ କହିଲେ ଯେ ! ଆପଣ ତ ସବୁବେଳେ ଦୁଇପୁଅଙ୍କ କଥା କହନ୍ତି । ତୃତୀୟଟି କଅଣ କନ୍ୟା ? ବାହା କରେଇଦେଇଛନ୍ତି ?

ଶରଦିନ୍ଦୁଙ୍କର ଉଜ୍ଜ୍ୱଳ ମୁଖମଣ୍ଡଳ ହଠାତ୍ ମଳିନ ଦେଖାଗଲା । ନୀରବରେ କିଛି ସମୟ ଅଧୋବଦନ ହେଇ ବସିରହିଲେ । ତା' ପରେ କହିଲେ - ମୋ'ର ତୃତୀୟ ସନ୍ତାନଟି ମଧ୍ୟ ପୁତ୍ର । ଏଇଠି ମୋ ପାଖରେ ଥାଏ ।

ଶରଦିନ୍ଦୁଙ୍କ ମନ୍ତବ୍ୟରେ ବିସ୍ମିତ ହେଇ ପଚାରିଲି - କାହିଁ ସେ ପୁଅଟି କଥା କେବେ କିଛି କହି ନାହାନ୍ତି ତ ! ମୁଁ ତ ଏଯାବତ୍ ଭାବିଥିଲି ଆପଣଙ୍କର ଦୁଇଟି ପୁତ୍ର ।

ଶରଦିନ୍ଦୁ ଅନେକଟା ଅପରାଧୀର ସ୍ୱରରେ ତଥା ଲଜ୍ଜାର ସହିତ ସ୍ୱୀକାର କରିବା ଭଙ୍ଗୀରେ କହିଲେ - ତା' କଥା ଆଉ କଅଣ କହିବି ଆଜ୍ଞା ? ବାକି ଦୁଇପୁଅ ଏତେ ବିଦ୍ୱାନ୍, ଏତେ ସଂପଦଶାଳୀ । ଏ ପୁଅଟି ତାଙ୍କ ତୁଳନାରେ କିଛି ନୁହେଁ । ମୂଳରୁ ପାଠରେ ଦୁର୍ବଳ । କୌଣସି ମତେ ବି.ଏ ପାଶ୍ କରିଛି । ଅବଶ୍ୟ ଆତ୍ମନିର୍ଭରଶୀଳ । କ୍ୟାପିଟାଲ୍ ମାର୍କେଟ୍‌ରେ କାସେଟ୍ ଦୋକାନଟିଏ କରିଛି । ଜେରକ୍ସ ମେସିନ୍‌ଟିଏ ବି ପକେଇଛି ସେଠି । ତେବେ ବାକି ଦୁଇଭାଇ ଯେଉଁଠି ଯାଇ ଆମେରିକା ଓ ଇଂଲଣ୍ଡରେ, ସେଠି ଏଇ ଭାଇଟି ବସୁଛି ଦୋକାନରେ । ପୁଅଟି ଦୋକାନୀ ବୋଲି କହିବାକୁ ଜିଭ ଲେଉଟେନି । ସଙ୍କୋଚ ବଶତଃ ତା' କଥା କାହାକୁ କହେନି ।

ମୁଁ କହିଲି - ହାତରେ ପାଞ୍ଚଆଙ୍ଗୁଠି ସମାନ ନୁହେଁ । ପ୍ରତ୍ୟେକ ମଣିଷ ଅପରଠାରୁ ଭିନ୍ନ । ଏ ସଂସାରରେ ପ୍ରତ୍ୟେକ ମଣିଷ ଅତୁଳନୀୟ, କିଛି ନା କିଛି ଭଲଗୁଣ ଈଶ୍ୱର ତାକୁ ଦେଇଥାଆନ୍ତି । ନିଷ୍ଠାର ସହିତ କରିପାରିଲେ ପୃଥିବୀର କୌଣସି କାମ ସାନ ନୁହେଁ । ସଭିଏଁ ଯେ ଡ଼ାକ୍ତର, ଇଞ୍ଜିନିୟର ହେବେ, ଏଭଳି ଭାବିବାଟା ବି ଅଯୌକ୍ତିକ । ପୁଅଟି ଆପଣଙ୍କର ଅଳସୁଆ ହେଇ ଘରେ ବସିନି, ନିଜ ଗୁଜୁରାଣ ନିଜେ କରୁଛି, ସେଇଟାଇ ବଡ଼ କଥା । ଆପଣ ତା' ପାଇଁ ଏଭଳି ବିଡ଼ମ୍ବିତ ହେବାର କୌଣସି କାରଣ ମୁଁ ଦେଖୁନି ।

ଶରଦିନ୍ଦୁ କିନ୍ତୁ ମୋ କଥା ଶୁଣି କୌଣସି ମତାମତ ନ ଦେଇ ନୀରବ ହେଇ ବସିରହିଲେ । ବୁଝିପାରିଲି, ମୋର କ୍ଷୁଦ୍ର ସମ୍ଭାଷଣଟି ତାଙ୍କୁ କୌଣସି ପ୍ରକାର ଆଶ୍ୱାସନା ଦେଇ ପାରିନି ।





ଏଇ ଘଟଣାର ଠିକ୍ ପରେ ପରେ ଅନେକ ଦିନ ଧରି ଅନୁପସ୍ଥିତ ରହିଲେ ଶରଦିନ୍ଦୁ । ପ୍ରାୟ ପ୍ରତ୍ୟେକ ସପ୍ତାହରେ ଥରେ ଦୁଇଥର ଆମଘରକୁ ଆସିବାଟା ତାଙ୍କର ଏକ ରୁଟିନ୍‌ରେ ପଡ଼ିଯାଇଥିଲା । ତେଣୁ ତାଙ୍କର ଅଚାନକ୍ ଅନୁପସ୍ଥିତି ମତେ ବେଶ୍ ବିବ୍ରତ କଲା । ବୟୋବୃଦ୍ଧ ମଣିଷ । ବିଭିନ୍ନ ବେମାରିରେ ପୀଡ଼ିତ । ଶରୀର କିଛି ଅସୁସ୍ଥ ହେଲାନି ତ ?

ନନ୍ଦ ମିସ୍ତ୍ରୀକୁ ତାଙ୍କ ଘରକୁ ପଠାଇ ଖବର ନେବାରେ ବୁଝିପାରିଲି ଯେ ମୋ ସନ୍ଦେହ ପୂରାପୂରି ଭାବରେ ସତ୍ୟ । ଯା' ଭିତରେ ଶରଦିନ୍ଦୁଙ୍କ ଅବସ୍ଥା ବେଶ୍ ସାଂଘାତିକ ହୋଇପଡ଼ିଥିଲା । ଦାଖଲ୍ ହେଇଥିଲେ କଳିଙ୍ଗ ହସ୍‌ପିଟାଲ୍‌ରେ । ଦୁଇଦିନ ହେଲା ଘରକୁ ଫେରିଛନ୍ତି । ଏବେ ମଧ୍ୟ ଶଯ୍ୟାଶାୟୀ ।

ନନ୍ଦମିସ୍ତ୍ରୀଠାରୁ ଠିକଣାଟି ବୁଝିନେଇ ପରଦିନ ସକାଳେ ଯାଇ ପହଞ୍ଚିଲି ଶରଦିନ୍ଦୁଙ୍କ ଘରେ ।

ଦାଣ୍ଡ କବାଟ ଆଉଜା ହେଇଥିଲା । ଭିତରକୁ ପଶି ଦେଖେ ସାନ ଅଗଣାଟିର ଶିଉଳିଲଗା ଚଟାଣରେ, ପାଣିକଳ ତଳେ ବସି ପାଇଜାମା ଓ ଗେଞ୍ଜି ପିନ୍ଧା ଯୁବକଟିଏ ଅନେକଗୁଡ଼ିଏ ଲୁଗା ଧରି କାଚିବାରେ ବ୍ୟସ୍ତ । ସ୍ନିଗ୍ଧ, ଶ୍ୟାମଳ ଚେହେରା । ମତେ ଦେଖି ଆଖିରେ ପ୍ରଶ୍ନବାଚୀ ତୋଳି ଯୁବକଟି ଚାହିଁ ରହିଲା ମତେ ।

ମୁଁ କହିଲି - ମୁଁ କାନନ ମିଶ୍ର । ଶରଦିନ୍ଦୁଙ୍କର ଅସୁସ୍ଥତାର ଖବର ପାଇ ତାଙ୍କୁ ଦେଖିବାକୁ ଆସିଛି ।

ଯୁବକଟି ଏଥରକ ଉଠିଆସି ମତେ ବିନମ୍ର ନମସ୍କାରଟିଏ କରି କହିଲା - ମୁଁ ଆପଣଙ୍କ ନାଁ' ଶୁଣିଛି । ବାପା ସବୁବେଳେ ଆପଣଙ୍କ କଥା କହନ୍ତି । ମୋ ନାଁ ମନୋଜ୍ । ମୁଁ ଏ ପରିବାର ସର୍ବକନିଷ୍ଠ ସନ୍ତାନ ।

ମୁଁ କହିଲି - ବାପା କାହାନ୍ତି ?

- କାଲି ସାରାରାତି ଶ୍ୱାସ କଷ୍ଟ ଯୋଗୁ ଶୋଇପାରି ନାହାନ୍ତି । ଏଇ ସକାଳୁ ଟିକିଏ ଆଖି ଲାଗିଯାଇଛି । ଡ଼ାକିବି ? ମନୋଜ ପଚାରିଲା ।

ମୁଁ କହିଲି - ନା ନା, ତାଙ୍କୁ ଉଠାଅନା । ମୁଁ ବରଂ କିଛି ସମୟ ଅପେକ୍ଷା କରିନିଏ । ଯୁବକଟି ପାଖପିଣ୍ଡାରେ ଚୌକିଟିଏ ପକାଇଦେଇ ମତେ କହିଲା - ବସନ୍ତୁ ନା ! ମୁଁ ଯାଇ ଆପଣଙ୍କ ପାଇଁ ଚା' କରିଆଣେ । ସକାଳୁ ସକାଳୁ ଆସିଛନ୍ତି । ଚା'ତ ପିଇବେ ନିଶ୍ଚୟ ।

ମୁଁ ଆଶ୍ଚର୍ଯ୍ୟ ହେଇ ପଚାରିଲି - ତମେ ଚା' କରିବ ?

ମନୋଜ ଲାଜକୁଳା ହସ ହସି କହିଲା - ମୁଁ ରନ୍ଧାବଢା ସବୁ ଜାଣେ । ବାପା ବାହାର ଜିନିଷ କିଛି ଖାଆନ୍ତିନି । ଡାଇବେଟିସ୍ ଯୋଗୁ ଖାଇବାରେ ବି ବହୁତ କଟକଣା । ଘରେ ତ କେବଳ ବାପା ଆଉ ମୁଁ । ରାନ୍ଧିବାଲୋକ କେହି ନାହାନ୍ତି । ପିଲାଦିନୁ ବାପାଙ୍କ ପାଇଁ ରାନ୍ଧୁ ରାନ୍ଧୁ ସବୁ କିଛି ଶିଖି ଯାଇଛି । ଅବଶ୍ୟ କାମବାଲୀଟି ମଝିରେ ମଝିରେ କିଛିଟା ସାହାଯ୍ୟ କରିଦିଏ ।

ମୁଁ କହିଲି - କାମବାଲୀ ଅଛି ତ ! ତାହେଲେ ନିଜେ ବସି ଲୁଗା କାଚୁଛ କାହିଁକି ?

ମନୋଜ କହିଲା - ବାପା ତ କିଛି ଜାଣିପାରୁ ନାହାନ୍ତି । ମଝିରେ ମଝିରେ ଲୁଗାପଟା ଓ ବିଛଣାଚାଦର ଇତ୍ୟାଦି ଅପରିଷ୍କାର କରିପକାଉଛନ୍ତି । ସେ ସବୁ ଲୁଗା କଅଣ କାମବାଲୀ କରିବ ? ତେଣୁ ମୁଁ ନିଜେ ସଫା କରିଦିଏ ।

କଥା ମଝିରେ ହାତଧୋଇ ଚଟ୍‌କି ଯାଇ ଚା' ତିଆରି କରି ଆଣିଲା ମନୋଜ । ସାଥିରେ ଗୋଟିଏ ପ୍ଲେଟ୍‌ରେ କିଛି ଲୁଣିଆ ବିସ୍କୁଟ୍ । ଚା' ପିଉପିଉ ପଚାରିଲି - କଅଣ ହେଇଥିଲା ବାପାଙ୍କର ?

ମନୋଜ କହିଲା - ବାପା ତ ପୁରୁଣା ଶ୍ୱାସରୋଗୀ । ହଠାତ୍ ସେଦିନ ରାତିରେ ନିଃଶ୍ୱାସପ୍ରଶ୍ୱାସ ଏକପ୍ରକାର ବନ୍ଦ ହେବାର ଉପକ୍ରମ । ରାତି ସେତେବେଳକୁ ଦି'ଟା । ଟାକ୍ସି ଡାକି କଳିଙ୍ଗ ହସ୍‌ପିଟାଲ୍ ନେଇଗଲି ସାଙ୍ଗେ ସାଙ୍ଗେ । ଭେଣ୍ଟିଲେଟର ମେସିନ୍ ସାହାଯ୍ୟରେ ଶ୍ୱାସକ୍ରିୟା ଚାଲିଥିଲା । ହସ୍‌ପିଟାଲ୍ ନେଲି ବୋଲି ବଞ୍ଚିଗଲେ ଶେଷପର୍ଯ୍ୟନ୍ତ । ଦଶଦିନ ପରେ ହସ୍‌ପିଟାଲରୁ ଡିସ୍‌ଚାର୍ଜ କରିଦେଲେ । ବାପା ଏବେ ବି ଭାରି ଦୁର୍ବଳ । ଔଷଧପତ୍ର ବି ଚାଲିଛି । କାଳେ ଦରକାର ହେବ ବୋଲି ଡାକ୍ତରଙ୍କ ପରାମର୍ଶରେ ଅକ୍ସିଜେନ୍ ସିଲିଣ୍ଡରଟିଏ ବି ଆଣି ରଖିଚି ଘରେ । କଳିଙ୍ଗରେ ଏତେଦିନ ରହିଲେ । ସିଏତ ଭାରି ଦାମୀ ହସ୍‌ପିଟାଲ୍ । ଅନେକ ଟଙ୍କା ଖର୍ଚ୍ଚ ହୋଇଥିବ । ପଇସାପତ୍ର ଦରକାର ହେଲେ କହିବ । ତୁମ ବାପା ଆମଘରର ସଦସ୍ୟ ଭଳି । ମୁଁ କହିଲି ।

ମନୋଜ ବିନମ୍ର ଭଙ୍ଗୀରେ କହିଲା - ଧନ୍ୟବାଦ, ହେଲେ ଏପର୍ଯ୍ୟନ୍ତ ସେଭଳି କିଛି ଅସୁବିଧା ହୋଇନି ଆଜ୍ଞା । ବ୍ୟାଙ୍କ୍‌ରେ ମୋର ସଞ୍ଚିତ କିଛିଟଙ୍କା ଥିଲା । ସେଇଥିରୁ କାମ ଚଳୁଛି ଏଯାଏ । ନିତିଦିନିଆ ଖର୍ଚ୍ଚପାଇଁ ତ ମୋ ଦୋକାନ ଅଛି । ତେବେ ବାପାଙ୍କ ଜୀବନଠାରୁ ତ ଟଙ୍କା ବେଶୀ ମୂଲ୍ୟବାନ୍ ନୁହେଁ । ମୁଁ ମୋ'ର ପାରୁପର୍ଯ୍ୟନ୍ତ ଚେଷ୍ଟା କରିବି ତାଙ୍କୁ ସୁସ୍ଥ କରିବା ପାଇଁ ।

ବାପା ଏଭଳି ଅସୁସ୍ଥ । ଭାଇମାନଙ୍କୁ ଖବର ଦେଇଛ ?





ଦୁଇ ଭାଇଙ୍କୁ ଫୋନ୍ କରିଥିଲି । ବଡଭାଇ କଅଣ ମେଡିକାଲ୍ କନ୍‌ଫରେନ୍‌ସ୍‌ରେ ନିଉଜିଲାଣ୍ଡ ଯାଉଛନ୍ତି । ଭାଉଜ ଓ ତାଙ୍କ ଦୁଇ ପୁଅଝିଅ ବି ଯାଉଛନ୍ତି ତାଙ୍କ ସାଙ୍ଗରେ । ସାନଭାଉଜଙ୍କର କଅଣ ପିଲାପିଲି ହେବାର ଅଛି । ଭାଇ ଆସିପାରିବେନି, ଅବଶ୍ୟ ଏଥିପାଇଁ ଅସୁବିଧା କିଛି ନାହିଁ । ମୁଁ ତ ଅଛି ବାପାଙ୍କ ପାଖରେ । ଯାହା କିଛି କରିବା କଥା କରୁଛି ମଧ୍ୟ । ତା'ଛଡ଼ା ଆମର ଏଠି ଏତେ ସାନ ଘର । ଭାଇଭାଉଜମାନେ ଅଲଗାପ୍ରକାର ଚଳଣୀରେ ଅଭ୍ୟସ୍ତ । ସେମାନେ କେବେ କେମିତି ଆସିଲେ ଭାରି ହଇରାଣ ହୁଅନ୍ତି । ସେମାନଙ୍କର ଅସୁବିଧା ମତେ ବି ଭାରି କଷ୍ଟ ଦିଏ ।

ମନୋଜର କଥାରୁ କେବଳ ଯେ ତା'ର ସ୍ନେହଶୀଳ ଓ ଉଦାର ହୃଦୟର ପରିଚୟ ପାଇଲି ତା' ନୁହେଁ । ଏକଥା ମଧ୍ୟ ହୃଦୟଙ୍ଗମ କଲି ଯେ ପିତାଙ୍କର ସମସ୍ତ ଦାୟିତ୍ୱ ବିନାଦ୍ୱିଧାରେ ଏବଂ ସ୍ୱଇଚ୍ଛାରେ ବହନ କରିନେଇଛି ସିଏ ।

ଆମର କଥୋପକଥନ ଭିତରେ ଶୟନକକ୍ଷରୁ ଶରବିନ୍ଦୁଙ୍କର କ୍ଷୀଣସ୍ୱରର ଡାକ ଶୁଣାଗଲା । ମନୋଜ ତରତର ହେଇ ଚାଲିଗଲା ପିତାଙ୍କ ପାଖକୁ । କିଛି ସମୟ ପରେ ଆସି କହିଲା - ଆପଣଙ୍କ କଣ୍ଠସ୍ୱର ଶୁଣି ବାପା ଭାବିଲେ ବୋଧହୁଏ ବଡଭାଉଜ ପହଞ୍ଚି ଯାଇଛନ୍ତି । ବଡଭାଇଙ୍କୁ ଭାରି ଭଲପାଆନ୍ତି ତ ! ମୁଁ ଅବଶ୍ୟ ଭାଇଭାଉଜ ଆସୁନାହାନ୍ତି ବୋଲି ବାପାଙ୍କୁ କହିନି । କହିଛି ସ୍କଟ୍‌ଲାଣ୍ଡରୁ ଭାରତ ଆସିବାଲାଗି ଚଟ୍‌କରି ତ ଟିକେଟ୍ ମିଳେନି । ଭାଇ ଚେଷ୍ଟା କରୁଛନ୍ତି ଟିକେଟ୍ ପାଇଁ ।

ଶୟନକକ୍ଷରୁ ପୁନର୍ବାର ଶରବିନ୍ଦୁଙ୍କର କ୍ଷୀଣ ଆୱାଜ ଶୁଭିଲା ମନୋଜ କହିଲା - ଚାଲନ୍ତୁ ଭିତରକୁ, ବାପା ଆପଣଙ୍କୁ ଡାକୁଛନ୍ତି । ଆପଣ ଆସିଛନ୍ତି ବୋଲି ମୋ'ଠାରୁ ଶୁଣି ବାପା ଖୁସି ହୋଇଗଲେ ।

ମନୋଜ ସହିତ ମୁଁ ବେଡ୍‌ରୁମ୍ ଭିତରକୁ ପଶିଲି, ବିଛଣାରେ ଶରବିନ୍ଦୁ ଶାୟିତ, ଶୀର୍ଣ୍ଣ ଓ ରୁଗ୍‌ଣ ଚେହେରା । ମତେ ଦେଖି ଖଟରେ ଉଠି ବସିବାକୁ ଚେଷ୍ଟା କଲେ । ମୁଁ ତାଙ୍କୁ ଶୁଆଇଦେଇ କହିଲି - ଆପଣ ମୋ'ପାଇଁ ଆଦୌ ବ୍ୟସ୍ତ ହେବେନି । ଆପଣ ଆରାମ କରନ୍ତୁ । ମୁଁ ବସୁଚି ଆପଣଙ୍କ ପାଖରେ ।

ସାନ ଟୁଲ୍‌ଟି ଟାଣି ମୁଁ ଶରବିନ୍ଦୁଙ୍କ ହାତଟି ଧରି ବସି ରହିଲି ତାଙ୍କ ପାଖରେ । ଆଖିବୁଜି ବିଛଣାରେ ନିସ୍ତେଜପ୍ରାୟ ପଡି ରହିଲେ ଶରବିନ୍ଦୁ ।

କିଛି ସମୟ ପରେ ଘରର ବହଳ ନୀରବତା କାଟି ମନୋଜ ହାତରେ ଗିଲାସେ ହର୍ଲିକ୍‌ସ୍ ଧରି କକ୍ଷରେ ପ୍ରବେଶ କଲା ଓ ପରମଯତ୍ନରେ ଚାମଚ ଚାମଚ କରି ଶରବିନ୍ଦୁଙ୍କୁ ପାନୀୟଟି ପିଆଇ ଲାଗିଲା । କହିଲି - ମନୋଜ, ତମେ ଦୋକାନକୁ କେତେବେଳେ ଯିବ ?

ବାପା ସଂପୂର୍ଣ୍ଣ ସୁସ୍ଥ ନହେଲା ପର୍ଯ୍ୟନ୍ତ ଦୋକାନକୁ ଯିବାର ପ୍ରଶ୍ନ ଉଠୁନି । ଅବଶ୍ୟ ମତେ କାମରେ ସାହାଯ୍ୟ କରିବା ପାଇଁ ପିଲାଟିଏ ରଖିଛି ଦୋକାନରେ । ମୂଳରୁ ଅଛି ମୋ' ପାଖରେ । ଭାରି ବିଶ୍ୱସ୍ତ । ସେଇ ଏବେ ଦେଖାଶୁଣା କରୁଛି । ମଝିରେ ଥରଟେ କାମବାଲୀକୁ ଘର ଜଗେଇ ଘଣ୍ଟାକ ଲାଗି ଦୋକାନକୁ ଯାଏ ହିସାବପତ୍ର ଦେଖିବା ପାଇଁ । କାମବାଲୀ ବୁଢୀଟି ମଧ୍ୟ ଆମର ପୁରୁଣା ଲୋକ । ତା' ଉପରେ ଭରସା କରିହୁଏ ।

ହର୍ଲିକ୍ସ୍ ପିଆଇସାରି ଓଦା ତଉଲିଆରେ ଶରବିନ୍ଦୁଙ୍କ ମୁହଁପୋଛି ଘରୁ ବାହାରିଗଲା ମନୋଜ । ଦେଖିଲି ଶରବିନ୍ଦୁଙ୍କ ଆଖିରୁ ଧାର ଧାର ଲୁହ ବୋହିବାରେ ଲାଗିଛି ।

ମୁଁ ତାଙ୍କ ମୁଣ୍ଡ ଆଉଁଷିଦେଇ କହିଲି - ଏଇତ । ଆପଣ ଭଲ ହେଇଗଲେଣି ପୂରାପୂରି । ଏବେ ଯାହା ଟିକିଏ ଦୁର୍ବଳ ଅବସ୍ଥା । ଆଉ ତ କିଛି ଅସୁବିଧା ନାହିଁ । ବ୍ୟସ୍ତ ହେଉଛନ୍ତି କାହିଁକି ?

ଶରବିନ୍ଦୁ ଫିସ୍‌ଫିସ୍ କରି ମତେ କହିଲେ - ମୋ'ର ବୋଧହୁଏ ଶେଷ ସମୟ ଆସିଗଲା । ଆଉ ବେଶୀଦିନ ନାହିଁ । ବୟସତ କିଛି କମ୍ ହେଇନି ।

ମୁଁ କହିଲି - ଦେଖିବେ, ଆପଣ ଆହୁରି ଅନେକ ଦିନ ରହିବେ ।

ମୋ' କଥାପ୍ରତି କର୍ଣ୍ଣପାତ ନକରି ଶରବିନ୍ଦୁ କହିଲେ - ତୀବ୍ର ଅନୁଶୋଚନା ଓ ସନ୍ତାପ ଭିତରେ ଛଟ୍‌ପଟ୍ ହେଇକି ମୋ ପ୍ରାଣ ଯିବ ମୁଁ ଜାଣିପାରୁଛି । ସାରାଟା ଜୀବନ ତିଳ ତିଳ କରି ପିଲାଙ୍କ ପିଛା ଦେଲି । କରୁଣାମୟଙ୍କର ଅଶେଷ କୃପା । ବଡ ଦୁଇଟିଙ୍କୁ ମଣିଷ କରିଦେଲି ଶେଷପର୍ଯ୍ୟନ୍ତ । ମଣିଷ କରିପାରିଲିନି ଏଇ କନିଷ୍ଠସନ୍ତାନଟିକୁ । ସେଇ ଦୁଃଖରେ ଛାତି ଭିତର କୋରି ହେଇଯାଉଛି ଆଜି । ଶରବିନ୍ଦୁ କଥା ଅଧାରଖି ସାନପିଲାଙ୍କ ପରି ମୁହଁ ଫଟାଇ କାନ୍ଦିବାକୁ ଆରମ୍ଭ କଲେ ।

ତାଙ୍କର ଉଦ୍‌ଗତ ଅଶ୍ରୁଧାରକୁ ହାତରେ ପୋଛି ଦେଇ ମୁଁ କହିଲି - ଆପଣ ଭୁଲ୍ କହିଲେ । ବଡ ଦୁଇପୁଅଙ୍କୁ ଆପଣ ଡାକ୍ତର, ଇଞ୍ଜିନିୟର କରିଛନ୍ତି । ମଣିଷ କରିଛନ୍ତି କେବଳ ଏଇ କନିଷ୍ଠ ସନ୍ତାନଟିକୁ ।

❑❑❑





# ପ୍ରତିଦ୍ୱନ୍ଦୀ

ନାଗପୁର ଆସିବାର ପ୍ରାୟ ସପ୍ତାହକ ପରେ ଚାରୁଲତାଙ୍କ ବ୍ୟବହାରରେ ଅଚାନକ୍ ଏଇ ପରିବର୍ତ୍ତନଟି ଲକ୍ଷ୍ୟ କରିଥିଲା 'ମିତା' । କୋଡିଏ ବର୍ଷ ପୂର୍ବରୁ ପୁତ୍ର ଆଶୁତୋଷଙ୍କର ଭଲମନ୍ଦ ବୁଝିବାର ସମସ୍ତ ଭାର ନିର୍ଦ୍ୱନ୍ଦ୍ୱରେ ଏବଂ ଖୁସିମନରେ ମିତା ହାତରେ ଅର୍ପଣ କରି ନିଜକୁ ମୁଖ୍ୟତଃ ପୂଜାର୍ଚ୍ଚନାରେ ନିମଗ୍ନ ରଖୁଥିବା ବୈରାଗୀ ଚିତ୍ତ ଧାରିଣୀ ଚାରୁଲତା କେଜାଣି କାହିଁକି ପୁଅର ଖାଦ୍ୟପେୟ ତଥା ସୁଖସ୍ୱାଚ୍ଛନ୍ଦ୍ୟ ସଂପର୍କରେ ମାତ୍ରାଧିକ ଭାବରେ ସଚେତନ ହୋଇ ପଡିଥିଲେ । ଅନୁଭୂତିଟି ମିତା ପାଇଁ ଥିଲା ଉଭୟ କୌତୁହଳୋଦ୍ଦୀପକ ତଥା ବିସ୍ମୟକର ।

ଚାରୁଲତା ନାଗପୁର ଆସିଥିଲେ ପୌତ୍ର ମନୁକୁ ଦେଖିବା ପାଇଁ । ମନୁ ପାଠ ପଢୁଥିଲା ଦାର୍ଜିଲିଂର ଏକ ଆବାସିକ ପବ୍ଲିକ୍ ସ୍କୁଲ୍‌ରେ । ଛୁଟିରେ ମଝିରେ ମଝିରେ ଘରକୁ ଆସୁଥିଲା ଅବଶ୍ୟ । କିନ୍ତୁ ଗ୍ରାମବାସିନୀ ପିତାମହୀଙ୍କ ସହିତ ଭେଟ ହେବା ଥିଲା ଅସମ୍ଭବ, ମିତାର ପ୍ରବଳ ଜିଦ୍ ସତ୍ତ୍ୱେ, ଚାରୁଲତା ନାଗପୁର ଆସିବାକୁ ଥିଲେ ନାମଙ୍ଗ । ମନେ ମନେ ଯଦିଓ ସଦାସର୍ବଦା ଝୁରି ହେଉଥିଲେ ପ୍ରାଣାଧିକ ପୌତ୍ରଟିକୁ ।

ଏଥରକ କିନ୍ତୁ ଯେତେବେଳେ ଆଶୁତୋଷଙ୍କ ପତ୍ରରୁ ଚାରୁଲତା ଖବର ପାଇଲେ ଯେ ପ୍ଲସ୍ ଟୁ ପରୀକ୍ଷା ଦେଇସାରି ମନୁ ଘରକୁ ଆସିଛି ଓ ମାସେ ଖଣ୍ଡେ ରହିବ, ନିଜେଇ ଇଚ୍ଛା ପ୍ରକାଶ କଲେ ନାଗପୁର ଆସିବା ପାଇଁ । ଜାଣିଥିଲେ ମନୁ ମାସକପରେ ଡାକ୍ତରୀ

ପଢ଼ିବା ପାଇଁ ଚାଲିଯିବ ପଣ୍ଡିଚେରୀ । ମନରେ ଭୟ ହୋଇଥିଲା - ଏଥରକ ନଗଲେ ହୁଏତ ପୌତ୍ରଟିକୁ ଭେଟିବାର ସୁଯୋଗ ଆଉ ପାଇବେନି । ବୟସତ ଅନେକ ହେଲାଣି । କିଏ ଜାଣେ ଆଉ କେତେ ଦିନ ?

ଆଶୁତୋଷ ନିଜେ ଯାଇ ନେଇଆସିଲେ ଚାରୁଲତାଙ୍କୁ । ବୋକା ବୋକା ନିରୀହ, ଭଲମଣିଷ ଶାଶୁଙ୍କୁ ପାଖରେ ପାଇ ମିତା ବି ଖୁସି ହେଲା ବହୁତ । ପକ୍ୱକେଶିନୀ ଶୀର୍ଣ୍ଣକାୟା ଚାରୁଲତାଙ୍କୁ ଦେଖି ଭାବିଲା - ଆହା ! କେଡେ ସୁନ୍ଦର ଗୋରା ଚକ୍ ଚକ୍ ଚେହେରା ଥିଲା ବୋଉଙ୍କର । ଏଇ କେଇଟା ବର୍ଷରେ କେତେ ପରିବର୍ତ୍ତନ ହୋଇଗଲାଣି ସତେ ସେ ଚେହେରାର ।

କିନ୍ତୁ କେବଳ ଶାରୀରିକ ସ୍ତରରେ ନୁହେଁ, ମାନସିକ ସ୍ତରରେ ବି ଚାରୁଲତାଙ୍କର ଯେ ଅନେକ ପରିବର୍ତ୍ତନ ଘଟିଛି ତାହା ସେ ଉପଲବ୍ଧି କରିଥିଲା ମାତ୍ର କେଇଟା ଦିନପରେ ।

ତା'ର ମନେ ପଡ଼ିଲା; ସାତମଙ୍ଗଳା ବାସିଦିନ ତା ମୁଣ୍ଡ ଆଉଁଷି ଛଳଛଳ ଆଖିରେ ଚାରୁଲତା କହିଥିଲେ - ମୋ'ଘରର ଲକ୍ଷ୍ମୀ ତୁ । ଏ ଘର ଦୁଆର ତୋ'ର । ଆଶୁ ବି ତତେ ଲାଗିଲା । ବାପଛେଉଣ୍ଡ ପିଲାଟିକୁ ବହୁକଷ୍ଟରେ ମଣିଷ କରିଛି । ହେଲେ ଏଣିକି ମୋ'ର ଛୁଟି । ମୋ' ପୁଅର ସବୁ ଦାୟିତ୍ୱ ଆଜିଠୁ ତୋ' ହାତରେ ସମର୍ପି ଦେଲି ।

ସେଇ ଯେ ଆଶୁତୋଷଙ୍କର ଦାୟିତ୍ୱ ମିତା ହାତରେ ସମର୍ପି ଦେଇଥିଲେ ଚାରୁଲତା, ତା'ପରେ ଆଉ ଦିନଟେ ବି ପୁଅକଥା ବୁଝିନାହାନ୍ତି । ଆଶୁତୋଷ କେବେ କେମିତି ପାଣି ଗିଲାସେ ମାଗିଲେ ବା ଭାତ ବାଢ଼ିଦେବାକୁ କହିଲେ ଚିରଦିନ ଦେଇ ଆସିଛନ୍ତି ସେଇ ପଦିଏ ଉତ୍ତର - ମିତୁକୁ କହ ।

ତେଣୁ ଦୀର୍ଘଦିନ ଧରି ପୁତ୍ରର ଭଲମନ୍ଦ ପ୍ରତି ଏତାଦୃଶ ଉଦାସୀନତା ବହନ କରି ଆସୁଥିବା ଚାରୁଲତାଙ୍କର, ପୁତ୍ରର ସୁଖସୁବିଧା ପ୍ରତି ଅଚାନକ ଏତେବେଶୀ ତତ୍ପର ହୋଇ ପଡିଥିବାର ନୂଆରୂପଟି ବେଶ୍ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା ମିତାକୁ ।

ସବୁଠାରୁ ବେଶୀ ଆଶ୍ଚର୍ଯ୍ୟ ସିଏ ହେଇଥିଲା ସେଇଦିନ, ଯେବେ ଆମିଷ ଠାରୁ ନିଜକୁ ଦଶଗଜ ଦୂରରେ ରଖୁଥିବା ଚାରୁଲତା ପୁତ୍ରପାଖରେ ଡାଇନିଂ ଚେୟାରରେ ବସି ଏବଂ ପୁତ୍ରପାଇଁ ବଢ଼ା ହେଇଥିବା ମାଛଝୋଳକୁ ଚାହିଁ ମିତାକୁ କହିଥିଲେ - ଆଶୁକୁ ପେଟି ଦିଖଣ୍ଡ ଦେଲୁନି ମିତୁ ? ସିଏ ଜମ୍ମା କଣ୍ଟାବାଛି ମାଛ ଖାଇପାରେନି । ପିଲାଦିନେ ମୁଁ ବସି ତା ମାଛରୁ କଣ୍ଟା ବାଛି ଦେଲେ ତେବେ ଯାଇ ଭାତ ଖାଉଥିଲା ।





- ପେଟି ଜମ୍ମା ତିନିଖଣ୍ଡି ଥିଲା ବୋଉ । ଭାଜିକି ଅଲଗା ରଖିଥିଲି । ମନୁ ଆଗତୁରା ଭାତ ଖାଇଦେଲା ତ ! ମାଗି ମାଗି ସବୁତକ ଭଜା ଖାଇଦେଲା ।

ନାତି ମାଛ ଖାଇଥିବା କଥା ଶୁଣି ସେ ସଂପର୍କରେ ଆଉ ଅଧିକତର ଆଲୋଚନା ନ କରି ମୌନ ରହିଥିଲେ ଚାରୁଲତା ।

ଏଇ ଘଟଣାର ଦୁଇଦିନ ପରେ, ଦିନେ ସକାଳେ ଉଠିଲାବେଳକୁ, ରାତିରୁ ବତୁରାଇ ରଖିଥିବା ଫାଳବିରିକୁ ଚାରୁଲତା ଧୋଇ ପରିଷ୍କାର କରୁଥିବାର ଦୃଶ୍ୟଟି ମିତା ଆଖିରେ ପଡିଥିଲା । ଚାରୁଲତାଙ୍କୁ ପଚାରିଲା - ତାକୁ କଅଣ କରିବେ ବୋଉ ?

- କଅଣ ଆଉ କରିବି ? ବଡି ଯୋଡେ ପକେଇଦେବି ଭାବୁଛି । ଆଶୁଟା ଭାରି ବଡି ରଙ୍କୁଣା । ଚାରୁଲତା ମୃଦୁହସି ଜବାବ ଦେଇଥିଲେ ।

ଦିଅନ୍ତୁ, ମୁଁ ମିକ୍ସିରେ ବାଟି ଦେଉଛି । ହେଲେ କାହିଁକି ଏ ବୟସରେ ଏତେ ପରିଶ୍ରମ କରୁଛନ୍ତି ? ଏଠି ତ ବଜାରରେ ବଡିର ପ୍ୟାକେଟ୍ ମିଳୁଛି । କାଲି ମୁଁ ମନୁପାଇଁ ଦି ପ୍ୟାକେଟ୍ କିଣକି ଆଣିଲି ପରା । ଚାରୁଲତାଙ୍କ ହାତରୁ ବିରିପାତ୍ରଟି ନେଉ ନେଉ ମିତା କହିଲା ।

- ନାଇଁ ମ ! ସେ ବଜାର ବଡି ଗୁଡା ଭାରି ଟାଣ । ଦେଖିବୁ ମୁଁ ଭଲକି ଫେଣେଇକି ପକେଇ ଦେବି । କେଡେ ହାଲୁକା ଓ ନରମ ହବ ସେ ବଡି । କମ୍ ବଡି ମୁଁ ପକେଇଚି ଆଶୁପାଇଁ ? କଖାରୁମଞ୍ଜି ବଡି, ମସଲାବଡି, ରାଶିବଡି...

- କାଇଁ ବଡି ଏତେ ଭଲପାଆନ୍ତି ବୋଲି କେବେ କହିନାହାନ୍ତି ତ ! ଚାରୁଲତାଙ୍କ କଥାକୁ ମଝିରେ କାଟି ମିତା କହିଲା ।

ଚାରୁଲତା ଜବାବ୍ ଦେଲେ - ପଚାରିବୁ ଆଜି ଅଫିସ୍‌ରୁ ଫେରିଲେ । ଖରାଦିନେ ପଖାଳ ସାଥିରେ ବାଇଗଣ ପୋଡା ଆଉ ବଡିଭଜା ନଦେଲେ କେମିତି କଟାଳ କରୁଥିଲା କହିବ ତତେ ।

ବିରିତକ ମିକ୍ସିରେ ମିତା ବାଟି ଦେଇଥିଲା । ସାରାସକାଳ ଖରାରେ ବସି ବଡି ପକାଇଥିଲେ ଚାରୁଲତା । ତାଙ୍କୁ ଦେଖି ଦେଖି ମିତା ମନରେ କେଜାଣି କାହିଁକି ଏକ ସନ୍ଦେହ ଉଙ୍କି ମାରିଲା । ଚାରୁଲତା, ତାଙ୍କ ପୁତ୍ରର ଯତ୍ନ ନେବାରେ ମିତାକୁ ଅକ୍ଷମ ବୋଲି ମନେ କରୁନାହାନ୍ତି ତ ? ଭାବୁନାହାନ୍ତି ତ ତାଙ୍କ ପୁତ୍ରର ଭୋଜନ ପ୍ରତି ମିତା ଯଥେଷ୍ଟ ଯତ୍ନଶୀଳ ହେଉନି ବୋଲି ?

ତା'ର ଏଇ ସନ୍ଦେହ ବଳବତ୍ତର ହୋଇଥିଲା ସେଇଦିନ ରାତିରେ ଯେତେବେଳେ ଆଶୁତୋଷଙ୍କୁ ଜୋର୍ କରି ଗିଲାସେ ଉଷୁମ କ୍ଷୀର ଚାରୁଲତା ପିଆଉଥିବାର ଦୃଶ୍ୟଟି ତା'ର ଦୃଷ୍ଟିଗୋଚର ହୋଇଥିଲା । ଉଦରପୂର୍ତ୍ତି ରାତ୍ରିଭୋଜନ ପରେ କ୍ଷୀର ପିଇବାକୁ ଆଶୁତୋଷ ଥିଲେ ଅନାଗ୍ରହୀ କିନ୍ତୁ ଚାରୁଲତାଙ୍କ ଜିଦ୍ ସାମ୍ନାରେ ତାଙ୍କୁ ଝୁଙ୍କିବାକୁ ପଡିଥିଲା ଶେଷପର୍ଯ୍ୟନ୍ତ - ଦିହରେ କଣ୍ଟା ଦୋହଲିଗଲାଣି । ଦିନଯାକ ଖଟଣି, କ୍ଷୀର ଟିକିଏ ନପିଇଲେ ଶକ୍ତି ଆସିବ କୁଆଡୁ ? ତୋ'ରି ଯୋଗୁ ତ ଗୁହାଳର ମୋ'ର ସାରାବର୍ଷ ଗାଇବାଛୁରୀ ବନ୍ଧା ହେଇଥିଲେ । ପୁତ୍ରକୁ ସସ୍ନେହ ଚାହିଁ ଟିପ୍ପଣୀ କାଟିଥିଲେ ଚାରୁଲତା ।

ଦୃଶ୍ୟଟି ସାରା ରାତି କଣ୍ଟାପରି ଖଚ୍ ଖଚ୍ କରି ଲାଗିଲା ମିତାର ଛାତି ଭିତରେ । ନିଶ୍ଚିତ ରୂପେ ମିତାର ଘରକରଣାରେ ଅସନ୍ତୁଷ୍ଟ ଥିଲେ ଚାରୁଲତା । ଅସନ୍ତୁଷ୍ଟ ଥିଲେ ପ୍ରିୟପୁତ୍ରଟିର ସୁଖସୁବିଧା ପ୍ରତି ମିତା ନିଶ୍ଚେଷ୍ଟ ରହୁଥିବାର ଏକ ଭ୍ରାନ୍ତଧାରଣା ମନରେ ବହନ କରି । ଆଶୁତୋଷ 'ଭୋକ ଲାଗୁଛି' କହିଲେ ଯେଉଁ ଶାଶୁ ମିତାକୁ ଡାକ ଛାଡୁଥିଲେ ଭୋଜନ ପରଶିଦେବା ପାଇଁ ସେଇ ଶାଶୁ ଆଜି ପୁତ୍ରର ଖାଇବା ସମୟରେ ତା' ପାଖରେ ଠିଆ ହୋଇ ପ୍ରସ୍ତୁତ ହୋଇଥିବା ବ୍ୟଞ୍ଜନର ତଦାରଖ କରୁଛନ୍ତି ବା କାହିଁକି ? କାହିଁକି ତାଙ୍କର ଏଇ ପରିବର୍ତ୍ତନ ? କଅଣ ପାଇଁ ? ଯେତେ ଭାବିଲେ ବି ଏ ରହସ୍ୟର କିଛି କୂଳକିନାରା ପାଇପାରିଲାନି ମିତା ।

ଚାରୁଲତାଙ୍କର ଏତାଦୃଶ ରହସ୍ୟମୟ କାର୍ଯ୍ୟକଳାପ ପଛରେ ଯେ ତାଙ୍କର କୌଣସି ଦୂରଭିସନ୍ଧି ବା ମନ୍ଦ ଉଦ୍ଦେଶ୍ୟ ଥାଇପାରେ, ତାହା କଳ୍ପନା କରିବା ମଧ୍ୟ ମିତା ପକ୍ଷରେ ଥିଲା ଅସମ୍ଭବ । ଦୀର୍ଘ କୋଡିଏ ବର୍ଷ ଧରି ଚାରୁଲତାଙ୍କୁ ଦେଖି ଆସୁଛି ସିଏ । ଏଭଳି ସୁଶୀଳ ଓ ଶାନ୍ତିପ୍ରଦ ମଣିଷଟିଏ ଦୀପଧରି ଖୋଜିଲେ ବି ମିଳିବେନି ସାରା ସଂସାରରେ । ତାଙ୍କୁ ଅବିଶ୍ୱାସ କଲେ ଯେ ମହା ଅପରାଧ ହେବ ମିତାର ।

ଦୁଶ୍ଚିନ୍ତା ହେତୁ ସାରାରାତି ଭଲକରି ନିଦ ହେଲାନି ମିତାର ।

ତା'ର ସେ ଦୁଶ୍ଚିନ୍ତା କିନ୍ତୁ ଦୂର ହୋଇଗଲା ଅତିଶୀଘ୍ର - ଠିକ୍ ତା' ପରଦିନ ସକାଳେ ରୋଷେଇଘରେ ଚା' ତିଆରି କରୁକରୁ ଅଗଣାରେ ବାସନ ମାଜୁଥିବା ଓଡ଼ିଆ ଭାଷାଭାଷୀ ମଲ୍ଲି ଓ ଚାରୁଲତାଙ୍କର କଥୋପକଥନ ଶୁଣିବା ଉତ୍ତାରୁ ।

ମନୁ ଥିଲା ହସଖୁସି ମିଜାଜର ତଥା ଚପଳପ୍ରକୃତିର । ତା'ର ଗୋଟିଏ ଅଦ୍‌ଭୂତ ଅଭ୍ୟାସ ଥିଲା । ମଝିରେ ମଝିରେ କ୍ଷୀଣାଙ୍ଗୀ ମିତାକୁ ଅଣ୍ଟା ପାଖରେ ଜାବୁଡି ଧରି ଓ ଭୂଇଁରୁ ଟେକି ଏ ଘରୁ ସେ ଘର ଘୂରିବୁଲିବା । ପୂର୍ବଦିନ ମଧ୍ୟ ଠିକ୍ ସେଇଆ କରିଥିଲା । ମିତା ହସି





ହସି କହିଥିଲା - କଅଣ କରୁଚୁ ମନୁ ? ଛାଡି ଦେ', ଛାଡି ଦେ', ପଡିଯିବି ମୁଁ । ବୁଢ଼ୀ ହେଇଗଲିଣି ଯେ !

ମିତାକୁ ଠିଆ କରେଇ ଦେଇ ମନୁ ତା'ର ସ୍ୱଭାବସୁଲଭ ପରିହାସ କରିବା ଭଙ୍ଗୀରେ କହିଥିଲା - ଓହୋ ! ତମେ ତାହେଲେ ବୁଢ଼ୀ ହେଇଗଲଣି । ଦେଖି ଦେଖି କେତେଟା ଦାନ୍ତ ପଡିଗଲାଣି ତମର ?

ବାସନ ମାଜୁ ମାଜୁ ପାଖରେ ଦଣ୍ଡାୟମାନ ଚାରୁଲତାଙ୍କୁ ସେଇ ଘଟଣାଟି ଶୁଣାଉଥିଲା ମଲ୍ଲି । - ମନୁବାବା ଆମର ଏତେବଡ ହେଲେଣି । ହେଲେ ପିଲାଳିଆମି ଯାଇନି । କାଲି ଦେଖିଲନି ? ମା'ଙ୍କୁ କେମିତି ଟେକିନେଇ ଏ ବଖରାରୁ ସେ ବଖରା ପହଞ୍ଚେଇ ଦେଲେ, ଗଲାବର୍ଷ ବି ଆସିଥିଲେ ଯେ ଏଇଆ କରିଥିଲେ । ଭାରି ଭଲପାଆନ୍ତି ମା'ଙ୍କୁ ।

ମଲ୍ଲିକଥାକୁ ମଝିରେ କାଟି ଚାରୁଲତା କହିଲେ - ଏ ଗୁଣଟି ତା ବାପାଠୁ ପାଇଛି ମନୁ । ଆଶୁ ବି ପିଲାବେଳେ ଠିକ୍ ଏଇଆ କରୁଥିଲା । ସେତେବେଳେ ଏମ୍.ଏ.ପଢୁଥାଏ । ଥରେ ଯାଇ ଗାଁରେ ପହଞ୍ଚିଲା ବେଳ ଦି'ଘଡିକୁ । ମତେ ଦେଖିଦେଇ କହିଲା - ବୋଉ, ତୁ ଏକଦମ୍ ଝଡିଗଲୁଣି । ହାଲୁକା ଚଢ଼େଇଟେ ପରି ହେଇଛୁ ।

ମୁଁ କହିଲି - ତତେ ଚଢ଼େଇ ପରି ଦିଶୁଛି ? ମୁଁ ଯେ ଖାଇପିଇକି ହାତୀ ପରି ହେଲିଣି । - ଆଶୁ କହିଲା ହାତୀ ନା ଆଉ କିଛି ? ଦେଖିବୁ, ତତେ ଏବେ ଗୋଟେ ହାତରେ ଟେକିଦେବି ? ଖାଲି କହିଲା ନୁହଁ, ଦି'ହାତରେ ଶୂନ୍ୟକୁ ଟେକିନେଇ ପୂରାପୂରି ଅଗଣାକୁ ପଳେଇଲା । ସାଇପଡିଶା, ହଳିଆ ମୂଲିଆ ସଭିଏଁ ରୁଣ୍ଡ, ସଭିଏଁ ହସି ହସି ନୟାନ୍ତ । ତା' କାଣ୍ଡ କାରଖାନା ଦେଖି ଗାଁ ଯାକ ମତେ କହିଲେ - ଆହା ପୁଅଟିଏ ତ ପାଇଛ ! ଭାଗ୍ୟରେ ଥିଲେ ଏଭଳି ପୁତ୍ରସନ୍ତାନଟିଏ ମିଳେ । ଝରକା ଫାଙ୍କରେ, ପୁତ୍ର ଉପାଖ୍ୟାନ ବର୍ଣ୍ଣନା କରୁଥିବା ଚାରୁଲତାଙ୍କର ଦୀପ୍ତ ଓ ହାସ୍ୟୋଜ୍ଜ୍ୱଳ ମୁଖମଣ୍ଡଳକୁ ନିରୀକ୍ଷଣ କରି, ଏଯାବତ୍ ରହସ୍ୟାବୃତ ହେଇ ରହିଥିବା ଚାରୁଲତାଙ୍କର ବ୍ୟାବହାରିକ ପରିବର୍ତ୍ତନର ପ୍ରଚ୍ଛଦପଟର କାହାଣୀଟିକୁ ଅଚାନକ୍ ଯେମିତି ସ୍ପଷ୍ଟ ଭାବରେ ଦେଖିବାକୁ ପାଇଲା ମିତା । ଆଖି ସାମ୍ନାରୁ କୁୟାସା ହଟିଯାଇ ଦୃଷ୍ଟି ହେଇ ଉଠିଲା ନିର୍ମଳ ଓ ବୋଧଗମ୍ୟ ।

ମୃଦୁ ହସି ମିତା ଭାବିଲା - କି ବୋକା ସିଏ ସତେ ! ନିଜେ ମନସ୍ତତ୍ତ୍ୱର ଛାତ୍ରୀ ହେଇ ସୁଦ୍ଧା ଏଇ ସାମାନ୍ୟ କଥାଟା ହୃଦୟଙ୍ଗମ କରିବାଲାଗି ଏତେଦିନ ଲାଗିଗଲା ତାକୁ ?

ତା'ର ମନେ ପଡିଲା - ଚାରୁଲତା ଆଶୁତୋଷଙ୍କର ମାଛଖିଆ କହିବା ପୂର୍ବଦିନ ସିଏ ମନୁ ଖାଇଲା ବେଳେ ତା' ପାଖରେ ବସି ମାଛରୁ କଣ୍ଟା ବାଛି ଦେଇଥିଲା । ଶାଶୁ ବଡି

ପକାଇବାର କେଇଦିନ ପୂର୍ବରୁ ମନୁ ବଡି ଖାଇବାକୁ ଭଲପାଏ ବୋଲି ନିଜେ ବଜାର ଯାଇ କିଣି ଆଣିଥିଲେ ମସଲାବଡି ଓ କଖାରୁମଞ୍ଜି ବଡି । ରାତିରେ ଜିଦ୍‌ଖୋର ମନୁକୁ ବଳେଇ ବଳେଇ କ୍ଷୀର ପିଆଇବାଟା ଥିଲା ମିତାଙ୍କର ପ୍ରାତ୍ୟହିକ ରୁଟିନ୍ । ଏହା ନିଶ୍ଚିତ ରୂପେ ଚାରୁଲତାଙ୍କୁ ପ୍ରବର୍ତ୍ତାଇଥିଲା ଭୋଜନାନ୍ତେ ତାଙ୍କ ପୁତ୍ରକୁ ଜୋର୍ କରି ଗିଲାସେ ଉଷୁମ କ୍ଷୀର ପିଆଇବା ଲାଗି ।

ମିତା ବୁଝିପାରିଲା – ଚାରୁଲତା ଏବେ ମା' ହିସାବରେ ହୋଇ ଉଠିଛନ୍ତି ତା'ର ପ୍ରତିଦ୍ୱନ୍ଦୀ । ପ୍ରତିଯୋଗିତା କରୁଛନ୍ତି ସାବ୍ୟସ୍ତ କରିବାଲାଗି କିଏ କାହା ପୁଅକୁ ବେଶୀ ଭଲପାଏ ବୋଲି । ପିଲାଳିଆ ଢଙ୍ଗରେ ପ୍ରମାଣ କରିବାକୁ ଚାହୁଁଛନ୍ତି କେବଳ ମନୁ ଯେ ତା ମା'କୁ ଭଲପାଏ ତାହା ନୁହେଁ, ତାଙ୍କ ପୁତ୍ର ମଧ୍ୟ ତାଙ୍କ ପ୍ରତି ସମଭାବରେ ସ୍ନେହଶୀଳ ।

ସିଏ ଉଚ୍ଚସ୍ୱରରେ ମିତା ଆଗରେ ଜାହିର୍ କରିଦେବାକୁ ଚାହାନ୍ତି – ଖାଲି ତୋ'ର ପୁଅଟିଏ ଅଛି ବୋଲି ଭାବ୍‌ନା । ମୋର ବି ପୁତ୍ରସନ୍ତାନଟିଏ ଅଛି । ମୁଁ ବି ଗୋଟିଏ ପୁଅର ମା' । ତୋଠାରୁ କୌଣସି ଗୁଣରେ କମ୍ ନୁହେଁ । ମିତା ହୃଦୟଙ୍ଗମ କଲା; ହୁଏତ ସଜ୍ଞାନରେ ଏଇଆ ଭାବି କାମ କରୁନାହାନ୍ତି ଚାରୁଲତା । କିନ୍ତୁ ତାଙ୍କ ଅଜାଣତରେ ତାଙ୍କ ଅବଚେତନ ମନ ଏଇ ଅହଂ ଭାବକୁ ପ୍ରଶ୍ରୟ ଦେଉଛି ନିଶ୍ଚୟ ।

ଚାରୁଲତାଙ୍କର ଲୋଳଚର୍ମ ତଥା କାଶଶୁଭ୍ର କେଶକୁ ଚାହିଁ ମମତା ଓ କରୁଣାରେ ଦ୍ରବୀଭୂତ ହୋଇଉଠିଲା ମିତାର ମନ । ଆହା ! ଏଇ ବୟସରେ କି ଆକୁଳ ପ୍ରୟାସ ନିଜର ସଫଳ ମାତୃତ୍ୱ ଜାହିର୍ କରିବାଲାଗି ! ମିତା ରାଗି ପାରିଲାନି ଚାରୁଲତାଙ୍କ ଉପରେ । ଦୁଃଖ କଲା, କୌତୁକରେ ହସିଦେଲା ମଧ୍ୟ । ହସି ହସି ଭାବିଲା, କାଲି ସିଏ ମନୁପାଇଁ କାକରା ପିଠା କରିଥିଲା । ଆଜି ଚାରୁଲତା ନିଶ୍ଚିତରୂପେ ମଣ୍ଡା ପିଠା ବନାଇବେ ଆଶୁତୋଷଙ୍କ ପାଇଁ ।

ମିତାର ଭାବନାକୁ ପ୍ରତିହତ କରି ହଠାତ୍ ମନୁ ମା' ମା' ବୋଲି ଡାକ ଛାଡିଲା ବେଡ୍‌ରୁମ୍‌ରୁ । ତରତର ହୋଇ ପୁଅ ପାଖକୁ ଯାଇ ମିତା ପଚାରିଲା – କ'ଣ ହେଲାରେ ମନୁ ? ଆଠଟା ବାଜିବାକୁ ବସିଲାଣି ଯେ ! ଉଠିପଡ୍ ଏବେ ।

ନିଦ ମଳ ମଳ ଆଖିରେ ମନୁ କହିଲା – ତମେ ବସନା ମା ଏଠି । ମୁଁ ଟିକିଏ ତମ କୋଳରେ ମୁଣ୍ଡ ଦେଇକି ଶୁଏ ! ତମେ ଖାଲି ଘର କାମ କରୁଚ, ଜମ୍ମା ଆସୁନ ମୋ' ପାଖକୁ । କହୁ କହୁ ପାଖରେ ବସିଥିବା ମିତାଙ୍କ କୋଳରେ ତକିଆଟି ରଖି ଓ ତହିଁରେ ମୁଣ୍ଡ ଥାପି ଆଖିବୁଜି ଆରାମ୍ କଲା ମନୁ । କିଛି ସମୟ ପରେ ସେଇଭଳି ଆଖି ବନ୍ଦ କରି କହିଲା





– ମା, ଆଜି ମୁଁ ଗାଧେଇଲା ପୂର୍ବରୁ ମୋ ମୁଣ୍ଡରେ ଟିକିଏ ତେଲ ମାଲିସ୍ କରିଦବତ ! ମୁଣ୍ଡଟା ଏକଦମ୍ ଭାରି ଭାରି ଲାଗୁଛି । ଆଚ୍ଛା, ଆଚ୍ଛା କରିଦେବି ତେଲ ମାଲିସ୍ । କହି ପୁଅର ମୁଣ୍ଡବାଳରେ ସିଆର କାଟିଲାଗିଲା ମିତା । ତତ୍ ସହିତ ଦରଜାପାଖରେ ଅପସୃୟମାନ ଚାରୁଲତାଙ୍କର ଧୋବଲୁଗାର କିୟଦଂଶ ଦେଖିବାକୁ ପାଇଲା ମଧ୍ୟ ।

ସେଇ ସପ୍ତାହ ଶେଷର ରବିବାର ଦିନ ସ୍ନାନ ଓ ଠାକୁରପୂଜା ସାରି ମିତା ତା' ଶୋଇବା ଘରକୁ ପଶିଲା ବେଳେ ଭାରି ଚମତ୍କାର ଦୃଶ୍ୟଟିଏ ଆଖିରେ ପଡିଲା ତାର । ଖଟ ଉପରେ ବସି ଆଶୁତୋଷ ଖବରକାଗଜ ପଢ଼ିବାରେ ମଗ୍ନ । ପାଖରେ ବସିଛନ୍ତି ଚାରୁଲତା ହଠାତ୍ ଅପ୍ରାସଙ୍ଗିକ ଭାବରେ ଚାରୁଲତା କହିଉଠିଲେ – ହଇରେ ଆଶୁ, ପିଲାଦିନଯାକ ମୋ କୋଳରେ ପଶି କେମିତି ଜାକିଜୁକି ହେଇ ଶୋଉଥିଲୁ ତୋ'ର ମନେ ଅଛି ? ଗୋଡଯୋଡ଼ିକ ନେଇ ମୋ ପେଟ ପାଖରେ ଖୁନ୍ଦି ଦେଉଥିଲୁ... ତୋ'ର ମନେ ଅଛି ନା ନାଇଁ ମ ?

– ସିଏ କେଉଁ କାଳର କଥା ହେଲାରି ବୋଉ । ମୁଁ ପରା ବୁଢ଼ା ହେଇଗଲିଣି ଏବେ । ଚଶମା ପିନ୍ଧା, କାନପାଖ କଲି ଧଳା ପଡି ଆସୁଥିବା ପ୍ରୌଢ଼ ଆଶୁତୋଷ ଅନ୍ୟମନସ୍କ ଭାବରେ ଜବାବ୍ ଦେଲେ ।

– ମୁଁ ବଞ୍ଚି ଥାଉ ଥାଉ ତୁ କେମିତି ବୁଢ଼ା ହେବୁ କିରେ ? ଆସିଲୁ, ଆ ମୋ କୋଳରେ ଟିକିଏ ମୁଣ୍ଡ ଦେଇକି ଶୋଇଲୁ । ଟିକିଏ ଦେଖେ ତତେ ଭଲକରି । କୋଳରେ ତକିଆଟିଏ ରଖି ଆଶୁତୋଷଙ୍କର ମଥାଟିକୁ ଜୋର୍ କରି ନିଜଆଡକୁ ଟାଣିବାକୁ ଲାଗିଲେ ଚାରୁଲତା ।

– ଓଃ ! କ'ଣ ଯେ ତୁ କରୁ ବୋଉ । ଅସହିଷ୍ଣୁ ଗଳାରେ ଆଶୁତୋଷ ଜବାବ୍ ଦେଲେ ।

– ହଉ, ହଉ, ରାଗ୍‌ନା । ବୁଢ଼ୀ ହେଲିଣି, ଆଜି ଅଛି, କାଲି ନଥିବି, ଭୁଲ୍ ହେଇଗଲା ମୋର । ତୁ ରାଗ୍‌ନା ମୋ ଉପରେ ।

ଚାରୁଲତାଙ୍କ ଗଳାରେ ଦୁଃଖ ଓ ଅଭିମାନର ବ୍ୟଞ୍ଜନା ଶୁଣି ଆଶୁତୋଷ ତାଙ୍କ କ୍ରୋଡସ୍ଥିତ ତକିଆରେ ମୁଣ୍ଡ ରଖି ପୁନର୍ବାର ଖବରକାଗଜ ପଢିବାରେ ମଗ୍ନ ହେଇ ଉଠିଲେ ଏବଂ ଚାରୁଲତା ପରମ ସ୍ନେହରେ ତାଙ୍କ ଶିରାଳ ଶୀର୍ଣ୍ଣ ଅଙ୍ଗୁଳି କେତୋଟି ଚଳାଇ ପୁଅ ମୁଣ୍ଡକୁ ଆଉଁଷି ଦେବାରେ ଲାଗିଲେ ।

ଚାରୁଲତାଙ୍କ ପାଇଁ ନେଇଥିବା ଲେମ୍ବୁ ସର୍ବତର ଗ୍ଲାସ୍‌ଟି ତାଙ୍କ ପାଖ ଟେବୁଲ୍ ଉପରେ ରଖି ମିତା କହିଲା – ବୋଉ, ଆଜି ତ ରବିବାର । ଛୁଟିଦିନ । ତାଙ୍କ ମୁଣ୍ଡରେ ଟିକିଏ ତେଲ ମାଲିସ୍ କରିଦେବେ ତ ! କାଲି କହୁଥିଲେ ମୁଣ୍ଡଟା କାହିଁକି ବିନ୍ଧୁଛି ବୋଲି ।

ଚାରୁଲତା କହିଲେ – ତା'ର ତ ପିଲାଦିନୁ ମୁଣ୍ଡବିନ୍ଧା ବେମାରି, ଟିକିଏ ଖରାକୁ ଗଲେ ମୁଣ୍ଡ ବିନ୍ଧିବ । କେବଳ ତାହାରି ପାଇଁ ଘରେ ଜଡା ରାନ୍ଧି ଜଡାତେଲ ମୁଁ ସାଇତି ରଖୁଥିଲି ସାରାବର୍ଷ । ଜଡାତେଲଟା ମୁଣ୍ଡକୁ ଥଣ୍ଡାତ !

କିଛି ସମୟ କିଞ୍ଚିତ୍ ବିସ୍ମୟ ଭରା ଆଖିରେ ମିତାକୁ ଚାହିଁ ଚାରୁଲତା ପୁନର୍ବାର କହିଲେ – ଆଜି ରବିବାର । ଛୁଟିଦିନ ବୋଲି କାଲିଠୁ ମୁଁ ଠିକ୍ କରି ରଖିଛି ଆଶୁ ମଥାରେ ତେଲ ଘଷିଦେବି ବୋଲି । ହେଲେ ତୁ ମୋ ମନକଥା ଜାଣିଲୁ କେମିତି ?

ମିତା ଶାଶୁଙ୍କ କଥା ଶୁଣିପାରି ନଥିବାର ବାହାନା କରି ଓ ଉଦ୍‌ଗତ ହସକୁ କୌଣସି ମତେ ଚାପିରଖି ବାହାରି ଆସିଲା ଶୋଇବାଘର ଭିତରୁ ।

ପପପ





# ଆବରଣ

ଇଲା ଅପାଙ୍କ କଥା ସଦାସର୍ବଦା ସମ୍ବାଦପତ୍ରରେ ପଢୁଥିଲି । ଚଳପ୍ରଚଳ ହେଉଥିଲେ ବିଭିନ୍ନ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଗହଣରେ । ଜଣେ ପ୍ରତିଷ୍ଠିତ ତଥା ସମର୍ପିତ ସମାଜ ସେବୀ ଭାବରେ, ସମାଜରେ ବେଶ୍ ସୁଖ୍ୟାତି ଅର୍ଜନ କରି ସାରିଥିଲେ ବିଗତ କେଇବର୍ଷ ଭିତରେ ।

ତାଙ୍କଦ୍ୱାରା ପରିଚାଳିତ ସ୍ୱେଚ୍ଛାସେବୀ ସଂଗଠନଟିର ନାଁ ଥିଲା 'ସାକ୍ଷରତା', ସାକ୍ଷରତା ତରଫରୁ ଭୁବନେଶ୍ୱର ବସ୍ତି ଅଞ୍ଚଳରେ ଅନେକ ଗୁଡ଼ିଏ ବିଦ୍ୟାଳୟ ଖୋଲାଯାଇ, ସେଠାକାର ଦରିଦ୍ର ତଥା ଅବହେଳିତ ଶିଶୁମାନଙ୍କୁ ମାଗଣା ଶିକ୍ଷାଦେବାର ବ୍ୟବସ୍ଥା କରା ଯାଇଥିଲା । ବସ୍ତୁତଃ ଇଲାଅପାଙ୍କ ପରି ସମ୍ବେଦନଶୀଳା ତଥା ଉଦାର ହୃଦୟା, ଜଣେ ବ୍ୟକ୍ତିଙ୍କ ସଂପର୍କରେ ଜାଣିବା ପରେ, କେବେ କେମିତି କିଛିଟା ହୀନମନ୍ୟତା ଗ୍ରାସ କରୁଥିଲା ମତେ । ମନେ ହେଉଥିଲା, ସତେ ଯେମିତି କିଛି କରିପାରିଲିନି ଏ ଜୀବନରେ । ଈଶ୍ୱର ଯେ ମାତ୍ର ଗୋଟିଏ ଜୀବନ ଦିଅନ୍ତି ।

ରୂପ ଓ ଗୁଣରେ, ମତେ ଏତାଦୃଶ ମୋହମୁଗ୍ଧା କରିଥିବା ଏଇ ଇଲାଅପା, କେବେ ଦିନେ ଯେ ଆସି ମୋ' ଘରର ପଡୋଶୀ ହେବେ ଏବଂ ମୋ' ପରି ଏକ ଅନାମଧେୟ ମଣିଷ ସହିତ ହୃଦ୍ୟତା ସ୍ଥାପନା କରିବେ, ତାହା ଥିଲା ମୋ'ର ସ୍ୱପ୍ନର ଅତୀତ । କିନ୍ତୁ ସେ ଅବାସ୍ତବ ସ୍ୱପ୍ନକୁ ସାକାର କରି, ସତକୁ ସତ ଇଲା ଅପା ଦିନେ ଆସି ଆମ କଲୋନୀର ବାସିନ୍ଦା ହେଲେ ଏବଂ ମୋ' ଘରର କିୟତ୍ ଦୂରରେ ନବନିର୍ମିତ ସବୁଜରଙ୍ଗର କୋଠାଘରଟିରେ ବସବାସ କରିବାକୁ ଲାଗିଲେ ।

ସୁଦୃଶ୍ୟ ହର୍ମ୍ୟଟି ଯେ ତାଙ୍କର, ତା'ର ଖବର ପାଇଥିଲି ସ୍ୱୟଂ ଇଲାଅପାଙ୍କ ଠାରୁ । ଦିନେ ଅପରାହ୍ଣରେ ନିଜେ ଆସି ହାଜର ହେଇଥିଲେ ଆମ ଘରେ । ନିଜର ପରିଚୟ ଦେଇ କହିଥିଲେ - ମୁଁ ଇଲା ସାମନ୍ତରାୟ । ଏଇ ପାଖ ସବୁଜ ରଂଗର କୋଠାଟି ମୋ'ର । କିଛି ଦିନ ହେଲା ଆସିଛି ।

ସାଦା ଜର୍ଜେଟ୍ ଶାଢ଼ି ଏବଂ ହୀରାର ନାକଫୁଲରେ ଝଲ୍‌ମଲ୍ କରୁଥିବା ସୁଶ୍ରୀ ଓ ପରିଷ୍କୃତ ଇଲାଅପାଙ୍କୁ ପ୍ରଥମଥର ପାଇଁ ମୋ' ଘର ସାମନାରେ ଦେଖି ମୁଁ କେତୋଟି ମୁହୂର୍ତ୍ତ ପାଇଁ ହତଚକିତ ହୋଇପଡିଲି । ପରେ ପରେ ମୃଦୁ ହସି ନମସ୍କାର କରି କହିଲି - ଆପଣଙ୍କୁ ପୁଣି କିଏ ନଚିହ୍ନେ ଏ ସହରରେ ? ଆସନ୍ତୁନା । ଦୟାକରି ଭିତରକୁ ଆସନ୍ତୁ ।

ଇଲା ଅପା ସୋଫାରେ ବସିପଡି କହିଲେ - କ୍ଷମା କରିବେ, ନିଜ ସ୍ୱାର୍ଥରେ ଆଜି ଆସିଛି ଆପଣଙ୍କ ପାଖକୁ । ଆପଣ ତ ଜାଣନ୍ତି ମୁଁ ଜଣେ ସମାଜସେବୀ, ଆମ ସଂଗଠନ 'ସାକ୍ଷରତା' ମୂଳତଃ ଶିକ୍ଷା ସହିତ ଜଡିତ ହେଇଥିଲେ ବି ଅନ୍ୟାନ୍ୟ କେତୋଟି ଦେଶସେବା ମୂଳକ କାମ ମଧ୍ୟ ଆମେ କରିଥାଉ । ଏବେ ଏବେ ଓଡ଼ିଶା ଉପରେ ଯେଉଁ ବନ୍ୟାର ପ୍ରକୋପ ଗଲା, ସେଥିରେ ଗାଁ ଗହଳର ଅବସ୍ଥା ଆପଣ ବେଶ୍ କଳ୍ପନା କରିପାରୁଥିବେ । କି ଅକଥନୀୟ ଦୁର୍ଦ୍ଦଶା ଏବଂ ଅନାଟନ ଭିତରେ ଲୋକମାନେ ସେଠି ବଞ୍ଚିଛନ୍ତି, ନିଜ ଆଖିରେ ମୁଁ ଦେଖି ଆସିଛି । ଆଉ ଖାସ୍ ସେଇଥିପାଇଁ ବନ୍ୟାବିଧ୍ୱସ୍ତ ଗାଁ ସବୁ ବୁଲି ଲୋକମାନଙ୍କୁ ଲୁଗାପଟା ବାଣ୍ଟିବାର କାମଟି ଆପଣେଇ ନେଇଛି । ଆପଣଙ୍କର ଯଦି କିଛି ପୁରୁଣା ଲୁଗାପଟା ଅଛି, ଦେଲେ ଦୀନଦରିଦ୍ରମାନଙ୍କର ସେବାରେ ଲାଗି ଯାଆନ୍ତା ।

ଇଲା ଅପାଙ୍କ କାମରେ କିଛିଟା ସାହାଯ୍ୟ କରିପାରିଥିବାର ଉଲ୍ଲାସ ନେଇ ମୋ'ର ଓ ବରୁଣଙ୍କର ଅନେକ ଶାଢ଼ି ଓ ସାର୍ଟ ଦେଇଥିଲି ସେଦିନ ଇଲାଅପାଙ୍କୁ । ଅନୁରୋଧ କରିଥିଲି ମତେ ଆପଣ ନକହି 'ତୁମେ' ବୋଲି ସମ୍ବୋଧନ କରିବାପାଇଁ ।

ଇଲାଅପା ମତେ କହିଥିଲେ, ନୟାପଲ୍ଲୀସ୍ଥିତ ତାଙ୍କର ପୁରୁଣା ଘରଟି ଭଙ୍ଗା ହେଇ ସେଠାରେ ଆପାର୍ଟମେଣ୍ଟ ତିଆରି ହେବାକୁ ଯାଉଥିବାରୁ, ଏଇ ନୂଆ ଘରଟିକୁ ଚାଲି ଆସିଛନ୍ତି ସିଏ । ଏକଥା ମଧ୍ୟ ଜଣାଇଥିଲେ ଯେ ତାଙ୍କର ଏକମାତ୍ର ପୁତ୍ର ଆମେରିକାରେ ବୋଷ୍ଟନ୍ ସହରରେ ରୁହେ । ତାଙ୍କର ସ୍ୱାମୀ ବର୍ତ୍ତମାନ ସେଇ ପୁଅ ପାଖରେ । କନ୍ୟାଟି ବିବାହିତା ଏବଂ ଆର୍ମିରେ କାର୍ଯ୍ୟରତ ସ୍ୱାମୀଙ୍କ ସହ ଥାଏ ପଠାଣକୋଟ୍‌ରେ ।





ଇଲାଅପା ବିଦାୟ ନେଇ ଯାଇସାରିଲା ପରେ ଘର ଭିତରେ ପଶି ବରୁଣଙ୍କୁ କହିଲି - ଜାଣ ! ଇଲା ଅପା ଆସିଥିଲେ ଏବେ । ସମାଜସେବୀ ଇଲା ସାମନ୍ତରାୟ, କି ଚମତ୍କାର ଚେହେରା ଓ ବ୍ୟକ୍ତିତ୍ୱ ଭଦ୍ରମହିଳାଙ୍କର । ଘର ଘର ବୁଲି ବନ୍ୟାପୀଡିତ ଲୋକଙ୍କ ପାଇଁ ଲୁଗାପଟା ସଂଗ୍ରହ କରୁଛନ୍ତି ।

ବରୁଣ କିନ୍ତୁ କୌଣସି ପ୍ରକାର ଆଗ୍ରହ ବା ଉତ୍ତେଜନା ପ୍ରକାଶ ନକରି ଏବଂ ମୋ କଥାକୁ ସଂପୂର୍ଣ୍ଣ ରୂପେ ଉପେକ୍ଷା କରି ପଢୁଥିବା ଇଂରାଜୀ ଉପନ୍ୟାସଟିର ପୃଷ୍ଠାରେ ଅଧିକତର ଭାବରେ ମନୋନିବେଶ କରିବାକୁ ଲାଗିଲେ ।

ମୁଁ କହିଲି - କଅଣ ହେଲା ? କିଛି କହୁନ ଯେ !

କଅଣ କହିବି ? ଖାଲି ଭାବୁଛି ତୋ' ପରି ବୋକା ଲୋକଟିଏ ବୋଧହୁଏ ପୃଥିବୀରେ ଆଉ କେଉଁଠି ନଥିବ । ଜୀବନଯାକ କେବେ ଘରୁ ବାହାରକୁ ବାହାରିନୁ ତ ! କେଉଁଟା ସତ କେଉଁଟା ମିଛ, ତାହା ବୁଝିବାର କ୍ଷମତା ସେଇଥିପାଇଁ ହରାଇ ବସିଛୁ । ବହିରାବରଣ ତଳେ ଛପିଥିବା ମଣିଷର ପ୍ରକୃତ ସ୍ୱରୂପ କଳନା କରିବା ଏତେ ସହଜ କଥା ନୁହେଁ କିନ୍ତୁ । ବରୁଣ ବହିରୁ ମୁହଁ ଉଠାଇ ମତେ କହିଲେ ।

- ସହଜ ଅସହଜର ପ୍ରଶ୍ନ ଏଠି ଉଠୁଛି କେଉଁଠୁ ? ଇଲାଅପା ଯେ ପ୍ରକୃତରେ ଜଣେ ନିଷ୍ଠାପର ସମାଜସେବୀ ଏକଥା ତ ସମସ୍ତେ ଜାଣନ୍ତି ।

ବରୁଣ ମୃଦୁହସି କହିଲେ - ବିଲକୁଲ ବାବା ଆମ୍‌ଟେଙ୍କର ମହିଳା ସଂସ୍କରଣ ନିଶ୍ଚୟ ।

ମୁଁ କହିଲି - ମତେ ଚିଡେଇବା ଦରକାର ନାହିଁ । ଓଡ଼ିଶା ବାହାରକୁ କାହିଁକି ଯାଉଛ ? ଓଡ଼ିଶା ଭିତରେ କେତେଜଣ ଇଲାଅପାଙ୍କ ପରି କାମ କରୁଛନ୍ତି କହତ !

ବରୁଣ ଏଥରକ ସାମାନ୍ୟ ଗମ୍ଭୀର ହୋଇ କହିଲେ - ଓଡ଼ିଶାରେ ବି ପ୍ରକୃତ ମହିଳା ସମାଜସେବୀ ଥିଲେ ଏବଂ ଅଛନ୍ତି । ମାଳତୀ ଚୌଧୁରୀ, ରମା ଦେବୀ, ଡ. ତୁଳସୀ ମୁଣ୍ଡା ସେମାନଙ୍କର ନିଃସ୍ୱାର୍ଥପର ସେବା ମନୋବୃତ୍ତି ଯୋଗୁ ନିଶ୍ଚିତ ରୂପେ ଆମ୍ଭମାନଙ୍କର ଶ୍ରଦ୍ଧାର ଯୋଗ୍ୟ ।

- ଆଉ ଇଲା ଅପା କି ଦୋଷ କଲେ ?

ଛାଡ୍ ଛାଡ୍, ଇଲା ସାମନ୍ତରାୟ ଆଉ ସମାଜସେବା ! ବନ୍ୟା ରିଲିଫ୍ ପାଇଁ ହେଉ, ବା ନିରକ୍ଷରତା ଦୂରୀକରଣ ପାଇଁ ହେଉ, ଭାରତ ସରକାରଙ୍କଠାରୁ ଏବଂ ଭାରତ ବାହାରେ

ଥିବା ଦେଶମାନଙ୍କରୁ କେତେ ଟଙ୍କା ତାଙ୍କ ପାଖକୁ ସାହାଯ୍ୟ ତଥା ଡୋନେସନ୍ ହିସାବରେ ଆସେ ତୋ'ର କିଛି ଧାରଣା ଅଛି ? ଦୁଇ ଚାରିଟା ଦରିଦ୍ର ଅର୍ଦ୍ଧ ଉଲଗ୍ନ ଶିଶୁ ବା ମହିଳାଙ୍କ ଫଟ ପଠେଇଦେଇ ଲକ୍ଷ ଲକ୍ଷ ଟଙ୍କାର ପ୍ରୋଜେକ୍ଟ କାମ ପାଇଁ ପାଆନ୍ତି ଏମାନେ । ସାମାନ୍ୟ କିଛି ଖର୍ଚ୍ଚ ହୁଏ । ହିସାବଖାତାରେ ହେରଫେର୍ ହୁଏ । ବାକି ପଇସାତକ ଯାଏ ଏମାନଙ୍କ ପକେଟ୍‌କୁ । ମିଛରେ ଇଲା ସାମନ୍ତରାୟ ଟୟଟା ଗାଡି ଧରି ବୁଲୁଛନ୍ତି ?

ବରୁଣଙ୍କ ଗଳାରେ ସାମାନ୍ୟ ଉଷ୍ମାର ସ୍ପର୍ଶ ଦେଖି, ଏ ପ୍ରସଙ୍ଗ ନେଇ ଆଉ ଯୁକ୍ତିତର୍କ ନକରି ନୀରବ ରହିଯିବାକୁ ମୁଁ ଶ୍ରେୟସ୍କର ବୋଲି ଭାବିଲି ।

ଏହାର କିଛି ଦିନ ପରେ, ଇଲାଅପାଙ୍କର ଶୁଭାଗମନ ହେଲା ମୋ' ଘରକୁ । କାର୍ଯ୍ୟବ୍ୟସ୍ତତା ହେତୁ ତାଙ୍କ ଘରକୁ ଯାଇ ପାରି ନଥିବାରୁ କ୍ଷମାପ୍ରାର୍ଥନା କଲି ।

– ଆରେ ନାନା ! ତୁଚ୍ଛାଟାରେ ଏତେ କ୍ଷମାପ୍ରାର୍ଥନା କରନା । ମୁଁ ତ ସଦାସର୍ବଦା ବାହାରେ । ତୁମେ ଆସିଥିଲେ ବି ହୁଏତ ମୋ ଦେଖା ପାଇନଥାଆନ୍ତ ।

ଭାନିଟିବ୍ୟାଗରୁ ସୁନେଲୀ ରଂଗର କାର୍ଡଟିଏ କାଢ଼ି ଓ ମୋ ହାତକୁ ଦେଇ ଇଲାଅପା କହିଲେ – ମୁଁ କିନ୍ତୁ ଆଜି ଆସିଛି ତୁମକୁ ନିମନ୍ତ୍ରଣ କରିବା ପାଇଁ ।

– ନିମନ୍ତ୍ରଣ ? କି ନିମନ୍ତ୍ରଣ ?

– ଆଗାମୀ ରବିବାର ଦିନ ସମାଜସେବା ଏବଂ ସାକ୍ଷରତା ସଂପର୍କରେ ଆମର ଏକ କର୍ମଶାଳା ହେଉଛି ହୋଟେଲ୍ ମେ ଫେୟାର ଲାଗୁନ୍‌ରେ । ବାହାରୁ ବି ଅନେକ ଡେଲିଗେଟ୍ ଆସୁଛନ୍ତି । ସାରାଦିନର କାର୍ଯ୍ୟକ୍ରମ । ଲଞ୍ଚର ବ୍ୟବସ୍ଥା ସେଇଠି । ଆମେ ଅବଶ୍ୟ ବେଶୀ ଲୋକ ଡାକିନୁ । ବିଶିଷ୍ଟ କେତେଜଣ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରିଚୁ କେବଳ ।

– ମୁଁ ଅବା କେଉଁ ବିଶିଷ୍ଟ ଲୋକ ଯେ ! ଲାଜ ଲାଜ ହୋଇ ମୁଁ କହିଲି – ଆରେ ନା, ନା, ଯେତେ ଯାହାହେଲେ ତମେ ଜଣେ ଲେଖିକାତ । ଗଲେ ଆମ ସଂସ୍ଥାର ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ସଂପର୍କରେ ଜ୍ଞାନଲାଭ କରିବ । ଭବିଷ୍ୟତରେ ସୁବିଧା ଦେଖି ଆମ ସଂପର୍କରେ କିଛି ଲେଖିପାରିବ ତାହେଲେ ଜାଣତ ! ତଲ୍‌ୱାରଠାରୁ କଲମ ବେଶୀ ଶକ୍ତିଶାଳୀ ।

ମୁଁ କହିଲି – ଓ ! ଏଇ କଥା ! ଆପଣଙ୍କୁ ଜାଣିଛି, ଆପଣଙ୍କ ସଂସ୍ଥା ସଂପର୍କରେ ମୋଟାମୋଟି କିଛିଟା ଜ୍ଞାନ ଅଛି ମୋର । ଆପଣ ବ୍ୟସ୍ତ ହେବେନି । ଅତିଶୀଘ୍ର ମୁଁ ଫିଚରଟିଏ ଲେଖିଦେବି ଆପଣଙ୍କ ଉପରେ ।





ମୋ' କଥା ଶୁଣି ବେଶ୍ ଉତ୍‌ଫୁଲ୍ଲ ହେଇ ଉଠିଲେ ଇଲା ଅପା । ମୁଁ କିନ୍ତୁ କର୍ମଶାଳାରେ ଉପସ୍ଥିତ ରହି ପାରିବାର ଅକ୍ଷମତା ପ୍ରକାଶ କରି କହିଲି – ଆପଣ ତ ଜାଣନ୍ତି ଇଲାଅପା । ମୋ ସ୍ୱାମୀ ଜଣେ ହାର୍ଟ ପେସେଣ୍ଟ । ବାଇପାସ୍ ସର୍ଜରୀ ପରେ ଖାଇବା ପିଇବାରେ ମଧ୍ୟ ତାଙ୍କୁ ଅନେକ କଟକଣା ମାନିବାକୁ ପଡେ । ଘରେ ବି ଲୋକ କେହି ନାହାନ୍ତି । ସବୁ କାମ ମତେ ହିଁ କରିବାକୁ ହୁଏ । ଘରଛାଡ଼ି ବେଶୀ ସମୟ ବାହାରେ କେଉଁଠି ରହିବା ମୋ ଲାଗି ତେଣୁ ଅସମ୍ଭବ । ଆପଣ ଦୟାକରି ମନଦୁଃଖ କରିବେନି ଏଥିପାଇଁ ।

ଇଲା ଅପା କିନ୍ତୁ ମନଦୁଃଖ କଲେ । ଗାଡିରେ ବସୁ ବସୁ କହିଲେ 'ତୁମ ସମସ୍ୟା କଥା ମୁଁ ବୁଝୁଛି । ତେବେ ବି ଦେଖ, ଯଦି ଶେଷ ମୁହୂର୍ତ୍ତରେ ଆସିବା ପାଇଁ ମନକର ମତେ ଫୋନ୍ କରିଦବ । ମୁଁ ଗାଡ଼ି ପଠେଇଦେବି । ସେଦିନ ଅନେକଗୁଡ଼ିଏ ଗାଡି ଥିବ ତ ମୋ ପାଖରେ ! ଅସୁବିଧା କିଛି ହେବନି । ଆଉ ମୋ ମୋବାଇଲ୍ ନମ୍ବରଟି କାର୍ଡରେ ଲେଖା ଅଛି । ଟିପି ରଖିଦେବ ।

ଆମ ବାର୍ତ୍ତାଳାପ ବରୁଣଙ୍କ କାନରେ ପଡ଼ିଥିଲା । ଇଲା ଅପା ଯାଇ ସାରିଲା ପରେ ମୃଦୁ ହସି କହିଲେ – ବାଃ, ପୁଷ୍ଟିହୀନ ଓ ଅନାହାର ପ୍ରପୀଡିତ ଶିଶୁମାନଙ୍କ ପାଇଁ ମେ ଫେୟାର ଲାଗୁନ୍ ହୋଟେଲ୍‌ରେ ୱର୍କସପ୍ । ଯା'କୁ କହନ୍ତି ପ୍ରକୃତ ସମାଜସେବା ।

ମୁଁ କହିଲି – ଥାଉ ତମର ପରିହାସ ! ବାହାରୁ ଡେଲିଗେଟ୍ ଆସୁଛନ୍ତି, ସେମାନେ କଅଣ ଆଉ ଟ୍ରାଭେଲର୍ସ ଲଜରେ ରହି ଡାଲ୍‌ମା ଭାତ ଖାଆନ୍ତେ ?

ଗଲୁନି ତାହେଲେ ! ତୋ ଇଲାଅପାଙ୍କ ସାଥିରେ ମିଶି ଚାଇନିଜ୍ ଓ ଥାଇ ଫୁଡ୍ ଖାଇ ଆସିଥାଆନ୍ତୁ ।

ମୁଁ ରାଗିଯାଇ କହିଲି – ବାସ୍ ! ତମରି ଭଳି ପୁରୁଷମାନେ ହିଁ ନାରୀଜାତିର ଅଧୋଗତି ପାଇଁ ଦାୟୀ । ଜଣେ କିଏ ସ୍ତ୍ରୀ ଲୋକ ଭଲ କାମଟିଏ କଲେ, ଈର୍ଷାତୁର ହୋଇପଡ ତମେମାନେ । ଆପ୍ରାଣ ଚେଷ୍ଟା କରି ଲାଗ ତା'ର ଖୁଣ ଖୋଜିବାରେ । ତମ ଜାତିର ଦୋଷ ଏଇ, ତମେ କଅଣ କରିବ ? ମୋ' କ୍ରୋଧାନ୍ୱିତ ମୁହଁକୁ ଚାହିଁ ବରୁଣ ଏଥରକ ନୀରବ ରହିଲେ ଓ ଚୁପ୍‌ଚାପ୍ ଚା' ପିଇବାକୁ ଲାଗିଲେ ।

ଦିନ ଗଡୁଥିଲା । ଯା' ଭିତରେ ଇଲାଅପାଙ୍କ ଉପରେ ମୁଁ ଫିଚରଟିଏ ଲେଖିଥିଲି ଯାହା କି ପାଠକପାଠିକାମାନଙ୍କ ଦ୍ୱାରା ଆଦୃତ ହେଇଥିଲା ତଥା ଇଲାଅପାଙ୍କୁ ସନ୍ତୋଷ ପ୍ରଦାନ କରିଥିଲା । ଥିଲେ କାର୍ଯ୍ୟବ୍ୟସ୍ତ ମଣିଷ । ତା' ସତ୍ତ୍ୱେ ମଝିରେ ମଝିରେ ଆସୁଥିଲେ

ମୋ’ ପାଖକୁ । ସାକ୍ଷରତା ସଂସ୍ଥା ସଂପର୍କରେ ଫଟୋଚିତ୍ର ସହ ଇଂରାଜୀରେ ଏକ ବୁକ୍‌ଲେଟ୍ ଛପାଉଥିଲେ । ବୁକ୍‌ଲେଟ୍‌ର ଲେଖାତକ ଲେଖିଦେବା ପାଇଁ ଇଲାଅପା ମତେ ଅନୁରୋଧ କରିଥିଲେ ଏବଂ ତାହା ମୁଁ ଅକୁଣ୍ଠଚିତ୍ତରେ କରି ଦେଇଥିଲି । ଇଲାଅପାଙ୍କ ପାଇଁ କୌଣସି କାମ କଲେ ରାମଚନ୍ଦ୍ରଙ୍କର ସେତୁବନ୍ଧରେ ଧୂଳିଝାଡୁଥିବା ଗୁଣ୍ଡୁଚିମୂଷାର ପରିତୃପ୍ତି ମିଳୁଥିଲା ମତେ ।

କେଜାଣି କାହିଁକି ଯା’ ପରେ ପରେ ମୋ’ ପ୍ରତି ଯଥେଷ୍ଟ ସ୍ନେହଶୀଳା ହେଇ ପଡିଥିଲେ ଇଲାଅପା । ସ୍ୱତଃପ୍ରବୃତ୍ତ ହୋଇ ଆପଣେଇ ନେଇଥିଲେ ମୋ’ର ଜ୍ୟେଷ୍ଠାଭଗିନୀ ତଥା ଉପଦେଷ୍ଟାର ଭୂମିକାଟି । ଜୀବନରେ ସତ୍ୟ, ନ୍ୟାୟ ଓ ସଚ୍ଚୋଟତାର ପ୍ରାଧାନ୍ୟ ଉପରେ ଅନେକ କଥା ବୁଝାଉଥିଲେ ମତେ । ବୁଝାଉଥିଲେ ଅନ୍ୟାୟ ସହିତ ସାଲିସ୍ ନ କରିବା ପାଇଁ । ତାଙ୍କର ମଧୁସ୍ରାବୀ ଗଳାର ତାର୍କିକ ବିଶ୍ଳେଷଣ ମତେ ବେଶ୍ ଉଦ୍‌ବୁଦ୍ଧ କରୁଥିଲା ଏବଂ ତାଙ୍କପରି ଜଣେ ନିଷ୍ଠାପର ସମାଜସେବୀର ସାମୟିକ ସାନ୍ନିଧ ଲାଭ କରି ନିଜକୁ ମୁଁ ଗୌରବାନ୍ୱିତ ମନେ କରୁଥିଲି ।

ସମୟ ବିଶେଷରେ ମୋ’ର ବ୍ୟବହାର ବା ଜୀବନଚର୍ଯ୍ୟାରେ କୌଣସି ଭୁଲ୍ ଭଟକା ଦେଖିଲେ, ସେ ସଂପର୍କରେ ମଧ ମତେ ସଚେତନ କରାଉଥିଲେ ଇଲାଅପା । ମୋ’ର ଶିଶୁପୁତ୍ରଟି ଦିନେ କଦଳୀ ଖାଇବାକୁ ଅମଙ୍ଗ ହେବାରୁ ମୁଁ ତାକୁ ପ୍ରଲୁବ୍ଧ କରିବା ପାଇଁ କହିଥିଲି – ବାପି, ତୁ ତ ଅଣ୍ଡା ଖାଇବାକୁ ଭଲପାଉନା । ଜାଣିଚୁ ଦୁଇଟି କଦଳୀ ଗୋଟିଏ ଅଣ୍ଡା ସହିତ ସମାନ ।

ମୋ’ର ପୁତ୍ରଟି ତା’ପରେ ଚଟାପଟ୍ ପାଚିଲା କଦଳୀ ଦୁଇଟି ଖାଇଦେଇ ମୋ’ ଆଗରେ ହାତ ହଲାଇ ନାଚି ନାଚି କହି ଲାଗିଲା – “ଦେଖ ମାଆ, ମୁଁ ଗୋଟେ ଅଣ୍ଡା ଖାଇଦେଇଚି, ଗୋଟେ ଅଣ୍ଡା ଖାଇ ଦେଇଚି ।”

ଇଲାଅପା ସେତେବେଳେ ଆମଘରେ ବସିଥିଲେ । କିଛି ସମୟ ନୀରବ ରହି ମତେ କହିଲେ – କାନନ, ତମେ କିନ୍ତୁ ଗୋଟିଏ ଭୁଲ୍ କାମ କଲ । ଶିଶୁଟିକୁ ମିଛକଥା କହିଲ ।

ଥତମତ ହୋଇ ମୁଁ କହିଲି – ସିଏ ତ ଏମିତି ତାକୁ କଦଳୀ ଖୁଆଇବା ପାଇଁ । ଫଳ ଖାଇବାକୁ ଚାହେଁନି ତ ।





– କିନ୍ତୁ କଥାଟି ତ ମିଛ ନା ! ବଡ ହେଲେ ଯେତେବେଳେ ତା’ର ଏଇ ଘଟଣାଟିର କଥା ମନେ ପଡ଼ିବ, ସିଏ ଠିକ୍ ବୁଝିପାରିବ ଯେ ତମେ ତାକୁ ମିଛ କହିବା ଶିଖେଇଛ । ତମେ ସେତେବେଳେ କଅଣ ଜବାବ୍ ଦେବ ତାକୁ ?

ଇଲାଅପାଙ୍କର ମନ୍ତବ୍ୟଟି ମତେ ଚିନ୍ତାଗ୍ରସ୍ତ କଲା । ମୁଁ ଜାଣେ ମୁଁ ସମ୍ପୂର୍ଣ୍ଣରୂପେ ଦୋଷଶୂନ୍ୟ ମଣିଷଟିଏ ନୁହେଁ । ତେବେ ବି ବାପି ଜନ୍ମହେବା ପରଠାରୁ ଆପ୍ରାଣ ଚେଷ୍ଟା କରି ଆସିଛି ଭଲ ମଣିଷଟିଏ ହେବା ପାଇଁ । ଉଚ୍ଚତର ସଂସ୍କାରକୁ ଆପଣେଇ ନେବାପାଇଁ । ଯେମିତିକି ମୋ ପୁତ୍ର ଉପରେ କୌଣସି ପ୍ରକାର କୁପ୍ରଭାବ ନପଡେ । ତେବେ ବି ଭୁଲ୍ କାମଟିଏ କରିଦେଲି ?

ଇଲାଅପା ମୋ’ ମୁହଁର ବିଷନ୍ନତାକୁ ଲକ୍ଷ୍ୟ କରି, ପିଠିଥାପୁଡାଇ କହିଲେ ‘ଆରେ ! ତମେ ଯେ ସତକୁ ସତକ ବିବ୍ରତ ହୋଇ ପଡିଲଣି । ଏଇଟା ନିହାତି ସାନକଥା, ଏତେ ବେଶୀ ଏ ସଂପର୍କରେ ଭାବନା । ତେବେ ମନେରଖିବ, ଶିଶୁମାନଙ୍କୁ ଆମେମାନେ ଠିକ୍‌ଭାବେ ବୁଝିନଥାଉ । ସେମାନେ କିନ୍ତୁ ଯଥେଷ୍ଟ ବୁଦ୍ଧିମାନ । ଏକଥା ମଧ ଭୁଲିବନି ଯେ ମିଥ୍ୟାଚାର ଠାରୁ ବଳି ଦୁଷ୍କର୍ମ ପୃଥିବୀରେ ନାହିଁ ।

ଅନେକ ସମୟ ବସିଥିଲେ ସେଦିନ ଇଲାଅପା । ସସ୍ ଲଗାଇ ଗରମ ପକୋଡା ଖାଉ ଖାଉ ଜଣାଇଲେ ଆଗାମୀ ସପ୍ତାହରେ ସିଏ ଦିଲ୍ଲୀ ଯାଉଛନ୍ତି । ସେଠାରେ କିଛି କାମ ଅଛି । ତା’ପରେ ଦୁଇମାସ ପାଇଁ ଯିବେ ଆମେରିକା । ସ୍କୁଲ ପରିଚାଳନା ତଥା ସାକ୍ଷରତା ସଂପର୍କରେ ଆମେରିକାର ବିଭିନ୍ନ ସ୍ଥାନର ସ୍କୁଲମାନ ପରିଦର୍ଶନ କରିବେ ଏବଂ ତତ୍‌ସମ୍ବନ୍ଧୀୟ ଜ୍ଞାନ ଆହରଣ କରି ଫେରିଆସିବେ ଭୁବନେଶ୍ୱର । ଏଥିପାଇଁ ତାଙ୍କୁ ନିମନ୍ତ୍ରଣ ଆସିଛି ଆମେରିକାର ଏକ ସ୍ୱୟଂସେବୀ ସଂସ୍ଥାରୁ ।

ଯିବାପୂର୍ବରୁ ଦୁଇବର୍ଷ ତଳେ ଆମଘରେ ଭଡା ରହୁଥିବା ଏବଂ ବର୍ତ୍ତମାନ ୟୁନିସେଫର ଏକ ଉଚ୍ଚ ପଦବୀରେ ଅଧିଷ୍ଠିତ ଥିବା ଶ୍ରୀଯୁକ୍ତ ନାୟାରଙ୍କ ଟେଲିଫୋନ୍ ନମ୍ବର ତଥା ଠିକଣା ମାଗି ନେଇଥିଲେ । କେବେଥରେ, କଥା ପ୍ରସଙ୍ଗରେ, ଶ୍ରୀ ନାୟାରଙ୍କ ପରିବାର ସହିତ ଏବେ ମଧ ଆମର ମିଷ୍ଟ ସଂପର୍କ ଅଛି ବୋଲି ତାଙ୍କୁ କହିଥିଲି ।

ଇଲାଅପା ଗଲାପରେ ବରୁଣଙ୍କୁ କହିଲି – ଇଲାଅପା ଆମେରିକା ଯାଉଛନ୍ତି । ସ୍କୁଲ ପରିଚାଳନା ସଂପର୍କରେ ତାଲିମ୍ ପାଇବାପାଇଁ । ଦିଲ୍ଲୀ ଦେଇ ଯିବେ, ଶ୍ରୀ ନାୟାରଙ୍କ ପାଖରେ କଅଣ କାମ ଅଛି କହୁଥିଲେ ।

ବାଃ ! ମାଗଣାରେ ଆମେରିକା ଯାଇ ସ୍ୱାମୀପୁତ୍ରଙ୍କୁ ଦେଖି ଆସିବାର ଭଲ କାର୍ଯ୍ୟକ୍ରମଟିଏ ଯୋଗାଡ କରିଛନ୍ତି ଭଦ୍ରମହିଳା । ଶ୍ରୀ ନାୟାର ୟୁନିସେଫ୍‌ରେ ଅଛନ୍ତିତ । ସମାଜସେବା ଓ ନିରକ୍ଷରତା ଦୂରୀକରଣର ଦ୍ୱାହି ଦେଇ ପ୍ରଚୁର ଅର୍ଥପ୍ରାପ୍ତି ସେଠାରୁ ମଧ ହେଇଯିବ, ବରୁଣ କଟୁସ୍ୱରରେ ମନ୍ତବ୍ୟ କଲେ ।

ମୁଁ କହିଲି - ତାଙ୍କ କାମତକ କିନ୍ତୁ କେତେବେଳେ ବି ତମକୁ ଦିଶୁନି । କେତେ ପରିଶ୍ରମ କରୁଛନ୍ତି କହତ । ଆଉ ବିନା ଟଙ୍କାରେ କେଉଁ କାମଟା ହୁଏ ଭଲା ।

ବରୁଣ ହସି ହସି କହିଲେ - ତୋ'ପରି ନିର୍ବୋଧ ବାଳିକାଟିକୁ ପ୍ରଭାବିତ କରିବା ଭାରି ସହଜ କଥା ଦେଖୁଛି । ଖାଲି ମୁଁ ଯାହା କିଛି ବି ପ୍ରଭାବ ପକେଇ ପାରିଲିନି ତୋ ଉପରେ ।

ଇଲାଅପା ଆମେରିକାରୁ ଫେରି ଆସିଥିଲେ ପ୍ରାୟ ଅଢେଇ ମାସ ପରେ । ତାଙ୍କ କାମବାଲୀଠାରୁ ଖବରପାଇ ଯାଇଥିଲି ଦେଖା କରିବାକୁ । ଦେଖି ବେଜାୟ ଖୁସି ହୋଇଗଲେ ଇଲାଅପା । ଡ୍ରଇଂରୁମ୍‌ରେ ଆଦର କରି ନେଇ ବସାଇଲେ । ସାମ୍‌ନାରେ ପ୍ଲେଟ୍ ଭର୍ତ୍ତି କରି ଆମେରିକାରୁ ଆଣିଥିବା ସ୍ୱାଦିଷ୍ଟ ଚକୋଲେଟ୍ ବି ରଖିଲେ ମୁଁ ଖାଇବି ବୋଲି ।

ଲକ୍ଷ୍ୟ କଲି - ଡ୍ରଇଂରୁମ୍‌ର କଣରେ ଅଜସ୍ର ଦାମୀ ଖେଳଣାରେ ପରିବେଷ୍ଟିତ ହୋଇ ଖେଳ ମସ୍‌ଗୁଲ୍ ଥିଲା ପ୍ରିୟଦର୍ଶନ ବାଳକଟିଏ । ପ୍ରାୟ ପାଞ୍ଚଛଅ ବର୍ଷର ।

ଇଲାଅପା କହିଲେ ବାଳକଟି ତାଙ୍କର ପୌତ୍ର । ପଠାଣକୋଟ୍‌ରେ ଥିବା ତାଙ୍କର କନ୍ୟା ଏବେ ଆସିଛି ତାଙ୍କ ସହିତ ଦେଖା କରିବା ପାଇଁ । ଏବେ ବିଉଟିପାର୍ଲର ଯାଇଛି, ଶିଶୁଟି ତାହାରି ସନ୍ତାନ, ନାଁ କୁନ୍‌ମୁନ୍ ।

ଚକୋଲେଟ୍‌ର ସ୍ୱାଦ ନେଉ ନେଉ ମୁଁ ପଚାରିଲି - ଆଉ ଆପଣଙ୍କ ଆମେରିକା ଭ୍ରମଣ କେମିତି ରହିଲା ଇଲାଅପା ?

- ଓଃ ! ଚମତ୍କାର, ସେ ଦେଶକୁ ଦେଖିଲେ ବୁଝାପଡେ ଆମ୍ଭେମାନେ କେତେ ବେଶୀ ପରିମାଣରେ ଅପାରଗ । ଅନେକ କଥା ଶିଖି ଆସିଲି ଏଥରକ । ଯିବାଟା ସାର୍ଥକ ହେଲା ନିଶ୍ଚୟ । ଆଉ ତମ ଖବର କଅଣ ? ସବୁ ଠିକ୍‌ଠାକ୍ ତ ! ଇଲାଅପା ପଚାରିଲେ ।

- ଆଉ କହନ୍ତୁନି । ଭୁଲ୍‌ଭାଲ୍ ଟେଲିଫୋନ୍ ବିଲ୍ ଦେଇଛନ୍ତି । ତାକୁ ଇ ଠିକ୍ କରିବା ପାଇଁ ଗଲାମାସରେ ଅନ୍ତତଃ ପାଞ୍ଚଥର ସେ ଅଫିସ୍ ଦୌଡିଲିଣି । କେହି ବି ଶୁଣିବାକୁ ନାରାଜ ।





- ମୁଁ ତମକୁ କହୁନଥିଲି ? କୌଣସି ଦପ୍ତରରେ ବିନା ଲାଞ୍ଚରେ ଏଠି କାମ ହୁଏନି । ଅଫିସ୍‌ର ମାନଙ୍କର ତତ୍ପରତା ତଥା ଉତ୍କୋଚ ଗ୍ରହଣର ପ୍ରବଣତା - ଉଭୟ ମିଶି ଏ ଦେଶଟାକୁ ନଷ୍ଟ କରିଦେଲା । କାମ ଆଉ ହବ କୁଆଡୁ ? ଏଇ ଦେଖନା ! ଯେଉଁଦିନ ପହଞ୍ଚିଲି ଆସି ଦେଖେ ଘରେ ବିଜୁଳି ନାହିଁ । ଫୋନ୍ କଲେ କର୍ମଚାରୀମାନେ ଫୋନ୍ ଧରିବାକୁ ନାରାଜ । ଲାଇନ୍‌ମ୍ୟାନ୍‌କୁ ଟଙ୍କା ନଦେଲେ ସିଏ କାମ କରିବନି । ଆମ୍ଭମାନଙ୍କ ପରି ସ୍ୱଚ୍ଛ ସ୍ୱଭାବର ଲୋକ ହାତଗଣତି, ମାତ୍ର, କେତୋଟି ଲୋକ ମିଶି ଆମେ କଅଣ ବା କରିପାରିବୁ ?

ଇଲାଅପାଙ୍କ କଥା ନସରୁଣୁ କୌଣସି ଏକ କାକତାଳୀୟ ରୀତିରେ ବିଜୁଳି ବିଭାଗର ଦୁଇଜଣ ଅଧସ୍ତନ କର୍ମଚାରୀ ଅଚାନକ୍ ଆସି ହାଜର ହେଲେ ତାଙ୍କ ପାଖରେ । ଲୋକ ଦୁଇଟିଙ୍କୁ ମୁଁ ଚିହ୍ନିଥିଲି । କେଇଦିନ ପୂର୍ବରୁ ଆମର ଦୁଇମହଲାରେ ଥିବା ଭଙ୍ଗା ମିଟରଟି ବଦଳାଇ ନୂଆ ମିଟରଟିଏ ଲଗାଇ ଦେଇଥିଲେ ।

ଇଲାଅପା ଲୋକଦୁଇଟିଙ୍କୁ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁ ପଚାରିଲେ - ତମେମାନେ କିଏ ? କାହିଁକି ଆସିଚ ?

- ଆଜ୍ଞା ଆମେ ବିଜୁଳି ବିଭାଗ ଲୋକ । ଲୋକମାନଙ୍କ ଘରେ ଅନେକ ମିଟର ଭଙ୍ଗା ଓ ଅଚଳ ଅବସ୍ଥାରେ ରହିଛି । ବିଲ୍ କମ୍ ଉଠୁଛି ବୋଲି ସେକଥା କେହି ଆମକୁ ଜଣାଉନାହାନ୍ତି । ସରକାରଙ୍କଠାରୁ ଅର୍ଡର ଆସିଛି, ଅକାମୀ ମିଟର ସବୁ ବଦଳାଇ ନୂଆ ମିଟର ଲଗାଇଦେବା ପାଇଁ । ଆପଣଙ୍କ ମିଟର ଠିକ୍ ଅଛି ତ ? ଆମେ ଟିକିଏ ଆଜ୍ଞା ମିଟରକୁ ଚେକ୍ କରି ଦେଖିଥାଆନ୍ତୁ । ଲୋକ ଦୁଇଟି ଇଲାଅପାଙ୍କୁ ତାଙ୍କର ଆସିବାର ଅଭିପ୍ରାୟ ସବିସ୍ତାର ବୁଝାଇ ଦେଲେ ।

- କି ଆଶ୍ଚର୍ଯ୍ୟ ! ତମେମାନେ ମତେ କଅଣ ବୋଲି ଭାବୁଛ କି ? ମୁଁ ଏସବୁ ଠକାମିର ଧାର୍ ଧାରେନି । ମୋ ମିଟର ଅକାମୀ ହୋଇଯାଇଥିଲେ ମୁଁ ନିଜେ ଯଥେଷ୍ଟ ଆଗରୁ ତୁମ ଅଫିସ୍‌କୁ ଚିଠି ଲେଖି ଜଣାଇ ଦେଇଥାନ୍ତି । ତମେ ଆସିବା ଦର୍କାର ପଡି ନଥାନ୍ତା । ଯାଅ, ତମେ ଯାଅ । ମୋ ମିଟର ଠିକ୍ ଅଛି । ଚେକ୍ କରିବା ଦରକାର ନାହିଁ ।

ଲୋକ ଦୁଇଟି ଇଲାଅପାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ ସାମ୍‌ନାରେ ମ୍ରିୟମାଣ ବୋଧ କରି ଫେରିଯିବାକୁ ଉଦ୍ୟତ ହେଉଛନ୍ତି, ହଠାତ୍ ଏଭଳି ଏକ ଅଭୂତପୂର୍ବ ଏବଂ ଅକଳନୀୟ

ଘଟଣା ଘଟିଲା ଯାହାକି ସେଠାରେ ଉପସ୍ଥିତ ଥିବା ଆମ ସଭିଙ୍କୁ କିଛି ସମୟ ପାଇଁ କିଂକର୍ତ୍ତବ୍ୟମୂଢ଼ ଏବଂ ହତବାକ୍ କରିଦେବା ପାଇଁ ଥିଲା ଯଥେଷ୍ଟ ।

ଏଯାବତ୍ ଘର କଣରେ କଣ୍ଢେଇ ଧରି ଖେଳୁଥିବା ଶିଶୁଟି ହଠାତ୍ ଉଠିପଡି କର୍ମଚାରୀ ଦ୍ୱୟଙ୍କୁ ଚାହିଁ କହିଲା - ନା, ନା । ତମେ ଯାଅନା । ଆମ ମିଟର ଖରାପ ହେଇଯାଇଛି । କାଲି ରାତିରେ ମମ୍ମି ଓ ଆଇ କଥା ହେଉଥିଲେ, ମୁଁ ଶୁଣିଛି । ତମେ ଆମ ମିଟର ଠିକ୍ କରିଦିଅ ।

ଶିଶୁଟିର କଥା ଶୁଣି, ବିସ୍ଫାରିତ ଚକ୍ଷୁବିଶିଷ୍ଟ କର୍ମଚାରୀ ଦ୍ୱୟ ବିସ୍ମୟରେ କିଞ୍ଚିତ୍ ମୁଖବ୍ୟାଦାନ କରି ନିଃସ୍ପନ୍ଦ ପୁତ୍ତଳିକାବତ୍ ଠିଆ ହୋଇ ରହିଲେ ସାମ୍ନା ପିଣ୍ଡାରେ ।

ଶିଶୁଟି ଏଥରକ ଦୌଡିଯାଇ ସେମାନଙ୍କ ହାତଧରି ଟାଣିବାକୁ ଲାଗିଲା - ଆସ, ଆସ । ଆମ ମିଟର ଦେଖେଇ ଦେବି ତମକୁ । ଆସ ମୋ ସାଥିରେ । ତମେ ଆମ ଭଙ୍ଗା ମିଟର ବଦଳେଇ ନୂଆ ମିଟର ଲଗେଇଦବନା ! ଚକ୍ ଚକ୍ ନୂଆ ମିଟର ?

ଶିଶୁଟିର ପ୍ରତିକ୍ରିୟାରେ ତଥା ଘଟଣାବଳୀର ଏତାଦୃଶ ପରିପୃଷ୍ଠିରେ ମୁଁ ନିଜେଇ ସର୍ବାଧିକ ଅପ୍ରସ୍ତୁତ ହୋଇ ପଡିଲି । ଜୀବନରେ ପ୍ରଥମଥର ପାଇଁ ଏଭଳି ଗୋଟିଏ ପରିସ୍ଥିତିର ସମ୍ମୁଖୀନ ହେଉଥିଲି ଏବଂ ଏଇ ପରିସ୍ଥିତିରେ ମୋର କର୍ମପନ୍ଥା କଅଣ ହେବା ଉଚିତ୍ ତାହା ସଠିକ୍ ଭାବରେ ବୁଝିପାରୁନଥିଲି ।

ଚାହିଁ ଦେଖିଲି - ମୋ' ସାମ୍ନାରେ ଅତ୍ୟନ୍ତ କରୁଣ ଓ ଦୟନୀୟ ଭଙ୍ଗୀରେ ଭୂଇଁ ଉପରେ ଦୃଷ୍ଟି ରଖି ନୀରବରେ ବସି ରହିଥିଲେ ଇଲା ଅପା । ବାତ୍ୟାବିଧ୍ୱସ୍ତ ଶାଖାଟିଏ ପରି, ତାଙ୍କର ସ୍ପର୍ଦ୍ଧିତ ଗ୍ରୀବା ନଇଁ ପଡିଥିଲା ତଳକୁ । ମୋ ସହିତ ଆଖି ମିଳେଇବାର ସମସ୍ତ ଶକ୍ତି ସତେ ଅବା ହରାଇ ବସିଥିଲେ ଚିରଦିନ ପାଇଁ ।

ଠଠଠ





# କ୍ଷୁଧା

ଅତି ଆଦରର ରଂଗ ବୋତଲଟି ଚୋରି ହେଇଗଲା ଶେଷପର୍ଯ୍ୟନ୍ତ ।

ଘର ଭିତରେ ମାତ୍ର ତିନୋଟି ମଣିଷ - ସଂଜୟ, ମୁଁ ଏବଂ ସୋମ୍‌ବାରୀ ।

ଆମେ ଦୁଇଜଣ ଏ ଘରୁ କୌଣସି ଜିନିଷ ଚୋରି କରିବାର ପ୍ରଶ୍ନ ଉଠେନି ।

ସୋମବାରୀ ଦୀର୍ଘ ପନ୍ଦରବର୍ଷ ଧରି ମୋ ଘରେ କାମ କରୁଥିବା ପରିଚାରିକା । ମାତ୍ରାଧିକ ପରିମାଣରେ ସଚ୍ଚୋଟ । ସୁନାମୁଣ୍ଡା ପଡିଥିଲେ ବି ଭୁଲରେ ଚାହିଁଦେବନି... ଯେଉଁ ରମଣୀଟିକୁ ବିଗତ ଏତେ ବର୍ଷ ଭିତରେ ମୋର ଶତପ୍ରଚେଷ୍ଟା ସତ୍ତ୍ୱେ ସାୟା‌ବ୍ଲାଉଜ୍ ଦୁଇଖଣ୍ଡ ପିନ୍ଧାଇବାରେ ମୁଁ ଥିଲି ଅସମର୍ଥ, ସିଏ ଚୋରି କରିବ ମୋ'ର ପ୍ରସାଧନ ସାମଗ୍ରୀ ? ପ୍ରଶ୍ନଟି ଅବାନ୍ତର ।

ମୋ'ର ପରିପକ୍ୱ କେଶ ଦେଖି ବ୍ୟଥିତ ହେଇଥିବା ମୋ ସାନ ଯା'ଠାରୁ ଉପହାର ସୂତ୍ରରେ ପାଇଥିଲି ରଂଗ ବୋତଲଟି ଆଣିଥିଲା ଆମେରିକା ଗସ୍ତବେଳେ । ସେଇ କଂପାନୀର ଏବଂ ସେଇ ଉତ୍କର୍ଷତାର ହେୟାର ଡାଇ ଏଠାରେ ମିଳିବା ଥିଲା ଦୁଷ୍କର ଏବଂ ଜିନିଷଟି ହରାଇଥିବାର ଉଦ୍‌ବିଗ୍ନତା ସେଇ କାରଣରୁ ମୋ ଲାଗି ହେଇଉଠିଥିଲା ଦ୍ୱିଗୁଣିତ ।

ପୁରୁଷାନୁକ୍ରମିକ ପରଂପରା ହେତୁ ଆମ ପରିବାରର ସଭିଙ୍କର ବାଳ ପାଚୁଥିଲା ନିର୍ଦ୍ଦିଷ୍ଟ ସମୟସୀମାର ଯଥେଷ୍ଟ ପୂର୍ବରୁ । ବାପା ପ୍ରୌଢତ୍ୱ ନ ପହଞ୍ଚୁଣୁ, ତାଙ୍କର କେଶତକ

ହେଇଯାଇଥିଲା କାଶଶୁଭ୍ର । ଉତ୍ତରାଧିକାର ସୂତ୍ରରେ, ଆମେ ସବୁ ଭାଇଭଉଣୀ ତାଙ୍କଠାରୁ ଏଇ ବୈଶିଷ୍ଟ୍ୟଟି ଆହରଣ କରିଥିଲୁ । ମୋ' ସାନଭାଇର ବାଳ ପାଚିବାକୁ ଆରମ୍ଭ କରିଥିଲା ଯେତେବେଳେ ତାକୁ ମାତ୍ର ଅଠରବର୍ଷ । ତ୍ରିଫଳାକୁ ପାଣିରେ ସିଝାଇ, ସେଇ କଷାପାଣିକୁ ବୋଉ ନିଇତି ବୋଳୁଥିଲା ତା ମୁଣ୍ଡରେ । ବୋଉର ଶ୍ରମ ବେକାର ଯାଇଥିଲା । ଭାଇର ଇତସ୍ତତଃ ହୋଇ ଗଜୁରୁଥିବା ଶୁଭ୍ରକେଶ, କୃଷ୍ଣରଂଗ ଧରିବାର କୌଣସି ଲକ୍ଷଣ ଦେଖାଯାଇନଥିଲା ।

ସେଇ ବଂଶଗତ ବିଶେଷତ୍ୱ ହେତୁ ତାରୁଣ୍ୟ ପରେ ପରେ ଇ ମୋ ବାଳ ପାଚିବାକୁ ଆରମ୍ଭ କରିଥିଲା । ପ୍ରଥମେ ପ୍ରଥମେ କାଁ' ଭାଁ କେମିତି ଶୁଭ୍ରକେଶଟିଏ ଦେଖିଲେ ଯତ୍ନ ସହକାରେ ତାହାର ମୂଳୋତ୍ପାଟନ କରୁଥିଲି । ଶୁକ୍ଳକେଶଟି ସହିତ ତତ୍ ସନ୍ନିହିତ କୃଷ୍ଣକେଶଟିଏ ମଧ୍ୟ କଦବା କେମିତି ଉପୁଡ଼ି ଆସୁଥିଲା । ସଂଜୟ ଚିଡାଉଥିଲେ – ତୁ ଯାହା କରୁଚୁ, କିଛି ଦିନପରେ ପୂରାପୂରି ଚନ୍ଦା ହେଇଯିବୁ ନିଶ୍ଚୟ ।

ମୋର ଏଇ ଅକାଳବାର୍ଦ୍ଧକ୍ୟର ଲକ୍ଷଣ ଦେଖି ସୁଦ୍ଧା, ଏ ସଂପର୍କରେ ସଂଜୟ ଥିଲେ ସଂପୂର୍ଣ୍ଣରୂପେ ଉଦାସୀନ । କହୁଥିଲେ – ମହାରାଣୀ ଗାୟତ୍ରୀ ଦେବୀ, ନଫିସାଆଲୀ ଓ ୱାହିଦା ରହମାନଙ୍କ ଫଟ ତ ଦେଖିଚୁ । ପକ୍ୱକେଶ ସତ୍ତ୍ୱେ ବି କି ମାଧୁର୍ଯ୍ୟପୂର୍ଣ୍ଣ ଦିଶନ୍ତି ସେମାନେ ! ସୌନ୍ଦର୍ଯ୍ୟ ପୂରାପୂରି ଅଲଗା ଜିନିଷ । ଖାଲି କଳାବାଳ ଉପରେ ତାହା ନିର୍ଭର କରେନି ।

– ଛାଡ଼, ଛାଡ଼, ତମ ନିଜର ତ ବାଳ ନାହିଁ । ପୂରାପୂରି ବିରଳ କେଶ ମସ୍ତକ ତମେ କଅଣ ଜାଣିବ ଭ୍ରମରକୃଷ୍ଣ ବେଣୀର ଗହନ କଥା ? ମୁଁ ମୃଦୁହସି ଟିପ୍ପଣୀ କାଟୁଥିଲି ।

ପ୍ରଥମେ ପ୍ରଥମେ ମୋ'ର ଗହଳ ବାଳ ଭିତରେ ଛପି ଛପି ଉଙ୍କି ମାରୁଥିଲେ କେତୋଟି ରୌପ୍ୟକାନ୍ତି ଶୁଭ୍ରକେଶ । ଏତେ ବେଶୀ ବିବ୍ରତ ହେଉନଥିଲି ସେଥିପାଇଁ । କିନ୍ତୁ ଯେତେବେଳେ ଅଧାଅଧି ବାଳ ପାଚିଯାଇ ମସ୍ତକଟି ଲବଣ ଓ ଗୋଲ ମରିଚ ଗୁଣ୍ଡ ସମନ୍ୱୟର ଏକ ବିରକ୍ତିକର ରଂଗ ଧାରଣ କଲା, ସେତେବେଳେ ମୁଁ ସତକୁ ସତ ଉତ୍କଣ୍ଠିତ ହେଇପଡିଲି । ବ୍ୟାଖ୍ୟାତୀତ ଭାବରେ ଶିକାର ହେବାକୁ ଲାଗିଲି ହୀନମନ୍ୟତାର । ଯେତେବେଳେ ଯୁଆଡେ ଯାଉଥିଲି, ଲାଗୁଥିଲା ସତେ ଅବା ସଭିଏଁ ମୋର ପକ୍ୱକେଶକୁ ଦେଖି, ମୁରକି ହସି ଚୁପ୍‌ଚାପ୍ ଟିପ୍ପଣୀ କାଟୁଛନ୍ତି । କଦବା କେମିତି ସହପାଠୀ ଓ ବନ୍ଧୁମାନଙ୍କ ସହିତ ସାକ୍ଷାତ ହେଉଥିଲା । ସଭିଙ୍କର ଘନକୃଷ୍ଣ କେଶରାଶି ମଧ୍ୟରେ, ରୀତିମତ୍ ବୃଦ୍ଧା ମହିଳାଟିଏ ପରି ଦିଶୁଥିଲି ମୁଁ ।





ଜାଣିଥିଲି ଯେ ଅନେକ ମହିଳା ମଞ୍ଜୁଆତି ପତ୍ର ବାଟି ତହିଁରେ ବାଳ ରଂଗ କରୁଛନ୍ତି । କିନ୍ତୁ ପତଳା ଅଟାଜନ୍ତଣି ପରି ପ୍ରତୀୟମାନ ହେଉଥିବା ସେ ପତ୍ରର ମଣ୍ଡକୁ ମଥାରେ ବୋଳି ଦୁଇଘଣ୍ଟା ଅପେକ୍ଷା କରିବାର ଧୈର୍ଯ୍ୟ ମୋ'ର ନଥିଲା । ଦ୍ୱିତୀୟତଃ, ମେହେନ୍ଦି ବାଳକୁ କଳା କରୁନଥିଲା । କରିଦେଉଥିଲା ନାଲି ଏବଂ ସେ ନାଲିରଂଗଟି ମୋ'ର ଠିକ୍ ପସନ୍ଦ ହେଉନଥିଲା । ଏକମାତ୍ର ଉପାୟ ଥିଲା ବାଳକୁ କଳାରଂଗ କରିବା କିନ୍ତୁ ସମ୍ବେଦନଶୀଳ ତ୍ୱକ୍ ହେତୁ ହେୟାର ଡାଇ ସଦୃଶ ଏକ ରାସାୟନିକ ଦ୍ରବଣ ବ୍ୟବହାର କରିବାକୁ ଭୟ କରୁଥିଲି, ବସ୍ତୁତଃ, କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ମୋ' ପାଇଁ ଥିଲା ମୁସ୍‌କିଲ୍ ।

ଏଇ ପରିସ୍ଥିତିରେ, ତା'ର ପ୍ରମାଣ୍ୟ ଯୁକ୍ତିଦ୍ୱାରା ହେୟାର ଡାଇର ନିରାପତ୍ତା ତଥା କାର୍ଯ୍ୟକାରିତା ସଂପର୍କରେ ପ୍ରଥମଥର ପାଇଁ ମୋର ହୃଦ୍‌ବୋଧ କରାଇଥିଲା ମୋ ସାନଭାଇ 'ମନୁ' ।

ଥରେ ଘରକୁ ଗଲାବେଳେ ଦେଖିଲି ହାତରେ ସାନବ୍ରସଟିଏ ଧରି ମଥାରେ ନିପୁଣ ହାତରେ ରଂଗବୋଳି ଲାଗିଛି ମନୁ । ମତେ ଚାହିଁଦେଇ କହିଲା – ଇସ୍ । ତୋ' ବାଳ ତକ ପୂରାପୂରି ପାଚିଗଲାଣି ନାନୀ, ଏକଦମ୍ ବୁଢ଼ୀ ପରି ଦିଶୁଛୁ । ବାଳ ରଙ୍ଗ କରି ଦେଉନୁ ?

– ଡର ମାଡୁଛି । ମୋ'ର ସ୍କିନ୍ ଆଲର୍ଜି ଅଛି ତ !

– ଆରେ ନାଇଁ ମ ! କିଛି ହବନି । ଦେଖୁନୁ, ମୁଁ ଲଗାଉଛି । ଖାଲି ମୁଁ କଅଣ ? ଶହ ଶହ ଲୋକ ଲଗାଉଛନ୍ତି । ତା'ପରେ ମଜାଳିଆ ସ୍ୱରରେ ମନୁ କହିଲା – ବୁଝିଲୁ ନାନୀ ! ଏବେ ବାହାରକୁ ଗଲେ କେବଳ ଦୁଇପ୍ରକାର ମଣିଷ ଦେଖିବୁ । ଚନ୍ଦାମୁଣ୍ଡିଆ ନହେଲେ କଳାମୁଣ୍ଡିଆ । ଧଳାମୁଣ୍ଡିଆ ଲୋକଟିଏ ଖୋଜିଲେ ବି ପାଇବୁନି ।

ମନୁ କଥା ଶୁଣି ମୁଁ ହସି ପକାଇଲି । କହିଲି ଠିକ୍ ଅଛି । ତୋ' କଥାଶୁଣି ମନ କିଛି ପରିମାଣରେ ଦୃଢ଼ ହେବାକୁ ଲାଗିଲାଣି । କାହାରି ତ କିଛି ଅସୁବିଧା ହେଉନି । ମୋ'ର କାହିଁକି ହେବ ? କାଲି ରଂଗ କିଣିକି ଲଗେଇବି ।

ପରଦିନ ସକାଳେ ରଂଗବୋତଲଟିଏ କିଣି ତାହା ଉପରେ ଲେଖାଯାଇଥିବା ନିର୍ଦ୍ଦେଶନା ଅନୁଯାୟୀ, କାନଲତି ପଛରେ ସାମାନ୍ୟ ରଂଗବୋଳି ଅପେକ୍ଷା କରି ରହିଲି ପ୍ରତିକ୍ରିୟା ପାଇଁ । ପ୍ରାୟ ଦଶ ମିନିଟ୍ ଭିତରେ ଚର୍ମ ଲାଲ୍ ପଡି ପୋଡିବାକୁ ଆରମ୍ଭ କଲା । ସାନ ସାନ ଫୋଟ୍‌କା ବି ବାହାରି ପଡିଲା ସେ ଜାଗାରେ । ବାଳ କଳା କରିବା ନୋହିଲା । ମନଦୁଃଖରେ ବୋତଲଟି ନେଇ ଫିଙ୍ଗିଦେଲି ଡଷ୍ଟବିନ୍‌ରେ ।

ଏଇ ଘଟଣାର ପ୍ରାୟ ଦୁଇମାସ ପରେ ଅବଶ୍ୟ ମୋ ଅମୀମାଂସିତ ସମସ୍ୟାଟିର ଏକ ସହଜ ସମାଧାନ କରିବାରେ ସକ୍ଷମ ହେଇଥିଲା ମୋ ସାନ ଯା' ଦାମିନୀ ।

ପୁତ୍ରର ନିର୍ବନ୍ଧ ପାଇଁ ଯାଇଥିଲି ବମ୍ବେ । ପୁତ୍ରବଧୂର ପିତାମାତା ରହନ୍ତି ବମ୍ବେରେ । ଉଠିଥିଲି ଯା'ଦିଅରଙ୍କ ଘରେ । ଫେରିବା ପୂର୍ବଦିନ ଯା' ଦାମିନୀ କହିଲା – ନାନୀ, ବାହାଘରକୁ ଆସିଲାବେଳେ ମୁଣ୍ଡବାଳ ରଂଗ କରିକି ଆସିବ । ଝିଅଘର ଅନେକ କୁଣିଆ ମଇତ୍ର ଆସିଥିବେ । ସଭିଙ୍କ ମେଳରେ ନିପଟ ବୁଢ଼ୀଟିଏ ପରି ଦିଶିବ ନହେଲେ ।

– ମୋ'ର ଯେ ଆଲର୍ଜି, ରଂଗ ଲଗେଇଲେ ଚମଡା ଲାଲ୍ ପଡିଯାଏ ।

– ଆରେ ! ଆଶ୍ଚର୍ଯ୍ୟ କଥା ତ ! ମୋ'ର ବି ଠିକ୍ ଏଇ ସମସ୍ୟା ଥିଲା । ଏଥରକ କିନ୍ତୁ ଆମେରିକା ଗଲାବେଳେ ଜଣେ ବିଉଟିସିଆନଙ୍କ ସହିତ ପରାମର୍ଶ କରି ଗୋଟିଏ ରଂଗ କିଣି ଆଣିଥିଲି । ମୋର ବି ବାଳ ପାଚିବାକୁ ଆରମ୍ଭ କଲାଣି ତ ! ରଂଗଟି କିନ୍ତୁ ସତରେ ଆଶ୍ଚର୍ଯ୍ୟଜନକ । ପୂରାପୂରି ସୁହାଇଯାଉଛି ମତେ । ଦି'ଟା ବୋତଲ ଆଣିଥିଲି । ଗୋଟିଏ ମୁଁ ବ୍ୟବହାର କରୁଛି । ଆରଟା ତମେ ନେଇଯାଅ । ମୁଁ ଆଉ କେବେ ଗଲେ ତମପାଇଁ ଆଉ ଗୋଟେ ବୋତଲ ଆଣିଦେବି । ତମେ ତ ଜାଣ, ୟାଙ୍କର ବ୍ୟବସାୟ କାମରେ ଆମକୁ ବର୍ଷକେ ଦୁଇ ତିନିଥର ଆମେରିକା ଯିବାକୁ ପଡେ ।

ବିଶିଷ୍ଟ ଭାବରେ କଟା ଦାମିନୀର ବାବୁରି ବାଳକୁ ଚାହିଁ ମୁଁ କହିଲି, ଏ ରଂଗଟି କିନ୍ତୁ ବାଳର ପ୍ରାକୃତିକତା ବଜାୟ ରଖିଛି । ଏଠିକାର ରଂଗସବୁ ବାଳକୁ କୁଚ୍‌କୁଚ୍ କଳା କରିଦିଅନ୍ତି । କୃତ୍ରିମତାର ଆଭାସ ମିଳେ ସେଥିରୁ, ଜମା ସ୍ୱାଭାବିକ୍ ଲାଗେନି ।

ଏ ରଂଗଟିରେ କଣ୍ଡିସନର ବି ମିଶିଛି । ବାଳକୁ ପୂରାପୂରି ଉଜ୍ଜ୍ୱଳ ଓ ମୁଲାୟମ କରିଦିଏ । ତମେ ଲଗେଇ କରି ଦେଖନା । ବେଶ୍ ବଡ ବୋତଲଟେ, ଅନେକ ଦିନ ଚାଲିଯିବ ତମର । ଆଲର୍ଜି ହେଲେ ଲଗେଇବା ବନ୍ଦ କରିଦେବ ପଛେ ।

ଦାମିନୀଠାରୁ ଆଣିଥିବା ସେ ହେୟାର ଡାଇଟି ସତରେ ମୋ'ପାଇଁ ଥିଲା ଅଦ୍‌ଭୁତ ରକମର ଫଳପ୍ରସୂ । ଚର୍ମରେ କୌଣସି ପ୍ରକାର ପ୍ରତିକୂଳ ପ୍ରତିକ୍ରିୟା ହେଲାନି । ମଥାଭର୍ତ୍ତି ଗୋଛାଏ ସ୍ୱାଭାବିକ ରଂଗର ଗହଳବାଳ । ଅନେକ ଲୋକ ପ୍ରଥମଥର ଦେଖି ଚିହ୍ନିପାରିଲେନି । ବାଳରଂଗ ସଂପୂର୍ଣ୍ଣ ରୂପେ କରିବାକୁ ବିରୋଧ କରୁଥିବା ସଂଜୟ କହିଲେ – ଆରେ ବାଃ । କଳାରଂଗ ଚେହେରାକୁ ଏମିତି ବଦଳାଇ ଦିଏ ଜାଣିନଥିଲିତ ! କାମବାଲୀ ସୋମ୍‌ବାରୀ ଅବାକ୍ ଆଖିରେ ମୁଖବ୍ୟାଦାନ କରି କିଛି ସମୟ ଚାହିଁ ରହି ମନ୍ତବ୍ୟ କଲା – କେଡେ ପିଲାଟିଏ ଦିଶୁଚ ମା । କିଏ କହିବ ପୁଅ ବାହା କରିବାକୁ ବସିଲଣି ବୋଲି ?





ପ୍ରାଣପ୍ରିୟ ବୋତଲଟିକୁ ସାଇତି ରଖିଥିଲି ଅମୂଲ୍ୟ ମଣି ସଦୃଶ । ଏଠି ମିଳେନି, କେବେ ଯିବ ଦାମିନୀ ଆମେରିକା ? କେବେ ଆଣିଦେବ ମୋ ପାଇଁ ଆଉ ଗୋଟିଏ ବୋତଲ ?

ସେଇ ରଂଗ ବୋତଲଟି ଶେଷ ପର୍ଯ୍ୟନ୍ତ ହେଇଗଲା ନିଖୋଜ୍ । ତା' ପୂର୍ବଦିନ ରଂଗ ଲଗେଇଥିଲି ମୁଣ୍ଡରେ । ସବୁବେଳେ ବୋତଲଟି ଆଲମାରୀରେ ରଖେ । ଭୁଲବଶତଃ ସେଦିନ ରଖିଦେଇଥିଲି ଡ୍ରେସିଂଟେବୁଲ୍ ଉପରେ । ସକାଳେ ଦେଖିଲା ବେଳକୁ ବୋତଲଟି ଗାୟବ୍ । ମନେପଡିଲା – ଅଧାରୁ ବେଶୀ ରଂଗ ଥିଲା ବୋତଲଟିରେ ।

ସୋମ୍‌ବାରୀ ନେଇଗଲା କି ? ସଂଜୟଙ୍କୁ ମୋ ସନ୍ଦେହର କଥା କହିବାରୁ ହସର ଫୁତ୍‌କାରରେ କଥାଟି ଉଡେଇଦେଲେ ସିଏ । ବରଂ ସୋମ୍‌ବାରୀ ଚରିତ୍ରର ସ୍ୱଚ୍ଛତା ତଥା ସଚ୍ଚୋଟତାର ଏକାଧିକ ଉଦାହରଣ ଦେଇ ବସିଲେ ମତେ । କହିଲେ – ଅନେକଥର ହାର, କାନଫୁଲ ଇତ୍ୟାଦି କାଢ଼ି ଏଠିସେଠି ରଖିଦେଇଚୁ ତୁ । ସୋମ୍‌ବାରୀ ସେ ସବୁ ପାଇ ଆଣି ଦେଇଛି ତତେ । ଏଇ ତ ସେଦିନ ! ମୋ ମନିପର୍ସରୁ ପାଁଶଟଙ୍କିଆ ନୋଟ୍‌ଟି ଉଡିଯାଇ ଖଟତଳେ ପଡିଥିଲା । ସୋମ୍‌ବାରୀ ଇ ପାଇ ଫେରେଇ ଦେଲା । ଏଭଳି ନିର୍ଲୋଭ ମଣିଷଟିଏ ଆମଘରୁ ଚୋରି କରିବ ଭାବୁଛୁ ? ସିଏ ବି ଗୋଟିଏ ହେୟାର ଡାଇ ବୋତଲ ଯାହା କି ତା'ପାଇଁ ସଂପୂର୍ଣ୍ଣ ରୂପେ ଅକାମୀ ?

ସଂଜୟଙ୍କ କଥାରେ ସତ୍ୟତା ଥିଲା । ବିଗତ ପନ୍ଦରବର୍ଷ ହେଲା ମୋ ଘରେ କାମ କରି ଆସୁଥିଲା ସୋମ୍‌ବାରୀ । ଚିହ୍ନା ପାଣିପାଇପ ମିସ୍ତ୍ରୀ ଧନେଶ୍ୱର ଡାକି ଆଣିଥିଲା ତାକୁ । ଶକ୍ତ ସମର୍ଥ ମଧ୍ୟବୟସ୍କା ଆଦିବାସୀ ରମଣୀ । ପହରଣ ବଳାଗଣ୍ଠି ଛୁଇଁ ନଥିବା ଅଣଓସାରିଆ ପରିଚ୍ଛନ୍ନ କସ୍ତାଶାଢ଼ି । ଚିକ୍କଣ କରି କୁଣ୍ଡାହେଇଥିବା ତେଲ କୁଚ୍ କୁଚ୍ ବାଳରେ କାନ ଉପରକୁ ଟେକା ବାଙ୍କଖୋଷା, ବାହୁ ଓ ଚିବୁକରେ ଚିତାକୁଟା ।

ତାର ସାରଲ୍ୟ ଓ ଭଦ୍ର ବ୍ୟବହାରରେ ପ୍ରୀତ ହେଇ କାମରେ ରଖିଥିଲି ସୋମ୍‌ବାରୀକୁ ଏବଂ ମୋ'ର ସିଦ୍ଧାନ୍ତ ଯେ ଭୁଲ୍ ନଥିଲା, ତା'ର ପ୍ରମାଣ ପାଇଥିଲି ଅଳ୍ପଦିନ ଭିତରେ । ଅସୀମ ପ୍ରାଣଶକ୍ତିର ଅଧିକାରିଣୀ ଥିଲା ସୋମ୍‌ବାରୀ । ନିଷ୍କପଟ, କର୍ମନିଷ୍ଠ ମଣିଷ, ଠକାମି ଶବ୍ଦଟି ତା' ଅଭିଧାନରେ ନଥିଲା । ତା' ହାତମଜା ବାସନରେ ମୁହଁ ଦେଖି ହେଉଥିଲା ଦର୍ପଣ ପରି । ଘର ପୋଛିଦେଲେ ଚଟାଣ ହେଇ ଉଠୁଥିଲା ଚକ୍‌ଚକ୍ ଓ ମସୀହୀନ । ସର୍ବୋପରି, ମଣିଷଟି ଥିଲା ଐକାନ୍ତିକ ଭାବରେ ସାଧୁ ପ୍ରକୃତିର ।

ତା'ରି ଠାରୁ ଶୁଣିଥିଲି – ସିଏ ଜାତିରେ କନ୍ଧ । ସ୍ୱାମୀର ମୃତ୍ୟୁ ପରେ ତିନିବର୍ଷର ଶିଶୁକନ୍ୟାଟିକୁ କୋଳରେ ଧରି ଜୀବିକାର୍ଜନ ନିମନ୍ତେ ପଳାଇ ଆସିଥିଲା ଭୁବନେଶ୍ୱର ।

ପରଦୁଆରେ ମୂଲ ଲାଗି ଝିଅଟିକୁ ମଣିଷ କଲା । ଝିଅ ଏବେ ବିବାହିତା ଏବଂ ସ୍ୱାମୀ ସହ ସୁରାଟରେ ରହେ । ଜୋଇଁ ସେଠାରେ କେଉଁ ଏକ ଲୁଗାକଳରେ କାର୍ଯ୍ୟରତ । ସୋମ୍‌ବାରୀ ଏବେ ବିନ୍ଦୁସାଗର କୂଳରେ ବଖରାଏ ଚାଳଘର ଭଡ଼ା ନେଇ ରହୁଛି । ପାଞ୍ଚଜଣଙ୍କ ଘରେ ଠିକା କାମ କରେ । ଯାହା ଉପାର୍ଜନ କରେ, ସେଥିରେ ସୁରୁଖୁରୁରେ ଗୁଜୁରାଣ ହେଇଯାଏ ।

ସୁରୁଖୁରୁରେ ଗୁଜୁରାଣ ହେଉଥିବା ସୋମବାରୀ ଜୀବନର ଏଇ ପ୍ରବହମାନ ସ୍ରୋତ କିନ୍ତୁ ଅଚାନକ ଅବରୁଦ୍ଧ ହେଲା ଏକ ଆସନ୍ନ ସଂକଟର ସୂଚନାରେ । ବିଧାତା ଦାଉ ସାଧିଲା । ସୋମ୍‌ବାରୀ ଆକ୍ରାନ୍ତ ହେଲା ଦୂରାରୋଗ୍ୟ ପେପ୍‌ଟିକ୍ ଅଲସର ବେମାରିରେ । ଅପେରେସନ୍ ଥିଲା ଜରୁରୀ । ସୋମ୍‌ବାରୀ ଅନେକଦିନ ଧରି ପଡିରହିଲା ଡାକ୍ତରଖାନାରେ । ସ୍ୱାସ୍ଥ୍ୟ ଗଲା, ଗଲା ହାତରେ ଥିବା ସାମାନ୍ୟ ପୁଞ୍ଜିତକ ମଧ୍ୟ ।

ଖାଦ୍ୟପେୟ ସଂପର୍କୀୟ କଟକଣା ମାନି ଚଳିବା ପାଇଁ ଥିଲା ଅର୍ଥର ଅଭାବ । ବୟସ ବି ବଢୁଥିଲା ଧୀରେ ଧୀରେ । ଫଳତଃ, ଏକଦା ଅରଣା ମଇଁଷି ପରି ଶକ୍ତିଧାରଣ କରୁଥିବା ସୋମ୍‌ବାରୀ ହଠାତ୍ ହେଇଗଲା ରୁଗ୍‌ଣ ଏବଂ ଅସ୍ଥିଚର୍ମସାର । ଶରୀରର ମାଂସପେଶୀ ନିସ୍ତେଜ ଓ ଶିଥିଳ । ମଥାରେ କୁଚ୍ କୁଚ୍ କଳା ବାଙ୍କଖୋଷା ବଦଳରେ ଫର୍‌ଫର୍ ହେଇ ଉଡୁଥିବା ରୁକ୍ଷ ସଫେଦ୍ ବାଳ କେଇ କେରା । ସ୍ୱାଭାବିକ୍ ଭାବରେ କାମତକ ଗଲା ହାତରୁ । ଯାହା ପାଖକୁ ଯାଉଥିଲା, ପକ୍‌କେଶୀ, ସୋମ୍‌ବାରୀକୁ ଚାହିଁ ସିଏ ତାଚ୍ଛଲ୍ୟ ସ୍ୱରରେ ମନ୍ତବ୍ୟ କରୁଥିଲେ – ନିପଟ ବୁଢ଼ୀ ମଣିଷଟେ ତୁ । କି କାମ କରିପାରିବୁ ଆମର ? ଯା' ଅନ୍ୟ କେଉଁଠି ଦେଖ୍ । ଏଇଭଳି ମାନସିକ ଉଦ୍‌ବେଗ, ଅର୍ଥାଭାବ, ତଥା ଅନାହାରର ଦାଉରେ ଜଳିପୋଡି, ସୋମବାରୀ ହୋଇ ଉଠିଲା ଆଉ ଟିକିଏ ବେଶୀ ଦୁର୍ବଳ ଓ ଅକର୍ମଣ୍ୟ । କାମ ଭିତରେ ରହି ଯାଇଥିଲା ମାତ୍ର ଦୁଇଟି ଘର – ମୋ'ର ଏବଂ ଆଉଜଣେ ବିପତ୍ନୀକ ପ୍ରୌଢ଼ଙ୍କର ।

ଦୁର୍ବଳ ତଥା ପୀଡିତ ଶରୀର ନେଇ ଆଗପରି ଆଉ କାମ କରିପାରୁନଥିଲା ସୋମ୍‌ବାରୀ । ଅନେକଥର କାମଛଡେଇ ଦେବାର ଧମକ୍ ଦେଉଥିଲି ତାକୁ । କିନ୍ତୁ ସେ ଧମକ୍‌କୁ କାର୍ଯ୍ୟକାରୀ କରିବାରେ ଥିଲି ଅସମର୍ଥ । ପ୍ରଥମତଃ ତା'ର ଶିରାଳ ଏବଂ କ୍ଷୟିଷ୍ଣୁ ଚେହେରାକୁ ଚାହିଁ କରୁଣାର ଉଦ୍ରେକ ହେଉଥିଲା ମନରେ । ଦ୍ୱିତୀୟତଃ ତା' ପରି ଏଭଳି ସଚ୍ଚୋଟ ଏବଂ ଅକୃତ୍ରିମ ମଣିଷଟିଏ ଯେ ପାଇପାରିବି, ସେ ସଂପର୍କରେ ଥିଲି ସନ୍ଦିହାନ ।

ସେଇ ସୋମ୍‌ବାରୀ ଯେ ଶେଷପର୍ଯ୍ୟନ୍ତ ମୋ'ର ହେୟାର ଡାଇ ବୋତଲଟି ଚୋରି କରିବ, ତାହା ଥିଲା ମୋ'ର କଳ୍ପନାର ବାହାରେ । କିନ୍ତୁ ସାରାଘର ତନ୍ନ ତନ୍ନ କରି ଖୋଜି





ଯେତେବେଳେ ବୋତଲଟି ପାଇଲିନି, ସ୍ୱାଭାବିକ୍ ଭାବରେ କିଞ୍ଚିତ୍ ସନ୍ଦେହ ହେଲା ସୋମ୍‌ବାରୀ ଉପରେ । କେଜାଣି ? ନରମାୟା ନାରାୟଣଙ୍କୁ ଅଗୋଚର ।

ସୋମ୍‌ବାରୀ ସଦାସର୍ବଦା ଅଖାନିର୍ମିତ ସାନଥଳିଟିଏ ଧରି ଆସୁଥିଲା କାମକୁ । ଥଳିଟି ଥିଲା ତା'ର ନିତ୍ୟସଙ୍ଗୀ । ମୁଁ ଦେଉଥିବା ଭାତ, ତରକାରୀ ପଲିଥିନ୍‌ରେ ବାନ୍ଧି ସାଇତି ରଖୁଥିଲା ଥଳି ଭିତରେ । କେବେ କେମିତି ଥଳିଭର୍ତ୍ତି କରି ଆମ ବାରିରୁ ନେଇ ଯାଉଥିଲା ସଜନାଶାଗ । ପାଖ ବରା ପିଆଜି ଦୋକାନୀଟି ଦେଉଥିବା ବାସି ଘୁଗୁନି, କିମ୍ବା ପରିବା ବ୍ୟବସାୟୀଟି ଦୟାପରବଶ ହୋଇ ଦାନ କରୁଥିବା ଶୁଖିଲା, ଦରପଚା ପରିବା – ସବୁକିଛି ସ୍ଥାନ ପାଉଥିଲେ ସେଇ ମଳିଚିଆ ଥଳିଟି ଭିତରେ । ଥଳିଟି ସୋମ୍‌ବାରୀ ରଖୁଥିଲା ଆମ ସିଡ଼ିତଳେ ।

କୌତୂହଳୀ ତଥା ଅନୁସନ୍ଧିତ୍ସୁ ମନନେଇ ମୁଁ ସିଡ଼ିପାଖକୁ ଯାଇ ଓଲଟାଇ ଦେଲି ସୋମ୍‌ବାରୀର ସେ ଥଳିଟି । ମୁଁ ସକାଳେ ଦେଇଥିବା ପଲିଥିନ୍ ଗୁଡା ଚାରିଖଣ୍ଡି ପାଉଁରୁଟି ଟୁକୁଡା ସହିତ ସୋମ୍‌ବାରୀର ଶତଛିନ୍ନ ଗାମୁଛାରେ ଗୁଡା ହେଇଥିବା ମୋ ହେୟାର ଡାଇ ବୋତଲଟି ଖସି ପଡିଲା ସେ ଥଳି ଭିତରୁ ।

ଘଟଣାଟିର ଆକସ୍ମିକତା, କେତୋଟି ମୁହୂର୍ତ୍ତପାଇଁ ମତେ ସଂପୂର୍ଣ୍ଣରୂପେ ହତବାକ୍ କରିଦେଲା ଏବଂ ମୋ'ଠାରୁ ହତବାକ୍ କଲା ମୋ' ପାଖରେ ଠିଆ ହେଇଥିବା ସଂଜୟଙ୍କୁ, କ୍ରୋଧରେ ଜର୍ଜରିତ ହେଇ ପିଣ୍ଡାକୁ ଯାଇ ମୁଁ ସୋମ୍‌ବାରୀକୁ ଡାକ ଛାଡିଲି ।

ସୋମ୍‌ବାରୀ ଅଗଣାରେ ବାସନ ମାଜୁଥିଲା । ମୋ' ଡାକ ଶୁଣି ହାତଧୋଇ ଆସି ଠିଆହେଲା ମୋ ପାଖରେ । ବୋତଲଟି ତାକୁ ଦେଖାଇ ଉଷ୍ମଗଳାରେ ମୁଁ କହିଲି – ଘର ଝାଡୁ ଦେଲା ବେଳେ ଏ ବୋତଲଟି ଚୁପ୍‌କରି ନେଇଯାଇଛୁ ନା ! ତୋ ଥଳି ଭିତରକୁ ଏ ବୋତଲ ଗଲା କେମିତି ?

ମୋ'ର ଆଙ୍ଗିକ ଅଭିବ୍ୟକ୍ତି ତଥା ରକ୍ତବର୍ଣ୍ଣ ଚକ୍ଷୁ ଦେଖି, ବରଡ଼ାପତ୍ର ପରି ଥରିବାକୁ ଲାଗିଲା ସୋମ୍‌ବାରୀ ।

ଏଇ ମୁହୂର୍ତ୍ତରେ ମୋ ଘରୁ ବାହାର୍ । ତୋ' ଉପରୁ ଆଜିଠାରୁ ଭରସା ତୁଟିଗଲା ମୋ'ର । ଘରଯାକ ଜିନିଷପତ୍ର ଇଆଡେ ସିଆଡେ ପଡିଛି । କେତେବେଳେ କଅଣଟେ ଉଠେଇ ନେବୁ କିଏ ଜାଣେ ? ତତେ ଆଉ ବିଶ୍ୱାସ କଅଣ ?

ମୋ ଧମକ୍ ଶୁଣି ସୋମ୍‌ବାରୀ ତଳେ ବସିପଡି ମୋ ପାଦ ଦୁଇଟିକୁ ଧରି ହାଉ ହାଉ ହେଇ କାନ୍ଦିବାକୁ ଲାଗିଲା ।

ଗୋଡ଼ଛାଟି ଦେଇ ମୁଁ କହିଲି - ଛାଡ଼୍ ମୋ ଗୋଡ଼ । ତତେ ପୋଲିସ୍‌ରେ ଦେଲେ ଯାଇ ମୋ ମନ ଶାନ୍ତ ହବ । ଏ ପର୍ଯ୍ୟନ୍ତ ଭୁଲ୍ ଧାରଣା କରିଥିଲି ତୋ ସଂପର୍କରେ । ତୁ ଯେ ଗୋଟିଏ ଅସଲ ଚୋରଣୀ ଜାଣିନଥିଲି ।

ସୋମ୍‌ବାରୀ ତଳୁ ଉଠି ମୋ ସାମ୍‌ନାରେ ନତମସ୍ତକ ହେଇ ଠିଆ ହେଇ କହିଲା - ମୁଁ ଭୁଲ୍ କାମ କରିଛି ମା ! ଯାହା ଦଣ୍ଡ ଦବ ଦିଅ ହେଲେ ମତେ ଚୋରଣୀ ବୋଲି କହନା ମୁଁ ଚୋରଣୀ ନୁହଁ ମା ।

ଚୋରି କରିଚୁ ତୁ ଆମ ଆଖି ସାମ୍‌ନାରେ । ତତେ ଚୋରଣୀ ନକହି ଆଉ କଅଣ ସାଧୁସନ୍ଥ ବୋଲି କହିବି ? ଆଜିକାଲି ସଭିଏଁ ବାଳ ରଂଗ କରୁଛନ୍ତି ତ ! କାହାକୁ ନେଇ ଦିଚାରି ଟଙ୍କାରେ ବିକ୍ରି କରି ଥାଆନ୍ତୁ ବୋତଲଟି । ଆମଠୁ ଏତେ ସ୍ନେହ ପାଇ ସୁଦ୍ଧା ଏତିକି ଲୋଭ ସମ୍ବରଣ କରିପାରିଲୁନି ତୁ ?

ଲୁହ ଟଳମଳ ପେଜୁଆ ଆଖିରେ ସିଧାସଳଖ ମତେ ଅନାଇଁ ସୋମ୍‌ବାରୀ ଉତ୍ତର ଦେଲା ବୋତଲଟି ମୁଁ ଅନ୍ୟ କାହାପାଇଁ ନେଇ ନଥିଲି ମା । ନେଇଥିଲି ନିଜ ପାଇଁ ।

ଏଥରକ ଥିଲା ମୋ'ର ବିସ୍ମୟାଭୂତ ହେବାର ପାଳି - ତୋ' ପାଇଁ ? ତୁ ନିଜେ ଲଗେଇବୁ ବୋଲି ନେଇଥିଲୁ ରଂଗ ବୋତଲଟି । ସୋମ୍‌ବାରୀର ସ୍ୱୀକାରୋକ୍ତିଟି ମୋ' ଲାଗିଥିଲା ସଂପୂର୍ଣ୍ଣରୂପେ ରହସ୍ୟମୟ ଏବଂ ସେ ରହସ୍ୟ ଉନ୍ମୋଚନ କରିବାରେ ମୁଁ ଥିଲି ଅସମର୍ଥ ।

ସୋମ୍‌ବାରୀ ତା ପିନ୍ଧା କସ୍ତାଶାଢ଼ୀର ପଣତରେ ଆଖି ପୋଛି କହିଲା - ଭୋକର ଦାଉ ତମେ ବୁଝିପାରିବନି ମା । ମାସ ମାସ ଧରି ପେଟପୂରା ଭାତ ମୁଠେ ଖାଇନି । ସେ ଦୁର୍ଦ୍ଦଶା ଯିଏ ଭୋଗିଛି ସିଏ ଜାଣେ ।

ରଂଗ ବୋତଲଟି ଚୋରି କରି ନେଇଗଲେ କଅଣ ତୋ ଭୋକ ମରିଯିବ ? ଅସହିଷ୍ଣୁ ଭାବରେ ମୁଁ ପଚାରିଲି ।

ସୋମ୍‌ବାରୀ କିଛି ସମୟ ପାଇଁ ମୌନ ରହିଲା । କଥାଟି କହିବ କି ନକହିବାର ଦ୍ୱନ୍ଦ୍ୱ କାଟି ଶେଷକୁ ଜବାବ୍ ଦେଲା - ତମେ ଯେଉଁଦିନ ପ୍ରଥମେ ଏ ରଂଗ ଲଗେଇଥିଲ, ସେଦିନ ତମକୁ ଦେଖି ମୁଁ ଆଶ୍ଚର୍ଯ୍ୟ ହେଇଯାଇଥିଲି । ପୂରାପୂରି ଅଲଗା ଦିଶୁଥିଲ । ସତେ ଅବା ଦଶବର୍ଷ ବୟସ କମି ଯାଇଛି । ଆଜିକାଲି ମୁଁ ଯେଉଁଠିକି ଗଲେ ବୁଢ଼ୀ ବୋଲି କହି ଲୋକେ କାମ ଦେଉନାହାନ୍ତି । ଭାବିଲି ଏ ରଂଗଟି ଲଗାଇ ବାଳ କଳା କରିଦେଲେ ହୁଏତ





ଏତେ ବୁଢ଼ୀ ଦିଶିବିନି । କାମ ଦି'ତିନୋଟି ମିଳିଯିବ । ସେଇ ଲୋଭରେ ନେଇ ଯାଇଥିଲି ବୋତଲଟି । ହେଲେ ମୁଁ ଚୋରଣୀ ନୁହଁ ମା । ମତେ କାମରୁ ତଡିଦିଅ ନାଇଁ । ତମେ ତଡିଦେଲେ ଯାହା ଦି ଦିନରେ ଥରଟେ ଆହାର ମିଳୁଚି ତା ବି ମିଳିବନି ।

ଉପାଖ୍ୟାନଟିର ଏତାଦୃଶ ଅପ୍ରତ୍ୟାଶିତ ମୋଡରେ ଅବାକ୍ ହେଇ ମୁଁ ଘୂରି ଚାହିଁଲି ପାଖରେ ଠିଆ ହୋଇ ଆମ ବାଦାନୁବାଦ ଶୁଣୁଥିବା ସଞ୍ଜୟଙ୍କୁ । ସହାନୁଭୂତି ମିଶ୍ରିତ ସ୍ୱରରେ ସଂଜୟ କହିଲେ - ସୋମ୍‌ବାରୀ ସତକଥା କହିଛି । ଆଉ ରାଗ୍‌ନା ତା ଉପରେ । କ୍ଷମା କରିଦେ' । ଭାବି ଦେଖ । ତୋ'ର ଜୀବନକାଳ ଭିତରେ, ଏହାଠାରୁ ବଳି କରୁଣତର କାହାଣୀ ବୋଧହୁଏ କେବେ କାହାରିଠୁ ଶୁଣିନଥିବୁ । ସଂଜୟ କଥାରେ ମୋ' କ୍ରୋଧର ମାତ୍ରା କିଛିଟା କମ୍ ହେଇ ଆସିଲା । ମନ ହେଇ ଉଠିଲା ଅନେକ ପରିମାଣରେ ଶାନ୍ତ ।

ସାମନାକୁ ଚାହିଁଲି । ଏକ ଅପରାଧୀର ରଙ୍ଗ ନେଇ ନତମୁଖୀ ଓ ଈଷତ୍ କ୍ଷୁବ୍ଧ ସୋମବାରୀ ଚୁପ୍ ହୋଇ ଠିଆ ହେଇ ରହିଥିଲା ଅଗଣାରେ । ଅଁଳରା ଝୋଟ ସଦୃଶ ଦିଶୁଥିବା ତା'ର କେରି କେରି ପକ୍ୱକେଶ ଫୁର୍‌ଫୁର୍ ହେଇ ଉଡ଼ିଲାଗିଥିଲା ମୃଦୁ ପବନର ଧକ୍କାରେ ।

□□□

# ବୟସ ବନାମ୍ ମନ

ପଡ଼ୋଶୀ ଅଧ୍ୟାପକଙ୍କ ଛଅବର୍ଷର ପୌତ୍ରଟି ସେଦିନ ବାପାଙ୍କୁ ପ୍ରଥମଥର ପାଇଁ ବୁଢ଼ାବାପା ବୋଲି ସମ୍ବୋଧନ କରିଥିଲା ।

ଘରେ ପଶି ପିଣ୍ଡାରେ ପଡିଥିବା ଆରାମଚୌକିଟିରେ ବସୁ ବସୁ ବୋଉକୁ ଚାହିଁ ବାପା କହିଲେ - ଶୁଣୁଚ ! ଆଜି ଜଟୁ ମତେ ବୁଢ଼ା ବୋଲି କହିଲା । ଏବେ ରାସ୍ତାରେ ମୁଁ ଚାଲି ଚାଲି ଆସିଲାବେଳେ ।

ବୋଉ ଖଟରେ ବସି ପାନ ଭାଙ୍ଗୁଥିଲା । ଫିକ୍ କରି ହସି ମନ୍ତବ୍ୟ କଲା - ବୁଢ଼ାକୁ ବୁଢ଼ା କହନ୍ତାନି ଆଉ କ'ଣ ଟୋକା କହନ୍ତା ? ତା'ପରେ ମଉଜିଆ ଗଳାରେ ଆମକୁ ଡାକ ଛାଡି କହିଲା - ଶୁଣରେ ପିଲେ । ଆଜି ଜଟିଆ ତମ ବାପାଙ୍କୁ ବୁଢ଼ା କହିଦେଲା ବୋଲି ତାଙ୍କର ଭାରି ମନଦୁଃଖ ।

ମୁଁ ଦୌଡିଆସି ବାପାଙ୍କୁ ପଚାରିଲି - ବାପା, ବୁଢାହେଲେ କେମିତି ଲାଗେ ? ଦେହ ସହିତ ମନ ବି ପୂରାପୂରି ବଦଳିଯାଏ ?

-ନାଇଁ ମା ! ଶରୀର ସିନା ବୁଢ଼ା ହେଇଯାଏ । ମନ କିନ୍ତୁ ବୁଢ଼ା ହୁଏନି । କିଛି ପରିବର୍ତ୍ତନ ହୁଏନି ମନର । ସର୍ବଦ୍ ପିଉ ପିଉ ବାପା ଜବାବ ଦେଲେ ।

ଇଏ ଅବଶ୍ୟ ବହୁତ ପୁରୁଣା କଥା । ମୋ କିଶୋରୀ ବୟସର । କିନ୍ତୁ କେବେଦିନେ ମୁଁ ଯେ ବୁଢ଼ୀ ହେଇଯିବି, କେବେ ଦିନେ ବାର୍ଦ୍ଧକ୍ୟ ଯେ ଆସି ମୋ ଦରଜାରେ କରାଘାତ





କରିବ, ସେକଥା ସ୍ୱପ୍ନରେ ସୁଦ୍ଧା ଭାବିନଥିଲି ସେତେବେଳେ । କିନ୍ତୁ ସମୟାନୁକ୍ରମେ, ସେଭଳି ଦିନଟିଏ ଆସିଲା ମୋ ଜୀବନରେ, ଛପିଛପି, ମୋ' ଅଜାଣତରେ ଏବଂ ବାପାଙ୍କ ପରି ମତେ କିଛିଟା ଆଚମ୍ବିତ କରି ।

ମୋ'ର ଉପଗତ ବାର୍ଦ୍ଧକ୍ୟ ସଂପର୍କରେ ସର୍ବପ୍ରଥମେ ମତେ ସଚେତନ କରିବାର ଶ୍ରେୟ ଯାଏ ଜଣେ ବସ୍‌ଡ୍ରାଇଭରଙ୍କୁ ।

ଆସୁଥାଏ କଟକରୁ ଭୁବନେଶ୍ୱର, ବସ୍‌ରେ । ଫୁଲନଖରା ପାଖରେ କୌଣସି ଯାନ୍ତ୍ରିକ ତ୍ରୁଟି ହେତୁ ଅଚଳ ହେଇପଡିଲା ବସ୍‌ଟି । କଣ୍ଡକ୍ଟର, କିୟତ୍ ଦୂରରେ ଥିବା ପରିଚିତ ଗ୍ୟାରେଜ୍‌ରୁ ଜଣେ ମେକାନିକ୍ ଡାକି ଗାଡିଟିକୁ ସଚଳ କରିବା ଅଭିଯାନରେ ଲାଗିପଡ଼ିଲେ ।

ଦିନ ଦଶଟା ସମୟ । ବସ୍ ଭିତରେ ସ୍କୁଲ୍ କଲେଜ ଛାତ୍ରଛାତ୍ରୀ ତଥା ଅଫିସ୍‌ଗାମୀ ମଣିଷମାନଙ୍କର ଗହଳି । ଅନିର୍ଦ୍ଦିଷ୍ଟ କାଳ ପାଇଁ ଅପେକ୍ଷା କରିବାକୁ ଅନିଚ୍ଛୁକ ଥିବା ସହଯାତ୍ରୀଗଣ, କଟକଆଡୁ ଆସୁଥିବା ବସ୍‌ମାନଙ୍କୁ ଅଟକାଇ ଏବଂ ଭିଡ ଭିତରେ କୌଣସି ମତେ ନିଜଲାଗି ସାମାନ୍ୟତମ ସ୍ଥାନର ବ୍ୟବସ୍ଥା କରି ଗୋଟି ଗୋଟି ହୋଇ ଚାଲିଯିବାକୁ ଆରମ୍ଭ କଲେ । କିଛି ସମୟ ପରେ ଚାହିଁ ଦେଖେ, ବସ୍‌ରେ କେତୋଟି ମାତ୍ର ଗ୍ରାମୀଣ ମଣିଷ, ଦୁଇଟି ଶିଶୁ ସନ୍ତାନ ସହ ଏକ ମଧ୍ୟବୟସ୍କ ଦଂପତି ଓ ମୁଁ ନିଜେ ।

ବିଳମ୍ବ ହେତୁ, ମୁଁ ମଧ୍ୟ ଅନ୍ୟ ବସ୍ ଧରି ଚାଲିଯିବାର ନିର୍ଣ୍ଣୟ ନେଇ, ଯେତେବେଳେ ଗାଡିରୁ ଓହ୍ଲାଇବାକୁ ଉଦ୍ୟତ, ଠିକ୍ ସେତିକିବେଳେ ଷ୍ଟିୟରିଂ ହୁଇଲ୍ ପାଖରୁ ଡ୍ରାଇଭର ମହୋଦୟ କୋମଳ ସ୍ୱରରେ କହି ଉଠିଲେ - ମା ! ସେମାନେ ସବୁ ଟୋକାଟାକାଳିଆ ଲୋକ । ଭିଡଭିଡରେ କୌଣସି ମତେ ଠିଆହୋଇ ଚାଲିଗଲେ । ଆପଣ ବୁଢ଼ୀ ମଣିଷ । ସେ ଧନ୍ଦାରେ କାହିଁକି ପଶୁଛନ୍ତି ? ବସନ୍ତୁ । ମୁଁ ଆପଣଙ୍କୁ ଠିକ୍ ନେଇ ମାଷ୍ଟର କ୍ୟାଣ୍ଟିନ୍‌ରେ ପହଞ୍ଚେଇ ଦେବି ।

ଡ୍ରାଇଭରଙ୍କ କଥାଟିରେ ଶ୍ରଦ୍ଧା ତଥା ସମ୍ବେଦନାର ଅଭାବ ନଥିଲା । କିନ୍ତୁ ତାଙ୍କ ମନ୍ତବ୍ୟଟି ଚାଉଁ କରି ଲାଗିଲା ଛାତିରେ । ଜୀବନରେ ପ୍ରଥମଥର ପାଇଁ ମୋ ସାମ୍ନାରେ କେହିଜଣେ ମତେ ବୁଢ଼ୀ ବୋଲି ସମ୍ବୋଧନ କରୁଥିଲେ ।

ଏହାପରେ ପରେ, କ୍ରମାଗତ ଭାବରେ, ବିଭିନ୍ନ ସମୟରେ ଏବଂ ବିଭିନ୍ନ ବ୍ୟକ୍ତିଙ୍କ ଠାରୁ ଏଇ ବୁଢ଼ୀ ସମ୍ବୋଧନ ଶୁଣିବାରେ, ମୁଁ ଏକରକମ ଅଭ୍ୟସ୍ତ ହେଇପଡିଲି ।

ଦ୍ୱିତୀୟ ଘଟଣାଟି ଘଟିଥିଲା ପ୍ରାୟ ବର୍ଷେକ ତଳେ । ଝିଆରୀର ବାହାଘରରେ ଯୋଗ ଦେଇସାରି ଫେରୁଥାଏ ରାଉରକେଲାରୁ, ତପସ୍ୱିନୀ ଏକ୍ସପ୍ରେସ୍‌ରେ । ସାଥିରେ ସାନଭଉଣୀ ।

ଭୋର୍‌ବେଳକୁ ନିଦ ଭାଙ୍ଗିଗଲା । ଚା' ପାନର ତୀବ୍ର ପିପାସା । ଏ.ସି. କୋଚ୍ ଭିତରକୁ ଏମିତିରେ ବିଶେଷ କେହି ବୁଲାବିକାଳି ଅସନ୍ତିନି ।

କାର୍ଯ୍ୟରତ ଶିଖାଧାରୀ ଚଳଚଞ୍ଚଳ ଟି.ଟି. ଆଇଜଣକ ମୋ'ର ସମସ୍ୟା ସଂପର୍କରେ ଅବଗତ ହୋଇ ତା'ର ସରଳ ସମାଧାନଟିଏ ସତ୍ୱର ବାହାର କରିଦେଲେ । କହିଲେ - ଆପଣ ବ୍ୟସ୍ତ ହୁଅନ୍ତୁନି । ଅତିଶୀଘ୍ର ଝାରସୁଗୁଡା ଆସିଯିବ । ମୁଁ ପ୍ଲାଟ୍‌ଫର୍ମରୁ ଚା' ବାଲାଟିଏ ପଠେଇଦେବି ଆପଣଙ୍କ ପାଖକୁ ।

ଝାରସୁଗୁଡା ଆସିଗଲା ଅତି ଶୀଘ୍ର । ଟି.ଟି. ଆଇ ମହୋଦୟଙ୍କ ପାଇଁ ଅପେକ୍ଷା ନକରି ନିଜେ ସଚେଷ୍ଟ ହୋଇପଡିଲି ଚା'ବାଲାର ତଲାସରେ । କୋଚ୍‌ର କାଚକବାଟ ଠେଲି ବାହାରିଲା ବେଳକୁ ନଜର୍‌ରେ ପଡିଲେ, ଦରଜା ପାଖରେ ପ୍ଲାଟ୍‌ଫର୍ମରେ ମୋ' ଆଡକୁ ପଛ କରି ଦଣ୍ଡାୟମାନ କର୍ମନିଷ୍ଠ ଟି.ଟି.ଆଇ ଜଣକ । ଗୋଟିଏ ଚା'ବାଲାକୁ ଡାକି ଉଚ୍ଚସ୍ୱରରେ ବରାଦ କରୁଥିଲେ - ଯାଆ ! ବାର୍ଥ ନମ୍ବର ବାର ଆଉ ତେରରେ ବୁଢୀ ଦିଜଣ ବସିଛନ୍ତି - ସେମାନଙ୍କୁ ଚା' ଦେଇ ଆସିବୁ । ବିଚାରିମାନଙ୍କ ପାଇଁ ପ୍ଲାଟ୍‌ଫର୍ମକୁ ଓହ୍ଲାଇ ଚା' ପିଇବା ମୁସ୍‌କିଲ୍ ।

ଟି.ଟି.ଆଇ ମହୋଦୟଙ୍କୁ ଅପଦସ୍ଥ ନକରିବା ଉଦ୍ଦେଶ୍ୟରେ, ଉଦ୍‌ଗତ ହସକୁ କୌଣସି ମତେ ଶାଢିପଣତରେ ଚାପି ରଖି ମୁଁ ନିଜ ବାର୍ଥ ପାଖକୁ ଫେରି ଆସିଲି ଓ ବିଛଣାରେ ବସିପଡି ତୁହାକୁ ତୁହା ହସିବାକୁ ଲାଗିଲି । ସେ ଉଚ୍ଛୃଙ୍ଖଳ ହସର ପ୍ରକୋପରେ ଆଖିରୁ ଧାର ଧାର ପାଣି ନିଗିଡି ଆସିଲା, ହସ କିନ୍ତୁ ବନ୍ଦହେବାର କୌଣସି ଲକ୍ଷଣ ଦେଖାଗଲାନି ।

ସାନଭଉଣୀ ଲୁସି ବିସ୍ମୟଭରା ଗଳାରେ ପଚାରିଲା - ନାନୀ, କଅଣ ହେଲା ? ଏମିତି ହସୁଚ ଯେ ! କଅଣ ହେଲା ?

ଉପାଖ୍ୟାନଟି ଲୁସିକୁ ମଧ୍ୟ ହସର ଖୋରାକ୍ ଯୋଗାଇଦେଲା । ଦୁଇଭଉଣୀଙ୍କର ହସର କଳରୋଳ ଭିତରେ ମୁଁ ନିରୀକ୍ଷଣ କଲି ମୋ'ର ସୁଶ୍ରୀ ଓ ତନ୍ୱୀ ସାନ ଭଉଣୀଟିକୁ । ଲୁସି ତାହେଲେ ୟା' ଭିତରେ ବୁଢୀ ଆଖ୍ୟା ପାଇବା ପାଇଁ ଯୋଗ୍ୟ ବିବେଚିତ ହେଇଗଲାଣି ? ମନେପଡିଲା ମୁଁ ଲୁସିଠାରୁ ପନ୍ଦରବର୍ଷ ବଡ ।

ମୋ'ର ବାର୍ଦ୍ଧକ୍ୟର ତୃତୀୟ ପ୍ରମାଣଟି ପାଇଲି ଏବେଏବେ - ପ୍ରାୟ ଦୁଇସପ୍ତାହ ତଳେ ।

ଆମ ଘର ସାମ୍ନାରେ ନବନିର୍ମିତ ଏକ ଆପାର୍ଟମେଣ୍ଟ୍ । ସାମନାରେ ଯଥେଷ୍ଟ ପାର୍କିଙ୍ଗ୍ ସ୍ପେସ୍ ନଥିବାରୁ ଅନ୍ତେବାସୀମାନେ ସେମାନଙ୍କର ଦୀର୍ଘକାୟ ଗାଡିଟିମାନ ଠିଆ କରି





ରଖନ୍ତି ମୋ ଗୋଟ୍ ଓ ଘର ସାମ୍ନାରେ । ଦିନେ ବିରକ୍ତ ହେଇ ସେମାନଙ୍କୁ ଏ ସଂପର୍କରେ ଚେତାବନୀ ଶୁଣାଇ ଆସିବି ବୋଲି ଠିକ୍ କରିନେଲି ।

ଆପାର୍ଟମେଣ୍ଟର ଚୌକିଦାରଟି ମତେ ଦେଖି ନମସ୍କାର କରି ସସଂଭ୍ରମ ଉଠି ଠିଆହେଲା । ପଚାରିଲା - ଆପଣ କେଉଁଠୁ ଆସିଛନ୍ତି ?

- ଏଇ ସାମ୍ନା ଧଳା କୋଠାରୁ । ମୁଁ ଜବାବ୍ ଦେଲି ।

ଓହୋ ! ଆପଣ କଅଣ ସେଠି ଉପରମହଲାକୁ ନୂଆ ଭଡାଟିଆ ଆସିଛନ୍ତିକି ? ଆମେ ଶୁଣିଛୁ ସେ ଘର ତଳମହଲାରେ ବୁଢାବୁଢୀ ଦିଜଣ ରହନ୍ତି । ପୁଅ, ବୋହୂ, ନାତି, ନାତୁଣୀ ସବୁ ବିଦେଶରେ । ବୁଢାଙ୍କୁ ଅବଶ୍ୟ ବେଳେ ବେଳେ ଦେଖୁ । ଏଇ ପାଖ ଦୋକାନକୁ ଔଷଧ ନେବାକୁ କେବେ କେମିତି ଆସନ୍ତି । ବୁଢୀ କିନ୍ତୁ ଜମ୍ମା ବାହାରକୁ ବାହାରନ୍ତିନି । ଅନ୍ତତଃ ମୁଁ ତାଙ୍କୁ କେବେ ଦେଖିନି ।

ମୁଁ ସେଇ ବୁଢୀଜଣକ ବୋଲି ନ କହି ଚତୁରତାର ସହ ମୁଁ କହିଲି - ମୁଁ ସେଇ ଘରର ମାଲିକ୍ । ଦୟାକରି ତୁମ ସେକ୍ରେଟେରୀଙ୍କୁ ଡାକିଦିଅ । ତାଙ୍କ ପାଖରେ କାମ ଅଛି ।

ପ୍ରିୟମ୍ବଦ ସେକ୍ରେଟାରୀ ମହାଶୟ ଅବଶ୍ୟ ତାଙ୍କର ଗଲ୍‌ତି ପାଇଁ ପ୍ରଚୁର କ୍ଷମାପ୍ରାର୍ଥନା କରିଥିଲେ ଓ କାର୍ଯ୍ୟଟି ହାସିଲ୍ କରି ପ୍ରସନ୍ନ ଚିତ୍ତରେ ମୁଁ ଲେଉଟି ଆସିଲି । ଏକଥା ମଧ୍ୟ ଜାଣି ଆସିଲି ଯେ କେବଳ ବ୍ୟକ୍ତିବିଶେଷଙ୍କ ଭିତରେ ନୁହେଁ, ସାରା କଲୋନୀରେ ଗୋଟିଏ ବୃଦ୍ଧା ମହିଳା ରୂପେ ମୁଁ ୟା ଭିତରେ ଖ୍ୟାତି ଲାଭ କରିଛି । ମୋ'ର ନିଜସ୍ୱ ନାଆଁଟି ନିଶ୍ଚିହ୍ନ ହେଇଗଲାଣି ୟା' ଭିତରେ ।

ଯାହାହେଉ, ମୋ'ର ଉପଗତ ବାର୍ଦ୍ଧକ୍ୟ ସମ୍ବନ୍ଧୀୟ ଏତାଦୃଶ ଘଟଣାବଳୀ କେବେ ବି କୌଣସି ନୈରାଶ୍ୟବୋଧ ବା ଉପେକ୍ଷିତ ହେବାର ଅନୁଭୂତି ଆଣିଦେଇ ନଥିଲା ମୋ ମନରେ । ବରଂ ଘଟଣା ଗୁଡିକ ମନେହେଇଥିଲା ବେଶ୍ ମଜେଦାର୍ ଓ କୌତୁକ ପ୍ରଦ । କିନ୍ତୁ ଏଇ ସନ୍ଦର୍ଭରେ, କେଇଦିନ ତଳେ ଘଟିଥିବା ଏକ ଉପାଖ୍ୟାନ, ଅଳ୍ପ ସମୟ ପାଇଁ ହେଲେ ମଧ୍ୟ କିଞ୍ଚିତ୍ ବିଚଳିତ କରିଯାଇଥିଲା ମୋ ମନକୁ । କେତୋଟି ମୁହୂର୍ତ୍ତପାଇଁ ହୃଦୟକୁ ଆଚ୍ଛନ୍ନ କରି ରଖିଥିଲା ଏକ ବାଳିକା ସୁଲଭ ଅଭିମାନରେ ।

ଘଟଣାଟି ଥିଲା ଆମ ସୁଖଦୁଃଖ ସମନ୍ୱିତ ଦାମ୍ପତ୍ୟଜୀବନର ଛୋଟ ଗୋଟିଏ ଭଗ୍ନାଂଶ ।

ସନ୍ଧ୍ୟା ଉତ୍ତୀର୍ଣ୍ଣପ୍ରାୟ । ବିନୟ ସାନ୍ଧ୍ୟଭ୍ରମଣରୁ ଫେରି ସଦ୍ୟ ଆସି ପହଞ୍ଚିଥିବା, ଟେଲିଗ୍ରାଫ୍‌ର ପୃଷ୍ଠାରେ ନିମଗ୍ନ । ସେଇବାଟେ ଚାଲି ଯାଉ ଯାଉ ହଠାତ୍ କେଜାଣି କାହିଁକି

ଆଖି ପଡିଗଲା ତାଙ୍କ ମୁହଁରେ । ସମୟର ଖରାକାକର ଖାଇ ନିଷ୍ପ୍ରଭ ହେଇପଡିଥିବା ସେ ମୁହଁରେ ଯେମିତି ପଇଁଚାଳିଶ ବର୍ଷ ତଳର ଏକ ହାସ୍ୟମୁଖର, ପ୍ରାଣୋଚ୍ଛଳ ଯୁବକର ଅସ୍ପଷ୍ଟ ଛବି ଦେଖିବାକୁ ପାଇଲି । କେତେକେବେଳେ କଟିଗଲା ଏତେଗୁଡାଏ ବର୍ଷ ? ଏଇତ ସେଦିନ ପରି ଲାଗୁଛି । ଅନିଶ୍ଚିତ ଜୀବନକୁ ମୁକାବିଲା କରିବାର ସଂକଳ୍ପ ନେଇ ହାତ ଧରାଧରି ହେଇ ବାଟ ଚାଲିବାକୁ ଆରମ୍ଭ କରିଥିଲୁ ଆମେ ଏଇ ତ ସେଦିନ !

ମୁଁ ସନ୍ତର୍ପଣରେ ମୋ ହାତଟି ରଖିଲି ବିନୟଙ୍କ କାନ୍ଧରେ ।

ବିନୟ କିନ୍ତୁ ନିଜକୁ ସାମାନ୍ୟ ଘୁଞ୍ଚେଇ ନେଇ ଅସହିଷ୍ଣୁ ଗଳାରେ କହିଉଠିଲେ ଓଃ ! କଅଣ ହେଉଚି ଇଏ ? ତୋ'ର କଅଣ କିଛି କାମ ନାହିଁ ? ଯା' ନିଜ କାମ କର । ମତେ ପେପର୍ ପଢିବାକୁ ଦେ' । ବୁଢ଼ୀ ବୟସରେ ଯେତେ ସବୁ ବେକାର୍ ପିଲାଳିଆମି !

ମୁଁ ଜାଣେ - ବିନୟ ଖବର କାଗଜ ପଢ଼ିଲାବେଳେ ସାମାନ୍ୟତମ ବ୍ୟାଘାତ ବି ବରଦାସ୍ତ କରି ପାରନ୍ତିନି । ତା' ବୋଲି ଶେଷକୁ ସିଏ ବି ମତେ 'ବୁଢୀ' ଆଖ୍ୟା ଦେଇଦେଲେ ? ବିଷାଦରେ ପାଣିଚିଆ ଧରିଲା ଆଖିଡୋଳା ।

କବାଟ ଖୋଲି ଘର ସାମ୍ନା ବଗିଚାକୁ ଆସିଲି । ବାହାରେ ଶୁକ୍ଳପକ୍ଷର ମାୟାବିନୀ ରାତି । କେଇମାସ ତଳେ କେତୋଟି ମଲ୍ଲିବୁଦା ରୋପଣ କରିଥିଲି ଗାମ୍ଲାରେ । ଆଜି ପ୍ରଥମଥର ପାଇଁ ଫୁଲଫୁଟିଛି ସେ ବୁଦାରେ ।

ମନେପଡିଲା - ଖରାଦିନେ ଆମେ ସବୁ ବୋଉ ସାଥିରେ ଖୋଲାଛାତରେ ଶୋଉଥିଲୁ । ପ୍ରଚୁର ମଲ୍ଲିଫୁଲ ଫୁଟୁଥିଲା ଆମ ଅଗଣାରେ । ଦୁଇ ତିନୋଟି ନିଦା, ଦର ଫୁଟିଲା କଢ ନେଇ ରଖିଦେଉଥିଲି ମୋ ତକିଆ ପାଖରେ । ଉପରେ ଜହ୍ନର ରୋଶଣି ବିଛଣାରେ ମଲ୍ଲିକଢର ବାସ୍ନା । ଆପେ ଆପେ ବୁଜି ଆସୁଥିଲା ତନ୍ଦ୍ରାତୁର, ସ୍ୱପ୍ନବିଳାସୀ ଆଖିପତା ।

ନଇଁ ପଡି ଗାମ୍ଲାରୁ ଟୁକ୍‌ଟାକ୍ ସାଦା ମଲ୍ଲିଫୁଲତକ ତୋଳିବାକୁ ଆରମ୍ଭ କଲି ମୁଁ । ଅନେକ ଅନେକ ବର୍ଷ ପରେ ଆଜି ମୁଁ ବିଛଣାରେ ମଲ୍ଲିଫୁଲର ଘ୍ରାଣ ନେଇ ଶୋଇବି ଯେମିତି ଶୋଉଥିଲି ଏକଦା, କିଶୋରୀ ବୟସରେ ।

ମନେପଡିଲା ବାପାଙ୍କ କଥା । ବାପା ଠିକ୍ କହିଥିଲେ । ଶରୀର ବୁଢା ହୋଇଯାଏ । ମନ କିନ୍ତୁ ବୁଢା ହୁଏନି । କିଛି ବି ପରିବର୍ତ୍ତନ ହୁଏନି ମନର ।

❐❐❐





# ଭରସା

ଜୁଲୁ ସହିତ ମୋ'ର ପ୍ରଥମ ଦେଖା ବେଶ୍ ଅପ୍ରତ୍ୟାଶିତ ଭାବରେ ।

ଦିନେ ସନ୍ଧ୍ୟାରେ ନିକଟସ୍ଥ ବିବେକାନନ୍ଦ ଲାଇବ୍ରେରୀରୁ ବହିଟିଏ ନେଇ ଫେରୁଛି, କାନରେ ବାଜିଲା ଆସାମୀଜ୍ ଭାଷାର ବାର୍ତ୍ତାଳାପ । ମତେ ବାଟକାଟି ଯାଉଥିବା ତରୁଣ ତରୁଣୀ ଯୋଡିକ ଆସାମୀଜ୍ ଭାଷାରେ କଥା ହେଉଥିଲେ ।

ବହୁବର୍ଷ ପରେ ପ୍ରିୟ ଭାଷାଟି ଶୁଣୁଥିଲି । ଆସାମୀଜ୍ ଭାଷା ସାହିତ୍ୟ ପ୍ରତି ମୋର ବିଶେଷ ଅନୁରାଗ । ମୋର ବିବାହିତ ଜୀବନର ମୂଳଦୁଆ ପଡିଥିଲା ଆସାମ ପ୍ରଦେଶରେ । ଦୀର୍ଘ ଦଶବର୍ଷ କ୍ରମାଗତ ଭାବରେ ରହିଥିଲି ସେଠି । ବସ୍ତୁତଃ, ଭାଷାଟି ମୋ'ର ଦ୍ୱିତୀୟ ମାତୃଭାଷାର ମର୍ଯ୍ୟାଦା ଲାଭ କରିଥିଲା । ଅଚାନକ୍ ସେ ଭାଷାଟି କାନରେ ପଡି ଅନେକ ଫାଲ୍‌ଗୁନୀ ସ୍ମୃତି ଜୀବନ୍ତ ହେଇଉଠିଲା ମନର ମଣିକୋଠାରେ ।

ଫେରିପଡି ପିଲା ଦୁଇଟିକୁ କହିଲି - ଏକ୍‌ସ୍‌କିଉଜ୍ ମି ।

ପୁଅ ଝିଅ ଦୁଇଟି ଅଟକିଗଲେ ମୋ କଥା ଶୁଣି । ସେମାନଙ୍କ ନିଜସ୍ୱ ଭାଷାରେ ମୁଁ ଏଥରକ ପଚାରିଲି - ତମେମାନେ କଅଣ ଆସାମୀଜ୍ ? ସେଇ ଭାଷାରେ କଥା କହୁଚ ଯେ !

ଝିଅଟି ଥିଲା ସୁଶ୍ରୀ । ମଥାଭର୍ତ୍ତି ଶ୍ରାବଣର ବର୍ଷଣୋନ୍ମୁଖୀ ବାଦଲ୍ ପରି ଥାକ ଥାକ କୁଞ୍ଚିତ କେଶଦାମ । ହସି ହସି କହିଲା - ହଁ ମୁଁ ଆସାମୀଜ୍ । ନାଁ ଜୟା ବରୁଆ । ଡାକ ନାଁ ଜୁଲୁ । ମୋ ଘର ଗୌହାଟୀରେ ।

ତା' ସାଥିରେ ଥିବା ସମବୟସ୍କ ଦୀର୍ଘତନୁ ତରୁଣଟି କହିଲା - ମୁଁ ଅମିତାଭ । ମୋ'ର ମା' ବଙ୍ଗାଳୀ ଓ ବାପା ଆସାମୀଜ୍ । ମୋ' ଘର ମଧ୍ୟ ଗୌହାଟୀରେ । ଜୁଲୁ ଘରଠାରୁ ବେଶୀ ଦୂର ନୁହେଁ । ସାମାନ୍ୟ ଅଟକି ପୁନର୍ବାର ପିଲାଟି ପଚାରିଲା - କିନ୍ତୁ ଆପଣ ଏତେ ଚମତ୍କାର ଆସାମୀଜ୍ ଶିଖିଲେ କେମିତି ?

ଏଇଥିଲା ଜୁଲୁ ସହିତ ମୋ'ର ଅନ୍ତରଂଗତାର ପୂର୍ବାଭାସ ।

ଆଳାପ କରି ଜାଣିଲି - ମୋ' ଘରଠାରୁ କିଞ୍ଚିତ୍ ଦୂରରେ ଥିବା ମ୍ୟାନେଜ୍‌ମେଣ୍ଟ କଲେଜର ହଷ୍ଟେଲ୍‌ରେ ରହନ୍ତି ସେମାନେ । ବୃହତ୍‌କାୟ କୋଠାଟିର ତଳମହଲାଟି ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ । ଉପର ଦୁଇମହଲାରେ ରହନ୍ତି ଛାତ୍ରମାନେ । କଲେଜଟି ସହରଠାରୁ ଦୂରରେ । ସେଠାକୁ ଯିବା ଆସିବା କରିବା ପାଇଁ କଲେଜ୍‌ବସ୍‌ର ସୁବ୍ୟବସ୍ଥା ଅଛି ।

ତର୍ଜନୀ ନିର୍ଦ୍ଦେଶ କରି ଦେବଦାରୁ ଉହାଡରେ ଉଙ୍କି ମାରୁଥିବା ମୋ' ଧଳାକୋଠାଟି ସେମାନଙ୍କୁ ଦେଖାଇଦେଇ କହିଲି - ସୁବିଧା ହେଲେ କେବେ ଆସିବ ମୋ' ଘରଆଡେ । ମୁଁ ଖୁସି ହେବି ।

ନିମନ୍ତ୍ରଣଟି ମୁଁ ନିଛକ୍ ଭଦ୍ରତା ଖାତିର୍‌ରେ କରିଥିଲେ ସୁଦ୍ଧା, ଜୁଲୁ ଯେ ତାହା ବେଶ୍ ଗମ୍ଭୀରଭାବରେ ଗ୍ରହଣ କରିଥିଲା, ତା'ର ପ୍ରମାଣ ପାଇଗଲି ଅତିଶୀଘ୍ର । ପର ରବିବାର ଦିନ ସକାଳୁ ସକାଳୁ ଜୁଲୁ ଆସି ପହଞ୍ଚି ଯାଇଥିଲା ଆମଘରେ, ସାଥିରେ ଅମିତାଭକୁ ଧରି ।

ଗପସପ କରି ଓ ଚା'ଇଡ୍‌ଲି ଖାଇ ବେଶ୍ ଖୁସିମନରେ ବିଦାୟ ନେଇଥିଲେ ଦିହେଁ । ଏବଂ କେଜାଣି କାହିଁକି ମୋ' ଘରର ଏଇ ପ୍ରଥମ ସମ୍ଭାଷଣ ପରେ ଇ ଜୁଲୁ ମନରେ ଏକ ଅହେତୁକ ମମତ୍ୱବୋଧ ସୃଷ୍ଟି ହୋଇଗଲା ମୋ' ପାଇଁ । ଛୁଟିଦିନମାନଙ୍କରେ ପ୍ରାୟ ପଳାଇ ଆସୁଥିଲା ଆମ ଘରକୁ । ବେଳେ ବେଳେ ଏକା । ଆଉ ବେଳେବେଳେ ଅମିତାଭ ସହିତ ।

ବିଭିନ୍ନ ଖାଇବା ଜିନିଷ ପାଇଁ ଆବ୍‌ଦାର କରୁଥିଲା । ମୋ' ହାତରନ୍ଧା ଭାତ ତରକାରୀ କାଳେ ଭାରି ସ୍ୱାଦିଷ୍ଟ ଲାଗୁଥିଲା ତାକୁ । ହସିହସି କହୁଥିଲା ମୁଁ କୁଆଡେ ତା' ମା'ଙ୍କର





ଆସନ ନେଇଯାଇଛି ଏବେ । ତା' ମା'ଙ୍କୁ ସିଏ ବନ୍ଧୁ ବୋଲି ଭାବେ, ଏବଂ ସେଇ ପ୍ରିୟ ବାନ୍ଧବୀର ଚମତ୍କାର ଭୂମିକାଟିରେ ସିଏ କୁଆଡେ ଏବେ ମତେ ଦେଖିବାକୁ ପାଉଛି ।

ଅମିତାଭ ଥିଲା ଜୁଲୁର ଉପରଶ୍ରେଣୀର ଛାତ୍ର । କେଇ ମାସପରେ ପାଶ୍ କରି ବମ୍ବେ ଚାଲିଗଲା ଚାକିରି ନେଇ । ଜୁଲୁର ଆସିବା କିନ୍ତୁ ବନ୍ଦ ହେଲାନି । କେବଳ ଅମିତାଭ ବଦଳରେ ମଝିରେ ମଝିରେ ଆସୁଥିଲେ ତା'ର ଅନ୍ୟ ସହପାଠୀ ସବୁ । ପ୍ରାଣୋଚ୍ଛଳ, ଜୀବନ ରସରେ ଟଗ୍‌ମଗ୍ ହୋଇ ଫୁଟୁଥିବା ବିଂଶୋତ୍ତୀର୍ଣ୍ଣ ପିଲାମାନଙ୍କର କଳଗୁଞ୍ଜନରେ କିଛି ସମୟ ପାଇଁ ଅନୁରଣିତ ହେଉଥିଲା ମୋ' ଘରର ସ୍ଥବିର ବାତାବରଣ ।

ଜୁଲୁର ଶେଷ ସିମେଷ୍ଟର ପୂର୍ବରୁ, ଜୁଲୁ ସହିତ ଆମର ସଂପର୍କ ଆଉ ଟିକିଏ ନିବିଡ଼ ହୋଇଉଠିଲା । ପରିଚୟ ହେଇଗଲା ତା' ପିତାମାତାଙ୍କ ସହିତ । ଖରାଛୁଟିରେ ହଷ୍ଟେଲ୍ ଖାଲି । କିନ୍ତୁ ଜୁଲୁକୁ ରହିବାକୁ ପଡିଲା ଭୁବନେଶ୍ୱରରେ । ଏଠାରେ କୌଣସି ଏକ ଟେଲିଫୋନ୍ କଂପାନୀରେ ପ୍ରୋଜେକ୍ଟ କାମ ନେଇଥିଲା ବୋଲି । ମେସ୍ ବନ୍ଦ । ଖିଆପିଆର ଅସୁବିଧା । ଜୁଲୁର ପିତାମାତା ଅଚିର ଆସି ପହଞ୍ଚି ଯାଇଥିଲେ ଭୁବନେଶ୍ୱରରେ ପ୍ରିୟ କନ୍ୟାଟିର ଖାଦ୍ୟପେୟ ଆୟୋଜନର ଗୁରୁଭାର ମସ୍ତକରେ ବହନ କରି । ଦୁଇମାସ ପାଇଁ ଆମ ଘରପାଖରେ ଥିବା ଏକ ସାନଘର ଭଡା ନେଇଥିଲେ । କେଉଁ କେଉଁ ଖାଦ୍ୟବସ୍ତୁ ଝିଅକୁ ରାନ୍ଧି ଖୁଆଇବେ ତା'ର ଏକ ଦୀର୍ଘ ତାଲିକା କରି ନେଇ ଆସିଥିଲେ ମା' । ସରକାରୀ ଦପ୍ତରରୁ ବହୁ କଷ୍ଟରେ ଏଥିପାଇଁ ପିତା ଦୁଇମାସର ଛୁଟି ମଞ୍ଜୁର କରାଇ ନେଇଥିଲେ ।

ଜୁଲୁର ପିତାମାତା - ପରାଗ ଓ ବର୍ଷା, ଥିଲେ ଅତିମାତ୍ରାରେ ସଜ୍ଜନ । ପ୍ରଥମ ଦେଖାରୁ ଅତ୍ୟନ୍ତ ସହଜଭାବରେ ମିଶିଯାଇଥିଲେ ଆମ ସହିତ । ନୂଆ, ଅଚିହ୍ନା ନଗର । କେବଳ ଆମରି ସହିତ ଜଣାଶୁଣା ଜୁଲୁ ମାଧ୍ୟମରେ । ଏକାକୀତ୍ୱ କାଟିବା ପାଇଁ ଦିହେଁ ପ୍ରାୟତଃ ଚାଲି ଆସୁଥିଲେ ଆମଘରକୁ । କେବେ କେମିତି ଟିଫିନ୍ ଡବାରେ ଭର୍ତ୍ତି କରି ଭାରି ଆଦରରେ ବର୍ଷା ମୋ ପାଇଁ ସାଥିରେ ନେଇ ଆସୁଥିଲେ ତାଙ୍କ ହାତ ତିଆରି ଛେନା ତରକାରୀ କିମ୍ବା ମଇଦା ମାଲ୍‌ପୁଆ ।

କଥା ପ୍ରସଙ୍ଗରେ ଦିନେ ଦିହେଁ ମତେ କହିଲେ - ଜୁଲୁର ପାଠ ତ ସରିବାକୁ ବସିଲା । ଏବେ ଭଲରେ କେଉଁଠି ସିଏ ବାହା ହୋଇଗଲେ ଆମ ଦାୟିତ୍ୱ ଶେଷ ।

ଜୁଲୁର ତ ବୟସ ବେଶୀ ହେଇନି - ଏତେ ବ୍ୟସ୍ତ ହେବାର କଅଣ ଅଛି ? ମୁଁ କହିଲି । ବର୍ଷା କହିଲେ - ବ୍ୟସ୍ତ ଅବଶ୍ୟ ଆମେ ହେଉନୁ, ତେବେ ପରାଗ ଜଣେ ସିରିୟସ୍ ହୃଦ୍‌ରୋଗୀ । ଦୁଇବର୍ଷ ତଳେ ହାର୍ଟରେ ଅପରେସନ୍ ହେଇ ଗୋଟିଏ ଭାଲ୍‌ଭ୍ ବଦଳା ହେଇଛି । କେତେବେଳେ କେଉଁକଥା । କର୍ତ୍ତବ୍ୟଟି ସାରି ଦେଲେ ଯାଏ ।

ମୁଁ କହିଲି - ଝିଅଟିତ ତମର ଶ୍ୱେତପଦ୍ମା । ତହିଁରେ ପୁଣି ଏକମାତ୍ର ସନ୍ତାନ । ବରପାତ୍ର ତୁମମାନଙ୍କ ମନକୁ ପାଇଲେ ହେଲା । କେଉଁଠି ଦେଖାଦେଖି କଲଣି ?

ମୋ' କଥା ଶୁଣି ପରାଗ କହିଉଠିଲେ - ନା ବାବା ନା । ସେ ଝାମେଲାରେ ମୁଁ ନପଡେ । ଆଜି କାଲିକା ପିଲା । ପାଠପଢ଼ି ଚାକିରି କରିବ । ମୋ' ପସନ୍ଦରେ ସିଏ ବାହା ହବ ବା କାହିଁକି ? ମୁଁ ଜୁଲୁକୁ କହି ଦେଇଛି, ତା' ପସନ୍ଦରେ ଆମ ପସନ୍ଦ ।

ସାମାନ୍ୟ ଅଟକି ପରାଗ ପୁନର୍ବାର କହିଲେ - ଆପଣ ବୋଧେ ଜାଣନ୍ତିନି, ମୁଁ ଆସାମୀଜ୍ ଓ ବର୍ଷ ଗୁଜୁରାଟୀ । ତା' ବାପାଙ୍କର ବିରାଟ ଫର୍ଣ୍ଣିଚର୍‌ର ବ୍ୟବସାୟ ଅଛି ଗୌହାଟୀରେ । ଆମେ ଦୁଇଜଣ କେବଳ ଭିନ୍ନ ପ୍ରଦେଶର ନୁହଁ, ଭିନ୍ନ ଜାତିର ମଧ୍ୟ, ମୁଁ ବ୍ରାହ୍ମଣ ଓ ବର୍ଷା ଅବ୍ରାହ୍ମଣ । ତେବେ ଆମେ ଯଦି ବିବାହ କରି ସୁଖୀ ହେଇ ପାରିଲୁ, ମୋ ଝିଅ କାହିଁକି ହବନି ? ଏସବୁ ରକ୍ଷଣଶୀଳ, ମୂଲ୍ୟହୀନ କଟକଣା ମୁଁ ଲଦି ଦେବି ବା କାହିଁକି ତା' ଉପରେ ?

ପରାଗଙ୍କ କଥା ସରିଲା ପରେ ବର୍ଷା କହିଲେ - ତେବେ ଆମେ ନ ଖୋଜିଲେ ବି ଅନେକ ଗୁଡିଏ ପ୍ରସ୍ତାବ ୟା' ଭିତରେ ମନକୁ ମନ ଆସିଛି ଆମ ପାଖକୁ । ଅମିତାଭ ବୋଲି ଆମ ଘରପାଖର ଗୋଟିଏ ପିଲା ଏଇଠି ଜୁଲୁକଲେଜରେ ପଢୁଥିଲା । ତା' ବାପାମା' ଭାରି ବ୍ୟଗ୍ର ଜୁଲୁକୁ ବୋହୂ କରିବା ପାଇଁ । ନିଜେ ଆସି ପ୍ରସ୍ତାବ ଦେଇ ଯାଇଚନ୍ତି । ଜୁଲୁକୁ ପିଲାଦିନୁ ଦେଖିଛନ୍ତି ତ !

ମୁଁ କହିଲି - ଅମିତାଭକୁ ମଧ୍ୟ ମୁଁ ଦେଖିଛି । ବେଶ୍ ଭଲ ପିଲା । ପ୍ରସ୍ତାବଟିରେ ଆଗୋଉନ ତାହେଲେ କାହିଁକି ? ଅସୁବିଧା କେଉଁଠି ?

ମୃଦୁହସି ବର୍ଷା କହିଲେ - ଅସୁବିଧା ହେଉଛି ଜୁଲୁ । ଆପଣତ ଏବେ ଏବେ ଶୁଣିଲେ ପରାଗଙ୍କର ମନ୍ତବ୍ୟ । ଝିଅକୁ ନପଚାରି କୌଣସିଠାରେ ସିଏ ବାହାଘର ସ୍ଥିର





କରିବେନି ବୋଲି ସ୍ପଷ୍ଟ କହିଦେଇଛନ୍ତି । ଅଥଚ ଜୁଲୁ ନିର୍ଦ୍ଦିଷ୍ଟ କରି କିଛି ଜବାବ୍ ଦେଉନି । ଅଟକି ଯାଉଛି ହଁ ଓ ନାହିଁ ମଝିରେ ।

ଜୁଲୁ ପାଖରେ ବସି ଏକ ପତ୍ରିକାର ପୃଷ୍ଠା ଓଲଟାଉ ଓଲଟାଉ ଅମନଯୋଗୀ ଭାବରେ ଆମର ବାର୍ତ୍ତାଳାପ ଶୁଣୁଥିଲା । ମୁଁ କହିଲି - ଜୁଲୁ, ବାହାଘର ସଂପର୍କରେ ତୋ'ର ସମସ୍ୟାଟା କଅଣ ଜଣେଇବୁ ତ ! ମନରେ ଯଦି କୌଣସି ପ୍ରକାର ସଂଶୟ ଥାଏ, ତାହା ବାପାମା'ଙ୍କୁ ନକହିଲେ ସିଏ ଜାଣିବେ କେମିତି ?

ଜୁଲୁ ମୋ କଥା ଶୁଣି ଚୌକିରୁ ଉଠି ଏବଂ ବର୍ଷାଙ୍କୁ ଦୁଇ ହାତରେ କୁଣ୍ଢାଇ ଧରି ହସି ହସି କହିଲା - ମୋ ପାପା, ମୋ ମାମାକୁ ବହୁତ ଭଲପାଆନ୍ତି । ମୋ'ର ଗୋଟିଏ ଠିକ୍ ଏମିତି ମଣିଷ ଦରକାର, ଯିଏ କି ମୋର ସମସ୍ତ ଦୋଷ ଅପରାଧ କ୍ଷମାକରି, ବେଶୀ ନହେଲେ ବି, ଅନ୍ତତଃ ସେତିକି ଭଲପାଇବ ମତେ ।

ମୁଁ କହିଲି - ବାଃ ! ଏଇଟା ଗୋଟେ ଯୁକ୍ତି ହେଲା ? ତା'ଛଡ଼ା ତୋ ଭାବୀବର ଯେ ଏଇଭଳି କ୍ଷମାଶୀଳ ଓ ସ୍ନେହାର୍ଦ୍ର ମଣିଷଟିଏ ହବ, ତାହା ତୁ ଏବେଠୁ ଜାଣିବୁ କେମିତି ?

କାହିଁକି ଜାଣିପାରିବିନି ? ଗୋଟିଏ ମଣିଷର ଶିକ୍ଷାଦୀକ୍ଷା, ସଂସ୍କାର, ବୁଦ୍ଧିମତ୍ତା ଏବଂ ଚାରିତ୍ରିକ ବୈଶିଷ୍ଟ୍ୟ ଜାଣିବା ପାଇଁ ତା' ସହିତ ମାତ୍ର ପାଞ୍ଚମିନିଟ୍‌ର ବାର୍ତ୍ତାଳାପ ଯଥେଷ୍ଟ । ଆଉ ଯେଉଁ ପିଲାଟି ସହିତ ମୁଁ ମିଶିବି ବା କଥାବାର୍ତ୍ତା କରିବି, ତା'ର ଚିନ୍ତାଧାରା ତଥା ମାନବୀୟ ମୂଲ୍ୟବୋଧ ସଂପର୍କରେ ମୋଟାମୋଟି ଗୋଟିଏ ଧାରଣା ତ ଅନ୍ତତଃ କରିପାରିବି ମୋ ମନ ଭିତରେ ! ଆଉ ଯେଉଁଦିନ କୌଣସି ପିଲା ମତେ ବିଶ୍ୱସ୍ତ ଭାବରେ ଭଲପାଇବାର ଭରସା ମୋ ହୃଦୟରେ ସୃଷ୍ଟି କରିପାରିବ, ସେଇଦିନ ମୁଁ ବାହାହେବାକୁ ରାଜି ହେଇଯିବି ।

ଜୁଲୁ ବେଶ୍ ଗମ୍ଭୀର ଭାବରେ କଥାଗୁଡିକ କହିଲା । ପରାଗ ସମର୍ଥନ କରିବାର ଭଙ୍ଗୀରେ ମୁଣ୍ଡ ଟୁଙ୍ଗାରିଲେ ଏବଂ ସ୍ୱଦକ୍ଷିଣ ହସ୍ତଟି ପ୍ରସାରିତ କରି ପରମ ସ୍ନେହରେ ଝିଅର ମୁଣ୍ଡ ଆଉଁଷି ଦେବାରେ ଲାଗିଲେ ।

ପରିବେଶକୁ ହାଲୁକା କରିବାର ପ୍ରୟାସ କରି ମୁଁ କହିଲି - ତମେ ଦି'ଜଣ ଯାକ ଗେହ୍ଲା କରି କରି ତା ମୁଣ୍ଡଟି ପୂରା ବିଗାଡି ଦେଇଛ ।

ପରାଗ ଓ ବର୍ଷା ଫେରିଗଲେ ଦୁଇମାସ ପରେ । ଜୁଲୁ ବି ବ୍ୟସ୍ତ ରହିଲା ପଢ଼ାପଢ଼ିରେ । ଶେଷ ସିମେଷ୍ଟରଟିରେ ଛଅମାସ ପାଇଁ ହାଇଦ୍ରାବାଦ୍ ଗଲା କୌଣସି ଏକ କମ୍ପାନୀର ପ୍ରୋଜେକ୍ଟ କାମରେ ।

ଦୀର୍ଘଦିନର ଅନୁପସ୍ଥିତି ପରେ ହଠାତ୍ ଦିନେ ଜୁଲୁ ଆସି ପହଞ୍ଚିଗଲା ଅପରାହ୍ନରେ ।

ହାଇଦ୍ରାବାଦରୁ କେବେ ଫେରିଲୁ ? ମୁଁ ପଚାରିଲି ।

- ଫେରିଲିଣି ସପ୍ତାହେ ହେଲା । କାର୍ଯ୍ୟବ୍ୟସ୍ତତା ହେତୁ ଆସି ପାରିନଥିଲି । ରୋଷେଇ ଘର ଥାକରୁ ଡାଲ୍‌ବୁଟ ବୋତଲଟି କାଢ଼ି ଡାଲ୍‌ବୁଟ ଖାଉ ଖାଉ ଜବାବ୍ ଦେଲା ଜୁଲୁ । ତା'ଠାରୁ ଶୁଣିଲି କ୍ୟାମ୍ପସ୍ ଇଣ୍ଟରଭିଉରେ ସଫଳତା ଲାଭ କରି ଏକ କଂପ୍ୟୁଟର କଂପାନୀରେ ଉତ୍ତମ ଚାକିରିଟିଏ ପାଇ ଯାଇଛି ସିଏ । ଯା'ରି ଭିତରେ ଚାରି ମାସ ପରେ କଲିକତା ଯାଇ ଚାକିରିରେ ଯୋଗ ଦେବ । ଏଇ ଛୁଟି ଚାରିମାସ ରହିବ ପିତାମାତାଙ୍କ ପାଖରେ । ଆଗାମୀ ସପ୍ତାହରେ ଫେରିଯିବ ଗୌହାଟୀ ।

ଜୁଲୁପାଇଁ ଜଳଖିଆ ବାଢ଼ୁ ବାଢ଼ୁ କହିଲି - ଭାରି ମନେପଡିବ ତୋ କଥା । ସ୍ନେହର ଡୋରରେ ପୂରାପୂରି ବାନ୍ଧିପକାଇଲୁ ଆମକୁ ।

ଜୁଲୁ ନିମ୍‌କିରୁ ଅଧେ ଭାଙ୍ଗି ମୁହଁରେ ପୂରାଇ କହିଲା - ତମ କଥା ବି ବହୁତ ମନେପଡିବ ଆଣ୍ଟି ।

ମୁଁ କହିଲି - ଆଉ ତୋ ବାହାଘର କଥା କଅଣ ହେଲା ? ଅମିତାଭ ସଂପର୍କରେ କିଛି ଠିକ୍ କଲୁ ନା ନାହିଁ ?

ଚା' ପିଉପିଉ ଜୁଲୁ କହିଲା - ଏଇ ବାହାଘର ଝାମେଲାରେ ମୋ'ର ରୀତିମତ୍ ମୁଣ୍ଡଖରାପ ହେବାର ଉପକ୍ରମ । ମୁଁ ହାଇଦ୍ରାବାଦରେ ଥିଲାବେଳେ ପାପାଙ୍କର ସାନ ହାର୍ଟଆଟାକ୍‌ଟିଏ ହେଇଯାଇଛି । ଅମିତାଭର ପିତାମାତା ଅନିର୍ଦ୍ଦିଷ୍ଟ କାଳ ପାଇଁ ଆଉ ଅପେକ୍ଷା କରିବାକୁ ନାରାଜ । ଏଠା ପ୍ରସ୍ତାବଟି କାର୍ଯ୍ୟକାରୀ ନହେଲେ ପୁତ୍ରପାଇଁ ଅନ୍ୟତ୍ର କନ୍ୟା ଦେଖିବେ । ଯାହା ଜଣାପଡୁଛି, ଶେଷପର୍ଯ୍ୟନ୍ତ ଅମିତାଭର ପ୍ରସ୍ତାବରେ 'ହଁ' କହିବାକୁ ହେବ ମତେ । ପାପାଙ୍କର ସ୍ୱାସ୍ଥ୍ୟର ଯାହା ଅବସ୍ଥା ।





କିଛି ସମୟ ଅଟକି ଜୁଲି ପୁନର୍ବାର କହିଲା - ଆଣ୍ଟି, ଆପଣ ତ ମା' ପରି । ତେଣୁ ଆପଣଙ୍କୁ ଜଣାଇବାର କୌଣସି ସଙ୍କୋଚ ନାହିଁ । ଯା' ଭିତରେ ମୋ'ର ଗୋଟିଏ ସହପାଠୀ ମଧ୍ୟ ମତେ ବିବାହ କରିବାକୁ ଇଚ୍ଛୁକ ବୋଲି ମତେ ଜଣାଇଛି ।

- ଭାରି ବଦ୍‌ମାସ୍ ପିଲା ତ ! କଅଣ ତା ନାଁ' କହିଲୁ । ତୋ ଅଙ୍କଲଙ୍କୁ କହିଲେ ଉଚିତ୍ ଶିକ୍ଷା ଦେଇଦେବେ ସେ ପିଲାକୁ । ଦି ଦିନରେ ଠିକ୍ ବାଟକୁ ଆସିଯିବ ।

ବ୍ୟଗ୍ରତାର ସହିତ ଜୁଲୁ କହିଲା - ନା ନା ଆଣ୍ଟି, ସେଭଳି ମାରାତ୍ମକ କିଛି ନୁହେଁ । ପିଲାଟି ଆଦୌ ବଦ୍‌ମାସ୍ ନୁହେଁ । ବରଂ ବେଶ୍ ଭଦ୍ର ଓ ମାର୍ଜିତ । କମଳ ଆନ୍ଧ୍ରପ୍ରଦେଶର ପିଲା । ଅତ୍ୟନ୍ତ ବୁଦ୍ଧିମାନ୍ । ଅମ୍ବୁଜା ସିମେଣ୍ଟରେ ବେଶ୍ ବଡ ପାହ୍ୟାର ଚାକିରି ବି ପାଇଯାଇଛି ଯା ଭିତରେ ।

କାହିଁ, ଏ ପିଲାକଥା ତ ଆଗରୁ କିଛି କହିନୁ ମୋତେ ।

ଜୁଲୁ କହିଲା - ମୁଁ ନିଜେ କଅଣ ଏକଥା ଜାଣିଥିଲି ? କମଳ ତ ଗତ ଦୁଇବର୍ଷ ଭିତରେ ପ୍ରୟୋଜନ ଅପେକ୍ଷା ପଦଟିଏ ଅଧିକା କଥା କହିନି ମୋ' ସହିତ । ତା' ମନକଥା ମୁଁ ବୁଝିବି କେମିତି ? ମୋ'ର ଫେରିଯିବାର ସମୟ ହେଲାରୁ ବାଧ୍ୟ ହୋଇ ମୋ' ପ୍ରତି ତା'ର ଦୁର୍ବଳତା କଥା ଜଣେଇଛି ।

କେତେବେଳେ ଏସବୁ କଥା କହିଲା ତତେ ? ମୁଁ ପଚାରିଲି ।

ହାଇଦ୍ରାବାଦରେ ଆମେ ଦୁଇଜଣ ଝିଅ ଓ ଚାରିଜଣ ପୁଅ ଏକାଠି ଟ୍ରେନିଂ କରୁଥିଲୁ ତ ! କମଳ ବି ଥିଲା ଆମ ଭିତରେ । ଇଏ ସେତିକିବେଳର ଘଟଣା । ମୁଁ କହିଲି - ବେଶ ତ ! ଯାହା ଜଣାପଡୁଛି, ପିଲାଟି ଧୀମାନ୍ ଓ ଯୋଗ୍ୟ । ପରାଗ ଏବଂ ବର୍ଷା ମଧ୍ୟ ଏ ସଂପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ତୋ'ଉପରେ ଛାଡି ଦେଇଛନ୍ତି । କମଳର ପ୍ରସ୍ତାବଟି ତାହେଲେ ଗ୍ରହଣ କରୁନୁ କାହିଁକି ?

ଲାଜ ଲାଜ ଭଙ୍ଗୀ କରି ଜୁଲୁ କହିଲା - ଯାଃ ! ପିଲାଟି ଯେ ଅସମ୍ଭବ ରକମର କଳା, ଘୋରତର କୃଷ୍ଣବର୍ଣ୍ଣ ।

ସାମାନ୍ୟ ନୀରବତା ପରେ ମୁହଁରେ ଅନେକଟା ଦୋଷୀ ଦୋଷୀ ଭାବ ଆଣି ଜୁଲୁ କହିଲା - ଜାଣ ଆଣ୍ଟି ! ମୋ ସହିତ ଟ୍ରେନିଂରେ ଥିବା ଆଉ ଝିଅଟି - ଲୀନା - ତାକୁ ମୁଁ କମଳ କଥା କହିଥିଲି । ତମେ ତ ଜାଣ ସାଙ୍ଗମେଳରେ ଏସବୁ କଥା ଚାଲେ । କମଳର

ରଂଗ ନେଇ କିଛିଟା ବିରୂପ ମନ୍ତବ୍ୟ କରିଥିଲି ମଧ୍ୟ । ଲୀନା ପରଦିନ ଯାଇ ତାକୁ ସେ କଥା କହିଦେଲା । ସେଇଦିନଠୁ ମୁଁ ଲକ୍ଷ୍ୟ କରୁଛି କମଳ କିଛିଟା ଆଡେଇ ଆଡେଇ ରହୁଛି ମତେ । ମତେ ଭାରି ରାଗ ଲାଗୁଛି ଲୀନା ଉପରେ । କାମଟି ତା'ର ଉଚିତ୍ ହେଇନି ନିଶ୍ଚୟ ।

ମୁଁ ଜୁଲୁକୁ ସାନ୍ତ୍ୱନା ଦେଇ କହିଲି – ଏସବୁ ବେକାର କଥାରେ ଆଉ ମନ ଦେ'ନା । ମନେରଖିବୁ, ଜୀବନରେ ଯାହା କିଛି ଘଟୁଛି, ସବୁ ବିଧିନିର୍ଦ୍ଦେଶିତ ଏବଂ ଈଶ୍ୱର ଯାହା କରନ୍ତି, ତାହା ଆମର ମଙ୍ଗଳ ପାଇଁ ମଧ୍ୟ ।

ଜୁଲୁ ଘଣ୍ଟା ଦେଖି କହିଲା – ଆଣ୍ଟି, ଅନେକ ଡେରି ହେଲାଣି, ମୁଁ ଯାଏ । ଗୌହାଟୀ ଫେରିଯିବା ଆଗରୁ ଆଉ ଆସିପାରିବିନି ବୋଧହୁଏ । ଜିନିଷପତ୍ର ପ୍ୟାକିଂ କରିବାର ଅଛି । ଦୁଇବର୍ଷର ଘର ଭାଙ୍ଗି ଯିବାକୁ ପଡୁଛି ତ !

ଜୁଲୁ ମତେ ପ୍ରଣାମ କରି ତରତର ହେଇ କବାଟ ଖୋଲି ଗେଟ୍ ଆଡେ ମୁହାଁଇଲା । ମୁଁ କହିଲି – ଅମିତାଭ ସାଥିରେ ବାହାଘର ଦିନ ଠିକଣା ହେଲେ ମତେ ଚିଠିଦେବୁ ।

ଜୁଲୁ କହିଲା – ନିଶ୍ଚୟ !

ଜୁଲୁ ଫେରିଯିବାର ଦୁଇମାସ ପରେ କାଲି ଡାକରେ ଜୁଲୁଠାରୁ ଚିଠିଟିଏ ପାଇଲି । ସାଥିରେ ଅନ୍ୟ ଗୋଟିଏ ଲଫାପାରେ ଅଠା ଦିଆହେଇ ବନ୍ଦ କରାଯାଇଥିବା ବାହାଘର ନିମନ୍ତ୍ରଣ ପତ୍ର । ନିମନ୍ତ୍ରଣ ପତ୍ରଟି ଆଡେଇ ରଖି ଜୁଲୁ ଚିଠିଟି ପ୍ରଥମେ ପଢ଼ିବାକୁ ବସିଲି ।

ପ୍ରାରମ୍ଭିକ ସମ୍ଭାଷଣ ପରେ ଜୁଲୁ ଲେଖିଥିଲା – ଆଣ୍ଟି, ୟା ଭିତରେ ଗୋଟିଏ ଚମତ୍କାର ଘଟଣା ଘଟିଯାଇଛି ମୋ ଜୀବନରେ । ସେଇ ଘଟଣା କଥା କହୁଛି ଆପଣଙ୍କୁ ।

ଗୌହାଟୀ ଫେରିଆସିବା ଦିନ ମୋ'ର ଅନେକ ଲଗେଜ୍ ହେଇଯାଇଥିଲା । ସାଥିରେ ତେଣୁ କମଳ ଆସିଥିଲା ଷ୍ଟେସନ୍‌ପର୍ଯ୍ୟନ୍ତ । ମତେ ଛାଡିବା ପାଇଁ । ଷ୍ଟେସନ୍‌ରେ ପହଞ୍ଚୁ ପହଞ୍ଚୁ ଗାଡି ଆସିଗଲା । କମଳ ସାହାଯ୍ୟରେ ଜିନିଷପତ୍ର ଉଠାଇ କୌଣସି ମତେ ଗାଡିରେ ଚଢ଼ିଲାବେଳକୁ ଟ୍ରେନ୍‌ର ଘଣ୍ଟି ବାଜିଲା । କମଳ ଓହ୍ଲାଇଗଲା ପ୍ଲାଟ୍‌ଫର୍ମକୁ । ଗଲା ଆଗରୁ ମୋ ହାତକୁ ଦେଇଗଲା କାଗଜ ଖଣ୍ଡିଏ ।

ଖୋଲି ଦେଖେ – ଚିଠିଟିଏ । କମଳ ଏଯାବତ୍ ସଙ୍କୋଚବଶତଃ ଯାହା କିଛି ମତେ କହିପାରିନଥିଲା, ଶେଷପର୍ଯ୍ୟନ୍ତ ତାହା ବ୍ୟକ୍ତ କରିଯାଇଥିଲା ପତ୍ର ମାଧ୍ୟମରେ ।





ଲେଖିଥିଲା – ତୁମେ ମତେ ତୁମର ଅନୁପଯୁକ୍ତ ବୋଲି ଭାବିବାର କାରଣଟି ମୁଁ ଜାଣେ । ମୁଁ ଯେ ଅତିମାତ୍ରାରେ କଳା । କିନ୍ତୁ ଜୁଲୁ, ତମେ ବୋଧହୁଏ ଜାଣନି, କଳା ନହେଇ ଯେ ମୋ'ର ଯେ ଅନ୍ୟ କୌଣସି ଉପାୟ ନଥିଲା ।

ସ୍ୱର୍ଗରେ, ହରିଦ୍ରାର ରଂଗବୋଲି ଈଶ୍ୱର ମତେ ସୃଷ୍ଟି କରିସାରିଲା ପରେ କହିଥିଲେ – କମଳ, ମୁଁ ତୋ' ପାଇଁ ଝିଅଟିଏ ବି ସୃଷ୍ଟି କରିଦେଇଛି । ଜୁଲୁ । ଝିଅଟି କିନ୍ତୁ କୃଷ୍ଣକାୟା । ମୁଁ ସେତେବେଳେ ତାଙ୍କୁ କହିଥିଲି – ପ୍ରଭୁ, କଳା ହେଲେ ଯେ ଭାରି କଷ୍ଟ ପାଇବ ଝିଅଟି ଏବଂ ତା'ର କୌଣସି ପ୍ରକାର କଷ୍ଟ ମୋ ପାଇଁ ଅସହ୍ୟ । ଆପଣ ମୋ ଗୋରା ରଂଗତକ ଦେଇ ଦିଅନ୍ତୁ ସେ ଝିଅଟିକୁ । ଆଉ ତା'ର କଳାରଂଗତକ ପୋଛି ପାଛି ଆଣି ବୋଳି ଦିଅନ୍ତୁ ମୋ ଦେହରେ । କେବଳ ତା ବର୍ଣ୍ଣର କାଳିମା ନୁହେଁ, ତା'ର ସମସ୍ତ ଅବଗୁଣର କାଳିମା ଚାଲିଆସୁ ମୋ ପାଖକୁ । ଝିଅଟି ହେଇଉଠୁ ସ୍ୱୟଂସଂପୂର୍ଣ୍ଣା ।

କମଳର ବକ୍ତବ୍ୟ କେଉଁଠି କେମିତି ମନକୁ ଟିକିଏ ଦୋହଲେଇ ଦେଲା । ବୁଝିପାରିଲି ଯେ ଆବେଗର ବଶବର୍ତ୍ତୀ ହେଇ ନିଛକ୍ ମନଗଢ଼ା କାହାଣୀଟିଏ କମଳ ଶୁଣାଇ ଯାଇଛି ମତେ, କିନ୍ତୁ ସେଇ ମନଗଢ଼ା କାହାଣୀ ଭିତର ଦେଇ, ନିଃସ୍ୱାର୍ଥପର ଭାବରେ ଏବଂ ନିଜକୁ ଉଜାଡ୍ କରି ଗୋଟିଏ ଝିଅକୁ ସାରାଜୀବନ ଧରି ବିଶ୍ୱସ୍ତ ଭାବରେ ଭଲ ପାଇବାର ମୋହର ଲଗା ଦଲିଲ୍ ମଧ୍ୟ ପେଶ୍ କରି ଯାଇଚି ମୋ ସାମ୍ନାରେ । ଭରସା ଦେଇଯାଇଛି ମୋ'ର ସମସ୍ତ କ୍ଲେଦ ଓ କାଳିମା, ଆପୋଷ ବିହୀନ ଭାବରେ ଆଗତୁରା ଆପଣେଇ ନେବାର ।

ଚିଠିଟିର ତଳେ କମଳ ତା' ମୋବାଇଲ୍ ଟେଲିଫୋନ୍‌ର ନମ୍ବରଟି ଦେଇଥିଲା । ସେଇ ଟ୍ରେନ୍ ଭିତରୁ ମୋ' ମୋବାଇଲ୍ ଫୋନ୍‌ରୁ ତା' ନମ୍ବର ଲଗେଇଲି ।

ଚିଠିଟି ଏଇ ପର୍ଯ୍ୟନ୍ତ ପଢ଼ି, ତରତର ହେଇ ନିମନ୍ତ୍ରଣପତ୍ରଟିର ଲଫାପା ଚିରି ନିମନ୍ତ୍ରଣପତ୍ରଟି ଉତ୍ସୁକତାର ସହିତ ପଢ଼ିବାକୁ ଲାଗିଲି । ମୋ'ର ସନ୍ଦେହ ସତ ଥିଲା । ବରପାତ୍ର ପାଇଁ ଉଦ୍ଦିଷ୍ଟ ଥିବା ସ୍ଥାନରେ, ଅମିତାଭ ବଦଳରେ କମଳର ନାଆଁଟି ଲେଖାଥିଲା ।

□□□

# ସ୍ମୃତି

ଅମିତାଭଙ୍କ ସହିତ ମୋର ପହିଲିଭେଟର କଥା ବେଶ୍ ସ୍ପଷ୍ଟଭାବରେ ମନେ ଅଛି ମୋ'ର । ପ୍ରାୟ ପଞ୍ଚାବନ ବର୍ଷ ତଳର କଥା । ଭାରି ମଧୁମୟ ଓ ଉଭଳା ରହିଥିଲା ସେ ରାତି । ତିଥି ଥିଲା ଶରତ୍ ପୂର୍ଣ୍ଣିମାର । ଦୂରାଗତ ପବନରେ ଶିଉଳି ଫୁଲର ଗନ୍ଧ ଥିଲା । ଆଉ ଘର ଭିତରେ ଥିଲା କନକଚଂପା ଓ ମଲ୍ଲି ମାଳର ସୌରଭ । ସାରା ପୃଥିବୀ ଲୋଟୁଥିଲା ପାଣିଚିଆ କ୍ଷୀରସର ପରି ଘାସଉପରେ ଅଜାଡ଼ି ହୋଇ ପଡ଼ିଥିବା ଝିଲିମିଲି ଜହ୍ନ ଆଲୁଅର ରୋଶଣିରେ । ଆଉ ପ୍ରଥମଥର ପାଇଁ ଅମିତାଭ ଲୋଟିଥିଲେ ମୋ' ଛାତିରେ । ଏଇଭଳି ଏକ କୁହୁକିନୀ ରାତିରେ ପ୍ରଥମଥର ପାଇଁ ପାଇଥିଲି ଅମିତାଭଙ୍କର ସ୍ପର୍ଶ ।

ଚତୁର୍ଥୀର ହଇଗୋଳ ସରୁ ସରୁ ଅନେକ ଡେରି ହେଇଥିଲା । ବେଶ୍ ଆଡମ୍ବର ସହକାରେ ପାଳିତ ହୋଇଥିଲା ଅମିତାଭଙ୍କର ବିବାହୋତ୍ସବ । ଅମିତାଭ ଥିଲେ ସଂପଦବାନ୍ ପିତାଙ୍କର ତିନୋଟି କନ୍ୟା ସନ୍ତାନଙ୍କ ପରେ ଜନ୍ମିଥିବା ଏକମାତ୍ର ସଯତ୍ନଲାଳିତ ପୁତ୍ର । ସ୍ୱାଭାବିକ୍ ଭାବରେ ବିଭାଘରଟି ଥିଲା ବ୍ୟୟବହୁଳ ଏବଂ ଅତିଥିମାନଙ୍କର ସମାଗମରେ ଜମ୍‌ଜମାଟ୍ । ଭୋଜିଭାତ ସରୁସରୁ ମଧ୍ୟରାତ୍ର ଅତିକ୍ରାନ୍ତ ହୋଇଥିଲା । ନିଜ କକ୍ଷକୁ ଅମିତାଭ ଆସିଲା ବେଳକୁ ପୂର୍ଣ୍ଣିମାର ଜହ୍ନ ସାମାନ୍ୟ ତଳକୁ ଢଳିପଡିଲାଣି ଆକାଶ ମଝିରୁ ।

ଭାରି ଲାଜକୁଳା ଥିଲେ ସେତେବେଳେ ଅମିତାଭ । ଘର ଭିତରେ ପଶିଥିଲେ ଜଡସଡ ହେଇ - ଅପ୍ରସ୍ତୁତ ଭଙ୍ଗୀରେ । ପ୍ରଥମେ ମୋ ପାଖକୁ ନ ଆସି କିଛି ସମୟ ନୀରବରେ ବସି





ରହିଥିଲେ ଘର କଣରେ, ଟେବ୍‌ଲ ପାଖରେ ପଡିଥିବା ଗଦିଲଗା ଚୌକିଟିରେ । ପ୍ରକୋଷ୍ଠର ନୀଳବତୀଟି ନିଷ୍ପ୍ରଭ ଥିଲା । ରଜନୀଗନ୍ଧା ଓ ଅତରର ତୀବ୍ର ବାସ୍ନାରେ ମ' ମ' କରୁଥିଲା ଘରର ବତାସ । ଅମିତାଭଙ୍କର ସଂପର୍କୀୟା ସାନଭଉଣୀ ମିନୁ ପ୍ରଚୁର ଅତର ଛିଞ୍ଚିଥିଲା ମୋ ଦେହରେ । ସନ୍ଧ୍ୟାବେଳେ ଫୁଲବଜାରରୁ ରଜନୀଗନ୍ଧା କଢର ମାଳ ଆଣି ସଜାଇଥିଲା ମତେ । ରାତିର ବୟସ ବଢ଼ିବା ସଙ୍ଗେ ସଙ୍ଗେ ସେ କଢ଼ସବୁ ଫୁଟି ଆସୁଥିଲେ ଏବେ । ଅମିତାଭ ଚୌକିରୁ ଉଠିଯାଇ ଘରର ପଶ୍ଚିମ ପଟରେ ଥିବା ଝରକାକୁ ସାମାନ୍ୟ ଖୋଲିଥିଲେ । ବୋଧହୁଏ ଘର ଭିତରର ଗୁମୋଟ୍ କିଛିଟା ଦୂର କରିବା ପାଇଁ । କିମ୍ବା ହୁଏତ ମାନସିକ ଚଞ୍ଚଳତା ବଶତଃ - ବିନା କାରଣରେ । ଝରକା ବାହାରେ ପ୍ରଶସ୍ତ ବଗିଚା - ନିର୍ଜନ, ଜ୍ୟୋତ୍ସ୍ନାଧୌତ । ମୁଁ ଥିଲି ଠିକ୍ ଝର୍କା ପାଖରେ । ମୋଞ୍ଚାଏ ଜହ୍ନ ଆଲୁଅ ଛିଟ୍‌କି ଆସି ପଡିଥିଲା ମୋ ଦେହରେ । ସତେ ଅବା ସଫେଦ୍ ଝୀନ ଉଡରୀଟିଏ ନେଇ କିଏ ଢାଙ୍କି ଦେଇଥିଲା ମତେ । ଅମିତାଭ ମୁହଁ ଘୂରାଇ ଦେଖିଲେ ମୋ ଉପରେ ଅଙ୍କା ହୋଇଥିବା ସେ ଛାଇ ଆଉ ଆଲୁଅର ଝୁଲଣକୁ । ମୁଗ୍ଧ ହେଲେ ଓ କିଛି ସମୟପରେ ବନ୍ଦ କରିଦେଲେ ଝର୍କାକୁ ।

କେତେବା ବୟସ ହୋଇଥିବ ସେତେବେଳେ ତାଙ୍କୁ ? ବଡଜୋର୍ ଚବିଶ୍ କି ପଚିଶ୍ । ଅପେକ୍ଷାକୃତ ଶୀଘ୍ର ବାହାଘର ହେଇଥିଲା ଅମିତାଭଙ୍କର । ତିନି ଝିଅରେ ପୁଅ ଥିଲେ ଜେଜେବାପା ଓ ଜେଜେମା'ଙ୍କର ଗେହ୍ଲା ନାତି । ଦିହେଁ ଜିଦ୍ ଧରିଥିଲେ - ଆଖି ବୁଜିବା ଆଗରୁ ନାତିକୁ ଦେଖିବେ ଦୋଳ ମୁକୁଟ ବେଶରେ । ଈଶ୍ୱରଙ୍କ କୃପାରୁ ଅମିତାଭଙ୍କ ପୁତ୍ରସନ୍ତାନର ମୁହଁ ଦେଖିଦେଲେ ମୃତ୍ୟୁପରେ କୁଆଡେ ସିଧାସଳଖ ସେମାନେ ଯିବେ ସ୍ୱର୍ଗକୁ । ଅଣନାତିକୁ କୋଳରେ ଧରିବାର ସୌଭାଗ୍ୟ କୁଆଡେ ସଭିଙ୍କ ଭାଗ୍ୟରେ ନଥାଏ ।

ଅମିତାଭଙ୍କର ବିଭାଘର ହେଇଥିଲା ପିତାମାତା ଏବଂ ତିନିଭଉଣୀଙ୍କର ପସନ୍ଦରେ । କେବଳ ରୂପଦେଖି ଦରିଦ୍ର ପରିବାରର କିଶୋରୀ କନ୍ୟାଟିଏ ବାଛିଥିଲେ ସେମାନେ । ଶେଷକୁ ଯେତେବେଳେ ଅମିତାଭଙ୍କୁ ଯାଇ ଝିଅ ଦେଖିବା ଆସିବା ପାଇଁ କହିଥିଲେ, ଅମିତାଭ ଖୁବ୍ ବେଶୀ ଆଗ୍ରହ ପ୍ରକାଶ କରିନଥିଲେ । ଜାଣିଥିଲେ - ଅନେକ ପ୍ରସ୍ତାବ ନାକଚ୍ କରି ଏବଂ ବର୍ଷଟିଏ ଲାଗି ଗୃହର ସଦସ୍ୟମାନେ ଯେଉଁ ଝିଅଟିକୁ ବାଛିଛନ୍ତି, ସିଏ ସୁଶ୍ରୀ ଓ ସୁଶୀଳା ହୋଇଥିବ ନିଶ୍ଚୟ । କହିଥିଲେ - ବାହାଘର ତ ତମେମାନେ ଏକରକମ ସ୍ଥିର କରିସାରିଲଣି ସେଠି । ମୁଁ ଦେଖିବା ନଦେଖିବାରେ କଅଣ ବା ଫରକ୍ ପଡିବ ଆଉ ? ତମ ସମସ୍ତଙ୍କର ଯଦି ପସନ୍ଦ ହେଇଛି ମୁଁ ରାଜି ।

ଉତ୍ତର ଶୁଣି ପିତା ସନ୍ତୁଷ୍ଟ ହେଇଥିଲେ ଏବଂ ଆୟୋଜନ କରି ପୁତ୍ରର ବିଭାଘର ସଂପାଦନ କରିଥିଲେ ମାସକ ଭିତରେ, ବିନା ଯୌତୁକରେ । ଥିଲେ ନିର୍ଲୋଭୀ, ସଜ୍ଜନ ଏବଂ ଉଦାରଚେତା ମଣିଷ । ଭାବୀ ସମୁଦିଙ୍କୁ ଡାକି କହିଥିଲେ – ଦେଖୁଛନ୍ତି ତ ! ଘର ଭର୍ତ୍ତି ଆସବାବ୍ ପତ୍ର । ଏଇ ଜିନିଷ ରଖିବାକୁ ମୋର ଜାଗା ନାହିଁ । ଆପଣଙ୍କ ଜିନିଷ ଆଣି ରଖିବି କେଉଁଠି ? ଆପଣ ଫର୍ଣ୍ଣିଚର୍ ଇତ୍ୟାଦି କିଛି ଦେବେନି । ଗହଣାଗାଣ୍ଠି, ଲୁଗାପଟା ଯେତିକି ପାରିବେ ଝିଅଜୋଇଁଙ୍କି ଦେବେ ବାସ୍, ଆଉ କିଛି ନୁହେଁ ।

ସମୁଦି ନୀରବ ସମ୍ମତି ଜଣାଇଥିଲେ । ଜିଦ୍ ଧରିଥିଲେ କେବଳ ଗୋଟିଏ ଜିନିଷ ପାଇଁ ଜୋର୍ କରିଥିଲେ ଶେଯ ଓ ପଲଙ୍କ ଦେବାଲାଗି । ବିଧି ହିସାବରେ କୁଆଡେ ନୂଆଖଟ ଓ ବିଛଣା ଝିଅଘରୁ ଆସିବା କଥା । ତାହା ହିଁ ହେଇଥିଲା ଶେଷପର୍ଯ୍ୟନ୍ତ ।

ଭାରି ସୁକୁମାର ଓ ସୌମ୍ୟଦର୍ଶନ ଥିଲେ ଅମିତାଭ ବାହାହେଲାବେଳେ । ବେଶ୍ ସ୍ପଷ୍ଟଭାବରେ ମୋ'ର ମନେପଡେ ତାଙ୍କର ସେତେବେଳର ସେଇ ରୂପ । ଦେହରେ ସୁନେଲୀ ଧଡିର କୋରା ଧୋତି । ମିହି ସିଲ୍କ୍ କନାର ପଞ୍ଜାବୀ । ଲୋମଶ ଆଖିପତା ତଳେ ବଡ ବଡ ଲାଜକୁଳା ବାଦାମୀ ଡୋଳା । କୁର୍ତ୍ତାର ସୁନାବୋତାମ ଓ ବେକର ସୁନାଚେନ୍ ମିଶି ଆହୁରି ଉଜ୍ଜ୍ୱଳ କରିଥିଲେ ତାଙ୍କର ଔଜଲ୍ୟମୟ ଗୌରବର୍ଣ୍ଣର ଚେହେରାକୁ । ମଣିଷ ନୁହେଁ ସତେ ଅବା ଦେବଦୂତଟିଏ !

ସେଇ ଯେ ମୋ'ର ପ୍ରଥମଭେଟ ହେଇଥିଲା ସେଦିନ ଅମିତାଭଙ୍କ ସହିତ, ତା' ପରଠୁ ନିର୍ବିବାଦରେ ମତେ ଗ୍ରହଣ କରିନେଲେ ତାଙ୍କର ସଙ୍ଗୀ ହିସାବରେ । ସଂପର୍କ ହେଲା ନିବିଡ଼, ସଖ୍ୟ ହେଲା ଅବିଚ୍ଛେଦ୍ୟ । ତାଙ୍କର ସାରା ଜୀବନ ଭିତରେ ହାତଗଣତି ମାତ୍ର କୋଡେଟି ଥର ବୋଧହୁଏ ମତେ ଛାଡି ବାହାରେ ରହିଛନ୍ତି । କହୁଥିଲେ – କେବେ କେମିତି ଘରଛାଡ଼ି ଦୂରଜାଗାକୁ ଗଲେ ମୁଁ କୁଆଡ଼େ ତାଙ୍କୁ ହାତଠାରି ଡାକୁଥିଲି । ନିଦ ଆସୁନଥିଲା ମୋ' ବିନା ।

ଭାଗ୍ୟକୁ ଅମିତାଙ୍କର ଚାକିରିଟି ଥିଲା ପୈତୃକ ସାନ ସହରଟିରେ । ସାରା ଜୀବନ କଟିଗଲା ସେଇଠି । ମତେ ଛାଡ଼ି ବାହାରକୁ କେଉଁଠିକି ଯିବାର ପ୍ରୟୋଜନ ପଡିଲାନି । ପିତାଙ୍କର ବୁନିୟାଦୀ ବ୍ୟବସାୟ ଥିଲା ପ୍ରେସ୍ ଓ ବହିଦୋକାନ । ମାଲିକ ଥିଲେ ଦୁଇଟି ସୁବୃହତ୍ ଅଟ୍ଟାଳିକାର । ଅମିତାଭ ଅର୍ଥନୀତିରେ ଏମ୍.ଏ. ପାଶ୍ କରି ସାରିବା ପରେ ସହରର ମୁଖ୍ୟ ପ୍ରାଇଭେଟ୍ କଲେଜଟିରେ ମିଳି ଯାଇଥିଲା ଅଧ୍ୟାପକ ଚାକିରି । ପରେ ସରକାରୀ କଲେଜ ପାଇଁ ମନୋନୀତ ହୋଇଥିଲେ ସୁଦ୍ଧା ପିତାଙ୍କର ଉପଦେଶକ୍ରମେ ସେଠାରେ ଯୋଗ





ଦେଇନଥିଲେ । ପିତା କହିଥିଲେ – ସରକାରୀ କଲେଜରେ ସାରା ପ୍ରଦେଶ ବଦଳି । ଆଜି ଏଠି ତ କାଲି ସେଠି । ଏ ଘରଦ୍ୱାର, କାରବାର ଦେଖିବ କିଏ ମୋ ଅନ୍ତେ ? ମୋ'ର ବି ତ ବୟସ ହେଲାଣି । ଶେଷକୁ ସଂପତ୍ତିବାଡ଼ି ଭୂତ ଖାଇବେ । ଏଠାକାର ପ୍ରାଇଭେଟ୍ କଲେଜଟି ପୁରୁଣା ଓ ନାମୀ । ଦରମା ବି ଭଲ । ଏଇଠି ରହିଯା । ସାରା ଜୀବନ ଘରେ ରହିବୁ । ଚାକିରି ସହିତ ପ୍ରେସ୍ କଥା ବି ବୁଝାବୁଝି କରିବୁ । ଗୋଟିଏ ଜାଗାରେ, ବିଶେଷତଃ ନିଜ ଜାଗାରେ ଚିରସ୍ଥାୟୀ ହୋଇ ରହିବାରେ ଅନେକ ସୁବିଧା । ପିତାଙ୍କ କଥାରେ ଓଜନ ଥିଲା । ମାନି ନେଇଥିଲେ ଅମିତାଭ । ମତେ ଛାଡ଼ି ଆଉ କୁଆଡ଼େ ଯିବାର ପ୍ରୟୋଜନ ପଡ଼ିଲାନି । ଦୁହିଁଙ୍କର ଜୀବନ ବିତିଲା ସେଇ ଗୋଟିଏ ଘରେ, ସେଇ ଗୋଟିଏ ଜାଗାରେ ଯେଉଁଠିକି ପ୍ରଥମେ ପଦାର୍ପଣ କରିଥିଲି କେଉଁ ଏକ ଅବିସ୍ମରଣୀୟ ଶରତର ମାହେନ୍ଦ୍ର ବେଳାରେ ।

ଜୀବନର ଅନେକ ନିତିଦିନିଆ ଅଭ୍ୟାସ ପରି, ମୋ'ର ସଙ୍ଗସୁଖ ବି ଏକ ଅଭ୍ୟାସ ହେଇଗଲା ଅମିତାଭଙ୍କ ପାଇଁ । ମୋ'ରି ନରମ୍ କୋଳରେ ମଥା ଦେଇ ଅଘୋର୍ ନିଦରେ ଶୋଇ ଯାଇଥିଲେ ସିଏ । ଖରାଦିନେ ଅତ୍ୟଧିକ ଗ୍ରୀଷ୍ମପ୍ରବାହ ହେଲେ କେବେ କେମିତି ଉଠି ଯାଉଥିଲେ ଖୋଲାମେଲା ବରଣ୍ଡାରେ ପଡିଥିବା ଫିତାଲଗା ଖଟଟିକୁ । ବରଣ୍ଡାରେ ଦୁଇଟି ଖଟ ପଡିଥିଲା । ଘରର ପୁରୁଣା ପରିଚାରକ ବାସୁଦାଦା ଶୋଉଥିଲେ ଗୋଟିକରେ । ଅନ୍ୟଟିରେ ଅମିତାଭ । ଅଗଣାର ଝିରିଝିରି ନିମପତ୍ର ଦେଇ ବହି ଆସୁଥିବା ଦମ୍କା ପବନ ଶୀତଳ କରୁଥିଲା ଦେହର ସ୍ୱେଦକଣିକାକୁ । ତେବେ ବି ଆରାମ୍‌ରେ ଅମିତାଭ ଶୋଇ ପାରୁନଥିଲେ । ରାତି କଟୁଥିଲା ଅତନ୍ଦ୍ର ଭାବରେ, ଖଟରେ ଛଟପଟ ହେଇ । ମଧ୍ୟରାତ୍ରିରେ ଜବରଦସ୍ତି ଘର ଭିତରକୁ ପଠାଇ ଦେଉଥିଲେ ବାସୁଦାଦା । କହୁଥିଲେ – କାହିଁକି ତୁଛାଟାରେ ଏଠି ପଡ଼ି ଏକଡ ସେକଡ ହେଉଛୁ ? ଯା' ତୋ ଘରକୁ ଯା' । ଚାଦର ଓ ତକିଆ ଗୋଟେଇ ନିଶାର୍ଦ୍ଧରେ ଅମିତାଭ ଫେରି ଆସୁଥିଲେ ମୋ' ପାଖକୁ ।

ବିଭାଘରର ତିନିବର୍ଷ ପରେ ସଂଜୟର ଜନ୍ମ । ସଞ୍ଜୟ ସାମାନ୍ୟ ବଡ ହେଲାପରେ ପିତାପୁତ୍ରଙ୍କର ପ୍ରାୟତଃ ଝଗଡା ଲାଗୁଥିଲା ମତେ ନେଇ । ଦୁହେଁ ଅଗ୍ରାଧିକାର ଜମାଉଥିଲେ ମୋ' ଉପରେ । ଜୟ ଅବଶ୍ୟ ଅମିତାଭଙ୍କର ହେଉଥିଲା । କାହିଁକି ନା ପ୍ରତି ରାତିରେ ସଂଜୟର ଜେଜେମା' ଜୋର୍ କରି ତାକୁ ନେଇ ଯାଉଥିଲେ ନିଜ ପାଖକୁ । ନାତି କୋଳରେ ନପଶିଲେ ତାଙ୍କୁ କାଳେ ନିଦ ଆସୁନଥିଲା । ଅମିତାଭଙ୍କର ସାରାଟି ରାତି ସଂପୂର୍ଣ୍ଣ ଆଧିପତ୍ୟ ରହୁଥିଲା ମୋ' ଉପରେ ।

ଶୟନର ଭଙ୍ଗୀଟି ଭାରି ମନୋରମ ଥିଲା ଅମିତାଭଙ୍କର । ଗୋଟିଏ ଭ୍ରୂଣ ପରି ଜାକିଜୁକି ହେଇ ଡାହାଣପଟ ଗାଲ ତକିଆ ଉପରେ ମାଡି ନିଦ୍ରା ଯାଉଥିଲେ । ସେଇମିତି

ଶୋଇ ଆସିଛନ୍ତି ସାରାଜୀବନ । ଆଜି ବି ଠିକ୍ ସେଇଭଳି ଶୋଇଛନ୍ତି ମୋ' କୋଳରେ । ଫରକ୍ କେବଳ ଏତିକି - ସେ ସୁକୁମାର ମୁଖଶ୍ରୀ ଓ ପେଶୀବହୁଳ ଶରୀର ସ୍ଥାନରେ, ଏକ ଅଶୀତିପର ବୃଦ୍ଧର ନ୍ୟୁବ୍ଜ, ନିଷ୍ପ୍ରାଣ ଶରୀର ସ୍ପନ୍ଦନହୀନ ଭାବରେ ପଡି ରହିଛି ମୋ ଉପରେ ।

x x x x x x x x x x x x

ପ୍ରଭା ବସି ରହିଥିଲେ ଅମିତାଭଙ୍କ ପାଦ୍‌ତଳେ । ପଲଙ୍କର ବାଡକୁ ଆଉଜି । ଆଖି ବୁଜି । କକ୍ଷ ବାହାରେ କିଛି ଶୋକାଛନ୍ନ ମଣିଷମାନଙ୍କର ଭିଡ । ଫିସ୍ ଫିସ୍ କଥାବାର୍ତ୍ତା ।

ସଂଜୟ ଘର ଭିତରକୁ ପଶିଲା ଧୀର ପଦକ୍ଷେପରେ । ପ୍ରଭାଙ୍କୁ ହଲେଇ ଦେଇ ନରମ ସ୍ୱରେ କହିଲା ମା ! କଅଣ ଶୋଇପଡ଼ିଲ କି ?

- ନା, ନା, ଶୋଇନଥିଲି । ଏଇ ପଲଙ୍କ ତା' କଥା କହୁଥିଲା ତ ! ତୋ ବାପାଙ୍କ ସହିତ ତା'ର ପହିଲି ଭେଟର କଥା । ଅନେକ ପୁରୁଣା ସ୍ମୃତି । ସେଇସବୁ ଶୁଣୁଥିଲି ଆଖିବୁଜି ।

ପୁତ୍ରବଧୂ ମୀରା ଚୁପ୍‌ଚୁପ୍ କହିଲା ସଂଜୟର କାନରେ - ମା'ଙ୍କର ମୁଣ୍ଡ ଠିକ୍ ନାହିଁ । କଅଣ ସବୁ ଇଆଡୁ ସିଆଡୁ କହୁଛନ୍ତି ବାପା ଚାଲିଗଲା ବେଳଠୁ । ବାପାଙ୍କୁ ତଳେ ଶୁଆଇଦେବା ପାଇଁ ବାହାରିଲି ଯେ କହିଲେ, ତୋ ବାପାଙ୍କୁ ତଳକୁ ନେ' ନା । ଏଇ ପଲଙ୍କ ବିନା ତାଙ୍କୁ ଆଉ କେଉଁଠି ନିଦ ହୁଏନି ।

ପ୍ରଭାଙ୍କ ପିଠିରେ ହାତ ରଖି ସଜଳ କଣ୍ଠରେ ସଂଜୟ କହିଲା - ମା ! ଏବେ ଉଠ, ଗାଡି ଆସିଯାଇଚି, ବାପାଙ୍କୁ ନବାର ବେଳ ହୋଇଗଲାଣି ।

ଅଚାନକ୍ କୋହରେ ଫାଟି ପଡିଲେ ପ୍ରଭାବତୀ । କହିଲେ - ସଂଜୁ, ଏ ପଲଙ୍କକୁ ବି ତୁ ନେଇଯା ତୋ ବାପାଙ୍କ ସହିତ । ଆମ ବାହାଘର ବେଳର ପଲଙ୍କ ଇଏ । ସେଇଦିନଠୁ ଆଜିଯାଏ, ପ୍ରତ୍ୟେକ ରାତି କଟିଛି ତାଙ୍କର ଏ ପଲଙ୍କରେ । ଯାକୁ ଦେଖିଲେ ଯେ ମନେ ପଡିବ ତାଙ୍କ କଥା । ତୁ ନେଇଯା ଯାକୁ ।

ଦୁଇ ହାତରେ ପ୍ରଭାଙ୍କୁ କୁଣ୍ଢେଇ ଧରି ଉଦ୍‌ଗତ ଅଶ୍ରୁକୁ ଚାପି ସଂଜୟ କହିଲା - ଠିକ୍ କହୁଚ ମା । ବାପାଙ୍କର ଅନେକ ସ୍ମୃତି ଜଡିତ ଏ ପଲଙ୍କ ସାଥିରେ । ମୁଁ ଫେରିଆସେ ସ୍ୱର୍ଗଦ୍ୱାରରୁ । ଏ ପଲଙ୍କ ଉଠେଇଦେବି ଏଠୁ । ବାପାଙ୍କର ସବୁଠୁ ପ୍ରିୟ ଜିନିଷ ଏ ଗୋଟିକ । ଯାକୁ ବ୍ରାହ୍ମଣଙ୍କୁ ଦାନ କରିଦେବା ।

□□□





# ସୈନିକ

"ହିଥ୍‌ର ଆଖି ଦୁଇଟି ଆଶ୍ଚର୍ଯ୍ୟ ରକମର ନୀଳ । ତରଂଗହୀନ ସମୁଦ୍ରପରି, ହିଥ୍ ଆଖି ଖୋଲିଲା ବେଳକୁ ଅନ୍ୟ କେହି ଦେଖିବାପୂର୍ବରୁ ସେ ଆଖି ଦୁଇଟିକୁ ସର୍ବପ୍ରଥମେ ମୁଁ ଦେଖିବାକୁ ଚାହେଁ ।" କେରି ମୃଦୁହସି ମତେ କହିଲା ।

କେରିର ଜିନ୍‌ପ୍ୟାଣ୍ଟ ସନ୍ଧିରେ ଅଣ୍ଟାପାଖରେ ଖୋଷା ହେଇଥିଲା ସାନ ଯନ୍ତ୍ରଟିଏ । ଅନେକଟା ମୋବାଇଲ୍ ଟେଲିଫୋନ୍ ପରି । କେରି କହୁଥିଲା 'ବିପର୍' । ଯନ୍ତ୍ରଟି ମଝିରେ ମଝିରେ ଟୁଂ, ଟାଂ, ଶବ୍ଦ କରୁଥିଲା । କେରିଠାରୁ ଶୁଣିଥିଲି ଯେ ହିଥ୍ ବର୍ତ୍ତମାନ ସଂପୂର୍ଣ୍ଣ ଭାବରେ ସଂଜ୍ଞାହୀନ । ମଝିରେ ମଝିରେ କେବଳ କେତୋଟି ସେକେଣ୍ଡ ବା ମିନିଟ୍ ସଂଜ୍ଞା ଫେରି ଆସୁଥିଲା ତା'ର । ଏବଂ ସଂଜ୍ଞା ଫେରି ଆସିଲେ ସଶବ୍ଦ ତାହା ଘୋଷଣା କରୁଥିଲା ଯନ୍ତ୍ରଟି । ବିପର୍‌ର ବାଜଣା ଶୁଣିଲେ ଅସ୍ତବ୍ୟସ୍ତ ହେଇ କେରି ଛୁଟି ଯାଉଥିଲା । ଆଇ.ସି.ୟୁ ଆଡକୁ । କିନ୍ତୁ ଫେରି ଆସୁଥିଲା ଅଧାବାଟରୁ । ଆଇ.ସି.ୟୁର କବାଟ ଠେଲି ଭିତରେ ପଶିବା ପୂର୍ବରୁ । କହୁଥିଲା - ନା, ଏଥରକ ବି ଆଖି ଖୋଲିଲାନି ତାହେଲେ ହିଥ୍ । ପୁନର୍ବାର ଫେରିଗଲା ଅତଳ ତନ୍ଦ୍ରାର ଇଲାକାକୁ ।

ସ୍ଥାନଟି ଥିଲା ଯୁକ୍ତରାଷ୍ଟ୍ର ଆମେରିକାର ମିସିଗାନ୍ ପ୍ରଦେଶର ରାଜଧାନୀ ସୁବେଶା ଲାନ୍‌ସିଂ ନଗରୀର ପ୍ରଖ୍ୟାତ ସ୍ପାରୋ ହସ୍‌ପିଟାଲ୍ । ଅସୁସ୍ଥ ବିନୟ ଦାଖଲ୍ ହେଇଥିଲେ ଆଇ.ସି.ୟୁରେ । ତାଙ୍କୁ ଜଗି ସାରାସମୟ ରହୁଥିଲି ସେଠି । ଆଇ.ସି.ୟୁର କିଛି ଦୂରରେ

ରୋଗୀର ପରିବାରବର୍ଗ ବା ବନ୍ଧୁକୁଟୁମ୍ବମାନେ ଅପେକ୍ଷା କରି ବସି ରହିବା ପାଇଁ ସୁବୃହତ୍ ଓ ସୁସଜ୍ଜିତ ବିଶ୍ରାମାଗାର । ଲୋକମାନେ କହୁଥିଲେ 'ଲାଉଞ୍ଜ' । ସେଇ ଲାଉଞ୍ଜ୍‌ରେ ଦେଖା କେରି ସହିତ ।

ଜିନ୍‌ପ୍ୟାଣ୍ଟ୍ ଓ ଛିଟ ଟି ସାର୍ଟପିନ୍ଧା ପତଳା, ଲମ୍ବା ଝିଅଟିଏ । ତାମ୍ରକେଶୀ । ଗାଲ ସାରା ଫ୍ରେକ୍‌ଲସ୍ - ସାନ ସାନ କଳାଜାଇ ପରି ଦାଗ । ସେଠାରେ ବସିଥିବା ଅନ୍ୟାନ୍ୟ ଅଭିଜାତ ଆମେରେକୀୟ ମାନଙ୍କ ଭିତରେ ବାରି ହୋଇପଡୁଥିଲା ଝିଅଟି । ସ୍ୱାସ୍ଥ୍ୟ ଓ ବେଶପୋଷାକ - ଉଭୟ ବେଶ୍ ଉଚ୍ଚସ୍ୱରରେ ଜାହିର୍ କରି ଯାଉଥିଲେ ତା'ର ଅନଟନର କାହାଣୀ । ସ୍ୱାରୋ ହସ୍‌ପିଟାଲ୍‌ର ଚାକଚକ୍ୟମୟ ବାତାବରଣରେ ରୀତିମତ୍ ବେଖାପ ଲାଗୁଥିଲା ଝିଅଟିକୁ ।

ଝିଅଟି ଘରକୁ ନଯାଇ ସାରାକ୍ଷଣ ଏକ ନିର୍ବେଦଭଙ୍ଗୀରେ ବସି ରହୁଥିଲା ଲାଉଞ୍ଜ୍‌ରେ । ନିତ୍ୟକର୍ମ ପାଖରେ ଥିବା ଟୟଲେଟ୍‌ରେ । ହସ୍‌ପିଟାଲ୍‌ର ତଳମହଲାରେ ଥିବା ରେସ୍ତୋଁରାକୁ ଯାଇ ମଝିରେ ମଝିରେ ଖାଇ ଆସୁଥିଲା । ଆପଲଟିଏ ବା କିଛି ବ୍ରେଡ୍‌ଷ୍ଟିକ୍, ବାକି ସମୟତକ କଟୁଥିଲା । ହସ୍‌ପିଟାଲ ତରଫରୁ ବିଶ୍ରାମରତ ଲୋକମାନଙ୍କୁ ମାଗଣାରେ ଯୋଗେଇ ଦିଆଯାଉଥିବା କଫି ପିଇ ଏବଂ ବିପର୍‌ଟିକୁ ଚାହିଁ ଚାହିଁ ।

ରାତିରେ ଲାଉଞ୍ଜ୍‌ଟି ହେଇଯାଉଥିଲା ସଂପୂର୍ଣ୍ଣରୂପେ ଜନଶୂନ୍ୟ । ବସି ରହୁଥିଲୁ କେବଳ ମୁଁ ଓ କେରି । ଘରୁ ତକିଆ, ବିଛଣା ଚାଦର ଓ କମ୍ବଳ ନେଇଯାଇଥିଲି । କିଛି ସମୟ ପାଇଁ ବିଶ୍ରାମ କରୁଥିଲି ଯେ କୌଣସି ଗୋଟିଏ ପ୍ରଶସ୍ତ ଲମ୍ବ ସୋଫାରେ ଗଡିପଡି । କେରି କିନ୍ତୁ ସାରା ରାତି ବସି ରହୁଥିଲା ସେଇ ଗୋଟିଏ ଭଙ୍ଗୀରେ । ଘୁମେଇ ପଡୁଥିଲା ସେମିତି ବସି ବସି । ମୁହଁରେ ଅଜସ୍ର କ୍ଲାନ୍ତି ଓ ଅପରିମିତ ଅବସାଦ ନେଇ । କଦବା କେମିତି ବିପରର୍ ଘଣ୍ଟିଟି ବାଜୁଥିଲା । ନିଦ୍ରା ତେଜି ଧଡ୍‌ପଡ୍ ହେଇ ଉଠିପଡୁଥିଲା କେରି । ନିଷ୍ଠୁର ଘଣ୍ଟିଟି କିନ୍ତୁ ବନ୍ଦ ହୋଇ ଯାଉଥିଲା ମାତ୍ର କେତୋଟି ସେକେଣ୍ଡ ପରେ ।

ସେଇ ଲାଉଞ୍ଜ୍‌ରେ ବସି ବସି ଦିନେ ରାତିରେ ଶୁଣିଥିଲି କେରିର ଦୁର୍ଦ୍ଦଶାମୟ ଜୀବନର ଅବିଶ୍ୱାସନୀୟ, ଦୁଃଖଦ କାହାଣୀ ।

ଶୈଶବରୁ ପିତୃସ୍ନେହରୁ ବଞ୍ଚିତ । ପ୍ରଥମ ସ୍ୱାମୀଙ୍କ ସହିତ ଡାଇଭୋର୍ସ ହେଲା ପରେ, ତାଙ୍କ ଔରସରୁ ଜାତ ଶିଶୁକନ୍ୟା - ନାଟାଲି ଓ କେରିଙ୍କୁ ନେଇ ଦ୍ୱିତୀୟ ବିବାହ କରିଥିଲେ କେରିର ମା' । ବିଧିର ବିଧାନ ବିଚିତ୍ର । ଦ୍ୱିତୀୟ ସ୍ୱାମୀ 'ଡାଭି'ଙ୍କର ଦୌରାତ୍ମ୍ୟରେ ଜୀବନ ହୋଇ ଉଠିଲା ଦୁର୍ବିସହ । ଲୋକଟି ଥିଲା ମଦ୍ୟପ ଓ ଦୁଶ୍ଚରିତ୍ର । ଥରଟେ ସଂପୂର୍ଣ୍ଣ ମାତାଲ୍





ଅବସ୍ଥାରେ ନାଟାଲିକୁ ଧର୍ଷଣ କରିବାକୁ ଉଦ୍ୟମ କରୁଥିବା ସମୟରେ ଦୃଶ୍ୟଟି ପଡିଯାଇଥିଲା ପତ୍ନୀଙ୍କ ଆଖିରେ । ପତ୍ନୀ କେସ୍ ଲଢିଲେ । ଶେଷପର୍ଯ୍ୟନ୍ତ ଜେଲ୍ ହୋଇଗଲା ଡାଭିର । ଦରିଦ୍ର ଓ କପର୍ଦ୍ଦକହୀନ କେରିର ମା' ଯାପରେ କ୍ଷୟରୋଗରେ ପୀଡିତ ହୋଇ ମୃତ୍ୟୁବରଣ କଲେ । କିଶୋରୀକନ୍ୟା ଦୁଇଟି ହେଇଗଲେ ସଂପୂର୍ଣ୍ଣ ରୂପେ ଅସହାୟ । ଜୀବନ ସହିତ ସଂଗ୍ରାମ କରି ବଡହେବାକୁ ଶିଖିଗଲେ ନିଜେ ନିଜେ । ଦିହେଁ ଚାକିରି କରୁଥିଲେ କୋକାକୋଲା କଂପାନୀରେ । କାମଥିଲା କୋକାକୋଲା ବୋତଲସବୁ ବଡ ବଡ ବାକ୍ସରେ ଭର୍ତ୍ତି କରି ପ୍ୟାକ୍ କରିବା । ବଡ ଭଉଣୀ ନାଟାଲି ପ୍ରେମକରି ବାହା ହୋଇଗଲା କେଇଟାବର୍ଷରେ । ଏବେ ସିଏ ଗୋଟିଏ ସୁଖୀ, ମଧ୍ୟବିତ୍ତ ପରିବାରର ଗୃହିଣୀ ।

ଅଠରବର୍ଷବେଳେ ତା'ର ସହକର୍ମୀ 'ହିଥ୍'ର ପ୍ରେମରେ ପଡିଥିଲା କେରି । ହିଥ୍ ସେତେବେଳେ କୋଡିଏବର୍ଷର ତର୍‌ତାଜା ଯୁବକ । ଘରେ କେବଳ ମାତା ଓ ପୁତ୍ର । ହିଥ୍‌ର ପିତା ପ୍ରଥମା ପତ୍ନୀଙ୍କୁ ଡାଇଭୋର୍ସ କରି ଦ୍ୱିତୀୟଥର ବିବାହ କରିଥିଲେ । ଆର୍ଥିକ ଦୃଷ୍ଟିକୋଣରୁ ପରିବାରର ଦାୟିତ୍ୱ ତୁଲାଇବା ହିଥ୍ ପକ୍ଷରେ ସମ୍ଭବ ନଥିଲା । ସମ୍ଭବ ନଥିଲା କେରିକୁ ବିବାହ କରି ଘରକୁ ଆଣିବା । କେରି ବୁଝୁଥିଲା ହିଥ୍‌ର ସମସ୍ୟା । ରାଜିଥିଲା ଅପେକ୍ଷା କରିବା ପାଇଁ କେତୋଟି ବର୍ଷ - ହିଥ୍ ସ୍ୱାବଲମ୍ବୀ ହେବା ପର୍ଯ୍ୟନ୍ତ । ଏବଂ ଅପେକ୍ଷା କଲା ମଧ୍ୟ । କିନ୍ତୁ ଦୁଇ ବର୍ଷ ପରେ ହିଥ୍‌ର ମାୟାବୀ ନୀଳଡୋଳାର ଡାକକୁ ଏଡାଇ ନପାରି ଜନ୍ମଦେଲା ଏକ କନ୍ୟାସନ୍ତାନକୁ । କନ୍ୟାକୁ ଦଶମାସ ହେଲାପରେ ସେମାନଙ୍କର ବିବାହ ସଂଘଟିତ ହୁଏ । କେତୋଟି ଦିନ କଟିଯାଏ ହର୍ଷ ଓ ଉଲ୍ଲାସ ମୁଖର ଭାବରେ । ସେ ଉଲ୍ଲାସରେ କିନ୍ତୁ ଭଟ୍ଟା ପଡିଯାଏ ଅତିଶୀଘ୍ର । ହିଥ୍ ହୋଇପଡେ ରୋଗଗ୍ରସ୍ତ ।

କେରି କହିଲା - ହିଥ୍‌ର ବାମପଟର ଫୁସ୍‌ଫୁସ୍‌ଟି କିଛିମାତ୍ରାରେ ଅକାମୀ । ବେମାରିଟିର ନାଁ 'ଫଙ୍ଗସ୍ ଏସ୍‌ପାରାଜିଲିସ୍' । ନିଃଶ୍ୱାସ ସହିତ କିଛି ଫଙ୍ଗସ୍ ଯାଇ ଫୁସ୍‌ଫୁସ୍‌ର ଉପରିଭାଗରେ ଜମି ବଂଶବିସ୍ତାର କରି ପକାଇଛନ୍ତି । ଗୋଟେ ଟେନିସ୍‌ବଲ୍ ଆକାର ନେଇ ସେ ସ୍ଥାନଟି ହୋଇଉଠିଛି ଶକ୍ତ ଓ ଅପାରଗ । ସ୍ୱାଭାବିକ ଭାବରେ ଫୁସ୍‌ଫୁସ୍ ହରାଇଛନ୍ତି ତା'ର ନମନୀୟତା । ହିଥ୍‌କୁ ପ୍ରଥମେ ନିମୋନିଆ ହେଇଥିଲା । ସେତିକିବେଳେ ଲଙ୍ଗସ୍ ଏକ୍ସରେ କରିବାରୁ ବେମାରିଟି ଧରାପଡିଲା । ବର୍ତ୍ତମାନ ଡାକ୍ତରମାନେ ଅପରେଶନ୍ କରି ଫୁସ୍‌ଫୁସ୍‌ର ସେ ଜମାଟବନ୍ଧା ଅଂଶଟିକୁ କାଢ଼ି ଦେଇଛନ୍ତି । ବିଚରା ହିଥ୍ ବହୁତ କଷ୍ଟ ପାଇଲା । ଏଗାର ଦିନ ପର୍ଯ୍ୟନ୍ତ ଭେଣ୍ଟିଲେଟର୍ ମେସିନ୍‌ଦ୍ୱାରା ନିଃଶ୍ୱାସ ନେଉଥିଲା । ଡାକ୍ତରମାନେ ଏଥିପାଇଁ ଟ୍ରାକିଟୋମି କରି ଓ କଣ୍ଠନଳୀକୁ କିଛି ପରିମାଣରେ କାଟି, ତା'ରି ଭିତର ଦେଇ ଫୁସ୍‌ଫୁସ୍ ପର୍ଯ୍ୟନ୍ତ ଭେଣ୍ଟିଲେଟରର ନଳୀଟି ନେଇଥିଲେ । ଏବେ ଅବଶ୍ୟ

ଭେଣ୍ଟିଲେଟର କଢା ହେଇ ଗଲାଣି । ନାକରେ କେବଳ ଅକ୍ସିଜେନ୍ ନଳି ଲାଗିଛି । ଅବସ୍ଥାରେ ବି ଯଥେଷ୍ଟ ଉନ୍ନତି ଘଟିଲାଣି ।

ଆଉ ଖିଆପିଆ ? ମୁଁ ପଚାରିଲି ।

ଖିଆ ପିଆ ସବୁ ନଳୀଦେଇ । ପାକସ୍ଥଳୀ ପର୍ଯ୍ୟନ୍ତ ଟିଉବ୍ ଭର୍ତ୍ତିକରି ତରଳ ଖାଦ୍ୟ କିଛି ଦିଆ ହେଉଛି । ସାଲାଇନ୍ ଗ୍ଲୁକୋଜ୍ ବି ଲାଗିଛି ଦେହରେ । କେରି କହିଲା । କିନ୍ତୁ ଅଚାନକ ଏଭଳି ଗୋଟିଏ ଅଜଣା ବେମାରି ହେଲା କେମିତି ହିଥ୍‌କୁ ? ମୁଁ ପ୍ରଶ୍ନ କଲି ।

କେରି କହିଲା – ତା'ର ଅବଶ୍ୟ ଅନେକ କାରଣ ଅଛି । ହିଥ୍‌ର ମା'ଙ୍କର ମୃତ୍ୟୁ ଫୁସ୍ ଫୁସ୍ ରୋଗରେ ହୋଇଥିଲା । ଉତ୍ତରାଧିକାରୀ ସୂତ୍ରରେ ତା ମା'ଙ୍କଠାରୁ ଦୁର୍ବଳ ଫୁସ୍‌ଫୁସ୍ ପାଇଛି ହିଥ୍ । ତା'ଛଡା ସିଏ କାମ ବି କରୁଥିଲା ବେଶ୍ ଅସ୍ୱାସ୍ଥ୍ୟକର ପରିବେଶରେ । ଗୋଟିଏ ମଲ୍‌ର ବେସମେଣ୍ଟରେ । ମଲ୍‌ର ଚାକଚକ୍ୟ ବାହାରକୁ ସିନା ଏଭଳି । କିନ୍ତୁ ବେଶ୍‌ମେଣ୍ଟ ବେଶ୍ ଅନ୍ଧାରୁଆ ଓ ଓଦାଳିଆ, ମାଟିତଳ ଘରତ ! ବାୟୁ ଚଳାଚଳ ବି କମ୍ । ହିଥ୍‌ର କାମଥିଲା ଦୋକାନମାନଙ୍କ ପାଇଁ ଆସୁଥିବା ମାଲ୍ ଭର୍ତ୍ତି ଡବା ସବୁ ଟ୍ରକ୍‌ରୁ ବୋହିନେଇ ବେସ୍‌ମେଣ୍ଟରେ ଜମା କରିବା । ଗଧ ଖଟଣି । ସେ କାମ ଠିକ୍ ସୁହାଇଲାନି ହିଥ୍‌କୁ । ଏଠି ଶୀତଦିନେ ତ ବେଶ୍ ଥଣ୍ଡା । ପ୍ରଚୁର ବରଫ ପଡେ । ମାତ୍ର ଦୁଇ ବଖରା ଘର । ତାକୁ ଗରମ ରଖିବାର ସାଧନ ବି ନାହିଁ ଆମର । ସବୁ ମିଶି କାହିଲା କରି ପକାଇଲା ହିଥ୍‌କୁ ।

ତୁମେ କିଛି କାମ କରନି ? ପଚାରିଲି ।

କେରି କହିଲା – ଆଗରୁ କରୁଥିଲି । ସେଇ ମଲ୍‌ର ଗୋଟିଏ ଡିପାର୍ଟମେଣ୍ଟାଲ୍ ଷ୍ଟୋରରେ । କିନ୍ତୁ କନ୍ୟା ସନ୍ତାନଟି ଜନ୍ମ ହେଲାପରେ, ତାକୁ ଛାଡି ଆଉ କାମକୁ ଯିବା ସମ୍ଭବ ହେଲାନି ମୋ ପକ୍ଷରେ । ଅବଶ୍ୟ ଘରେ ରହି ଉଭୟ ହିଥ୍‌ର ମା ଓ ମୁଁ ବେବୀସିଟ୍‌ର୍ କାମ କରୁ । ପାଖ ପଡିଶାରେ ଯେଉଁ ପରିବାରମାନଙ୍କରେ ଉଭୟ ପତି ଓ ପତ୍ନୀ କାର୍ଯ୍ୟରତ, ସେମାନେ ତାଙ୍କର ଶିଶୁମାନଙ୍କୁ ଦେଖାଶୁଣା କରିବାର ଭାର ଛାଡି ଯାଆନ୍ତି ଆମ ଉପରେ । ସାରାଦିନ ଆମେ ପିଲାମାନଙ୍କୁ ରଖୁ । ଶିଶୁ ପିଛା ଘଣ୍ଟାକୁ ଦୁଇଡଲାର ହିସାବରେ ପାଉଣା ମିଳେ । କିଛି ରୋଜଗାର ହେଇଯାଏ । ତେବେ ଏଥରକ ହିଥ୍ ଭଲହୋଇ ଘରକୁ ଫେରିଗଲେ କେଇମାସ ପାଇଁ ମୁଁ ଆଉ ତାକୁ କାମକୁ ପଠାଇବିନି । ଝିଅର ଦେଖାଶୁଣା ସିଏ ଘରେ ରହି କରିବ । ମୁଁ ବରଂ ଗୋଟିଏ ଚାକିରି ଖୋଜିନେବି କେଉଁଠି ହେଲେ ।

ମୋ' ମନରେ ବାରମ୍ବାର ଉଠୁଥିବା ସନ୍ଦେହଟିର ବିମୋଚନ କରିବା ଉଦ୍ଦେଶ୍ୟରେ ମୁଁ କେରିକୁ ପଚାରିଲି – ତୁମେ କିଛି ଖରାପ ଭାବିବନି । କିନ୍ତୁ ସ୍ୱାରୋ ହସ୍‌ପିଟାଲ୍ ତ ବେଶ୍





ଦାମୀ ହସ୍‌ପିଟାଲ୍ । ସାଧାରଣ ଆମେରିକାନ୍ ମାନଙ୍କର ସାମର୍ଥ୍ୟର ବାହାରେ । ଏଠାରେ ଚିକିତ୍ସା ଚାଲିଛି ହିଥ୍‌ର । ପଇସାପତ୍ର ଯୋଗାଡ କଲ କେମିତି ?

କେରି କହିଲା – ଆପଣ ବୋଧେ ଜାଣନ୍ତିନି । ଆମର ଏଇ ହସ୍‌ପିଟାଲ୍ ତରଫରୁ ନିର୍ଦ୍ଧନ ବ୍ୟକ୍ତିମାନଙ୍କର ଚିକିତ୍ସା ପାଇଁ ଆର୍ଥିକ ସାହାଯ୍ୟ ଦିଆଯାଇଥାଏ । ଅନେକ ବଦାନ୍ୟବ୍ୟକ୍ତି ଓ ସଂସ୍ଥା ନିୟମିତ ଡଲାର ପଠାନ୍ତି ଏଥିପାଇଁ । ଯେ କୌଣସି ବ୍ୟକ୍ତି, 'ପାସେଣ୍ଟସ୍ ଫାଇନାନ୍ସିଆଲ୍ ଆସିଷ୍ଟାନ୍‌ସ୍ ଫଣ୍ଡ'କୁ ଚେକ୍ ପଠାଇ ସାହାଯ୍ୟ କରିପାରେ । ତା'ଛଡ଼ା ଆମର ଏଠି ଆଉ ଗୋଟିଏ ଲ' ଅଛି । ହିଲ୍‌ବର୍ଟନ ଲ । ସେଇ ଆଇନ୍ ଅନୁଯାୟୀ, ଏଠାରେ କାର୍ଯ୍ୟରତ ପ୍ରତ୍ୟେକ ଡାକ୍ତରଙ୍କୁ, ପ୍ରତିମାସରେ ନିଜ ଦରମାର କିଛି ଅଂଶ ଦୁଃସ୍ଥ ବ୍ୟକ୍ତିଙ୍କର ଚିକିତ୍ସା ଲାଗି ଦେବାକୁ ପଡିଥାଏ । ହିଥ୍‌ର ଚିକିତ୍ସା ତେଣୁ ହସ୍‌ପିଟାଲ୍‌ର ସାହାଯ୍ୟ ଓ ସହାନୁଭୂତିରେ ଚାଲିଛି । ଅବଶ୍ୟ ଏଭଳି ଅନୁଦାନ ଦେବାପୂର୍ବରୁ, ହସ୍‌ପିଟାଲ୍ ତରଫରୁ, ରୋଗୀର ଆର୍ଥିକ ପରିସ୍ଥିତି ସଂପର୍କରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବାକୁ ପଡିଥାଏ । ଯେମିତିକି ମିଥ୍ୟାଚାର ଫଳରେ କୌଣସି ସମର୍ଥ ବ୍ୟକ୍ତି ଏ ସୁବିଧା ହାସଲ୍ କରି ନପାରନ୍ତି ।

କେରିର ଜୀବନକାହାଣୀ ଶୁଣି ଚୁପ୍‌ଚାପ୍ ବସି ରହିଲି ଅନେକ ସମୟ । ଝିଅଟିକୁ ଚାହିଁ ଅବାକ୍ ହେଲି ମଧ୍ୟ । ଏଭଳି ପ୍ରତିକୂଳ ପରିସ୍ଥିତିରେ, ଜୀବନର ଘାତ ପ୍ରତିଘାତର ମୁକାବିଲା ସିଏ ଯେ ଭଳି ଭାବରେ ସାହସ ଓ ଧୈର୍ଯ୍ୟର ସହିତ କରିପାରୁଛି, ତାହା ନିଶ୍ଚିତରୂପେ ପ୍ରଶଂସନୀୟ ।

ପରଦିନ ଅପରାହ୍ନରେ କେରି ଓ ମୁଁ ଗପ କରୁଛୁ – ଦେଖିଲି କେରିଠାରୁ କେଇବର୍ଷ ବଡ, ହାଫ୍‌ପ୍ୟାଣ୍ଟ ଓ ଟିସାର୍ଟ ପିନ୍ଧା ଝିଅଟିଏ ସାଥିରେ ଦୁଇଟି ଶିଶୁପୁତ୍ର ଓ ଗୋଟିଏ ଶିଶୁ କନ୍ୟାକୁ ନେଇ କେରି ଆଡକୁ ଅଗ୍ରସର ହେଉଛି ।

କେରି ଚିହ୍ନା କରାଇଦେଲା – ତା' ବଡ଼ଭଉଣୀ ନାଟାଲି । ରହେ ପାଖରେ ଥିବା ଅନ୍ୟ ଏକ ସହରରେ । ଭଉଣୀକୁ ଦେଖିବାକୁ ଆସିଛି ଆଜି ।

ଦୁଇ ଭଉଣୀଙ୍କୁ ପରସ୍ପର ସହିତ ବାର୍ତ୍ତାଳାପ କରିବାର ସୁଯୋଗ ଦେଇ, ମୁଁ ଉଠି ଆସିଲି ଅନ୍ୟସୋଫାକୁ । ନାଟାଲିର ଶିଶୁପୁତ୍ର ଯୋଡ଼ିକ – ଜେସି ଓ ନୁନୁ, ଚୁପ୍‌ଚାପ୍ ବସି ସାଥିରେ ଆଣିଥିବା ପପ୍‌କର୍ଣ୍ଣ ପ୍ୟାକେ୍ ଖୋଲି ଖାଇଲାଗିଲେ । ଶିଶୁକନ୍ୟାଟି କିନ୍ତୁ ବସିବାକୁ ଥିଲା ନାରାଜ । ନାଟାଲିର କୋଳରୁ ଓହ୍ଲାଇ ଖିଲ୍‌ଖିଲ୍ ହସି ଦୌଡି ଲାଗିଲା ସାରା ଲାଉଞ୍ଜ୍ ଏବଂ ତା' ପଛେ ପଛେ ସମତାଳରେ ହସି ଦୌଡିଲାଗିଲା କେରି । ଦେଖିଲି – ଶିଶୁଟି ସହିତ ଖେଳୁ ଖେଳୁ ଏକ ଅନାବିଳ ତୃପ୍ତି ଓ ଆନନ୍ଦରେ ଝଲମଲ୍ କରିଉଠୁଛି କେରିର ମୁହଁ ।

ନାଟାଲି ଚାଲିଗଲା ପରେ କେରିକୁ କହିଲି - ତୁମ ଭଉଣୀଙ୍କର ତିନୋଟି ଯାକ ସନ୍ତାନ ଭାରି ସୁନ୍ଦର । ବିଶେଷତଃ ଶିଶୁ କନ୍ୟାଟି ଠିକ୍ ଗୋଟିଏ ଚିନି କଣ୍ଢେଇ ପରି । ବହୁତ ଖେଳିଲି ଆଜି ତା' ସହିତ । ଭଉଣୀର ଝିଅଟିକୁ ବହୁତ ଭଲପାଅ ନିଶ୍ଚୟ ।

ଆଖି ଡୋଳା ବଡବଡ କରି କେରି କହିଲା - ଓଃ ! ସିଏ ଯେ ମୋ' ଝିଅ - ଆଲାନା । ମୁଁ ଏଠି ହସ୍‌ପିଟାଲ୍‌ରେ ରହୁଚି ତ ! ତେଣୁ ଭଉଣୀ ପାଖରେ ଝିଅକୁ ଛାଡି ଦେଇଛି ଶାଶୁ ତ ବୃଦ୍ଧା । ତହିଁରେ ପୁଣି ତାଙ୍କର ବେବୀସିଟିଙ୍ଗ୍ କାମ ।

ମୁଁ କହିଲି - ବାଃ, ଭଉଣୀଟି ତ ବେଶ୍ ଯତ୍ନ ନେଉଛି ତମ ଝିଅର । ଆଲାନା କିନ୍ତୁ ଭାରି ପ୍ରାଣବନ୍ତ ଶିଶୁଟିଏ ।

ମାତୃତ୍ୱର ଦୀପ୍ତ ଆଭାରେ ମୁହଁକୁ ଉଜ୍ଜ୍ୱଳ କରି କେରି କହିଲା - ଆପଣ ଜାଣନ୍ତିନି, ଭାରି ଚଞ୍ଚଳ ପ୍ରକୃତିର । ସ୍ଥିର ହୋଇ ଗୋଟିଏ ମିନିଟ୍ ବି ବସି ପାରେନି । ଏବେ ନୂଆ ନୂଆ କଥା କହିବାକୁ ଶିଖୁଚିତ ! ଭାରି ମଜାର କଥା ସବୁ କହେ । କଥା କହିଲା ବେଳେ 'ମୁଁ' ଶବ୍ଦଟି ଆଦୌ ବ୍ୟବହାର କରେନି । ମୁଁ ବଦଳରେ କହେ 'ଆଲାନା' । ମୋ'ର ଏଇଟା ଦରକାର ବଦଳରେ କହେ 'ଆଲାନା'ର ଏଇଟା ଦରକାର ।

କେରି କଥା ଶୁଣି ମୁଁ ହସି ପକାଇଲି । କେରି ତା ହାତଘଣ୍ଟାକୁ ଚାହିଁ କହିଲା - ଅନେକ ସମୟ ହୋଇଗଲା ମୁଁ ହିଥ୍‌କୁ ଦେଖିନି । ବ୍ୟସ୍ତ ଲାଗିଲାଣି । ମୁଁ ବରଂ ଯାଇ ତାକୁ ଟିକିଏ ଦେଖିଆସେ ।

ମୁଁ କହିଲି - ତୁମ ସାଥିରେ ଯାଇ ମୁଁ ଟିକିଏ ହିଥ୍‌କୁ ଦେଖି ଆସିପାରେ କି ? ଆଇ.ସି.ୟୁର କିଛି ନିୟମ ଭଙ୍ଗ ହେବନି ତ ?

କେରି କହିଲା - ନା ନା, ସେଭଳି କିଛି କଟକଣା ଆମର ଏଠି ନାହିଁ । ସାରାଦିନ, ଯେତେବେଳେ ଇଚ୍ଛା, ପରିବାରର କିମ୍ବା ପରିଚିତ ଯେକୌଣସି ବ୍ୟକ୍ତି ନିଃଶବ୍ଦରେ ଯାଇ ରୋଗୀକୁ ଦେଖି ଆସିପାରେ । ଆପଣ ଆସନ୍ତୁ ନା ମୋ ସାଥିରେ । କେହି କିଛି କହିବେନି ।

ଧୀର ପାଦରେ ଆଇ.ସି.ୟୁ ପରିସର ସ୍ଥିତ ଏକ କ୍ୟାବିନ୍‌ର ପର୍ଦ୍ଦା ହଟାଇ ମତେ ତା' ଭିତରକୁ ନେଇଗଲା କେରି । ଚାରିଆଡେ ଅଖଣ୍ଡ ନୀରବତା । ତା'ରି ଭିତରେ ଧବ୍‌ଧବ୍ ଧଳାଶେଯରେ ଆଖି ମୁଦି ଶୋଇ ରହିଛି ଏକ ରୁଗ୍‌ଣ ଓ ଅବସନ୍ନ ଆମେରିକାନ୍ ଯୁବକ । ନାକରେ ଅମ୍ଳଜାନର ନଳୀ, ଦେହ ସାରା ଅନେକ ଯନ୍ତ୍ରପାତି ଖଞ୍ଜା । ମଝିରେ ମଝିରେ ସେ ଯନ୍ତ୍ରମାନଙ୍କର ଟିପ୍ ଟିପ୍ ବା ଟୁଂଟାଂ ଶବ୍ଦ ।





କେରିକୁ ଚାହିଁଲି - ଅପଲକ ଦୃଷ୍ଟିରେ ଅନାଇଁ ରହିଛି ହିଥ୍‌ର ମୁହଁକୁ । ଛାତି ଭିତରେ ହଠାତ୍ ଧକ୍ କରି ଯନ୍ତ୍ରଣା ଅନୁଭବ କଲି ଅବା - ନୀରବରେ ବାହାରି ଆସିଲି ଆଇ.ସି.ୟୁର କାଚକବାଟ ଠେଲି ।

କିଛି ସମୟପରେ ଲାଉଞ୍ଜକୁ ଆସି ମୋ ପାଖରେ ବସିଲା କେରି । କହିଲା - କାଲିର ବିଚାର ! ଛୁଟିଦିନ, ମୋ ଶାଶୁ ତେଣୁ ଆସିବେ ହିଥ୍‌କୁ ଜଗିବା ପାଇଁ । ମୁଁ ଘରକୁ ଯାଇ ଟିକିଏ ପରିଷ୍କାର ପରିଚ୍ଛନ୍ନ ହେଇ ଆସିବି । ଆସିଲାବେଳେ କିଛି ପୁରୁଣାଫଟ ନେଇ ଆସିବି ଆଣଙ୍କୁ ଦେଖାଇବା ପାଇଁ । ଦେଖିକି ସୁନ୍ଦର ଚେହେରା ହିଥ୍‌ର ଥିଲା ଏକଦା । ସେ ଚେହେରାର ଏକ ଶତାଂଶ ବି ନାହିଁ ଏବେ ।

ପରଦିନ ଅପରାହ୍ନରେ ଘରୁ ଫେରିଲାବେଳେ କେରି ସତକୁସତ ଦୁଇଟି ଫଟ ନେଇ ଆସିଥିଲା ସାଙ୍ଗରେ । ପୋଷ୍ଟକାର୍ଡ ଆକାରର ବେଶ୍ ବଡ ବଡ ପରିଚ୍ଛନ୍ନ ଫଟ ଯୋଡିଏ ।

ପ୍ରଥମ ଫଟଟି ଠିକ୍ ବାହାଘର ପରେ ପରେ ଚର୍ଚ୍ଚବାହାର ଲନ୍‌ରେ ଉଠା । ଧଳାଲେସ୍‌ର ଭୂଲୁଣ୍ଠିତ ୱେଡିଙ୍ଗ୍ ଗାଉନ୍ ପିନ୍ଧା କେରି । ପାଖରେ ଦଣ୍ଡାୟମାନ ସୁଟ୍ ଓ ଟାଇରେ ସଜ୍ଜିତ ସୁପୁରୁଷ ହିଥ୍ । ହିଥ୍‌ର କୋଳରେ ଶିଶୁ ଆଲାନା । ଅନ୍ୟ ଫଟଟିରେ ବାହାଘରର ଉତ୍ସବ ମୁଖର ସନ୍ଧ୍ୟାରେ ମା' ସହିତ ନୃତ୍ୟରତ ହିଥ୍ ।

ଏ ଫଟ ଦୁଇଟି ମୁଁ ନେଇପାରେ ? ମୁଁ ପଚାରିଲି ।

ନିଅନ୍ତୁନା ! ଆପଣଙ୍କୁ ଇଏମୋର ସସ୍ନେହ ଉପହାର ।

ଧନ୍ୟବାଦ୍ କହି ଫଟ ଦୁଇଟି ମୁଁ ମୋ ଭ୍ୟାନିଟି ବ୍ୟାଗ୍‌ରେ ରଖିଲି ।

ଦିନପରେ ଦିନ ଗଡୁଥିଲା । ଉନ୍ନତ ଅବସ୍ଥାରେ ପହଞ୍ଚୁଥିବା ରୋଗୀମାନେ ଜଣ ଜଣ ହୋଇ ବିଦାୟ ନେଉଥିଲେ ଆଇ.ସି.ୟୁରୁ । ଚତୁର୍ଥଦିନ ଆଇ.ସି.ୟୁ ଛାଡିବା ପାଇଁ ବିନୟଙ୍କୁ ମଧ୍ୟ ଅନୁମତି ମିଳିଗଲା । ହିଥ୍ କିନ୍ତୁ ତଥାପି ସଂଜ୍ଞାହୀନ ଅବସ୍ଥାରେ ପଡି ରହିଥିଲା ଆଇ.ସି.ୟୁ ଭିତରେ । ଅଣ୍ଟାରେ ବିପରଟି ବାନ୍ଧି ତଥାପି କେରି ଘଣ୍ଟା ଘଣ୍ଟା ସହ ଅପେକ୍ଷା କରି ବସିରହୁଥିଲା ଲାଉଞ୍ଜର ଗୋଟିଏ କଣରେ - ତରଂଗହୀନ ଗଭୀର ସମୁଦ୍ରପରି ଦିଶୁଥିବା ହିଥ୍‌ର ନୀଳଡୋଳା ଦୁଇଟି ଦେଖିବାର ଅଭିଳାଷ ମନରେ ନେଇ ।

ଲାଉଞ୍ଜ୍ ଛାଡିବା ଦିନ କେରିର ମୁଣ୍ଡ ଆଉଁଷି ତା'ଠୁ ବିଦାୟ ନେଲି, କହିଲି - ପ୍ରାର୍ଥନା କରୁଛି ଯେମିତି ହିଥ୍‌ର ସଂଜ୍ଞା ଫେରି ଆସିବ ଅତିଶୀଘ୍ର ।

ପ୍ରତ୍ୟୁତ୍ତରରେ କେରି ମୋ ପାପୁଲି ଦୁଇଟି ଜାବୁଡି ଧରିଲା ଆବେଗର ସହିତ ।

ମୁଁ କହିଲି - ଭାରି ମନେ ପଡିବ ତୋ' କଥା । ତୋ'ପରି ଝିଅଟିଏ ମୁଁ ଆଜିଯାଏ ଦେଖିନଥିଲି ।

- ମୁଁ' ତ ନିହାତି ସାଧାରଣ ମଣିଷଟିଏ - କେରି ମୃଦୁହସି ଜବାବ୍ ଦେଲା ।

ମୁଁ କହିଲି - ମୋଟେ ନୁହେଁ । ତୁ ନିଜେ ଜାଣୁନି ଅସାଧାରଣ । ମୋ ଆଖିରେ ତୁ ଅପରାଜେୟ ସୈନିକଟିଏ । ସାହସ କେବଳ ରଣଭୂଇଁରେ ଶତ୍ରୁପକ୍ଷର ବୁଲେଟ୍ ସାମନାରେ ଠିଆ ହୋଇ ଯୁଦ୍ଧ କରିବା ନୁହେଁ, ଜୀବନର ପଦେ ପଦେ, ଦୁର୍ବିପାକକୁ ପାଥେୟ କରି ଓ ବର୍ଷବର୍ଷ ଧରି ତୁ ଯେଉଁଭଳି ଭାବରେ କ୍ଳାନ୍ତିବିହୀନ ଲଢେଇ କରିଚାଲିଚୁ, ତାହା ନଦେଖିଲେ ଜଣେ ବିଶ୍ୱାସ କରିପାରିବନି । ଗୋଟିଏ ବୀର ସୈନିକ ବି ହାର୍ ମାନିବ ତୋ'ର ସେଇ ସାହସ ଓ ପରାକ୍ରମ ପାଖରେ । ସତ କହୁଛି, ତୋ'ଭଳି ପରିସ୍ଥିତି ଯଦି ମୋ ଜୀବନରେ ଆସିଥାଆନ୍ତା, ମୁଁ ଏତେବେଳକୁ ପୂରାପୂରି ଭାଙ୍ଗିପଡି ସାରନ୍ତିଣି ।

କେରି କହିଲା - ମୁଁ କିନ୍ତୁ ଭାଙ୍ଗିନି, ଭବିଷ୍ୟତରେ ଭାଙ୍ଗିବିନି ମଧ୍ୟ । ମୁଁ ଭାଙ୍ଗି ପଡିଲେ ହିଥିର ହାତ ଧରି ବାଟ ଚାଲିବ କିଏ ? ଆମକୁ ଯେ ଅନେକ ଦୂରଯାଏ ଯିବାକୁ ଅଛି । କଥା କହୁ କହୁ କେରିର ଆଖି ଦୁଇଟି ଛଳଛଳ ହୋଇ ଉଠିଲା । କେରି ଲୁହପୋଛି ନେଲା ରୁମାଲ୍‌ରେ ।

ଆମର ବାର୍ତ୍ତାଳାପ ଭିତରେ ଅଚାନକ୍ କେରିର ବିପର୍‌ଟି ଶବ୍ଦ କରି ଉଠିଲା । କେରି କହିଲା - ଦେଖନ୍ତୁ, ଆପଣଙ୍କ ପ୍ରାର୍ଥନା ସାଙ୍ଗେ ସାଙ୍ଗେ କାମ ଦେଲା । କେରିର ସଂଜ୍ଞା ଫେରିଆସିଛି । ଆଜି ତା' ନୀଳଡୋଳା ଦୁଇଟିର ସୁଷମା ଦେଖିବାର ସୌଭାଗ୍ୟ ମୋ'ର ହେବ ନିଶ୍ଚୟ । କେରି ଦ୍ରୁତଗତିରେ ଛୁଟିଗଲା ଆଇ.ସି.ୟୁ ଆଡେ ।

କେଜାଣି କାହିଁକି ଭାରି ଭୟ ଲାଗିଲା ମତେ, ଯା' ପୂର୍ବରୁ ଯେତେଥର ବିପରଟି ଶବ୍ଦ କରିଛି, ତାହା ମାତ୍ର ଚାରି ପାଞ୍ଚ ସେକେଣ୍ଡ ପାଇଁ । ଦୁଇ ଚାରି ଥର ବାଜି ବନ୍ଦ ହୋଇଯାଇଛି । କେରି ଆଇ.ସି.ୟୁର କବାଟ ପାଖେ ପହଞ୍ଚିବା ପୂର୍ବରୁ । ଏଥରକ ସେଇଭଳି ହେବନି ତ ?

ବିବ୍ରତ ଚିତ୍ତରେ ବାହାରି ଆସିଲି ଲାଉଞ୍ଜ୍‌ରୁ । ଦେଖିଲି, ସାମ୍‌ନା ଦୀର୍ଘ କରି ଡୋରଟି ଅତିକ୍ରମ କରି, କାଚକବାଟ ଠେଲି ଆଇ.ସି.ୟୁ ଭିତରକୁ ପ୍ରବେଶ କରୁଛି କେରି । ଏବଂ ତା ହାତଧରା ବିପର୍‌ଟି ମୃଦୁ ମଧୁର ଶବ୍ଦ ତୋଳି ବାଜି ଲାଗିଛି ଟୁଂ ଟାଂ ହୋଇ ।

□□□





# ବସୁଧୈବ କୁଟୁମ୍ବକମ୍

ବୋଷ୍ଟନ୍ ଏୟାରପୋର୍ଟରେ ଓହ୍ଲାଇସାରିଲା ପରେ ଆମେରିକା ସଂପର୍କରେ ଯେଉଁ କଥାଟି ସର୍ବପ୍ରଥମେ ମୋ'ର ହୃଦୟଙ୍ଗମ ହେଇଥିଲା ତାହା ଥିଲା ଏଠାକାର ସଂପୂର୍ଣ୍ଣ ରୂପେ ପ୍ରଦୂଷଣ ମୁକ୍ତ ବାତାବରଣ - ବିଶେଷ କରି ଧ୍ୱନି ବା ଶବ୍ଦ ପ୍ରଦୂଷଣର ଅନୁପସ୍ଥିତି । ଚାରିପଟରେ ଶହଶହ ମଣିଷଙ୍କର ଭିଡ । ଏୟାରପୋର୍ଟର ଅସମ୍ଭବ କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ବି ଶବ୍ଦ ଶୁଣାଯାଉ ନଥିଲା କେଉଁଠି । ଯିଏ ବି କଥା କହୁଥିଲା, କହୁଥିଲା ଅତ୍ୟନ୍ତ ଧୀରସ୍ୱରରେ । ଅନ୍ୟକୁ ବିଚଳିତ ନକରି, ଏୟାରପୋର୍ଟର ଶାନ୍ତି ବା ନୀରବତା ଭଙ୍ଗ ନକରି ।

ଉଡାଜାହାଜରୁ ଓହ୍ଲାଇଥିବା ପରଠାରୁ, ଯାତ୍ରୀମାନଙ୍କୁ ଦିଗ୍‌ଦର୍ଶନ ଦେବା ପାଇଁ ଟ୍ରାଫିକ୍ ପୋଲିସ୍‌ଭଙ୍ଗୀରେ ଗୋଟିଏ ପଟକୁ ହସ୍ତ ପ୍ରସାରିତ କରି, ମୋଡ ଜାଗା ମାନଙ୍କରେ ବିମାନ ସେବାର କର୍ମଚାରୀଗଣ ଦଣ୍ଡାୟମାନ । ସେଇମାନଙ୍କର ହସ୍ତନିର୍ଦ୍ଦେଶମାନି କିଛି ବାଟ ଗଲେ, ଇମିଗ୍ରେସନ୍ କାଉଣ୍ଟର । ଇମିଗ୍ରେସନ୍ କାଉଣ୍ଟର ସାମ୍‌ନାରେ ଲମ୍ବା ଧାଡ଼ି । ସଭିଏଁ ଧାଡିବାନ୍ଧି ନୀରବରେ ଏବଂ ଶୃଙ୍ଖଳାବଦ୍ଧ ଭାବରେ ସେଠି ଅପେକ୍ଷାରତ - ଅପେକ୍ଷାରତ କେତେବେଳେ ନିଜର ପାଳି ପଡିବ । ବିବ୍ରତ ବା ଅଧୈର୍ଯ୍ୟ ହୋଇ ନିୟମଭଗ୍ନ କରି ଆଗକୁ ଯିବାର ପ୍ରଚେଷ୍ଟା କରୁଥିବା ଜଣେ ହେଲେ ବି ମଣିଷକୁ ଖୋଜି ପାଇଲିନି ।

ମନେ ପଡିଲା, କେବେ କେମିତି ଭୁବନେଶ୍ୱର ରେଲ୍‌ୱେ ଷ୍ଟେସନକୁ ଟିକେଟ୍ କାଟିବାକୁ ମୁଁ ଗଲେ, ବିନୟ ମୋ ସାଥିରେ ଯାଆନ୍ତି ପହରାଦାର୍ ହୋଇ । ମୁଁ ଧାଡ଼ିରେ

ଛିଡା ହୋଇ ଟିକେଟ୍ କାଟେ । ବିନୟ କିଞ୍ଚିତ୍ ଦୂରରେ ଠିଆହୋଇ, ଧାଡିଭାଙ୍ଗି କୌଶଳକ୍ରମେ ନିଜକାମଟି ଆଗତୁରା କରେଇ ନେବା ପାଇଁ ଆଗଭର ହେଉଥିବା ମଣିଷମାନଙ୍କ ଉପରେ ନଜର ରଖନ୍ତି । ତାଦୃଶ ମଣିଷଟିଏ ଦେଖିଲେ, ତାଙ୍କୁ ତାଙ୍କର ଅନୁଚିତ କାର୍ଯ୍ୟପ୍ରଣାଳୀ ସଂପର୍କରେ ସଚେତନ କରାଇ ଦିଅନ୍ତି ମଧ୍ୟ । କହିବା ବାହୁଲ୍ୟ, ସ୍ଥଳବିଶେଷରେ ଏଇ ନେଇ ଉଭୟ ପକ୍ଷ ମଧ୍ୟରେ କିଞ୍ଚିତ୍ ବାକ୍‌ଯୁଦ୍ଧ ମଧ୍ୟ ଚାଲିଥାଏ ।

ମୋ'ର ଭାବନାକୁ ପ୍ରତିହତ କରି ଏତିକିବେଳେ ଡାକ ପଡିଲା । ଇମିଗ୍ରେସନ୍ ଭିସା ଦେଉଥିବା ଅଫିସରଙ୍କ ଠାରୁ । ହାସ୍ୟମୁଖର କର୍ମଚାରୀ ଜଣକ ପଚାରିଲେ - ଆପଣ କେତେଦିନ ରହିବାକୁ ଚାହାନ୍ତି ଏଠି ?

ମୁଁ କହିଲି - ଟୁଇଷ୍ଟ ଭିସା ଛଅମାସ ପାଇଁ ଦିଆଯାଏ ବୋଲି ଶୁଣିଛି । ଯାହାହେଲେ ବି ଛଅମାସରୁ ବେଶୀ ଆମେ ଏଠି ରହିବୁ ବୋଲି ମୁଁ ଭାବିପାରୁନି ।

ଅଫିସର ଜଣକ ବିନା ବାକ୍ୟବ୍ୟୟରେ ଛଅମାସର ଭିସା ଦେଇ ତଥା ପାସ୍‌ପୋର୍ଟ ଇତ୍ୟାଦି ଯାଞ୍ଚ୍ କରି ବିଦାୟ ଦେଲେ ଆମକୁ । ନିଜର କର୍ତ୍ତବ୍ୟଟି କରିଥିଲେ ତତ୍ପରତାର ସହିତ । ସମଗ୍ର କାର୍ଯ୍ୟପ୍ରଣାଳୀ ଶେଷ ହେବାପାଇଁ ପାଞ୍ଚ ମିନିଟ୍ ଲାଗିଥିବ କି ନାହିଁ ସନ୍ଦେହ ।

ଏୟାରପୋର୍ଟ ବାହାରକୁ ଆସୁ ଆସୁ ବିନୟଙ୍କୁ କହିଲି 'ଯାହାହେଉ, କାମସବୁ ସୁରୁଖୁରୁରେ ହୋଇଗଲା ।' କଥାଟି କହି ଦେଇ ନିଜ ଶବ୍ଦରେ ନିଜେ ଅପଦସ୍ଥ ବୋଧ କଲି । ବାକ୍ୟଟି କହିଥିଲି ମୋର ନିଜସ୍ୱ ସ୍ୱାଭାବିକ ଉଚ୍ଚ ସ୍ୱରରେ । ସଭିଙ୍କର ସୁଧୀର ବାର୍ତ୍ତାଳାପ ଭିତରେ ନିଜ ସ୍ୱର ନିଜ କାନକୁ ଖଟ୍‌କା ଲାଗିଲା । ଆମେରିକା ଚଳଣି ସମ୍ପର୍କରେ ମୋର ପ୍ରଥମ ଖଡିପାଠ ସେଇଠି ହୋଇଗଲା - କଥା କହିବାକୁ ହେବ ଅନୁଚ୍ଚ ସ୍ୱରରେ ।

ଆମେରିକାନ ମାନଙ୍କର ନିୟମାନୁବର୍ତ୍ତିତାର ନମୁନା ଏକାଧିକବାର ପାଇଥିଲି ମୋ ରହିଣି କାଳ ଭିତରେ । ପ୍ରଶସ୍ତ, ମସୃଣ ରାଜରାସ୍ତା ଉପରେ ଏକାସାଥିରେ ଓ ତୀବ୍ରବେଗରେ ଗାଡ଼ି ଛୁଟି ଚାଲନ୍ତି ଏବଂ ଛୁଟି ଚାଲନ୍ତି ବିନା ଶବ୍ଦରେ । ଭୁଲ୍‌ରେ ବି ଥରଟିଏ କୌଣସି ଡ୍ରାଇଭରକୁ ହର୍ଣ୍ଣ ବଜାଇବାର ଶୁଣିନି । ବଜେଇବା ଦରକାର ମଧ୍ୟ ପଡ଼େନାହିଁ । କଡାକଡି ଭାବରେ ଟ୍ରାଫିକ୍ ନିୟମ ମାନି ସଭିଏଁ ଗାଡି ଚଲାନ୍ତି । ହର୍ଣ୍ଣ ବଜେଇବା ନିରର୍ଥକ ହୋଇପଡ଼େ ସେଠି । ସାରା ଦେଶରେ ଗାଡିଜନିତ ଶବ୍ଦ ପ୍ରଦୂଷଣ ଆଦୌ ନାହିଁ କହିଲେ ଚଳେ ।

ଆମେରିକାନ୍‌ମାନେ ଯେ ସରକାରୀ ଆଦେଶ ମାନିବାରେ କେତେ ପରିମାଣରେ ସଚେତନ, ତା'ର ପ୍ରମାଣ ପାଇଥିଲି ଅନ୍ୟ ଗୋଟିଏ ଛୋଟ ଘଟଣାରୁ ।





ରହୁଥିଲି ମିସିଗାନ୍ ପ୍ରଦେଶର ରାଜଧାନୀ ଇଷ୍ଟଲାନ୍ ସିଂ ନଗରୀରେ । ମୁଖ୍ୟ ରାସ୍ତାଗୁଡିକର ଦ୍ରୁତଗାମୀ ଗାଡି ଗୁଡିକରେ ଗତି କମାଇବା ପାଇଁ ମଝିରେ ମଝିରେ ରାସ୍ତା କଡରେ ଲେଖାହେଇଥାଏ - ଷ୍ଟପ୍, ଲୁକ୍ ଆଣ୍ଡ ଗୋ, ତଦ୍ରୂପ ସାଇନ୍‌ବୋର୍ଡ ଥିବା ସ୍ଥାନରେ ଗୋଟିଏ ମିନିଟ୍ ଗାଡିକୁ ସଂପୂର୍ଣ୍ଣରୂପେ ଅଟକାଇ, ପୁନର୍ବାର ଷ୍ଟାର୍ଟ କରି ଯିବାକୁ ପଡ଼େ ।

ଦିନେ ପ୍ରାୟ ରାତି ଦଶଟା ହେବ । ବିନୟ ଓ ମୁଁ ଏମ୍ତି ଚାଲି ଚାଲି ଘରପାଖ ରାଜରାସ୍ତା ପର୍ଯ୍ୟନ୍ତ ଆସିଚୁ । ସାମ୍‌ନାରେ ସେଇ ଷ୍ଟପ୍ ଚିହ୍ନ । ଦେଖିଲୁ ଦୂରରୁ ଗାଡିଟିଏ ଆସୁଛି । ନିର୍ଜନ ରାତି, ଚତୁର୍ଦ୍ଦିଗ ଜନମାନବ ଶୂନ୍ୟ । ରାସ୍ତା ମଧ୍ୟ ପୂରା ଫାଙ୍କା । ଆଖପାଖରେ ଦ୍ୱିତୀୟ ଗାଡିର ଚିହ୍ନବର୍ଣ୍ଣ ନାହିଁ । ମୁଁ ଭାବିଲି ଏଇ ନିରୋଳା ରାଜପଥରେ ଗାଡିଟି ନ ଅଟକି ସିଧା ଚାଲିଯିବ ନିଶ୍ଚୟ । କିନ୍ତୁ ମୋର କଳନାକୁ ଭୁଲ୍ ପ୍ରମାଣ କରି ଗାଡିଟି ଆସି ନିର୍ଦ୍ଦିଷ୍ଟ ସ୍ଥାନରେ ଅଟକିଲା । ମିନିଟ୍‌କ ପରେ ପୁନର୍ବାର ଷ୍ଟାର୍ଟ କରି ଅଗ୍ରସର ହେଲା ଆଗକୁ । ମନେ ପଡିଲା - ମୋ' ଦେଶରେ, ଟ୍ରାଫିକ୍ ନିୟମକୁ ସମ୍ମାନ ନକରୁଥିବା ଏବଂ ଲାଲ୍‌ବତୀକୁ ଅମାନ୍ୟ କରି ରାସ୍ତା ଡେଇଁ ପଳାଉଥିବା ଗାଡିଚାଳକମାନଙ୍କର ସଂଖ୍ୟା କିଛି କମ୍ ନୁହେଁ ।

ଆମେରିକାର ନିୟମାନୁବର୍ତ୍ତିତା ତଥା ଅବିଦ୍ୟମାନ ଶବ୍ଦ ପ୍ରଦୂଷଣ ବ୍ୟତୀତ ଅନ୍ୟ ଯେଉଁ କଥାଟି ମତେ ମୁଗ୍ଧ କରିଥିଲା, ତାହା ହେଲା ଏଠାର ପରିଚ୍ଛନ୍ନ ପରିବେଶ ତଥା ବାତାବରଣର ଆବର୍ଜନା ବହୁତ ଦୂରର କଥା, ସାଧାରଣ ଜରିଟିଏ କିମ୍ବା କାଗଜଟିଏ ମଧ୍ୟ ଭୁଲ୍‌ରେ କେହି ରାସ୍ତାକଡରେ ପକାନ୍ତିନି । ଚତୁର୍ଦ୍ଦିଗ ନିର୍ମଳ ଓ ମସୀହୀନ । ଚକ୍‌ଚକ୍ । ସତେ ଅବା ଏବେ ଏବେ କିଏ ରାସ୍ତାଘାଟ ଓଳାପୋଛା କରି ପାଣିକନାରେ ପୋଛି ଦେଇ ଯାଇଛି । ପରିଚ୍ଛନ୍ନତାର ଏ ଅଭ୍ୟାସଟି ନାଗରିକମାନଙ୍କର ଜିନ୍‌ରେ ସତେ ଅବା ମିଶିଯାଇଛି । ଚେଷ୍ଟା କଲେ ବି ଏହାର ବିପରୀତଧର୍ମୀ କାର୍ଯ୍ୟ ସେମାନେ କରିପାରିବେନି । ଆମେରିକା ନିବାସୀ ମୋର ସାନ ସାନ ପୌତ୍ରପୌତ୍ରୀ ଯୋଡିକ ଏବେ ଭୁବନେଶ୍ୱର ଆସିଥିଲେ । ବିନୟଙ୍କ ସାଥିରେ ଦିହେଁ ସଂଜବେଳେ ବଜାର ଯାଇ ଆଇସ୍‌କ୍ରିମ୍ ଖାଆନ୍ତି ଏବଂ ଖାଇଥିବା ଚକୋବାର୍‌ର ଖୋଳ ଦୁଇଟି ରାସ୍ତା କଡରେ ନପକାଇ ପକେଟ୍‌ରେ ପୂରାଇ ବୋହି ବୋହି ନେଇ ଆସନ୍ତି ଘରକୁ ଡଷ୍ଟବିନ୍‌ରେ ଫିଙ୍ଗିବା ପାଇଁ ।

ଆମେରିକାରେ, ଇଷ୍ଟ ଲାନ୍‌ସିଂରେ ମୁଁ ରହୁଥିବା ଘରପଛପଟେ ଲତାମାଳଞ୍ଚ ସୁଶୋଭିତ ପାର୍କଟିଏ ଥିଲା । ଅନେକ ଲୋକ ସ୍ୱ ସ୍ୱ ସାରମେୟ ଶାବକମାନଙ୍କୁ ଅପରାହ୍ଣରେ ବୁଲେଇ ଆଣନ୍ତି ସେ ପାର୍କକୁ । ସଭିଙ୍କ ହାତରେ ପ୍ଲାଷ୍ଟିକ୍ ତିଆରି ମଇଳା ଉଠାଇଲା ଭଳି କୋଡିଟିଏ ଏବଂ ଘୋଡ଼ଣିଲଗା ପ୍ଲାଷ୍ଟିକ୍ ବାଲ୍‌ଟିମାନ । ଦୈବାତ୍ କୌଣସି ପାଳିତ ପଶୁଶାବକ

ଆବର୍ଜନା ତ୍ୟାଗ କଲେ, ତାହା ତତ୍‌କ୍ଷଣାତ୍ ମାଟିରୁ ଉଠାଇ ସେ ସ୍ଥାନ ପରିଷ୍କାର କରିବା ଥିଲା ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ । ଭୁବନେଶ୍ୱରରେ କିନ୍ତୁ ପାଖ କଲୋନୀର ଭଦ୍ରବ୍ୟକ୍ତିମାନେ ସେମାନଙ୍କର ଲୁହାଶିକୁଳିରେ ବନ୍ଧା ଲାବ୍ରାଡର ଓ ଆଲ୍‌ସେସିୟାନ୍ ମାନଙ୍କୁ ପରମସ୍ନେହରେ ପ୍ରାତଃଭ୍ରମଣ କରାଇବା ବାହାନାରେ ଆଣି, ଆମ ଘର ଓ ଗେଟ୍ ସାମନାରେ ସେମାନଙ୍କର ନିତ୍ୟକର୍ମ କରାଇଯାଆନ୍ତି । ଆମ ସାମ୍‌ନା ପାଚିରୀର ରାସ୍ତା ପଟକୁ ଥିବା କଡଟି ରୀତିମତ ଶୌଚାଳୟରେ ପରିଣତ ହେଇଛି । ଗେଟ୍ ଖୋଲି ବାହାରକୁ ବାହାରିଲେ, ଧାଡିବାନ୍ଧି ଲୋକମାନେ ସୁଲଭ ଶୌଚାଳୟର ସୁବିଧା ଉପଭୋଗ କରୁଥିବାର ନଜରରେ ପଡେ । ଏହା ଅବଶ୍ୟ କେବଳ ମୋ' ଘର ପାଇଁ ନୁହେଁ, ଯେ କୌଣସି ଘର ବା ସ୍ଥାନ ପାଇଁ ପ୍ରଯୁଜ୍ୟ । ଏଇ ପରିପ୍ରେକ୍ଷୀରେ ମନେପଡେ - ଥରଟିଏ ଲାନ୍‌ସିଂରୁ ଡେଟ୍ରଏଟ୍ ଯିବା ରାସ୍ତାରେ, ପ୍ରାୟ ଅଧାଅଧି ବାଟରେ କେତୋଟି ଘର ଦେଖାଇଦେଇ ପୁତ୍ର ବବି କହିଥିଲା - ଯେଉଁମାନଙ୍କୁ ଟୟଲେଟ୍ ଯିବାର ଅଛି, ଏଇଠି ଯାଇପାର । ଏ ଜାଗା ଛାଡିଲେ, ଡେଟ୍ରଏଟ୍ ପର୍ଯ୍ୟନ୍ତ ଆଉ ସୁବିଧା ପାଇବନି ।

ଆମେରିକାନ୍‌ମାନଙ୍କର ଜୀବନଚର୍ଯ୍ୟା ସଂପର୍କରେ ମତେ ସବୁଠୁ ବେଶୀ ଭଲ ଲାଗିଥିଲା ସେମାନଙ୍କର ସ୍ୱେଚ୍ଛାସେବୀଭାବରେ କାର୍ଯ୍ୟ କରିବାର ପ୍ରବଣତା । ବିନୟଙ୍କୁ ହସ୍‌ପିଟାଲ୍‌ର ଦଶମହଲା ଉପରୁ ଗାଡି ପର୍ଯ୍ୟନ୍ତ ହୁଇଲ୍‌ଚେୟାର୍‌ରେ ବସାଇ ଆଣିବାର ଦାୟିତ୍ୱ ବହନ କରିଥିଲା ବିନାପାରିଶ୍ରମିକରେ ଖାଲି ସମୟରେ ସ୍ୱେଚ୍ଛାସେବୀ ଭାବରେ କାମ କରୁଥିବା ମିଷ୍ଟଭାଷିଣୀ, ସୁକୁମାରୀ କଲେଜଛାତ୍ରୀଟି । ଆମେ ସେଠାରେ ଥିବା ସମୟରେ ଆମେରିକାର ଲୋକନୃତ୍ୟ ଉତ୍ସବ ପାଳିତ ହୋଇଥିଲା ଲାନ୍‌ସିଂ ନଗରୀରେ । ଉତ୍ସବ ସାମ୍‌ନାରେ ଅଗଣତି ଗାଡିଙ୍କୁ ଯଥାସ୍ଥାନରେ ପାର୍କ କରାଇବା ଲାଗି ଟ୍ରାଫିକ୍ ପୋଲିସ୍‌ର ସଙ୍କେତ ଦେଇ ସ୍ୱତଃପ୍ରବୃତ୍ତ ହେଇ କାମ କରୁଥିଲେ ପୌଢ ଓ ବୟସ୍କ ଭଦ୍ରବ୍ୟକ୍ତିମାନେ । ପୌତ୍ର ସୋହମ୍‌ର ସ୍କୁଲ୍‌ରେ ହୋଇଥିବା ଆଇସ୍‌କ୍ରିମ୍ ପାର୍ଟିପରେ, ସ୍ୱେଚ୍ଛାସେବୀ ଦଳ - ମୁଖ୍ୟତଃ ଛାତ୍ରଛାତ୍ରୀମାନଙ୍କର ପିତାମାତା - ପିଲାମାନେ ଇତସ୍ତତଃ ଫିଙ୍ଗିଥିବା ଥର୍ମୋକଲ୍‌ର ଗ୍ଲାସ୍, ପ୍ଲେଟ୍ ଏବଂ ଚାମଚ ଇତ୍ୟାଦି ଉଠାଇ ସ୍ଥାନଟିକୁ ନିର୍ମଳ କରୁଥିବାର ଦୃଶ୍ୟଟି ଦେଖିଥିଲି ।

ଦିନଟିଏ ବଜାରରୁ ଫେରିଲାବେଳକୁ କମଳାରଂଗର ଜାକେଟ୍ ପିନ୍ଧା ଅନେକ ଭଦ୍ରବ୍ୟକ୍ତି ଓ ଭଦ୍ରମହିଳାଙ୍କୁ ସାନ ସାନ ସ୍କୁଲପିଲାଙ୍କୁ ହାତଧରି ରାସ୍ତା ପାର୍ କରାଉଥିବାର ଦୃଶ୍ୟଟି ଦେଖିଥିଲି ସେମାନଙ୍କ ହାତରେ 'ଷ୍ଟପ୍' ଲେଖାଥିବା ପ୍ଲାଷ୍ଟିକ୍ ଫଳକ । ସେ ଫଳକଟି ଦେଖାଇଦେଲେ ରାସ୍ତାର ଉଭୟ ପାଖରୁ ଆସୁଥିବା ଏକାଧିକ ଗାଡି ବିନା ପ୍ରତିବାଦରେ ବନ୍ଦ





ହେଇ ଯାଉଥିଲେ । ଚାଲିବାକୁ ଆରମ୍ଭ କରୁଥିଲେ ପିଲାମାନେ ସଭିଏଁ ରାସ୍ତା ଅତିକ୍ରମ କରିସାରିଲେ ।

ପରେ ପୁତ୍ର ବବିକୁ ପଚାରି ବୁଝିଥିଲି - ସେମାନେ ସବୁ ସେଇ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କର ପିତାମାତା । ସ୍ୱେଚ୍ଛାସେବୀ ହିସାବରେ କାର୍ଯ୍ୟଟି ଗ୍ରହଣ କରିଛନ୍ତି । ଠିକ୍ ସ୍କୁଲ୍ ଛୁଟିବେଳକୁ, ଛକଜାଗା ମାନଙ୍କରେ ଠିଆ ହୋଇ ସାନ ସାନ ପିଲାମାନଙ୍କର ନିରାପତ୍ତା ପ୍ରତି ଦୃଷ୍ଟି ଦିଅନ୍ତି । ଲୋକମାନେ ପରସ୍ପର ଭିତରେ କାମଟି ବାଣ୍ଟିନିଅନ୍ତି । ଏ ସପ୍ତାହରେ ଯଦି ଗୋଟିଏ କଲୋନୀର ବାସିନ୍ଦା କାର୍ଯ୍ୟଭାର ସମ୍ଭାଳନ୍ତି, ପର ସପ୍ତାହରେ ଅନ୍ୟ ଏକ କଲୋନୀର ବାସିନ୍ଦା ସେ ଦାୟିତ୍ୱଟି ବହନ କରନ୍ତି ଖୁସି ମନରେ । ଭାରତବର୍ଷରେ, ଏଇ ଧରଣର ସାହାଯ୍ୟକାରୀ ମନୋବୃତ୍ତି କେତେଜଣଙ୍କର ଅଛି ମୁଁ ଜାଣେନା । ତେବେ ଏତିକି ଜାଣେ, ନିୟମିତ ଭାବରେ ଏଇସବୁ କାମ କରିବାକୁ ମୁଁ ନିଜେ ପଛଘୁଞ୍ଚା ଦେବି ନିଶ୍ଚୟ ।

ଆଜିକାଲି ଡାକ୍ତରମାନେ ରୋଗୀମାନଙ୍କ ପ୍ରତି ପ୍ରଦର୍ଶନ କରୁଥିବା ଔଦାସୀନ୍ୟ ଓ ଉପେକ୍ଷାର କାହାଣୀ ଅନେକ ସମୟରେ ଖବରକାଗଜରେ ପଢେ । ସରକାରୀ ଡାକ୍ତରଖାନା ମାନଙ୍କରେ ଅତ୍ୟନ୍ତ ଦୟନୀୟ ଭାବରେ ବିନା ବେଡ୍‌ରେ, ବାରଣ୍ଡାରେ ପଡିରହିଥିବା ମୁମୂର୍ଷୁ ରୋଗୀ ମଧ୍ୟ ଦେଖିଛି । ଏହା ତୁଳନାରେ, ଆମେରିକାର ସ୍ୱାସ୍ଥ୍ୟସେବା ଯେ ରୋଗୀମାନଙ୍କର ଚିକିତ୍ସା ସମ୍ବନ୍ଧରେ କେତେ ବେଶୀ ତତ୍ପର ଓ ଦାୟିତ୍ୱବାନ୍, ତା'ର ନଜିର ଥରଟିଏ ପାଇଥିଲି ।

ଆମେ ଆମେରିକାରେ ଥିବା ସମୟରେ, ଅଚାନକ ବିନୟ ବେଶ୍ ଭୟଙ୍କର ଭାବରେ ଅସୁସ୍ଥ ହୋଇପଡିଥିଲେ । ଦୀର୍ଘସମୟ ଧରି ରହିବାକୁ ହୋଇଥିଲା ଆଇ.ସି.ୟୁରେ । ଘରେ ବବିକୁ ଟିକେନ୍‌ପକ୍ସ, ତେଣୁ ବିନୟଙ୍କୁ ଜଗି ହସ୍‌ପିଟାଲ୍‌ରେ ମୁଁ ରହୁଥିଲି ।

ମୋ'ର ସେଇ ରହିବା ସମୟ ଭିତରେ ଦିନଟିଏ ମୁଁ ବି ଅସୁସ୍ଥ ହେଇ ପଡିଲି । ମୁଣ୍ଡବୁଲାଇ ବାନ୍ତି ହେବାକୁ ଲାଗିଲା । ଦୌଡି ଚାଲିଗଲି ଆଇ.ସି.ୟୁ ବିଶ୍ରାମାଗାର ସଂଲଗ୍ନ ଟୟଲେଟ୍‌କୁ । କିନ୍ତୁ ସେ ବମନପ୍ରକ୍ରିୟା ବନ୍ଦ୍ ହେଲାନି । ଲାଗିଲା ଯେମିତି ପାକସ୍ଥଳୀ ଓ ଅନ୍ତନାଡି ଇତ୍ୟାଦି ବାହାରି ଆସିବ ପେଟ ଭିତରୁ । ମୋର ଏତାଦୃଶ ଅବସ୍ଥା ଦେଖି, ସେଠାରେ ଅପେକ୍ଷାରତ କେତେକ ଆମେରିକାନ୍ ଭଦ୍ରବ୍ୟକ୍ତି ଓ ଭଦ୍ରମହିଳା କେଜାଣି କେଉଁ ଯାଦୁବିଦ୍ୟା ବଳରେ ହୁଇଲ୍ ଚେୟାରଟିଏ ଯୋଗାଡ କରି ମତେ ଠେଲି ଠେଲି ନେଇଗଲେ ତଳମହଲାରେ ଥିବା ଏମର୍ଜେନ୍‌ସି ବିଭାଗକୁ । ପେଟ ଭିତରୁ ଉଦ୍‌ଗତ ବିଷାକ୍ତ ଖାଦ୍ୟପଦାର୍ଥ ଧରି ରଖିବା ପାଇଁ ହାତରେ ଧରାଇଦେଲେ ବଡ ନୀଳ ପ୍ଲାଷ୍ଟିକର ତସଲାଟି ।

ଏମର୍ଜେନ୍‌ସି ବିଭାଗର ନର୍ସ ମୋର ନାମ, ଠିକଣା, ହେଲ୍‌ଥ ଇନ୍‌ସୁରାନ୍‌ସ୍ ନମ୍ବର ଇତ୍ୟାଦି ଲେଖି ଫର୍ମପୂରଣ କଲେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରି ମତ ଦେଲେ - ଆମେ ଆପଣଙ୍କୁ ଏଇ ମୁହୂର୍ତ୍ତରେ ହସ୍‌ପିଟାଲ୍‌ରେ ଆଡ୍‌ମିଟ୍ କରିଦେଉଛୁ । ଆପଣଙ୍କ ଅବସ୍ଥା ଭଲ ନୁହେଁ, ପେଜର୍‌ରେ ଆମେ ଡାକ୍ତରଙ୍କୁ ଖବର ଦେଇଚୁ । ସିଏ ଏବେ ଆସି ପହଞ୍ଚିବେ ଆପଣଙ୍କୁ ଦେଖିବା ପାଇଁ ।

ମୁଁ ବିବ୍ରତ ହୋଇ ଚିତ୍କାର କରି ଉଠିଲି - ନା, ନା, ମତେ ଆଡ୍‌ମିଟ କରନ୍ତୁନି । ମୋ' ସ୍ୱାମୀ ସଙ୍କଟପୂର୍ଣ୍ଣ ଅବସ୍ଥାରେ ଆଇ.ସି.ୟୁରେ ପଡିଛନ୍ତି । ମୋ'ର ପୁତ୍ରକୁ ଚିକେନ୍‌ପକ୍ସ । ହସ୍‌ପିଟାଲ୍‌କୁ ଆସିପାରିବନି । ମୁଁ ଏଠି ରହିଲେ ମୋ ସ୍ୱାମୀଙ୍କ କଥା ବୁଝିବ କିଏ ?

ମୋ ହୁଇଲ୍‌ଚେୟାରଟି ମୋ' ପାଇଁ ଉଦ୍ଦିଷ୍ଟ ବେଡ୍‌ପାଖରେ ରଖି ନର୍ସଜଣକ ଉତ୍ତର ଦେଲେ - କିନ୍ତୁ ଆପଣଙ୍କ କେସ୍ ହିଷ୍ଟ୍ରି ଓ ନାଁ କମ୍ପ୍ୟୁଟରରେ ଉଠିଗଲାଣି । ଏଇ ଅବସ୍ଥାରେ ଆପଣଙ୍କୁ ବିନା ଚିକିତ୍ସାରେ ଛାଡିଦେବା ଆମ ପାଇଁ ଦୋଷାବହ । ହସ୍‌ପିଟାଲ୍‌ର ନିୟମ ବିରୁଦ୍ଧ । ଆପଣଙ୍କୁ କମ୍ ସେ କମ୍ ଦୁଇ ତିନିଦିନ ତ ରହିବାକୁ ପଡିବ ଏଠି । ଆପଣ କେବଳ ଡିସ୍‌ଚାର୍ଜ ରିପୋର୍ଟ ପାଇଲେ ଏଠା ଛାଡ଼ି ଯାଇପାରିବେ । ଅନ୍ୟଥା ନୁହେଁ ।

ଘଟଣାପ୍ରବାହଟି ଏତାଦୃଶ ମୋଡ ନେବାର ଦେଖି ମୁଁ ବେଶ୍ ବିଚଳିତ ହୋଇପଡିଲି । ବିକଳ ସ୍ୱରରେ କହିଲି - ମତେ ଦୟାକରି କାଗଜ, କଲମ ଦିଅନ୍ତୁ । ମୁଁ ନିଜେ ଦସ୍ତଖତ କରି ଲେଖି ଦେଉଛି ଯେ ମୋ'ର ପାରିବାରିକ ସମସ୍ୟାଯୋଗୁ ମୁଁ ହସ୍‌ପିଟାଲ୍‌ରେ ରହିବାରେ ଅସମର୍ଥ । ତାହେଲେ ବୋଧହୁଏ ଆପଣଙ୍କର ଆଉ କିଛି ଅସୁବିଧା ବା ନିୟମଭଙ୍ଗ ହେବନି ।

ନର୍ସ ମହୋଦୟା ପ୍ରଥମେ ନାମଙ୍ଗ ହୋଇଥିଲେ ସୁଦ୍ଧା, ମୋ'ର ମାନସିକ ଅବସ୍ଥା ଦେଖି ହୁଏତ ଶେଷପର୍ଯ୍ୟନ୍ତ ତାଙ୍କ ମନରେ କିଞ୍ଚିତ୍ କରୁଣାର ଉଦ୍ରେକ ହୋଇଥିଲା ଏବଂ ମୋ'ଠାରୁ ଲିଖିତ ଅର୍ଜିଟିଏ ରଖି ମତେ ପୁନର୍ବାର ଆଣି ମୋ ପୂର୍ବସ୍ଥାନରେ ପହଞ୍ଚାଇ ଯାଇଥିଲେ ।

ଦୁଇ ତିନିଦିନ ପରେ ହସ୍‌ପିଟାଲ୍‌ର ଏମର୍ଜେନ୍‌ସି ବିଭାଗରୁ ଚିଠିଟିଏ ପାଇଥିଲି ।

ପ୍ରିୟ କାନନ,

ଗତ ଆଠ ତାରିଖ ଦିନ ତୁମେ ହସ୍‌ପିଟାଲ୍‌ର ଏମର୍ଜେନ୍‌ସି ବିଭାଗକୁ ଆସିଥିଲ । ତୁମେ ଅବଶ୍ୟ ଡାକ୍ତରଙ୍କ ସହିତ ଭେଟ ହେବା ପର୍ଯ୍ୟନ୍ତ ରହିଲନି । ଯା' ଭିତରେ





କୌଣସିଠାରେ ସ୍ୱାସ୍ଥ୍ୟ ପରୀକ୍ଷା କରେଇଚ କି ? କୌଣସି ପ୍ରକାର ଶାରୀରିକ କଷ୍ଟ ଏବେ ତୁମେ ଅନୁଭବ କରୁଚ କି ?

ତୁମର ବର୍ତ୍ତମାନର ଯାହା ଅବସ୍ଥା, ସେଥିରେ ଡାକ୍ତରୀ ମତାମତ ନେବା ନିହାତି ଦରକାର । ତୁମେ ତୁମ ପରିବାରର ଡାକ୍ତରଙ୍କୁ ଦେଖେଇପାର କିମ୍ବା ଆମ ହସ୍‌ପିଟାଲ୍‌କୁ ଯେତେବେଳେ ବି ଦରକାର ଆସି ଚିକିତ୍ସିତ ହେଇପାର ।

ତୁମର ଯଦି କେହି ଚିହ୍ନା ଡାକ୍ତର ନାହାନ୍ତି, ଆମକୁ ଜଣାଇଲେ ଆମେ ତୁମ ପରିବାର ପାଇଁ ଡାକ୍ତର ଠିକ୍ କରିଦେବୁ । ଦରକାର ହେଲେ ଆମର ଏମର୍ଜେନ୍‌ସି ବିଭାଗର କେସ୍ ମ୍ୟାନେଜରଙ୍କ ସହିତ ଏ ସଂପର୍କରେ ଟେଲିଫୋନ୍‌ରେ କଥା ହୋଇପାର ।

ଆମ ହସ୍‌ପିଟାଲ୍‌ଟିକୁ ପସନ୍ଦ କରି, ଚିକିତ୍ସା ପାଇଁ ଏଠାକୁ ଆସିଥିବାରୁ ଧନ୍ୟବାଦ ।

ଚିଠିଟି ପାଇ ଆଶ୍ଚର୍ଯ୍ୟ ହେଇଥିଲି । ଗୋଟିଏ ନାମଜାଦା ହସ୍‌ପିଟାଲ୍ ଯେ ଏକ ଅନାମଧେୟ ରୋଗୀର ଉପଯୁକ୍ତ ଚିକିତ୍ସା ଲାଗି ଏତେ ବେଶୀ ପରିମାଣରେ ଉଦ୍‌ବିଗ୍ନ ଓ ଯତ୍ନଶୀଳ ହୋଇପାରେ, ତାହାରି ନିଦର୍ଶନ ଥିଲା ଚିଠିଟି । ଏଯାବତ୍ ସାଇତି ରଖିଛି ।

ଆମେରିକା ଯିବା ପୂର୍ବରୁ କେଜାଣି କାହିଁକି ମନରେ ବସା ବାନ୍ଧି ରହିଥିଲା ଯେ ଆମେରୀକୀୟ ପରିବାର ତୁଳନାରେ ଭାରତୀୟ ପରିବାରର ସଂଯୋଗକାରୀ ଶକ୍ତି ଅଧିକ । ପିତାମାତାମାନେ ଅତ୍ୟନ୍ତ ନିବିଡ ଭାବରେ ଏଠି ସନ୍ତାନସନ୍ତତିଙ୍କ ସହିତ ସ୍ନେହଡୋରରେ ବନ୍ଧା । ଧାରଣାଟି ଯେ ମୋ'ର ଭ୍ରାନ୍ତ, ତାହା ସେ ଦେଶକୁ ଗଲାପରେ ବୁଝିଥିଲି ।

ଥରଟିଏ ପୌତ୍ରୀ ଶ୍ରେୟାର, ମାସିକିଆ ସ୍ୱାସ୍ଥ୍ୟପରୀକ୍ଷା ପାଇଁ ଡାକ୍ତରଙ୍କ କ୍ଲିନିକ୍‌କୁ ଯାଇଥିଲୁ । ବିଶ୍ରାମାଗାରରେ ସ୍ୱ ସ୍ୱ ଶିଶୁପୁତ୍ର କନ୍ୟାମାନଙ୍କୁ ନେଇ ଅପେକ୍ଷମାଣ ମାତାପିତାମାନେ । ତନ୍ମଧ୍ୟରୁ ମୋ' ପାଖରେ ବସିଥିବା ଚାରିପାଞ୍ଚବର୍ଷର ଝିଅଟି ତା' ହାତରେ ଧରିଥିବା ଗପବହିଟି କାଢ଼ି ଓ ତାହା ମାଆଙ୍କ ହାତକୁ ବଢେଇ ଦେଇ ଅଳିକଲା ତହିଁରୁ ଗପପଢି ତାହାକୁ ଶୁଣାଇବା ପାଇଁ । ଭଦ୍ର ମହିଳାଜଣକ ବିନାବାକ୍ୟରେ, ଲାଉଞ୍ଜର ଅପେକ୍ଷାକୃତ ନିର୍ଜନ ସ୍ଥାନକୁ ଚାଲି ଯାଇ ତହିଁରୁ ପୂରା ଗପଟି ପଢି ତାହାକୁ ଶୁଣାଇଥିଲେ । ମଝିରେ ମଝିରେ ଝିଅଟି ବୁଝି ନପାରିଲେ ତାହାକୁ ଅତ୍ୟନ୍ତ ଧୈର୍ଯ୍ୟଶୀଳ ଭାବରେ କାହାଣୀଟି ବୁଝାଉଥିଲେ ମଧ୍ୟ । ମୁଁ ଭାବିଲି - ମୋ ପୁତ୍ରଟି ଶିଶୁ ଥିଲାବେଳେ, ଏଇଭଳି ପରିସ୍ଥିତିରେ ଯଦି ଏତାଦୃଶ ଅନୁରୋଧଟିଏ କରିଥାଆନ୍ତା ମୁଁ ନିଶ୍ଚିତ ରୂପେ ତା'କଥା ଶୁଣିନଥାନ୍ତି ।

ପରନ୍ତୁ ବିରକ୍ତ ହେଇ କହିଥାଆନ୍ତି - ପାଟି ନକରିକି ଚୁପ୍ ହେଇ ବସ୍ । ଇଏ କଅଣ ଗପ କହିବା ଜାଗା ?

ପରିବାରରେ ପରସ୍ପର ମଧ୍ୟରେ ଥିବା ସୌହାର୍ଦ୍ଦ୍ୟର ନମୁନା ମଧ୍ୟ ପାଇଥିଲି ଅନ୍ୟ ଏକ ଘଟଣାରୁ । ଅସୁସ୍ଥ ବିନୟ ହସ୍ପିଟାଲ୍‌ରେ ଥିଲାବେଳେ ତାଙ୍କୁ ଜଗି ରହୁଥିଲି ମୁଁ । ସେଠି ସେତିକିବେଳେ ଭେଟ ହୋଇଥିଲା ଭଦ୍ରବ୍ୟକ୍ତିଙ୍କ ସହିତ । ତାଙ୍କ ପିତାଙ୍କର ବାଇପାସ୍ ସର୍ଜରୀ ହେଇଥିଲା । ସାରାଦିନ ଆସି ବସିରହୁଥିଲେ ଲାଉଞ୍ଜ୍‌ରେ - ଦିନେ ଦେଖିଲି - ଗୋଟିଏ ସାନପ୍ରାମ୍ କ୍ଷୀରବୋତଲ, ଡାଇପର ପ୍ୟାକେଟ୍ ଏବଂ ତଉଲିଆ ଇତ୍ୟାଦି ଗୋଟିଏ ଶିଶୁର ଆନୁସଙ୍ଗିକ ଜିନିଷ ପତ୍ର ସହିତ ଆସି ପହଞ୍ଚିଲେ ବିଶ୍ରାମକକ୍ଷରେ । କୋଳରେ ଆଠଦଶମାସର କୌତୁକିଆ ସୁସ୍ଥସବଳ ଛୁଆଟିଏ ଧରି । ଶିଶୁଟି ଥିଲା ଚଞ୍ଚଳ । ଗୁରୁଣ୍ଡି ଗୁରୁଣ୍ଡି ଲାଉଞ୍ଜଟପି କରିଡୋରକୁ ପଳାଉଥିଲା ବାରମ୍ବାର । ଭଦ୍ରବ୍ୟକ୍ତି ସାରାଦିନ ଦୌଡ଼ି ଲାଗିଥିଲେ ତା' ପଛରେ, ଶିଶୁଟିକୁ କ୍ଷୀର ପିଆଇବା, ତା'ର ଡାଇପର ଓ ପୋଷାକ ବଦଳାଇବା ତା' ଦେହରେ ପାଉଡର ଛିଞ୍ଚିବା - ସବୁ କାମ କରି ଚାଲିଥିଲେ ଧୈର୍ଯ୍ୟଶୀଳ ଭାବରେ ଏବଂ ନିପୁଣତାର ସହିତ ।

ପଚାରିଲି - ଶିଶୁଟିଏ କିଏ ?

ଭଦ୍ରବ୍ୟକ୍ତି କହିଲେ - ମୋ ନାତି । ଝିଅଜୋଇଁ ଦିହେଁ ଚାକିରି କରନ୍ତି । ଝିଅର ଶାଶୁଶ୍ୱଶୁର ରହନ୍ତି ଦୂର ସହରରେ । ବିଗତ ବର୍ଷ ମୋ ସ୍ତ୍ରୀଙ୍କର ମୃତ୍ୟୁ ଘଟିଛି । ଘରେ ମୁଁ ଏକା । ଯେହେତୁ ମୋ ଝିଅ କାର୍ଯ୍ୟରତା, ଆମ କୁଟୁମ୍ବର ପାଞ୍ଚଜଣ ସଦସ୍ୟ ଭାଗ ଭାଗ କରି ତା' ପୁତ୍ର ପାଇଁ ବେବୀସିଟିଙ୍ଗ୍ କରୁ । ମୋ' ଭାଗରେ ପଡ଼ିଛି ଶୁକ୍ରବାର । ଆଜି ଶୁକ୍ରବାର ତ ! ତାକୁ ନେଇ ଆସିଛି ସାଥିରେ ।

- ବାଃ ! ଚମତ୍କାର ବ୍ୟବସ୍ଥା ପ୍ରଣାଳୀତ ! ମୁଁ କହିଲି ।

ଆମେରିକାନ୍ ମାନଙ୍କର ଜୀବନଚର୍ଯ୍ୟାର ଶୈଳୀ ଓ ପଦ୍ଧତି ସହିତ ଭଲ ଭାବରେ ପରିଚିତ ହେଉ ହେଉ ଡକରା ଆସିଲା ଫେରନ୍ତା ଯାତ୍ରାର । ଆମେରିକା ମାଟିରୁ ଏଥରକ ବିଦାୟ ନେବାର ପାଳି । ବୋଷ୍ଟନ୍‌ରୁ ଆମ୍‌ଷ୍ଟରଡାମ୍ ଓ ଆମ୍‌ଷ୍ଟରଡାମ୍‌ରୁ କଲିକତା ।

କେ.ଏଲ୍.ଏମ୍. ଫ୍ଲାଇଟ୍‌ଟି କଲିକତା ପହଞ୍ଚିଲା ଠିକ୍ ମଧ୍ୟରାତ୍ରିରେ । ଆମେରିକାର ବିଦ୍ୟୁତ୍ ଝଲମଲ୍ ଏୟାରପୋର୍ଟ ଗୁଡ଼ିକ ତୁଳନାରେ କଲିକତା ଏୟାରପୋର୍ଟଟି ମନେହେଲା





ଦୀନ ଓ ମଳିନ । ଦୀପପରି ଟିମ୍‌ଟିମ୍ ମନେହେଲା ଜଳୁଥିବା କତିପୟ ବିଜୁଳିବତୀ । ପ୍ଲେନ୍‌ଟି ରହିଲା ବେଶ୍ ଦୂରରେ । ଚାଲି ଚାଲି ଆସିଲୁ ମୁଖ୍ୟ କାର୍ଯ୍ୟାଳୟକୁ । ସ୍ୱାଭାବିକ୍ ଭାବରେ ଚତୁର୍ଦ୍ଦିଗରେ ଭିଡ଼, ହଟଗୋଳ ଓ ବିଶୃଙ୍ଖଳା । ପାସ୍‌ପୋର୍ଟ ଓ ଭିସା ଯାଞ୍ଚ କରୁଥିବା କର୍ମଚାରୀ ଜଣକଙ୍କ ମୁହଁରେ କ୍ଳାନ୍ତି, ଅବସାଦ ଓ ବିରକ୍ତିର ପ୍ରଲେପ ।

ବାହାରକୁ ଆସିଲୁ । ଆଖିରେ ପଡ଼ିଲା ଭଙ୍ଗାସଡ଼କ, ରୁଗ୍‌ଣ କୋଠା ଓ ଧୂଳି ଧୂସରିଆ ସହର । ଚାରିପଟେ ନର୍ଦ୍ଦମା ଓ ଆବର୍ଜନାର ମୃଦୁ ପଚାଗନ୍ଧ । ବିବର୍ଣ୍ଣ କେତୋଟି ଟାକ୍ସି ସାମ୍ନାରେ । ଟାକ୍ସିବାଲାମାନଙ୍କ ମଧ୍ୟରେ କଳିତକରାଳ ଓ ଟଣାଓଟରା ଯାତ୍ରୀମାନଙ୍କୁ ନେଇ । ମଇଳା ସାର୍ଟପ୍ୟାଣ୍ଟ ପିନ୍ଧା କେତୋଟି ସ୍ୱାସ୍ଥ୍ୟହୀନ ଯୁବକ ଭିକ୍ଷୁକଙ୍କ ପରି ହାତପତାଇ ଧାଇଁଲାଗିଲେ ପଛରେ - ବିଦେଶରୁ ଆସିଛନ୍ତି, ବଳକା ବିଦେଶୀମୁଦ୍ରା ଥିବ ନିଶ୍ଚୟ । ବେଶୀ ନୁହେଁ, ଡଲାରଟିଏ ଦିଅନ୍ତୁ । ମାତ୍ର ଡଲାରଟିଏ ।

କୌଣସି ମତେ ଜିନିଷପତ୍ର ଧରି ଟାକ୍ସିରେ ବସିଲୁ । ହଠାତ୍ କେଜାଣି କାହିଁକି ଭାରି ପ୍ରଫୁଲ୍ଲ ଲାଗିଲା ମନ । ଶରୀର ହୋଇ ଉଠିଲା ଫୁର୍ତ୍ତିବାଜ । ଟାକ୍ସିରେ ଦରଖୋଲା କାଚଝର୍କା ଦେଇ ଭିତରକୁ ପଶି ଆସିଲା ଦମ୍‌କାଏ ଚଗଲା ପବନ । ସତେ ଅବା ପରମ ସ୍ନେହରେ ଆଉଁଷି ଦେଇଗଲା ଉଭୟ ଦେହ ଓ ମନକୁ । ସତେ ଅବା ନୂତନ ଜୀବନର ସଞ୍ଚାର କରିଗଲା କ୍ଳାନ୍ତ ଶିରାପ୍ରଶିରାରେ ।

ଗାଡ଼ିର ଭଙ୍ଗା ସିଟ୍‌କୁ ଆଉଜି ବସିଲି । ମନେ ହେଲା ଅନେକ ଦିନ ଉତ୍ତାରୁ ସତେ ଅବା ମୁଁ ମୋ ମାଆ କୋଳକୁ ଫେରି ଆସିଛି ।

❑❑❑

# ମହାନାୟକ

ଚର୍ଚ୍ଚିତ ହେବାକୁ ଯାଉଥିବା କାହାଣୀ ଦୁଇଟିର ପାର୍ଶ୍ୱଚରିତ୍ର ଯଥାକ୍ରମେ ମୁଁ ଏବଂ ଝରଣା । କିନ୍ତୁ ମହାନାୟକ ସ୍ୱୟଂ ଜଗନ୍ନାଥ । କାହାଣୀ ଯୋଡିକ ଦୀନଜନମାନଙ୍କ ପ୍ରତି ତାଙ୍କର ଅପରିସୀମ କୃପା ଓ କରୁଣାର କାହାଣୀ । ନିଦର୍ଶନ ତାଙ୍କର ସମ୍ବେଦନା ତଥା ଶୁଭଦୃଷ୍ଟିର ।

ସର୍ବପ୍ରଥମେ ମୋ' କାହାଣୀଟି କହିନିଏ ।

ଭ୍ରମଣ ପ୍ରତି ସଂପୂର୍ଣ୍ଣରୂପେ ବୀତସ୍ପୃହ ଆମ ଦୁଇଜଣଙ୍କୁ, ଆମର ଆମେରିକା ନିବାସୀ ପୁତ୍ରଟି ଏକରକମ୍ ଜିଦ୍ କରି ଶେଷ ପର୍ଯ୍ୟନ୍ତ ଡାକି ନେଇଥିଲା ପାଖକୁ । ଅବଶ୍ୟ ସଦ୍ୟଜାତ ପୌତ୍ରୀ ଶ୍ରେୟା ଏବଂ ତିନିବର୍ଷର ପୌତ୍ର ସୋହମ୍‌ର ମୋହମୟ ଆକର୍ଷଣ ବହୁଳାଂଶରେ ଖୋରାକ୍ ଯୋଗାଇଥିଲା ଆମ ବିଦେଶଯାତ୍ରା ଲାଗି । ଯାଇଥିଲୁ ମିସିଗାନ୍ ପ୍ରଦେଶର ରାଜଧାନୀ ସୁବେଶା ଇଷ୍ଟଲାନ୍‌ସିଂ ନଗରୀକୁ । ବବି ସେଠାକାର ମିସିଗାନ୍ ଷ୍ଟେଟ୍ ୟୁନିର୍ଭସିଟିରେ ଅଧ୍ୟାପକ । ସମୟ ଥିଲା ଊଣିଶଶହ ଅନେଶ୍ୱତ ମସିହା ।

ପୁଷ୍ଟିକର ଖାଦ୍ୟ, ପରିଚ୍ଛନ୍ନ, ପ୍ରଦୂଷଣ ବିହୀନ ବାତାବରଣ ତଥା ନିରୋଳା ସୁଷମାମୟ ପ୍ରାକୃତିକ ପରିବେଶ ସତ୍ତ୍ୱେ, ଯିବାର କେଇଦିନ ପରେ କିନ୍ତୁ ବିନୟ ହୋଇପଡିଲେ ଅସୁସ୍ଥ । କପାଳରେ ସାନ ସାନ ବ୍ରଣ ସଦୃଶ, ହାତଗଣତି କେତୋଟି ଫୋଟକା ନଜର୍‌ରେ ପଡିଲା । ବବି ପାଖରେ ଥିବା ଡାକ୍ତରଙ୍କ କ୍ଲିନିକ୍‌କୁ ନେଇଗଲା । ବିଶାଳବପୁ ବିଶିଷ୍ଟ ଡକ୍ଟର ଥମ୍‌ସନ୍





ଥିଲେ ବେଶ୍ ଖୁସ୍‌ମିଜାଜିଆ । ଚେହେରାରେ ଠିକ୍ ଚିତ୍ରାଭିନେତା ଶାମ୍ମିକପୁରଙ୍କ ଭଳି । ଅନେକ ଗପ କଲେ । ବିନୟଙ୍କୁ କିଛି ଆଣ୍ଟିବାୟୋଟିକ୍‌ସ୍ ଲେଖିଦେଇ କହିଲେ, ଏଇଥିରେ ଭଲ ହେଇଯିବ ।

ବିନୟ କିନ୍ତୁ ଭଲ ହେଲେନି, ଦୁଇ ତିନି ଦିନ ଭିତରେ ଫୋଟକାର ସଂଖ୍ୟା ଶରୀରରେ ବଢିବାକୁ ଲାଗିଲା । ସେଦିନ ଘରକୁ ଭାନୁ ଏବଂ ରାନୁ ବୁଲିବାକୁ ଆସିଥିଲେ ଭାନୁ ଉର୍ଫ ଶୁଭେନ୍ଦୁ ସେଠାର ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନର ଅଧ୍ୟାପକ । ପତ୍ନୀ ରାନୁ, ଏକାଧାରରେ ଶ୍ରୀମୟୀ, ମିଷ୍ଟଭାଷିଣୀ ଏବଂ ବନ୍ଧୁବତ୍ସଳା ।

ସେମାନଙ୍କର ଉପଦେଶ ଅନୁଯାୟୀ, ବବି ଓ ମୁଁ ବିନୟଙ୍କୁ ନେଇଗଲୁ ପ୍ରଖ୍ୟାତ ସ୍ପାରୋ ହସ୍‌ପିଟାଲକୁ । ଡାକ୍ତର କହିଲେ – ଇଏତ ସାମାନ୍ୟ ଚିକେନ୍‌ପକ୍ସ । ମନକୁ ମନ ଭଲ ହେଇଯିବ । ଏସାଇକ୍ଲୋଭିର୍ ବଟିକା ଲେଖି ଦେଉଛି । ଏ ବଟିକାଟି ରୋଗର ପ୍ରତିଷେଧକ ହିସାବରେ କାମ ଦିଏ । କେଇଟା ଦିନରେ ସୁସ୍ଥ ହୋଇ ଉଠିବେ ବିନୟ । ନିର୍ଭୟରେ ଏବେ ଘରକୁ ଫେରି ଯାଆନ୍ତୁ ।

ଆମେ ଘରକୁ ଫେରି ଆସଲୁ ସତ, କିନ୍ତୁ ନିର୍ଭୟ ହୋଇପାରିଲୁନି । କାରଣ ମାତ୍ର ଦୁଇଟା ଦିନ ଭିତରେ ବିନୟଙ୍କର ସାରା ଦେହ କୁନିକୁନି ଫୋଟକାରେ ଭର୍ତ୍ତି ହୋଇଗଲା । ମୁଣ୍ଡରୁ ଆରମ୍ଭ କରି ପାଦ ପର୍ଯ୍ୟନ୍ତ । ଦେହରେ ତିଳଧାରଣର ବି ସ୍ଥାନ ନାହିଁ । ଜ୍ୱରର ମାତ୍ରା ଶହେ ଚାରି ଡିଗ୍ରୀ । ଦିନେ ଭୋର୍‌ବେଳକୁ ତାଙ୍କର ସଙ୍ଗତି ବିହୀନ ବାଚାଳପ୍ରାୟ ବାର୍ତ୍ତାଳାପ ଶୁଣି ବିବ୍ରତ ବବି ଗାଡିରେ ବସାଇ ତତ୍‌କ୍ଷଣାତ୍ ତାଙ୍କୁ ନେଇଗଲା ପୁନର୍ବାର ସ୍ପାରୋ ହସ୍‌ପିଟାଲ୍ । ମତେ କହିଗଲା 'ତମେ ବ୍ୟସ୍ତ ହବନି ମାମା । ବାପାଙ୍କୁ ଡାକ୍ତର ଦେଖାଇ ମୁଁ ଘଣ୍ଟେ ଦୁଇଘଣ୍ଟା ଭିତରେ ଫେରି ଆସିବି । କିଛି ଜଣେଇବାର ଥିଲେ ଫୋନ୍ କରିବି ତମକୁ ।"

ଭୋର୍ କଟି ଦିନ ବଢିଲା । ସକାଳର ସୂର୍ଯ୍ୟ ଆକାଶ ଉପରକୁ ଉଠିବାକୁ ଲାଗିଲେ । ନା ବବି ଫେରିଲା ନା ତା'ର ଟେଲିଫୋନ୍ ଆସିଲା । ଧୈର୍ଯ୍ୟର ବନ୍ଧ ଯେତେବେଳେ ସଂପୂର୍ଣ୍ଣରୂପେ ଭାଙ୍ଗିବାକୁ ବସିଛି, ଠିକ୍ ସେତିକିବେଳେ – ପ୍ରାୟ ଦିନ ବାରଟା ସମୟରେ – ଫୋନ୍ ଆସିଲା ପୁଅର । ଜଣେଇଲା ଯେ ବିନୟଙ୍କୁ ହସ୍‌ପିଟାଲ୍‌ରେ ଆଡ୍‌ମିଶନ କରି ଦିଆହେଇଛି ଏବଂ ଚିକିତ୍ସା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ତାଙ୍କର ବେମାରୀଟି ସଂକ୍ରାମକ ହେଇଥିବା ଯୋଗୁ ଅନ୍ୟାନ୍ୟ ରୋଗୀମାନଙ୍କଠାରୁ ଅଲଗା କରି, ୱାର୍ଡ ଓ କ୍ୟାବିନ୍‌ଠାରୁ କିଛି ଦୂରରେ ଥିବା ଏକ 'ଆଇସୋଲେଟ୍ ରୁମ୍'ରେ ରଖାଯାଇଛି ତାଙ୍କୁ ।

ବବି କହିଲା - ପାପାଙ୍କୁ ଏକୁଟିଆ ଛାଡି ମୋ' ପାଇଁ ଏବେ ଘରକୁ ଯିବା ସମ୍ଭବ ନୁହେଁ । ମୁହୂର୍ତ୍ତେ ନୀରବ ରହି ଅଚାନକ୍ ଟେଲିଫୋନ୍‌ଟି ହାତରେ ଧରି ବବି କାନ୍ଦିବାକୁ ଲାଗିଲା । କାନ୍ଦି କାନ୍ଦି କହିଲା - ମାମା, ପାପାଙ୍କ ଅବସ୍ଥା ସତରେ ଭାରି ସାଂଘାତିକ । ଡାକ୍ତର କହୁଛନ୍ତି ଏଭଳି ପରିସ୍ଥିତିରେ ମୃତ୍ୟୁର ହାର କୁଆଡେ ଯଥେଷ୍ଟ ବେଶି ।

ଥରଥର ହାତରୁ ଖସିପଡିଲା ଟେଲିଫୋନ୍ । ମେଦିନୀ ସତେ ଅବା ଦ୍ୱିଧା ହେଲା ମୋ ପାଦତଳେ । ଲାଗିଲା ସତେ ଅବା ଭୂକମ୍ପ ହେଇ ଭୁଷୁଡି ପଡୁଛି ମୋ ଚାରିଦିଗର କୋଠାବାଡି, ଗଛ, ଲତା । ମନେହେଲା ଉଠି ଚାଲିଯିବା ପାଇଁ ହସ୍‌ପିଟାଲ୍ । କିନ୍ତୁ ଅଚିହ୍ନା ଦେଶ, ଅଜଣା ପରିବେଶ । ଯିବି ବା କେମିତି ? ଦୈବାତ୍ ଏତିକି ବେଳକୁ ଘରେ ଆସି ପହଞ୍ଚିଲେ ରିକ୍ । ରିକ୍ ଥିଲେ ମିସିଗାନ୍ ଷ୍ଟେଟ୍ ୟୁନିଭର୍ସିଟିର ଟେକ୍‌ନୋଲୋଜି ଆଣ୍ଡ୍ ଟିଚିଙ୍ଗ୍ ବିଭାଗର ଆସିଷ୍ଟାଣ୍ଟ ଡାଇରେକ୍ଟର ଏବଂ ବବିର ବନ୍ଧୁ । ବିନୟଙ୍କ ସ୍ୱାସ୍ଥ୍ୟର ଖବର ଶୁଣି ମତେ ତାଙ୍କ ଗାଡିରେ ନେଇଆସିଲେ ସ୍ପାରୋ ହସ୍‌ପିଟାଲ୍ ।

ଦେଖିଲି - ହସ୍‌ପିଟାଲ୍‌ର ଗୋଟିଏ କଣରେ ବାଥ୍‌ରୁମ୍ ସଂଲଗ୍ନ ଥିବା ଅତି ପରିଚ୍ଛନ୍ନ ଝକ୍‌ଝକ୍ ଗୋଟିଏ ବଖରା । ସୁଚାରୁ ରୂପେ ସଜ୍ଜିତ । ମାତ୍ରାଧିକ ପରିମାଣରେ ଆରାମପ୍ରଦ । କୋଠରୀ ଭିତରେ ସଂକ୍ରମଣ ରୋକିବା ପାଇଁ, ଭୂତାଣୁ ମିଶ୍ରିତ ବାୟୁକୁ ପରିଶୋଧନ କରି ପାଇପଦ୍ୱାରା ଉପରକୁ ଛାଡିବାର ବ୍ୟବସ୍ଥା । ଘର ସାମ୍‌ନାରେ ଗୋଟିଏ ପ୍ଲାଷ୍ଟିକ୍ ଡବାରେ ମୋଜା, ମୁଖା, ଗ୍ଲୋଭସ୍, ଗାଉନ୍‌ର ସ୍ତୁପ । ଯିଏ କେହି ବି ଭିତରକୁ ଯିବ, ସେ ସବୁ ପିନ୍ଧିକରି ଯିବାକୁ ବାଧ । ବାହାରିବା ପୂର୍ବରୁ ଅନ୍ୟ ଗୋଟିଏ ଡଷ୍ଟବିନ୍‌ରେ ଏହା ସବୁ ଉତାରି ଫିଙ୍ଗି ଦେବାକୁ ପଡିବ । ପରେ ଏସବୁରେ ଅଗ୍ନିସଂଯୋଗ କରି ଏହାକୁ ନଷ୍ଟ କରାଯିବ ବୋଲି ଶୁଣିଲି । ବିନୟଙ୍କ ହାତରେ ସାଲାଇନ୍ ଡ୍ରିପ୍ । ଏସାଇକ୍ଲୋଭିର ଔଷଧଟି ବଟିକା ଆକାରରେ ନଦେଇ ଡ୍ରିପ୍ ସହିତ ମିଶାଇ ଦିଆଯିବାର ବ୍ୟବସ୍ଥା ହୋଇଥିଲା । ବିଭିନ୍ନ ପରୀକ୍ଷା ନିରୀକ୍ଷା ଚାଲିଥିଲା - ମଝିରେ ମଝିରେ ରକ୍ତ ପରୀକ୍ଷା ମଧ୍ୟ । ସାରାଦିନ ଡାକ୍ତର ଓ ନର୍ସମାନଙ୍କର ଆତଯାତ ତଥା ପର୍ଯ୍ୟବେକ୍ଷଣ । ବିନୟଙ୍କର ଖାଦ୍ୟପେୟର ବ୍ୟବସ୍ଥା ମଧ୍ୟ ହସ୍‌ପିଟାଲ୍ ତରଫରୁ କରାଯାଇଥିଲା । ଏତାଦୃଶ ସମର୍ପିତ ତଥା ଶୃଙ୍ଖଳାବଦ୍ଧ ଶୁଶ୍ରୂଷା କିଛିଟା ସାନ୍ତ୍ୱନା ଆଣିଦେଲା ମନରେ । ଲାଗିଲା - ବିନୟ ଭଲହେଇଯିବେ ଏଥର ।

ପରିଚୟ ହେଲା ବିନୟଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ସେଠାକାର ମେଡିକାଲ୍ କଲେଜର ମେଡିସିନ୍ ଅଧ୍ୟାପକ ଡକ୍ଟର ଡେଭିଡ୍ ୱେନ୍‌ଖର୍ଟଙ୍କ ସହିତ । ମୋ ମୁହଁରେ ବିଷନ୍ନତାର ଛାପ ଲକ୍ଷ୍ୟ କରି ଡେଭିଡ୍ ମୃଦୁହସି କହିଲେ - ଚିକିତ୍ସା ଚାଲିଛି । ବିନୟ ଠିକ୍ ହୋଇଯିବେ । ଏତେ ଉଦ୍‌ବିଗ୍ନ ହେଉଛନ୍ତି କାହିଁକି ?





ମୁଁ କହିଲି - ଦୁଇଦିନ ପୂର୍ବରୁ ଯେତେବେଳେ ବିନୟଙ୍କୁ ଏଠିକି ଆଣିଥିଲି, ଯଦି ସେତିକିବେଳେ ଆପଣମାନେ ତାଙ୍କୁ ହସ୍‌ପିଟାଲ୍‌ରେ ଦାଖଲ୍ କରି ଦେଇଥାଆନ୍ତେ, ବେମାରୀଟି ଏଭଳି ସାଂଘାତିକ ହେଇନଥାନ୍ତା ବୋଧହୁଏ ।

ଡେଭିଡ୍ କହିଲେ - ବିନୟଙ୍କର ସଂପୂର୍ଣ୍ଣ କେସ୍‌ହିଷ୍ଟ୍ରି ମୁଁ କମ୍ପ୍ୟୁଟରରେ ଦେଖିଛି । ଚିକେନ୍‌ପକ୍ସ ଗୋଟିଏ ସାଧାରଣ ବେମାରୀ ଯାହାକି ମନକୁ ମନ ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଭଲ ହେଇଯାଏ । ଆପଣ ଯେତେବେଳେ ବିନୟଙ୍କୁ ପ୍ରଥମେ ଏଠାକୁ ଆଣିଥିଲେ, ସେତେବେଳେ ତାଙ୍କ ଶରୀରର ବିଭିନ୍ନ ଅଂଶରେ ଏଠି ସେଠି ମାତ୍ର କେତୋଟି ଦାନା ଦୃଷ୍ଟିଗୋଚର ହେଉଥିଲା । ରୋଗର ଉପସର୍ଗ ସମୂହ ହସ୍‌ପିଟାଲ୍‌ରେ ଆଡ୍‌ମିଶନ୍ କଲାପରି ନଥିଲା ସେତେବେଳେ । ନହେଲେ ଆଜି ଯଦି ଆମେ ତାଙ୍କୁ ଆମ ପର୍ଯ୍ୟବେକ୍ଷଣରେ ରଖିପାରିଲୁ, ସେଦିନ ରଖିନଥାନ୍ତୁ କାହିଁକି ? ତେବେ ମନେରଖିବେ, ଯେ କୌଣସି ବ୍ୟକ୍ତିର ଶୈଶବ ବା କୈଶୋରରେ ଚିକେନ୍‌ପକ୍ସ ହେବାଟା ବରଂ ଭଲ । ସିଏ ଶୀଘ୍ର ଆରୋଗ୍ୟ ଲାଭ କରେ । ପରିଣତ ବୟସରେ ବେମାରୀଟି ହେଲେ କଦବା କ୍ୱଚିତ୍ ତାହା ଉଗ୍ରରୂପ ଧାରଣ କରେ । ଏହା ଅବଶ୍ୟ ନିୟମାନୁଗତ ନୁହେଁ, କାଁ, ଭାଁ, ଏଭଳି ଉଦାହରଣ ନଜରକୁ ଆସିଥାଏ ।

ହଠାତ୍ ପ୍ରସଙ୍ଗ ବଦଳାଇ ଡେଭିଡ୍ ପଚାରିଲେ, ଆପଣଙ୍କୁ କିମ୍ବା ଆପଣଙ୍କ ପୁଅକୁ ଆଗରୁ କେବେ ଚିକେନ୍‌ପକ୍ସ ହୋଇଚି କି ?

ମୁଁ କହିଲି - ମୋ ପୁଅକୁ ହୋଇନି । ମୁଁ ସ୍କୁଲ୍‌ରେ ପଢୁଥିଲାବେଳେ ମତେ କିନ୍ତୁ ଚିକେନପକ୍ସ ହେଇଥିଲା ।

ଡେଭିଡ୍ କହିଲେ - ଆପଣଙ୍କ ପୁଅର ତାହେଲେ ସଂକ୍ରମିତ ହେବାର ସଂଭାବନା ଅଛି । ତେଣୁ ତାଙ୍କୁ ବେଶୀ ସମୟ ଏଠି ରହିବାକୁ ଆମେ ଅନୁମତି ଦେବୁନି । ଅବଶ୍ୟ ବିନୟଙ୍କୁ ଦେଖିବା ପାଇଁ ଅଳ୍ପ ସମୟ ଲାଗି ଆସିପାରନ୍ତି । ତେବେ ଯେହେତୁ ଆପଣଙ୍କର ଥରଟିଏ ଚିକେନ୍‌ପକ୍ସ ହୋଇ ଯାଇଛି, ଦ୍ୱିତୀୟ ଥର ହେବାର ପ୍ରଶ୍ନ ଉଠୁନି । ତେଣୁ ଆପଣ ଯେତେସମୟ ଚାହାନ୍ତି, ରହି ପାରିବେ ଆପଣଙ୍କ ସ୍ୱାମୀଙ୍କ ପାଖରେ ।

ପୁନର୍ବାର ଦେଖାହେବ କହି ଡେଭିଡ୍ ବିଦାୟ ନେଲେ । ମୁଁ ହସ୍‌ପିଟାଲ୍ ଆସିବା ପରଠାରୁ, ବିନୟଙ୍କର ସ୍ୱାସ୍ଥ୍ୟର ଖବର ଜାଣିବା ପାଇଁ ଘରୁ ବାରମ୍ବାର ଫୋନ୍ କରି ଲାଗିଥିଲା ସ୍ମିତା । ବବିର ଟେଲିଫୋନ୍ ପାଇବା ପରେ, ଅନନ୍ୟୋପାୟ ହେଇ ବିଚରା ମତେ ତା' ଗାଡିରେ ଆଣି ହସ୍‌ପିଟାଲ୍‌ରେ ଛାଡିଯିବ ବୋଲି ବାହାରି ଥିଲା । କିନ୍ତୁ ଶିଶୁ ଦୁଇଟିକୁ,

ବିଶେଷତଃ ନବଜାତକଟିଙ୍କୁ ଘରେ ଏକା ଛାଡ଼ି ଆସିବାଟା ଉଚିତ୍ ହେବନି କହି ମୁଁ ତାଙ୍କୁ ନିବୃତ୍ତ କରାଇଥିଲି । ଭାଗ୍ୟକୁ ଠିକ୍ ସମୟରେ ରିକ୍ ପହଞ୍ଚି ଯାଇଥିଲେ ଅବଶ୍ୟ ।

ବିନୟ କହିଲେ - ବବି, ତୁ ଏବେ ଘରକୁ ଫେରିଯା । ସ୍ମିତା ବେଶ୍ ହଇରାଣ ହେଇ ଯିବଣି । ମାମା ତ ଏଠି ଅଛି ମୋ ପାଖରେ । ଟେଲିଫୋନ୍ କରି ମୋ ଖବର ତ ପାଇପାରିବୁ ସହଜରେ । ବ୍ୟସ୍ତ ହେବୁନି, ମୁଁ ଠିକ୍ ଅଛି ଏବେ ।

ବବି ଫେରିଗଲା ଘରକୁ । ମୁଁ ରହିଗଲି ବିନୟଙ୍କ ପାଖରେ ।

ପରଦିନ ସକାଳେ ସଂକ୍ରାମକ ରୋଗର ବିଭାଗୀୟ ମୁଖ୍ୟ ଡକ୍ଟର କ୍ରୋନ୍ ଆସି ପହଞ୍ଚିଲେ ଆମ ପାଖରେ । ଦୀର୍ଘଶ୍ମଶ୍ରୁଯୁକ୍ତ ସୁପୁରୁଷ ଚେହେରା - ଅନେକଟା ଯୀଶୁଖ୍ରୀଷ୍ଟଙ୍କ ପରି । ଆମକୁ ଜଣେଇଲେ ଯେ ସେଠାକାର ବିଭିନ୍ନ ହସ୍‌ପିଟାଲ୍‌କୁ ପ୍ରଦେଶରେ ଚିକେନ୍‌ପକ୍ସର ଭୂତାଣୁ ପ୍ରବେଶ କରିଛି ବୋଲି ଇ-ମେଲ୍ ଦ୍ୱାରା ଜଣାଇ ଦିଆ ହେଇଛି ଏବଂ ତତ୍‌ସଂପର୍କୀୟ ସାବଧାନତା ଜାରି ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବବି ଘରକୁ ମଧ୍ୟ ବାରମ୍ବାର ଫୋନ୍ କରି ସେମାନଙ୍କ ସ୍ୱାସ୍ଥ୍ୟ ସଂପର୍କରେ ପୁଙ୍ଖାନୁପୁଙ୍ଖ ବିବରଣୀ ସଂଗ୍ରହ କରାଯାଉଛି । ଏଥିମଧ୍ୟରେ ବବି, ସ୍ମିତା, ସୋହମ୍ ଏବଂ ଶ୍ରେୟାଙ୍କୁ ଆଣ୍ଟି ଭାଇରସ ଟୀକା ମଧ୍ୟ ପ୍ରଦାନ କରା ଯାଇଛି ।

ମୁଁ କହିଲି - ଏ ଖବରଟି ମୁଁ ପାଇଛି, ପୁଅ ଫୋନ୍ କଲାବେଳେ କହିଥିଲା ।

ଡକ୍ଟର କ୍ରୋନ୍ ଥିଲେ ହସଖୁସି ମିଜାଜ୍‌ର ମଣିଷ । ସଂକ୍ରାମକ ରୋଗ ସମ୍ବନ୍ଧରେ କାର୍ଯ୍ୟ କରିବା ପାଇଁ କେଇବର୍ଷ ପାଇଁ ଭାରତବର୍ଷ ଆସିଥିଲେ ବୋଲି କହିଲେ । ଅନେକ ଗପକଲେ ବିନୟଙ୍କ ସହିତ । ତାଙ୍କର ସୁମଧୁର ସାନ୍ନିଧ୍ୟରେ କିଛି ଅଂଶରେ ହାଲୁକା କରି ଦେଇଗଲେ ଆମର ବିଷାଦଭରା କ୍ଳାନ୍ତ ପରିବେଶ । ବିଦାୟ ନେଲେ ଘଣ୍ଟାକ ପରେ ।

ପରେ ପରେ ବବିଠାରୁ ଖବର ପାଇ ଭାନୁ ଓ ଭାନୁ ଆସି ପହଞ୍ଚିଲେ ହସ୍‌ପିଟାଲ୍‌ରେ । ରାନୁଙ୍କ ହାତରେ ଟିଫିନ୍ ଡବା । କହିଲେ - ଆପଣଙ୍କ ପାଇଁ ଭାତ ନେଇଆସିଛି ଘରୁ । ଖିଆପିଆ ତ ଠିକ୍ ଆପଣଙ୍କର ହେଉନଥିବ ଆଗ ଖାଇ ନିଅନ୍ତୁ ।

ମୁଁ କହିଲି - କାହିଁକି ଏତେ କଷ୍ଟ କଲ ? ସ୍ମିତା ମୋ' ପାଇଁ ଖାଇବା ପଠେଇ ଦେଇଥାଆନ୍ତା ।

ରାନୁ କହିଲେ - ସ୍ମିତା, ବବିଙ୍କର ଯାହା ଅବସ୍ଥା ଆପଣ କଳ୍ପନା କରିପାରିବେନି । ସ୍ମିତାର ଚାକିରି, ତହିଁରେ ଦୁଇଟି ଶିଶୁର ପରିଚର୍ଯ୍ୟା । ମିଷ୍ଟର ମିଶ୍ରଙ୍କର ଏଇ ଦୂରବସ୍ଥା





ନେଇ ଦିହେଁ ଏଭଳି ବିବ୍ରତ ଯେ ନିଜପାଇଁ ରାନ୍ଧିବାଡ଼ି ଖାଇବାର ଆଗ୍ରହ ବି ସେମାନଙ୍କର ଆଉ ନାହିଁ । ବବି ଆପଣ ବ୍ୟସ୍ତ ହେବେ ଏଠି ଚୁପ୍‌ଚାପ୍ ବସୁଛି । ଏଠୁ ବାହାରିଗଲେ ଖାଲି କାନ୍ଦୁଛି । କହୁଛି - ପାପା ଆସିବାକୁ ମଙ୍ଗୁ ନଥିଲେ । ମୁଁ ଜୋର୍ ଜବରଦସ୍ତି କରି ଆଣିଲି ତାଙ୍କୁ ।

ରାନୁ ସ୍ନେହରେ ଭାତ ପରିଶିଦେଲେ ମତେ । କହିଲେ - ମୁଁ ସ୍ମିତାକୁ କହିଦେଇଛି ସବୁଦିନ ଖରାବେଳେ ମୁଁ ଆପଣଙ୍କର ଖାଇବା ନେଇ ଆସିବି । ଘରେ ଆମ ପାଇଁ ରନ୍ଧା ହେଉଛି । ଆପଣଙ୍କ ପାଇଁ ଅଧିକା ପରିଶ୍ରମ ତ କରିବାକୁ ପଡୁନି ।

ରୁଦ୍ଧଗଳାରେ ମୁଁ ରାନୁଙ୍କୁ କହିଲି - ତୁମ ପାଖରେ ଆଗାମୀ ସାତଜନ୍ମ ପାଇଁ ଋଣୀ ହେଇ ରହିଗଲି ।

ହସ୍‌ପିଟାଲ୍‌ରେ ଦିନପରେ ଦିନ କଟୁଥିଲା । ବିନୟଙ୍କର ଅବସ୍ଥାରେ ବିଶେଷ କିଛି ପରିବର୍ତ୍ତନ ପରିଲକ୍ଷିତ ହେଉନଥିଲା । ଡେଭିଡ୍ ବାରମ୍ବାର ସାନ୍ତ୍ୱନା ଦେଉଥିଲେ ଅବଶ୍ୟ କିନ୍ତୁ ଅନ୍ତହୀନ ପ୍ରତୀକ୍ଷାର ସେ ଦିନଗୁଡ଼ିକ ଯେମିତି କ୍ରମଶଃ ଦୀର୍ଘତର ହୋଇ ଉଠୁଥିଲେ ମୋ' ପାଇଁ ।

ଆମେ ହସ୍‌ପିଟାରେ ରହିବାର ତିନି ଚାରି ଦିନ ପରେ । ଅପରାହ୍ନରେ ବବି ବିନୟଙ୍କୁ ଦେଖିସାରି ବାହାରିଛି ଘରକୁ ଆସିବାକୁ । ଦୁଆରବନ୍ଧ ପାଖରେ ଠିଆ ହେଇ କଅଣ ଗୋଟିଏ କଥା କହୁଛି ମତେ । ହଠାତ୍ ବିନୟଙ୍କର ଗଳାରୁ ଏକ ଅସଂଗତ ଏବଂ କିମ୍ଭୂତକିମ୍ଭାକାର ଶବ୍ଦ ନିର୍ଗତ ହେଉଥିବାର ଶୁଣିଲି । ଫେରିପଡ଼ି ଦେଖେ ବିଛଣାରେ ଅସମ୍ଭବ ଯନ୍ତ୍ରଣାରେ ବିନୟ ଛଟପଟ୍ କରୁଛନ୍ତି । ନିଃଶ୍ୱାସ ଏକରକମ ବନ୍ଦ ହେଇଯାଇଛି ତାଙ୍କର । ସିଏ ଆପ୍ରାଣ ଚେଷ୍ଟା କରୁଛନ୍ତି ନିଃଶ୍ୱାସ ନେବାପାଇଁ କିନ୍ତୁ ଅସଫଳ ହେଉଛନ୍ତି ସେଥିରେ । ତାଙ୍କର ବର୍ଣ୍ଣ ଅପେକ୍ଷାକୃତ ଭାବରେ ନୀଳ ପଡ଼ି ଆସୁଛି ଏବଂ ଶ୍ୱାସନଳୀର ସଂକୋଚନ ଫଳରେ ହିକ୍କା ଉଠିଲା ପରି ଶବ୍ଦ ନିର୍ଗତ ହେଉଛି ଗଳଦେଶରୁ ।

ଆସନ୍ନ ମୃତ୍ୟୁ ସହିତ ଏତାଦୃଶ ଲଢ଼େଇ କରୁଥିବା ଗୋଟିଏ ମଣିଷ ମୁଁ ଆଗରୁ କେବେ ଦେଖିନଥିଲି । କିଂକର୍ତ୍ତବ୍ୟବିମୂଢ଼ ହୋଇ କୋଠରୀ ବାହାରକୁ ବାହାରି ଆସି ଓ ଚିହୁରି ଛାଡ଼ି କାନ୍ଦି ମୁଁ ସାମ୍‌ନାରେ ଥିବା ଲମ୍ବା କରିଡୋର୍‌ରେ ଏପଟ ସେପଟ ପାଗଳ ପ୍ରାୟ ଦୌଡ଼ିବାକୁ ଲାଗିଲି ଓ ଶୀତରେ ହିମେଳ ପଡ଼ିଯାଇଥିବା ମୋ ପାଦ ଦୁଇଟିରେ ଜଣେ ନର୍ସ ଦୌଡ଼ି ଆସି ଦୁଇଟି ମୋଜା ପିନ୍ଧାଇବାକୁ ଲାଗିଲେ । କିନ୍ତୁ ବବିର ଆପତ୍‌କାଳୀନ ଘଣ୍ଟିର ଆୱାଜ୍ ଶୁଣି, ଉପସ୍ଥିତ ଥିବା ନର୍ସ ଓ ମାଟ୍ରନଙ୍କର ଗୋଷ୍ଠୀଟି ଯେଉଁଭଳି ତତ୍ପରତାର ସହିତ

ବିନୟଙ୍କର ନାକରେ ଅକ୍ସିଜେନ୍ ନଳ ଗୁଞ୍ଜି ଷ୍ଟ୍ରେଚରରେ ଶୁଆଇ, ଲିଫ୍ଟ୍ ଚଲାଇ ଆଇ.ସି.ୟୁରେ ନେଇ ତାଙ୍କୁ ପହଞ୍ଚାଇଥିଲେ ଓ ଭେଣ୍ଟିଲେଟର ମେସିନ୍‌ଟି ତାଙ୍କ ଦେହରେ ଖଞ୍ଜି ନିଃଶ୍ୱାସ ପ୍ରଶ୍ୱାସର ପ୍ରକ୍ରିୟାଟି ଚାଲୁ ରଖିବାର ବ୍ୟବସ୍ଥା କରିଥିଲେ ତାହା ଥିଲା ଉଭୟ ପ୍ରଶଂସନୀୟ ତଥା ବିସ୍ମୟକର । ବିନୟଙ୍କ ପାଇଁ ପ୍ରତିଟି ମୁହୂର୍ତ୍ତ ଥିଲା ମୂଲ୍ୟବାନ୍ ଏବଂ ହସ୍ପିଟାଲ୍ ଷ୍ଟାଫ୍ କାର୍ଯ୍ୟ କରିଥିଲେ ବିଦ୍ୟୁତ୍ ବେଗରେ । ୟା ପରେ ପରେ ବିନୟ ସଂପୂର୍ଣ୍ଣ ରୂପେ ସଂଜ୍ଞାହୀନ ହୋଇପଡିଥିଲେ । କୃତ୍ରିମ ଉପାୟରେ ନିଃଶ୍ୱାସ ପ୍ରଶ୍ୱାସ ଚାଲୁଥିଲା କେବଳ ଭେଣ୍ଟିଲେଟର ଦ୍ୱାରା ।

ଆଇ.ସି.ୟୁ ବାହାରେ ପରିଦର୍ଶକମାନଙ୍କ ପାଇଁ ଉଦ୍ଦିଷ୍ଟ ବିଶ୍ରାମାଗାର ବା ଲାଉଞ୍ଜ୍ । ସାରାଦିନ ଓ ସାରାରାତି ଏକା ଏକା ସେଠି ବସିରହିଥାଏ । ମୁଣ୍ଡ ଜମ୍ମା କାମ କରେନି । ଅଜସ୍ର ବିଜୁଳିବତୀ ସତ୍ତ୍ୱେ ଚତୁର୍ଦ୍ଦିଗ ମନେହୁଏ ତମସାମୟ । ମଝିରେ ମଝିରେ ଭିତରକୁ ଯାଇ କାଚକବାଟ ଦେଇ ଶାୟିତ ବିନୟଙ୍କୁ ଦେଖି ଆସେ । ସାରା ଦେହରେ ବିଭିନ୍ନ ପ୍ରକାର ମେସିନ୍ ଖଞ୍ଜା । ସେ ମେସିନ୍‌ମାନଙ୍କର ହଳଦିଆ, ନାଲି, ନୀଳ ବତୀ ସବୁ ମଝିରେ ମଝିରେ ଦପ୍‌ଦପ୍ ହୋଇ ଜଳି ଉଠନ୍ତି । ଟୁଂ ଟାଂ ଶବ୍ଦ ନିର୍ଗତ ହୁଏ ସେ ମେସିନ୍‌ରୁ ମଝିରେ ମଝିରେ । ନିର୍ଜୀବ କାଷ୍ଠଖଣ୍ଡ ସଦୃଶ ବିନୟ ପଡିରହିଥାନ୍ତି ବିଛଣାରେ । ସଂପୂର୍ଣ୍ଣ ଚେତାଶୂନ୍ୟ ଅବସ୍ଥାରେ ।

ଡେଭିଡ୍ ମଝିରେ ମଝିରେ ଲାଉଞ୍ଜ୍ ବାହାରକୁ ଡାକି ବିନୟଙ୍କର ସ୍ୱାସ୍ଥ୍ୟର ବିବରଣୀ ଦିଅନ୍ତି ମତେ । ଶୁଣେ କେଉଁଦିନ ହାର୍ଟରେ ପାଣି ଜମିଗଲାଣି ତ କେଉଁଦିନ ପାକସ୍ଥଳୀରୁ ରକ୍ତ କ୍ଷରଣ ହେଲାଣି । କରିବାର କିଛି ନାହିଁ - କେବଳ ପ୍ରତୀକ୍ଷା, ଅନନ୍ତ ପ୍ରତୀକ୍ଷା । ବବି ଆସେ ମଝିରେ ମଝିରେ । ମା' ପୁଅ ପରସ୍ପରକୁ କୁଣ୍ଢାଇଧରି କାନ୍ଦୁ । ତା'ପରେ ସବୁ ଚୁପ୍‌ଚାପ୍ ।

ବିନୟ ଆଇ.ସି.ୟୁରେ ଦାଖଲ ହେବାର ପ୍ରାୟ ଚାରି ପାଞ୍ଚ ଦିନପରେ । ଡେଭିଡ୍ ଆସି ଲାଉଞ୍ଜ୍ ବାହାରକୁ ଡାକିନେଲେ ମତେ । ଦେଖିଲି - ତାଙ୍କ ମୁହଁରେ ବିଷଣ୍ଣତାର ବହଳ ପ୍ରଲେପ । ଆଖିର ସବୁଜ ମଣିଦୁଇଟି ଅନେକାଂଶରେ ନିଷ୍ପ୍ରଭ । କହିଲେ - ଆପଣ ବୋଧହୁଏ ଜାଣନ୍ତିନି ଯେ କେବଳ ମୁଁ ନୁହେଁ, ଆମର ପ୍ରତ୍ୟେକ ବିଭାଗରୁ ଜଣେ ଜଣେ ଡାକ୍ତର ମିଶି ଗୋଷ୍ଠୀଟିଏ ତିଆରି କରିଥିଲୁ ଏବଂ ସଭିଏଁ ମିଶି ଆଲୋଚନା କରି ବିନୟଙ୍କର ଚିକିତ୍ସା କରୁଥିଲୁ । ମୁଁ କହିଲି - ମୁଁ ଜାଣେ । କାଲି ଆପଣଙ୍କର ହାର୍ଟ ସ୍ପେସାଲିଷ୍ଟଙ୍କ ସହିତ ମୋର କଥା ହେଇଥିଲା । ବେଶ୍ ଚିନ୍ତିତ ଥିଲେ ସିଏ ।





ଡେଭିଡ୍ କିଛି ସମୟ ନୀରବ ରହି ଅତ୍ୟନ୍ତ ସଙ୍କୁଚିତ ଭାବରେ ମତେ ଜଣାଇଲେ ଯେ ଚିକେନ୍‌ପକ୍ସ ଭାଇରସ୍ ଦ୍ୱାରା ଆକ୍ରାନ୍ତ ହୋଇ ବିନୟଙ୍କର ଶରୀରର ବିଭିନ୍ନ ଅଂଶ - ଫୁସ୍‌ଫୁସ୍, ହୃତପିଣ୍ଡ, ଅସ୍ଥିମଜ୍ଜା, ମାଂସପେଶୀ, ପାକସ୍ଥଳୀ, ଯକୃତ୍, କିଡନୀ ତଥା ରକ୍ତକଣିକା ସେମାନଙ୍କର କାର୍ଯ୍ୟକ୍ଷମତା ହରାଇ ଗୋଟି ଗୋଟି ହୋଇ ଅକାମୀ ହେବାକୁ ବସିଲେଣି ଏବଂ ବେମାରୀଟି ବର୍ତ୍ତମାନ ଭୟାନକ ସେପ୍‌ଟିସେମିଆରେ ପରିଣତ ହୋଇଗଲାଣି । ତାଙ୍କ ଶରୀରର ପ୍ରତ୍ୟେକ ଅଂଶ ଏବେ ପତନଶୀଳ ଏବଂ ଡ଼ାକ୍ତରମାନଙ୍କର ଆପ୍ରାଣ ଚେଷ୍ଟା ସତ୍ତ୍ୱେ ବିନୟଙ୍କର ଅବସ୍ଥା ବେଶ୍ ଉଦ୍‌ବେଗଜନକ । ଡେଭିଡ୍ ଏକଥା ମଧ୍ୟ ଜଣାଇଲେ ଯେ ତାଙ୍କ ଡାକ୍ତର ଗୋଷ୍ଠୀଟି ଏବେ ସଂପୂର୍ଣ୍ଣରୂପେ ପରାଜିତ ଏବଂ ଆଶାର କୌଣସି କିରଣ ସେମାନଙ୍କୁ ଆଉ ଦୃଶ୍ୟମାନ ହେଉନାହିଁ । ବ୍ୟାପାରଟି କଷ୍ଟକର ହେଲେ ସୁଦ୍ଧା ବିନୟଙ୍କର ପତ୍ନୀ ହିସାବରେ ସଠିକ୍ ଅବସ୍ଥାଟି ଜାଣିବା ପାଇଁ ମୁଁ ହକ୍‌ଦାର ଭାବି ସିଏ ଏ କଥାଟି ମତେ ଜଣାଉଛନ୍ତି ।

ଡେଭିଡ୍‌ଙ୍କ କଥା ଶୁଣିବାପରେ, ଅଚାନକ ହସ୍‌ପିଟାଲର କକ୍ଷଗୁଡ଼ିକ ସତେ ଅବା ଚକା ଚକା ଭଉଁରୀ ଖେଳିବାକୁ ଆରମ୍ଭ କରିଥିଲେ ମୋ ଚାରିପଟେ । ମନେ ହେଉଥିବା ଏକ ନିଛିଦ୍ର ଅନ୍ଧକାର ଗହ୍ୱର ଭିତରେ ମୁଁ ଯେମିତି ବନ୍ଦି । ଛାଟିପିଟି ହେଇ ବାହାରି ଆସିବାକୁ ବାଟ ଖୋଜୁଛି, କିନ୍ତୁ ବାଟ ପାଉନି । ସାମ୍‌ନାରେ ଦଣ୍ଡାୟମାନ ଡେଭିଡ୍‌ଙ୍କ ହାତ ଦୁଇଟି ବିକଳରେ ଜାବୁଡି ଧରି ମୁଁ ଅଶ୍ରୁପାତ କରିବାକୁ ଲାଗିଲି । ମୁଁ ହାତରେ ଧରିଥିବା ତାଙ୍କ ହାତର ପାପୁଲି ଦୁଇଟି ଓ ଆଙ୍ଗୁଠିତକ ମୋର ଟୋପାଟୋପା ଲୁହରେ ଓଦା ହେବାକୁ ଲାଗିଲା ଏବଂ ଡେଭିଡ୍ ଉଚ୍ଚବାଚ୍ୟ ନକରି ଓ ନତମୁଖ ହୋଇ ଏକ ନିର୍ଜୀବ କାଷ୍ଠପୁତ୍ତଳିକା ନ୍ୟାୟ ନୀରବରେ ମୋ ସାମ୍ନାରେ ଠିଆ ହୋଇ ରହିଲେ ।

କିଛି ସମୟ ନୀରବ ରହି କେବଳ ପଦଟିଏ କଥା କହିଲେ ଡେଭିଡ୍ - ବର୍ତ୍ତମାନ କେବଳ ଭଗବାନ୍ ହିଁ ଆପଣଙ୍କର ଭରସା ।

କିଛି ସମୟ ପରେ ଯଥାରୀତି ରାନୁ ଯାଇ ପହଞ୍ଚିଲେ ହସ୍‌ପିଟାଲ୍‌ରେ । ମୋ'ଠାରୁ ସବୁ କଥା ଶୁଣି ବାହାରିଗଲେ ତର୍‌ତର୍ ହେଇ । ଘଣ୍ଟାକ ପରେ ଯେତେବେଳେ ଘରୁ ଫେରିଲେ, ତାଙ୍କ ହାତରେ ଥିଲା ପୋଷ୍ଟକାର୍ଡ ମାପର ଜଗନ୍ନାଥ ମହାପ୍ରଭୁଙ୍କର ଫଟଟିଏ । ଫଟଟି ପ୍ରକୃତରେ ଥିଲା ନବବର୍ଷରେ ଓଡ଼ିଶାରୁ ପାଇଥିବା ଏକ ଗ୍ରିଟିଙ୍ଗ୍ କାର୍ଡର ପ୍ରଚ୍ଛଦ । ଫଟଟି ମୋ ହାତକୁ ବଢେଇ ଦେଇ ରାନୁ କହିଲେ - ବର୍ତ୍ତମାନ ପାଇଁ କେବଳ ଇଏ ହିଁ ଆପଣଙ୍କର ଭରସା । କେବେ ଥରେ ବନ୍ଧୁବାନ୍ଧବ କିଏ ପଠେଇଥିଲେ । ଭାଗ୍ୟକୁ ଖୋଜି ଖୋଜି ପାଇଗଲି ଘରେ । ଏ ଫଟଟି ନେଇ ମିଷ୍ଟର ମିଶ୍ରଙ୍କ ତକିଆ ତଳେ ରଖିଦେଇ ଆସିବାର ବନ୍ଦୋବସ୍ତ କରନ୍ତୁ । ଦେଖିବେ ତାଙ୍କ ଆଶୀର୍ବାଦରୁ ସବୁ ଠିକ୍ ହୋଇଯିବ ।

କହିଲି - ରାନୁ । ଏମାନେ ସଭିଏଁ ଭିନ୍ନଧର୍ମାବଲମ୍ବୀ । ଚକାଡୋଳାଙ୍କ ପ୍ରତି ଆମର ଅଖଣ୍ଡ ବିଶ୍ୱାସ ଏମାନେ ବୁଝିବେ କୁଆଡୁ ? ହୁଏତ ପରିହାସ କରି ଅନ୍ଧବିଶ୍ୱାସ କହି ହସରେ ଉଡେଇଦେବେ । କାହାକୁ ଯାଇ କହିବି ଫଟଟି ତକିଆ ତଳେ ରଖିବାପାଇଁ ? ଏମିତିରେ ତ ଆଇ.ସି.ୟୁ ଭିତରକୁ ବାହାରର କୌଣସି ଜିନିଷ ନେବା ମନା ।

ରାନୁ କହିଲେ - ଚେଷ୍ଟା କରି ଦେଖନ୍ତୁ ନା ! ଜଗନ୍ନାଥ ଚାହିଁଲେ ସବୁ କିଛି ହୋଇପାରିବ ।

ଫଟଟି ହାତରେ ଧରି ଆଇ.ସି.ୟୁ ଭିତରକୁ ପଶିଲି । ଭାଗ୍ୟକୁ କାଉଣ୍ଟର ପାଖରେ ଡନ୍ ବସି କାମ କରୁଥିଲେ । ତାଙ୍କର କାର୍ଯ୍ୟପନ୍ଥା ଥିଲା କମ୍ପ୍ୟୁଟରରେ ସବୁ ରୋଗୀଙ୍କର ବିବରଣୀ ସଞ୍ଚୟ କରି ରଖିବା । ଅନେକ ସମୟରେ ତାଙ୍କ ପାଖକୁ ଯାଇ ବିନୟଙ୍କର ବିଭିନ୍ନ ରିପୋର୍ଟ ସଂପର୍କରେ ସବିଶେଷ ତଥ୍ୟ ଜାଣିଆସୁଥିଲି । ସୁପୁରୁଷ ଯୁବକ ଡନ୍ ଥିଲେ ଅତ୍ୟନ୍ତ ସହୃଦୟ କିସମର ମଣିଷ । ମୁଁ କାନ୍ଦିଲେ ଅତି ସନ୍ତର୍ପଣରେ ନିଜ ହାତରେ ମୋ ଲୁହ ପୋଛି ଦେଇ ସାନ୍ତ୍ୱନା ଦେଉଥିଲେ - କାନ୍ଦନା, ସବୁ ଠିକ୍ ହେଇଯିବ ।

ଫଟ ସଂପର୍କୀୟ ଅନୁରୋଧଟି ମୋ'ଠାରୁ ଶୁଣିସାରିଲା ପରେ, ଡନ୍ ତାଙ୍କର ସ୍ୱଭାବସୁଲଭ ସମ୍ବେଦନଶୀଳ ସ୍ୱରରେ କହିଲେ - ନିଶ୍ଚିତରୂପେ ଆପଣ ଏ ଫଟଟି ବିନୟଙ୍କ ପାଖରେ ରଖିପାରନ୍ତି । ବର୍ତ୍ତମାନ, ଯେତେବେଳେ ବାକି ସବୁ ଚିକିତ୍ସା ବିଫଳ ହେବାକୁ ବସିଲାଣି, ସେତେବେଳେ ଆପଣଙ୍କର ଏଇ ଈଶ୍ୱରବିଶ୍ୱାସ ଯଦି ତାଙ୍କର ସୁସ୍ଥତା ଫେରାଇ ଆଣିବାରେ ସକ୍ଷମ ହୁଏ, ତେବେ କେବଳ ଆପଣ ନୁହନ୍ତି, ଆମ୍ଭେମାନେ ମଧ୍ୟ ସମପରିମାଣରେ ସୁଖୀ ହେବୁ ।

ମୁଁ କହିଲି - ଡନ୍, ମୁଁ ଆପଣଙ୍କ ପ୍ରତି କୃତଜ୍ଞ ।

ଡନ୍ କହିଲେ - ତକିଆ ତଳେ ନରଖି ଏ ଫଟଟି ବିନୟଙ୍କ ସାମ୍ନାରେ ରଖିଦବା । ଯେମିତି କି ଜ୍ଞାନ ଆସିବାପରେ ଯେତେବେଳେ ସିଏ ପ୍ରଥମେ ଆଖି ଖୋଲିବେ; ଆପଣଙ୍କ ପ୍ରିୟ ଠାକୁରଙ୍କ ଉପରେ ତାଙ୍କର ନଜର୍ ପଡିବ ।

ଡନ୍ ଗୋଟିଏ ପରିଚ୍ଛନ୍ନ ଲଫାପାରେ ଫଟଟିକୁ ପୂରାଇ ଓ ଉକ୍ତ ଲଫାପାରେ ଗୋଟିଏ ସୁତୁଲି ବାନ୍ଧି ତାହାକୁ ନେଇ ସଯତ୍ନ ଟାଙ୍ଗି ଦେଇ ଆସିଲେ ସାଲାଇନ୍ ଡ୍ରିପ୍ ଲାଗିଥିବା ଲୁହା ଷ୍ଟାଣ୍ଡରେ - ଠିକ୍ ବିନୟଙ୍କ ସାମ୍ନାରେ ।

ଦୀର୍ଘ କେତେ ଦିନର ମାନସିକ ଚାପ, ଅବିରଳ ଅଶ୍ରୁପାତ ତଥା ଅନିୟମିତ ଜୀବନଶୈଳୀ ବେଶ୍ କାହିଲା କରିଦେଇଥିଲା ମତେ । ସର୍ବ ଶେଷରେ ସେଦିନ ବିନୟଙ୍କ





ସଂପର୍କରେ ଡେଭିଡ୍ କରିଥିବା ଦୁଃଖଦ ଟିପ୍ପଣୀ ଦୋହଲାଇ ଦେଇଥିଲା ଶରୀରର ମଞ୍ଜି । ସନ୍ଧ୍ୟାବେଳେ ଭୟଙ୍କର ଭାବରେ ଅସୁସ୍ଥ ହୋଇପଡିଲି ମୁଁ । ମୁଣ୍ଡ ଚକ୍କର କାଟି ଲାଗିଲା । ଲାଉଞ୍ଜ୍ ସଂଲଗ୍ନ ବାଥ୍ରୁମ୍‌ଟିରେ ଯାଇ ଅବିଶ୍ରାନ୍ତ ବାନ୍ତି କରି ଲାଗିଲି । ସେ ବମନ ପ୍ରକ୍ରିୟା ବନ୍ଦ ହେବାର କୌଣସି ଲକ୍ଷଣ ଦେଖା ଗଲାନି । ଲାଉଞ୍ଜ୍‌ରେ ବସିଥିବା କେତେଜଣ ଆମେରିକୀୟ ନାଗରିକ, ମୋର ଏ ଅବସ୍ଥା ଦେଖି ମୋତେ ହୁଇଲ୍ ଚେୟାରରେ ବସାଇ ନେଇଗଲେ ଅନ୍ୟଗୋଟିଏ ମହଲାରେ ଥିବା ଏମର୍‌ଜେନ୍‌ସି ବିଭାଗକୁ ସେଠା ଦାୟିତ୍ୱରେ ଥିବା ନର୍ସ ବିଭିନ୍ନ ପ୍ରକାରର ପରୀକ୍ଷା କରି ଓ ରକ୍ତଚାପ ଇତ୍ୟାଦି ଦେଖି ହସ୍‌ପିଟାଲ୍‌ରେ ଆଡ୍‌ମିଶନ୍ କରିଦେଲେ ମତେ । ବିନୟଙ୍କୁ ଆଇ.ସି.ୟୁରେ ଛାଡି ସେଠାରେ ରହିବାକୁ ମୁଁ ଯେତିକି ନାମଙ୍ଗ, ଏତାଦୃଶ ଅବସ୍ଥାରେ ମତେ ଛାଡିଦେବା ପାଇଁ ନର୍ସ ମହୋଦୟା ମଧ୍ୟ ସେତିକି ନାମଙ୍ଗ । ବହୁକଷ୍ଟରେ ବିନୟଙ୍କର ଅବସ୍ଥାର ଦ୍ୱାହିଦେଇ ପାର୍ ପାଇଲି ତାଙ୍କଠାରୁ ଓ ପୁନର୍ବାର ହୁଇଲ୍ ଚେୟାରରେ ବସି ଫେରି ଆସିଲି ଲାଉଞ୍ଜ୍‌କୁ ।

ରାତି ପାହି ସକାଳ ହେଲା । ୟୁନିଭର୍ସିଟି କାମ ସାରି ବବି ପହଞ୍ଚିଲା ଖରାବେଳେ ହସ୍‌ପିଟାଲ୍‌ରେ । କହିଲା - ମାମା, ଦିନ ଦିନ ଧରି ଗାଧୁଆପାଧୁଆ ନାହିଁ, ବିଶ୍ରାମ ନାହିଁ ସେଇ ଗୋଟିଏ ଶାଢ଼ି ପିନ୍ଧି ବସିରହିଚ ଏଠି । ଘରକୁ ଯାଇ ଅନ୍ତତଃ ସ୍ନାନ ସାରି ଲୁଗାଟା ବଦଳେଇ ଦେଇ ଆସ । ମୁଁ ଏଠି ପାପାଙ୍କୁ ଜଗିକି ରହିଛି । କିଛି ସମୟ ନୀରବ ରହି କହିଲା - ତମେ ତ ମୋ' କଥା କିଛି ଭାବୁନ । ପାପାଙ୍କର ଏଭଳି ଅବସ୍ଥା, ତମେ ଯଦି ଶଯ୍ୟାଶାୟୀ ହୋଇଯିବ, ମୁଁ କଅଣ କରିବି ? କୁଆଡେ ଯିବି ?

ଚାହିଁ ଦେଖିଲି - ବିନୟଙ୍କ ପାଇଁ ଉଦ୍‌ବିଗ୍ନତାର ଛାପ ସାରା ମୁହଁରେ । ପ୍ରାଣପ୍ରିୟ ପୁତ୍ରଟି ଯେ କି କଷ୍ଟ ପାଉଛି ତାର କିଛିଟା କଳନା କରିପାରିଲି ତା'ର ବିଷନ୍ନ ଚାହାଣି ତଥା ଭଗ୍ନସ୍ୱାସ୍ଥ୍ୟରୁ ।

ବବି କହିଲା ମୋର ଅଧ୍ୟାପକ ବନ୍ଧୁ ଜାଓକୁ ମୁଁ ସାଥିରେ ନେଇ ଆସିଛି । ତା' ଗାଡି ନେଇ ତଳେ ଅପେକ୍ଷା କରୁଛି ସିଏ । ସିଏ ନେଇଯିବ ତମକୁ । ହସ୍‌ପିଟାଲ୍‌ରେ ଆଣି ଛାଡିଦବ ମଧ୍ୟ ।

ଅନିଚ୍ଛା ସତ୍ତ୍ୱେ ଫେରିଲି ଘରକୁ । ମନକୁ ବୁଝାଇଲି - ଘଣ୍ଟେ ଦେଢଘଣ୍ଟାର ବ୍ୟାପାର । ବବିତ ଅଛି ହସ୍‌ପିଟାଲ୍‌ରେ ।

ଜାଓ ଗାଡିରୁ ଓହ୍ଲାଇ ଠିକ୍ ଘରେ ପାଦ ଦେଇଛି । ବବିର ଫୋନ୍ ମିଳିଲା । ଅଜଣା ଆଶଙ୍କାରେ ଦୋହଲିଗଲା ମନ । ବବି କହିଲା - ମାମା ଡକ୍ଟର ଡେଭିଡ୍ ଓ୍ୱେନ୍‌ଖଟ କିନ୍ତୁ

ପାଗଳଙ୍କ ପରି ତମକୁ ଖୋଜି ଲାଗିଛନ୍ତି । ଏବେ ଲାଉଞ୍ଜ୍‌କୁ ଆସିଥିଲେ । ମୁଁ ତାଙ୍କୁ ମୋ ଘର ନମ୍ବର ଦେଇଛି ସିଏ ତମକୁ ଏବେ ଫୋନ୍ କରିବେ କହିଛନ୍ତି ।

- ପଚାରିଲୁନି କାହିଁକି ମତେ ଖୋଜୁଛନ୍ତି ?

- ପଚାରିଥିଲି ମାମା । କିଛି କହିଲେନି । ଖାଲି କହିଲେ ତୁମ ମା'ଙ୍କୁ ଗୋଟିଏ ଖବର ଦେବାର ଅଛି । ତାଙ୍କ ଫୋନ୍ ପାଇଲେ ମତେ ଜଣେଇବ ତ ମାମା ଖବରଟି କଅଣ ? ବ୍ୟସ୍ତ ଲାଗୁଛି ।

ବବି ଫୋନ୍ ଛାଡିଦେଲା ଏବଂ ତା'ର ପ୍ରାୟ ପାଞ୍ଚମିନିଟ୍ ଭିତରେ ଫୋନ୍ ଆସିଲା ଡେଭିଡ୍‌ଙ୍କ ଠାରୁ । ଟେଲିଫୋନ୍‌ରେ ବେଶ୍ ଉତ୍ତେଜିତ ଜଣାପଡୁଥିଲେ ଡେଭିଡ୍ । କହିଲେ - ଦୁଃଖଦ ଖବରଟି କାଲି ସର୍ବପ୍ରଥମେ ଆପଣଙ୍କୁ ଦେଇଥିଲି । ତେଣୁ ସୁଖଦ ଖବରଟି ମଧ୍ୟ ଆପଣଙ୍କୁ ପ୍ରଥମେ ଜଣାଇବି ବୋଲି ଭାବିଲି ।

ମୁଁ ପଚାରିଲି - ବିନୟଙ୍କର ଅବସ୍ଥା କେମିତି ଏବେ ?

ଡେଭିଡ୍ କହିଲେ - ସେଇ କଥା କହିବା ଲାଗି ଫୋନ୍ କରିଛି । କାଲି ଆପଣଙ୍କୁ କହିଥିଲି ନା ! ବିନୟଙ୍କର ବ୍ୟାପାରରେ ଆଶାର କ୍ଷୀଣ ଆଲୋକ ବି ଆମକୁ ପରିଦୃଶ୍ୟମାନ ହେଉନି ବୋଲି । କିନ୍ତୁ ଏବେ ଏବେ ମୁଁ ବିନୟଙ୍କୁ ପରୀକ୍ଷା କରି ଆସିଲି । ଆଶ୍ଚର୍ଯ୍ୟ କଥା, ଆଇ.ସି.ୟୁରେ ଦାଖଲ ହେବା ପରେ, ପ୍ରଥମ ଥର ପାଇଁ ତାଙ୍କ ଅବସ୍ଥାରେ କିଛି ପରିମାଣରେ ଉନ୍ନତି ମୁଁ ଦେଖିବାକୁ ପାଇଲି । ଏବେ ମୁଁ ଆଶାବାଦୀ ଯେ ସୁସ୍ଥ ବିନୟଙ୍କୁ ଆପଣଙ୍କ ହାତରେ ଅର୍ପଣ କରିପାରିବି ।

ରୁଦ୍ଧ ଗଳାରେ ମୁଁ କହିଲି - ଧନ୍ୟବାଦ୍ ।

ଡେଭିଡ୍ ପୁନର୍ବାର କହିଲେ - କାଲି ଆପଣଙ୍କର ଅଶ୍ରୁପାତ ଓ ଯନ୍ତ୍ରଣାକ୍ଲିଷ୍ଟ ମୁହଁ, ବହୁତ କଷ୍ଟ ଦେଇଛି ମତେ । ତେଣୁ ଆପଣଙ୍କ ପୁଅକୁ ନକହି ଆପଣଙ୍କୁ ପ୍ରଥମେ ଖବରଟି ଦେବି ବୋଲି ନିର୍ଣ୍ଣୟ କରିଥିଲି । କିନ୍ତୁ ଗୋଟିଏ କଥା ଏବେ ବି ମୋ ଲାଗି ରହସ୍ୟ ହେଇ ରହିଯାଉଛି । ମାତ୍ର ଗୋଟିଏ ଦିନରେ ଅଚାନକ୍ ଏଭଳି ପରିବର୍ତ୍ତନ ସମ୍ଭବ ହେଲା କେମିତି ? ଇଟ୍‌ସ୍ ନଥିଙ୍ଗ୍ ବଟ୍ ଏ ମିରାକ୍‌ଲ୍ ।

ଡେଭିଡ୍ ଫୋନ୍ ଛାଡିଦେଲେ ଓ ଥରିଥରି ମୁଁ ବସି ପଡିଲି ଖଟରେ । ଶରୀର ଅବସନ୍ନ । ମୁଣ୍ଡ ଦିବାକ୍ ଫାଙ୍କା ଏବଂ ବାହ୍ୟ ପୃଥିବୀ ସଂପର୍କରେ ସମ୍ପୂର୍ଣ୍ଣରୂପେ ବୋଧଶକ୍ତି ରହିତ ।





ଡେଭିଡ୍ କହିଲେ ଏହା ଏକ ମିରାକଲ୍ । କିନ୍ତୁ ଚିକିତ୍ସା ବିଜ୍ଞାନର ସମସ୍ତ କଳନାକୁ ଭୁଲ୍ ପ୍ରମାଣିତ କରି କେମିତି ଘଟିଲା ଏ ମିରାକଲ୍ ?

ମନେ ପଡିଲା - କାଲି ଠିକ୍ ଏତିକିବେଳେ ପ୍ରଭୁ ଜଗନ୍ନାଥଙ୍କୁ ନେଇ ରଖି ଆସିଥିଲି ଆଇ.ସି.ୟୁରେ । ପ୍ରଭୁ ଯେ ଅପାର କରୁଣାମୟ ! ଇଏ ନିଶ୍ଚିତରୂପେ ତାଙ୍କରି ଆଶୀର୍ବାଦର ଫଳ । ଗୋଟିଏ ଅବାସ୍ତବ ଘଟଣାକୁ ବାସ୍ତବରେ ରୂପାନ୍ତରିତ କରିବା ପାଇଁ ତାଙ୍କୁ ଚବିଶଘଣ୍ଟା ବି ଲାଗିଲାନି ।

ଭାବିଲି - ମୁଁ ଯେ ପୃଥିବୀର ନିହାତି ଅର୍ବାଚୀନ ମଣିଷଟିଏ । ତେବେ ବି ମୋ ଆର୍ତ୍ତିରେ ବିଚଳିତ ହୋଇ, ରତ୍ନ ସିଂହାସନ ତେଜି ପ୍ରଭୁ ଚକାଡୋଳା ଯାଇ ହାଜର ହୋଇଥିଲେ ଯୁକ୍ତରାଷ୍ଟ୍ରର ସ୍ୱାରୋ ହସ୍‌ପିଟାଲ୍‌ରେ । ଆଇ.ସି.ୟୁ ଭିତରକୁ ପଶିବାର ବାଟ ଖୋଜି ନେଲେ ନିଜେ ନିଜେ । ତାଙ୍କରି ମୋହନମୁରଲୀ ସ୍ୱରରେ ଜାଗରୂକ କଲେ ଏଯାବତ୍ ଶୁପ୍ତ ଓ ଅନୁଭୂତିବିହୀନ ହେଇ ପଡିଥିବା ବିନୟଙ୍କର ଚୈତନ୍ୟକୁ । ତାଙ୍କର ଚନ୍ଦନଶୀତଳ ହାତର ସ୍ପର୍ଶରେ ରୁଗ୍‌ଣ ମଣିଷଟି ଦେହରେ ବୋଳିଦେଲେ ଅମୃତର ଲେପ - ଦେଲେ ତାଙ୍କୁ ନବଜୀବନର ସ୍ୱାଦ । ଧର୍ମରାଜାଙ୍କର ଅକ୍ଷୌହିଣୀ ସେନାଙ୍କୁ ଏକାକୀ ଯୁଦ୍ଧରେ ପରାସ୍ତ କରି ତାଙ୍କ ଇଲାକାର ସୀମାରେଖାରେ ପହଞ୍ଚି ସାରିଥିବା ମଣିଷଟିକୁ ପୁନର୍ବାର ଏ ମନୋରମ ପୃଥିବୀକୁ ଫେରାଇ ଆଣିବା - ଏ ଅସମ୍ଭବ କାମଟିକୁ ମହାପ୍ରଭୁ ଜଗନ୍ନାଥଙ୍କ ବ୍ୟତୀତ କିଏ ବା କରିପାରିଥାଆନ୍ତା ?

ଯା' ପରର ଘଟଣାବଳୀ ଚମକ ବିହୀନ ଏବଂ ସଂକ୍ଷିପ୍ତ । ଶେଷ ପର୍ଯ୍ୟନ୍ତ ବିନୟ ସୁସ୍ଥତା ଲାଭ କରିଥିଲେ ଏବଂ ବିନା ବିଘ୍ନରେ ଘରକୁ ଫେରି ଆସିଥିଲେ । ଆସିବା ପୂର୍ବଦିନ ଡେଭିଡ୍ ଦେଖା କରିଥିଲେ ଆମ ସହିତ । କହିଥିଲେ ଉଭୟ ସ୍ୱାରୋ ହସ୍‌ପିଟାଲ୍‌ର ଇତିହାସରେ ତଥା ତାଙ୍କର ଜୀବନକାଳ ଭିତରେ, ଚିକେନପକ୍ସ ଭାଇରସର ଏଭଳି ଦୁର୍ଦ୍ଦାନ୍ତ ଆକ୍ରମଣ କେବେ ବି ତାଙ୍କ ନଜରକୁ ଆସିନି । ବସ୍ତୁତଃ ଏଇ କେସ୍‌ଟି ଏତେ ବେଶୀ ଅସାଧାରଣ ଓ ବିରଳ ଯେ କାଲି କ୍ଲାସ୍ ନେଲାବେଳେ, ମେଡିକାଲ୍ କଲେଜର ଛାତ୍ରମାନଙ୍କୁ ଏହାର ଗଭୀର ଅନୁଶୀଳନ ପାଇଁ ସିଏ ପରାମର୍ଶ ଦେଇଛନ୍ତି ।

ବିନୟ ଆଇ.ସି.ୟୁରୁ ବାହାରିଲା ବେଳେ, ସାଲାଇନ୍ ଷ୍ଟାଣ୍ଡରେ ଝୁଲି ଦୋଳି ଖେଳୁଥିବା ମହାପ୍ରଭୁ ଜଗନ୍ନାଥଙ୍କର ସେ ଫଟଟିକୁ କାଢି, ମୁଁ ନେଇ ଆସିଥିଲି ସାଥିରେ । କେଇମାସ ପରେ ମୋ ସହିତ ଦୀର୍ଘ ଷୋଳଘଣ୍ଟାର ଉଡାଣ ଉଡି ମହାପ୍ରଭୁ ଆସି ଛୁଇଁଥିଲେ ନିଜ ଦେଶର ମାଟି ।

ଆଜି ବି ମୋ ପୂଜାବେଦୀରେ ସିଏ ବିରାଜମାନ । ମୋ'ର ଅସ୍ଥିର ଓ ବିକଳ ମୁହୂର୍ତ୍ତ ଗୁଡ଼ିକରେ ମତେ ମନେ ପକାଇ ଦିଅନ୍ତି - ତାଙ୍କର କରୁଣା ବିନା କେତେବେଶୀ ଅସହାୟ ମୁଁ ଏଇ ପୃଥିବୀରେ ।

॥୨॥

ଦ୍ୱିତୀୟ ଉପାଖ୍ୟାନଟି ଝରଣାଙ୍କ ଜୀବନରେ ଜଗନ୍ନାଥ ମହାପ୍ରଭୁଙ୍କର ଅପରିସୀମ କୃପାର କାହାଣୀ । କିଛି ପରିମାଣରେ ବିସ୍ମୟକର ମଧ୍ୟ ।

ଡାକ୍ତର ରବିନାରାୟଣ ରଥ ଓ ତାଙ୍କର ଅର୍ଦ୍ଧାଙ୍ଗିନୀ ଝରଣା ମୋର ପଡୋଶୀ ଓ ମୋ ପରିବାରର ନିକଟତମ ବନ୍ଧୁ । ଉଭୟ ପତିପତ୍ନୀ ମେଳାପୀ, ମିଷ୍ଟଭାଷୀ ଏବଂ ବନ୍ଧୁବତ୍ସଳ । ସେଦିନ କଥା ପ୍ରସଙ୍ଗରେ ଜଗନ୍ନାଥ ମହାପ୍ରଭୁଙ୍କ ଉପରେ ସତ୍ୟାଶ୍ରିତ ଅନୁଭୂତିଟିଏ ଲେଖିବା ପାଇଁ ମତେ ସୁଯୋଗ ମିଳିଛି ବୋଲି ସେମାନଙ୍କୁ କହିଥିଲି । ରବି କହିଲେ - ନାନୀ, ଝରଣା ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ । ତାଙ୍କୁ ନେଇ ଅନେକ ଚମତ୍କାର ଅନୁଭୂତି ଅଛି ତା'ର । ତନ୍ମଧ୍ୟରୁ ଗୋଟିଏ କାହାଣୀ ଅନ୍ତତଃ ଲେଖନ୍ତୁନା । ପ୍ରିୟ ପାଠକଗଣ, ସାଧାରଣ ମଣିଷପ୍ରତି ମହାପ୍ରଭୁ ପ୍ରଦର୍ଶନ କରୁଥିବା ଅପାରମହିମାର ସ୍ୱାଦ ନିଶ୍ଚିତରୂପେ ପାଇବେ ଏ କାହାଣୀଟିରୁ । ତା'ପରେ, ଭକ୍ତି ରସରେ ନିମଗ୍ନ ପତିପତ୍ନୀ ଦିହେଁ ଏଇ କାହାଣୀଟିକୁ ବର୍ଣ୍ଣନା କରିଥିଲେ ମୋ ଆଗରେ । ଅନୁଭୂତିଟି ଝରଣାଙ୍କର ଏବଂ ସେ ସ୍ୱର୍ଗୀୟ ଓ ଅପାର୍ଥିବ ଅନୁଭୂତିଟିର ମୁଁ ଲିପିକାର ମାତ୍ର ।

ଘଟଣାଟି ଅନେକ ବର୍ଷ ତଳର । ସେତେବେଳେ ରବିଙ୍କର କର୍ମସ୍ଥଳୀ ବିହାରର ଗୟା ସହର । ପୁରୀରୁ ଶ୍ରୀ ମଧୁସୂଦନ ଖୁଣ୍ଟିଆ ନାମକ ଜଣେ ଭଦ୍ରବ୍ୟକ୍ତି ପତ୍ନୀ ଓ ଗୁମାସ୍ତାଙ୍କୁ ସାଥିରେ ଧରି ପିତାମାତାଙ୍କର ପିଣ୍ଡଦାନ ନିମନ୍ତେ ଯାଇ ପହଞ୍ଚିଥିଲେ ଗୟା ସହରରେ । ଉଠିଥିଲେ ଗୋଟିଏ ଲଜ୍‌ରେ । ସାଥିରେ ପୁରୀ ନିବାସୀ ଡାକ୍ତର ଲକ୍ଷ୍ମୀନାରାୟଣ ମହାପାତ୍ରଙ୍କ ପ୍ରଦତ୍ତ ରବିଙ୍କର ନାମ ଓ ଠିକଣା ଲେଖାଥିବା କାଗଜଟି ଥିଲା ଅବଶ୍ୟ । ଲକ୍ଷ୍ମୀନାରାୟଣ କହିଥିଲେ - ରବି ମୋ'ର ପରିଚିତ ଡାକ୍ତର । ଅତ୍ୟନ୍ତ ପରୋପକାରୀ ମଣିଷ । କିଛି ଦରକାର ପଡିଲେ ତାଙ୍କ ସହିତ ଯୋଗାଯୋଗ କରିବେ । ସେଭଳି କିଛି ଦରକାର ପଡିନଥିଲା । ତେଣୁ ରବିଙ୍କ ସହ ଯୋଗାଯୋଗ କରିନଥିଲେ ମଧୁସୁଦନ । ଲଜ୍‌ରେ ଆସ୍ଥାନ ଜମାଇ, ବ୍ୟସ୍ତ ହେଇପଡିଲେ ଶ୍ରାଦ୍ଧକାର୍ଯ୍ୟ ସଂପାଦନରେ ।

କିନ୍ତୁ ଲଗାତାର୍ ଉପାସିଆ ପେଟରେ ବିଭିନ୍ନ ସ୍ଥାନରେ କରୁଥିବା ବିଳମ୍ବିତ ଶ୍ରାଦ୍ଧକାର୍ଯ୍ୟ, ପଣ୍ଡାମାନଙ୍କ ଦୌରାତ୍ମ୍ୟ ହେତୁ ଉପୁଜୁଥିବା ମାନସିକ ଅବସାଦ ଏବଂ ନିତ୍ୟନୈମିତ୍ତିକ





ଜୀବନଶୈଳୀର ବିଶୃଙ୍ଖଳା - ସବୁ ମିଶି ପୀଡିତ କରିପକାଇଲା ତାଙ୍କୁ । ହୋଇଉଠିଲେ ଶଯ୍ୟାଶାୟୀ । ଏକାଥରକେ ରକ୍ତଆମାଶୟ ଏବଂ ରକ୍ତବାନ୍ତି । ସାଥିରେ ଯାଇଥିବା ଗୁମାସ୍ତା ଜଣକ ଲଜ୍‌କୁ ଜଣେ ଡାକ୍ତର ଆଣି ଚିକିତ୍ସାର ବନ୍ଦୋବସ୍ତ କଲେ ସତ, କିନ୍ତୁ ମଧୁସୂଦନଙ୍କର ଅବସ୍ଥାରେ କୌଣସି ପ୍ରକାର ପରିବର୍ତ୍ତନ ଦୃଷ୍ଟିଗୋଚର ହେଲାନି ।

ଠିକ୍ ଏତିକିବେଳେ ଉଭୟ ମଧୁସୂଦନ ଓ ଗୁମାସ୍ତାଙ୍କର ମନେପଡିଲା ପୁରୀର ଆଣିଥିବା ଡାକ୍ତର ରବିନାରାୟଣ ରଥଙ୍କର ଠିକଣାର କଥା । ଗୁମାସ୍ତା ସତ୍ୱରେ ଯାଇ ହାଜିର୍ ହେଲେ ରବିଙ୍କର ହସ୍‌ପିଟାଲ୍‌ରେ । ସେଦିନ ଥିଲା ସେପ୍ଟେମ୍ବର ମାସ ବାର ତାରିଖ, ରବିଙ୍କର ଜନ୍ମଦିନ ଏବଂ ସେ ଜନ୍ମଦିନରେ ଅତ୍ୟନ୍ତ ପୁଣ୍ୟ କାର୍ଯ୍ୟଟିଏ କଲେ ରବି । ଲଜ୍ ଯାଇ ଔଷଧପତ୍ର ଦେଇ ମଧୁସୂଦନଙ୍କର ଚିକିତ୍ସାର ଦାୟିତ୍ୱ ବହନ କରିଥିଲେ । ମଧୁସୂଦନଙ୍କର ବ୍ଲଡ୍‌ଗ୍ରୁପ୍ ତାଙ୍କ ବ୍ଲଡ୍‌ଗ୍ରୁପ୍ ମେଳ ଖାଇବାର ଦେଖି ସ୍ୱଶରୀରରୁ ରୁଗ୍ଣ ମଣିଷଟି ପାଇଁ ଗୋଟିଏ ବୋତଲ ରକ୍ତ ମଧ୍ୟ ପ୍ରଦାନ କରିଥିଲେ ।

ପରଦିନ ହସ୍‌ପିଟାଲ୍ କାର୍ଯ୍ୟ ସମାପ୍ତ କରି ରବି ଲଜ୍‌ରେ ପହଞ୍ଚିଲା ବେଳକୁ ମଧୁସୂଦନ ବହୁକାଂଶରେ ସୁସ୍ଥ । ଲଜ୍‌ର ଅସ୍ୱାସ୍ଥ୍ୟକର ପରିସ୍ଥିତିରେ ସେମାନଙ୍କୁ ନଛାଡି, ଏକରକମ ଜୋରଜବରଦସ୍ତି କରି ରବି ମଧୁସୂଦନଙ୍କର ପରିବାରକୁ ନେଇଆସିଲେ ନିଜ ଘରକୁ ।

ସେତେବେଳେ ରବିଙ୍କର ବାସସ୍ଥଳୀ ଥିଲା ଗୋଟିଏ ତିନିମହଲା କୋଠାର ଉପର ମହଲା । ତଳ ମହଲାଟି ଖାଲି ପଡିଥିଲା । ଘର ମାଲିକଙ୍କୁ କହି ସେଇ ତଳମହଲା ଘରେ ମଧୁସୂଦନ ରହିବାର ବ୍ୟବସ୍ଥା କରିଦେଲେ ରବି । ଶ୍ରାଦ୍ଧକାର୍ଯ୍ୟରେ ଆସିଥିବାରୁ ମଧୁସୂଦନ ସ୍ୱପାକ ଖାଇବା ବିଧେୟ ବୋଲି ମଣିଲେ ଏବଂ ତଳମହଲା ଘରେ ନିଜେ ରାନ୍ଧିବାଢି ଖାଇ ବେଶ୍ ଆରାମରେ ବସବାସ କଲେ । ଦୈବାତ୍ ଏତିକିବେଳକୁ, ପ୍ରବଳ ବୃଷ୍ଟି ଏବଂ ବାତ୍ୟା ହେତୁ ଟ୍ରେନ୍ ଚଳାଚଳ ବିଚ୍ଛିନ୍ନ ହୋଇପଡିଲା ଏବଂ ନିର୍ଦ୍ଧାରିତ ଦିବସରେ ମଧୁସୂଦନ ପୁରୀ ପ୍ରତ୍ୟାବର୍ତ୍ତନ କରିପାରିଲେ ନାହିଁ ।

ଏହା ମଧ୍ୟରେ, ଲଜ୍‌ରେ ଥିବା ଅନ୍ୟ କେତେକ ଓଡ଼ିଆ ଯାତ୍ରୀ ଯେଉଁମାନେ କି ବାତ୍ୟା ପୂର୍ବରୁ ପୁରୀ ଫେରିଯାଇଥିଲେ, ମଧୁସୂଦନଙ୍କ ପୁତ୍ରକୁ ତାଙ୍କ ପିତାଙ୍କର ଅସୁସ୍ଥତାର ଖବର ଜଣାଇଥିଲେ । ବିବ୍ରତ ପୁତ୍ର, ଅନେକ ଟ୍ରେନ୍‌ବଦଳ କରି ଏବଂ ବକ୍ରପଥରେ ଯାତ୍ରାକରି କୌଣସି ମତେ ଆସି ପହଞ୍ଚିଥିଲେ ଗୟାରେ । ସର୍ବପ୍ରଥମେ ଲଜ୍‌କୁ ଯାଇ ଡାକ୍ତର ରବିନାରାୟଣ ରଥ ତାଙ୍କ ପିତାଙ୍କୁ ସାଥିରେ ନେଇ ଯାଇଥିବାର ଖବର ପାଇଥିଲେ ଓ ରବିଙ୍କୁ ଖୋଜି ଖୋଜି ଯାଇ ପହଞ୍ଚିଲେ ତାଙ୍କ ହସ୍‌ପିଟାଲ୍‌ରେ । ସେତେବେଳକୁ ରବି ରୋଗୀ ଦେଖାରେ ବ୍ୟସ୍ତ । କାର୍ଯ୍ୟଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଅନୁରୋଧ କଲେ ମଧୁସୂଦନଙ୍କର ପୁତ୍ରକୁ ।

ମଧୁସୂଦନଙ୍କ ପୁତ୍ର ସାଥିରେ ନେଇଯାଇଥିଲେ ବୃହତ୍‌କାୟ ଏକ ତାଳପତ୍ର ଟୋପିରେ ମହାପ୍ରଭୁଙ୍କର ବିଭିନ୍ନ ପ୍ରକାର ଶୁଖିଲା ପ୍ରସାଦ । ତାହା ରବିଙ୍କୁ ଅର୍ପଣ କରିବାରୁ, ହସ୍‌ପିଟାଲ୍‌ର ଷ୍ଟାଫ୍‌ଙ୍କ ମଧ୍ୟରେ ସେ ମହାପ୍ରସାଦ ବାଣ୍ଟିଦେବା ପାଇଁ କହିଥିଲେ ରବି । ମଧୁସୂଦନଙ୍କର ପୁତ୍ର ତାହା ହିଁ କରିଥିଲେ ଏବଂ ସାରା ହସ୍‌ପିଟାଲ୍‌ର କର୍ମୀବୃନ୍ଦ ଶ୍ରୀ ଜଗନ୍ନାଥଙ୍କର ପୟରରେ ଅର୍ପଣ କରାଯାଇଥିବା ସେ ଭୋଗର ସ୍ୱାଦରେ ହେଇଉଠିଲେ ମସ୍‌ଗୁଲ୍ । ଡାକ୍ତରଖାନାର ଫର୍ମାଲିନ୍ ଓ ଡେଟଲ୍‌ର ଗନ୍ଧ ଟପି କୋଣ ଅନୁକୋଣ ମହମହ କରିଉଠିଲା ଚକାଡୋଳାଙ୍କର ଶ୍ରୀ ଅଙ୍ଗରେ ଶୋଭାପାଉଥିବା ଚନ୍ଦନ ଓ ତୁଳସୀ ବାସ୍ନାରେ । ଏବଂ ସେଇ ଅନୁପମ ବାସ୍ନା ରବିଙ୍କୁ ମନେପକାଇ ଦେଲା ସେଦିନ ସକାଳର ଗୋଟିଏ ଘଟଣାକୁ ।

ସକାଳେ ଏକାସାଥିରେ ଚା' ପିଉପିଉ ପତ୍ନୀ ଝରଣା ତାଙ୍କୁ କହିଥିଲେ - ଜାଣିଚ ! କାଲି ରାତିରେ ମୁଁ ଶ୍ରୀଜଗନ୍ନାଥଙ୍କୁ ସ୍ୱପ୍ନ ଦେଖିଛି । ଆଶ୍ଚର୍ଯ୍ୟ ସ୍ୱପ୍ନଟିଏ ଦେଖିଲି । ଜଣେ ଲୋକ ଜଗନ୍ନାଥଙ୍କୁ ଦୁଇ ହାତରେ ଉଠାଇ ନେଇ ସଜୋରେ ଫିଙ୍ଗିଦେଉଛି ଦୂରକୁ । ଜଗନ୍ନାଥ କିନ୍ତୁ ମାଟିକୁ ସ୍ପର୍ଶ କରୁନାହାନ୍ତି । ତଳେ ନପଡି ମାଟି ଉପରେ ଶୂନ୍ୟରେ ଅଟକି ଯାଉଛନ୍ତି ଏବଂ ଆଶ୍ଚର୍ଯ୍ୟ କଥା - କଳାଠାକୁରଙ୍କ ଚତୁର୍ଦ୍ଦିଗରେ ଶ୍ୱେତବର୍ଣ୍ଣର ଆଭା ।

ମୃଦୁହସି ରବି ଟିପ୍ପଣୀ କାଟିଥିଲେ - ତୁମେ ତ ଶ୍ରୀଜଗନ୍ନାଥଙ୍କର ପରମଭକ୍ତ । ଜଗନ୍ନାଥ ଅନ୍ତ ପ୍ରାଣ ତମର । ତେଣୁ ତାଙ୍କୁ ନେଇ ତମର ସ୍ୱପ୍ନ ଦେଖିବାରେ ବଡକଥା ଆଉ କଅଣ ?

- ବଡକଥା ନୁହେଁ ? ଝରଣା ତାଙ୍କ ସ୍ୱପ୍ନର ସମୀକ୍ଷା କରିଲାଗିଲେ ରବିଙ୍କ ଆଗରେ । କହିଲେ - ଜଗନ୍ନାଥଙ୍କର ଦାରୁମୂର୍ତ୍ତି କେତେ ଓଜନ୍‌ଦାର ତମେ ଜାଣ, ଘୋଷଯାତ୍ରା ସମୟରେ ସେ ଦାରୁମୂର୍ତ୍ତିଙ୍କୁ ରଥଉପରକୁ ନେଲାବେଳକୁ କି ଟଣାଓଟରା । ଶେଷକୁ ରଜ୍ଜୁରେ ବାନ୍ଧି ଦଇତାପତିମାନେ ଟାଣି ଟାଣି ଉପରକୁ ନିଅନ୍ତି । ପ୍ରଭୁଙ୍କର ଏଭଳି ମୂର୍ତ୍ତିକୁ ଜଣେ ଲୋକ ଏକୁଟିଆ ଦୁଇହାତରେ ଟେକି ଫୁଲଟିଏ ଫିଙ୍ଗିଲା ପରି ଫିଙ୍ଗି ଦେଉଛି । ସେ ମୂର୍ତ୍ତି ପୁଣି ମଝିରେ ନପଡି ଝୁଲି ରହୁଛନ୍ତି ଶୂନ୍ୟରେ । ଏହାଠାରୁ ବଳି ବିସ୍ମୟକର ଆଉ କଅଣ ବା ହୋଇପାରେ ? ତା'ଛଡା ଜଗନ୍ନାଥ ତ କଳାଠାକୁର । ତାଙ୍କ ମୁଖମଣ୍ଡଳ ଚାରିପଟେ ଧବ୍‌ଧବ୍ ଶୁଭ୍ର ସେ ଶୁଭ୍ରଜ୍ୟୋତି ବା ନଜରକୁ ଆସୁଚି କାହିଁକି ? ପ୍ରଭୁ ମତେ କଅଣ ବା ସୂଚନା ଦେଉଛନ୍ତି ଏଭଳି ଭାବରେ ମୋ ସ୍ୱପ୍ନରେ ଉଭାହେଇ ? ଝରଣା ଏତିକି କହି ଭକ୍ତିଆପ୍ଳୁତ ଓ ଚିନ୍ତିତ ମନରେ ବସି ରହିଲେ କିଛି ସମୟ ପାଇଁ ।

ହସ୍‌ପିଟାଲ୍ ଯିବାର ସମୟ ହେଇଆସିଥିଲା । ଚା'ର ଆସର ଛାଡି ଉଠିପଡିଲେ ରବି । ସେ ଆଲୋଚନା ଅଟକି ଯାଇଥିଲା ସେଇଠି । ଜଗନ୍ନାଥଙ୍କ ଭୋଗମହାପ୍ରସାଦର





ପବିତ୍ର ବାସ୍ନା ହଠାତ୍ କେଜାଣି କାହିଁକି ମନେପକାଇ ଦେଲା ଝରଣାଙ୍କ ସହିତ ହେଇଥିବା ସକାଳର ସେଇ ଅସମାପ୍ତ ଆଲୋଚନାକୁ ।

ଯାହାହେଉ, ଠିକ୍ ସମୟରେ ହସ୍‌ପିଟାଲ୍‌ର କାର୍ଯ୍ୟ ସରିଲା । ମଧୁସୂଦନଙ୍କ ପୁତ୍ରକୁ ସାଥିରେ ନେଇ ରବି ଫେରି ଆସିଲେ ନିଜ ବାସସ୍ଥଳୀକୁ । ତଳମହଲାରେ ପିତାଙ୍କୁ ସୁସ୍ଥ ଓ ସୁରକ୍ଷିତ ଦେଖି ପୁତ୍ର ଆନନ୍ଦିତ ହେଲେ ମଧ୍ୟ ।

ପିତାଙ୍କ ସହିତ କିଛି ସମୟ ଅତିବାହିତ କରି, ମଧୁସୂଦନଙ୍କ ପୁତ୍ର ଆସିଲେ ଉପରମହଲାକୁ ଝରଣାଙ୍କ ସହିତ ଆଳାପ କରିବା ପାଇଁ । ହାତରେ ପରିପାଟୀ ସହିତ ଯତ୍ନରେ ବନ୍ଧା ମଧ୍ୟମ ଧରଣର ପ୍ୟାକେଟ୍‌ଟିଏ ।

ଆପ୍ୟାୟନ କରି ଝରଣା ଓ ରବି ନେଇ ବସାଇଲେ ଅତିଥିଙ୍କୁ । ସଲ୍ଲଜ ଭଙ୍ଗୀରେ ପ୍ୟାକେଟ୍‌ଟି ଝରଣାଙ୍କ ହାତକୁ ବଢାଇ ଦେଉ ଦେଉ ମଧୁସୂଦନଙ୍କ ପୁତ୍ର କହିଲେ - ପୁରୀରୁ ଆସୁଥିଲି ତ ! ଆପଣଙ୍କ ପାଇଁ ଉପହାରଟିଏ ଆଣିବାକୁ ମନ ବଳିଲା । ଆଶା ଆପଣଙ୍କର ପସନ୍ଦ ହେବ ।

ଆଗ୍ରହୀ ହାତରେ ପ୍ୟାକେଟ୍‌ଟି ସାବଧାନତାର ସହିତ ଖୋଲିଲାଗିଲେ ଝରଣା । ଭିତରେ ଥିଲା ଜଗନ୍ନାଥ ମହାପ୍ରଭୁଙ୍କର ମୁଖମଣ୍ଡଳର ପ୍ରତିକୃତିଟିଏ । ସଂପୂର୍ଣ୍ଣରୂପେ ସୋଲରେ ତିଆରି ଏବଂ ଏତେ ବେଶୀ ହାଲୁକା ଯେ ଗୋଟିଏ ଶିଶୁ ମଧ୍ୟ ଅନାୟାସରେ ଟେକି ଧରିପାରେ । ପ୍ରତିକୃତିଟିର କାରୀଗରୀ ଥିଲା ଅପରୂପ । ମଝିରେ କଳାଠାକୁରଙ୍କର ଶ୍ରୀମୁଖ । ସେ ମୁଖକୁ ଘେରି ଧବ୍‌ଧବ୍ ଧଳାସୋଲର କମକୂଟ । ମଥାର ଟାହିଆ, ଗଳାର ରତ୍ନହାର ଓ ଗଜରାମାଳ - ସବୁ କିଛି ଧଳା ସୋଲରେ ତିଆରି । ଲାଗୁଥିଲା ସତେ ଅବା ଏକ ଶ୍ୱେତପଦ୍ମ ମଝିରେ ଚକାଡୋଳାଙ୍କର କଳା ଶ୍ରୀମୁଖ ବିଦ୍ୟମାନ । ଲାଗୁଥିଲା ତାଙ୍କର କଜ୍ଜ୍ୱଳକଳା ମୁଖମଣ୍ଡଳକୁ ଘେରି ରହିଛି ସତେ ଅବା ଏକ ଶୁଭ୍ରଜ୍ୟୋତିର ବଳୟ ।

ତାଙ୍କ ସ୍ୱପ୍ନ ସହିତ ପ୍ରଭୁଙ୍କ ଶରୀର ତଥା ମୁଖାରବିନ୍ଦର ଅନେକ ସାମଞ୍ଜସ୍ୟ ଖୋଜିପାଇଲେ ଝରଣା । ଆବେଗଭରା କଣ୍ଠରେ ମଧୁସୂଦନଙ୍କ ପୁତ୍ରକୁ ଧନ୍ୟବାଦ ଜଣାଇଲେ ଏ ଅପରୂପ ଉପହାରଟି ପାଇଁ ।

ମଧୁବାବୁଙ୍କ ପୁତ୍ର ମୃଦୁହସି କହିଲେ - ଧନ୍ୟବାଦର ପାତ୍ର ମୁଁ ନୁହେଁ, ଆପଣ ଭାଗ୍ୟ ମୋ'ର । ଆପଣଙ୍କର ଦର୍ଶନ ପାଇଲି ଆଜି । ଆପଣ ନିଜେ ଜାଣନ୍ତିନି ଆପଣ କିଭଳି ପୁଣ୍ୟବତୀ । ଜଗନ୍ନାଥଙ୍କୁ ଆମେ ଆଣିନୁ ବରଂ ସିଏ ନିଜେ ଆପଣଙ୍କୁ ଖୋଜି ଖୋଜି ଆସି ଏଠି ପହଞ୍ଚିଛନ୍ତି । ମଝିରେ ଆମହାତରୁ ଖସି ପଳେଇବାର ସୁଯୋଗ ବି ତାଙ୍କର ଥିଲା । କିନ୍ତୁ ଗଲେନି କେବଳ ଆପଣଙ୍କ ପାଖକୁ ଆସିବେ ବୋଲି ।

ଏହାପରେ ଜଗନ୍ନାଥ ଏଠାରେ ପହଞ୍ଚିବାର ଯେଉଁ କାହାଣୀଟି ମଧୁସୂଦନଙ୍କ ପୁତ୍ର କହିଥିଲେ, ତାହା ଥିଲା ବେଶ୍ ଚମକପ୍ରଦ ।

ଗୟା ଷ୍ଟେସନ୍‌ରେ ଟ୍ରେନ୍ ପହଞ୍ଚିଲା ପରେ ମାଲ୍‌ପତ୍ର ଧରି ତରତର ହୋଇ ଓହ୍ଲାଇ ଯାଇଥିଲେ ମଧୁସୂଦନଙ୍କର ପୁତ୍ର । ଅନ୍ୟମନସ୍କତା ହେତୁ, ଶ୍ରୀ ଜଗନ୍ନାଥ ବନ୍ଧା ହୋଇଥିବା ପ୍ୟାକେଟ୍‌ଟି ରହିଗଲା ଟ୍ରେନ୍ ଭିତରେ । ଭଦ୍ରବ୍ୟକ୍ତି କୁଲି ଡାକି ଜିନିଷପତ୍ର ଧରି ପ୍ଲାଟ୍‌ଫର୍ମ ବାହାରକୁ ଯିବା ପାଇଁ ବାହାରିଛନ୍ତି, ଅଚାନକ ତାଙ୍କର ସହଯାତ୍ରୀ ଜଣକଙ୍କର ଉଚ୍ଚସ୍ୱରର ଡାକ ଶୁଣିବାକୁ ପାଇଲେ । ଘୁରିପଡି ଦେଖନ୍ତି - ସହଯାତ୍ରୀଙ୍କ ହାତରେ ଜଗନ୍ନାଥଙ୍କର ପ୍ୟାକେଟ୍‌ଟି ଏବଂ ସେ ଚିତ୍କାର କରି ତାଙ୍କୁ କହିଲାଗିଛନ୍ତି, ଆପଣଙ୍କର କିଛି ସାମାନ୍ ଗାଡିରେ ଭୁଲ୍‌ରେ ଛାଡିଯାଇଛନ୍ତି । ଦୟାକରି ନେଇଯାଆନ୍ତୁ ।

ମଧୁସୂଦନଙ୍କ ପୁତ୍ର କଂପାର୍ଟମେଣ୍ଟ ପର୍ଯ୍ୟନ୍ତ ଯାଇ ତାଙ୍କ ହାତରୁ ପ୍ୟାକେଟ୍‌ଟି ଆଣିବା ପୂର୍ବରୁ ଗାଡି ଛାଡିଦେଲା ଏବଂ ବଗିର ଦରଜାପାଖରେ ଠିଆ ହୋଇଥିବା ସହଯାତ୍ରୀ ଜଣକ ଅନନ୍ୟୋପାୟ ହେଇ ପ୍ୟାକେଟ୍‌ଟି ସଜୋରେ ଫିଙ୍ଗିଦେଲେ ପ୍ଲାଟ୍‌ଫର୍ମ ଉପରକୁ । ଏବଂ ମଧୁସୂଦନଙ୍କ ପୁତ୍ର ଦୌଡିଯାଇ, ମହାପ୍ରଭୁ ମାଟି ଛୁଇଁଲା ପୂର୍ବରୁ ତାଙ୍କୁ କୋଳେଇ ନେଲେ ପରମ ଶ୍ରଦ୍ଧାରେ ।

ଉପାଖ୍ୟାନଟି ଶୁଣି ରବି ଓ ଝରଣା ଅର୍ଥପୂର୍ଣ୍ଣ ଭାବରେ ଚାହିଁଲେ ପରସ୍ପରକୁ । ଅବାସ୍ତବକୁ ବାସ୍ତବ କରି, ସ୍ୱପ୍ନକୁ ସତ୍ୟ କରି, ମହାପ୍ରଭୁ ସତରେ ଏଭଳି ଭାବରେ ଆସନ୍ତି ହାତ ପାହାନ୍ତାକୁ ? ତା' ପୁଣି ଏତିକି କଷ୍ଟ ସହି ? ଇଏ ଯେ ଏକ ଅଭୂତପୂର୍ବ କାହାଣୀ ।

ଝରଣାଙ୍କୁ କହିଥିଲି - ଲେଖାଟି ଲେଖିବା ପୂର୍ବରୁ ମୁଁ ଟିକିଏ ଦର୍ଶନ କରନ୍ତି ସେ ଜଗନ୍ନାଥଙ୍କୁ ! ଅଛନ୍ତି ତମ ପାଖରେ ?

- ଅଛନ୍ତି ମାନେ ? ସେଇଦିନଠୁ ଆମଘରେ ରୀତିମତ୍ ପୂଜାର୍ଚ୍ଚନା ପାଇ ଆସୁଛନ୍ତି ମହାପ୍ରଭୁ । ଆସନ୍ତୁ ନା ନାନୀ ! ଦେଖିଲେ ଆପଣଙ୍କୁ ବି ବହୁତ ଖୁସି ଲାଗିବ ।

ଆମ ଘର ପାଖରେ ଥିବା ରବି ଓ ଝରଣାଙ୍କ ବାସଭବନକୁ ଯାଇ ମୁଁ ପ୍ରଣିପାତ କରି ଆସିଛି ସେ ଲୀଳାମୟଙ୍କୁ । ଝରଣା ଠିକ୍ କହୁଥିଲେ । ସେ ଶ୍ରୀମୁଖ ଦର୍ଶନ କରି ଅପାର ଆନନ୍ଦ ମିଳିଛି ମତେ ।

ପପପ

## ସଂକ୍ଷେପରେ କାନନ ମିଶ୍ର



ଜନ୍ମସ୍ଥାନ : କଟକ

ପିତା : ୰ ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ

ମାତା : ୰ ଶ୍ରୀମତୀ ସୁରେଖା ତ୍ରିପାଠୀ

ଶିକ୍ଷା : ଏମ୍.ଏ. (ଇଂରାଜୀ), ଏମ୍.ଏ. (ଓଡ଼ିଆ),
ଏମ୍.ଲିଟ୍ (ତୁଳନାତ୍ମକ ସାହିତ୍ୟ) କୋବିଦ (ହିନ୍ଦୀ)

ପୁରସ୍କାର : ଓଡ଼ିଶା ସାହିତ୍ୟ ଏକାଡେମୀ, ଫକୀର ମୋହନ ସାହିତ୍ୟ ପରିଷଦ, ଭୁବନେଶ୍ୱର ପୁସ୍ତକ ମେଳା, ଭୁବନେଶ୍ୱର ସାମ୍ବାଦିକ ୟୁନିୟନ ଏବଂ ମାଣିକ ବିଶ୍ୱନାଥ ସ୍ମୃତିନ୍ୟାସ ଦ୍ୱାରା ପୁରସ୍କୃତା ।

ଏତଦ୍ ବ୍ୟତୀତ ସୁଧନ୍ୟା, ଆଗାମୀ ଶତାବ୍ଦୀ, ପ୍ରତିଭାସିକ୍ତ, ଝୁମୁକା, ସାହାଣମେଲା, ସକାଳ ପତ୍ରିକା ଏବଂ ଧ୍ୱନି ପ୍ରତିଧ୍ୱନି ସଂବାଦ ପତ୍ର ଦ୍ୱାରା ସମ୍ମାନିତା / ପୁରସ୍କୃତା ।

ରଚନାବଳୀ :

- ଶିଶୁ କବିତା : ● ହୀରା ମୋତି ମାଣିକ ● ଟୁପୁରୁ ଟୁପୁରୁ ବରଷେ ପାଣି ● କାଗଜ ଡଙ୍ଗା ● କାଇଁଚମାଳି ● ଫୁଲବନ ● ମନମଉଜ ● ହସଖୁସି
- କବିତା : ● ମନର ମୁକୁଳ ● ତୀର୍ଥ ● ନବସାକ୍ଷରଙ୍କ ପାଇଁ କବିତା
- ଗଳ୍ପ : ● ବହି ମେଳାରୁ ବୟଫ୍ରେଣ୍ଡ୍ ପର୍ଯ୍ୟନ୍ତ ● ଅଧାଲେଖା ଦସ୍ତାବିଜ୍ ● ମିଶ୍ରସ୍ୱାଦ ● ଆଖ୍ୟାନ
- ଫିଚର : ● ଗପସପ ● ଭିନ୍ନସ୍ୱର
- ଅନୁବାଦ : ● ସୂର୍ଯ୍ୟମୁଖୀର ସ୍ୱପ୍ନ (ଆସାମୀଜ୍ ଭାଷାରୁ ଅନୂଦିତ ଓଡ଼ିଆ ଉପନ୍ୟାସ)
- ସମାଲୋଚନା : ● ଓଡ଼ିଆ ପଦ୍ୟ ମହାକାବ୍ୟର କ୍ରମବିକାଶ
- ଇଂରାଜୀ ରଚନା : ● A Tryst with Life - (A collection of features)